ଧରିତ୍ରୀ 51 Years

# ଧରିତ୍ରୀ
DHARITRI

ପୃଷ୍ଠା–୧୦+୮

ଭୁବନେଶ୍ୱର, ଶୁକ୍ରବାର, ନଭେମ୍ବର ୧୪/୨୦୨୫ (୧୦+୮=୧୮ ପୃଷ୍ଠା) Bhubaneswar, Friday, November 14/2025 Page 18 ₹ 7.00

୫୧ଶ ଭାଗ ୩୪୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 348 ମୂଲ୍ୟ ₹୭/-




ଭୁବନେଶ୍ୱରସ୍ଥିତ ସିଏସ୍ଆଇଆର୍–ଆଇଏମ୍ଏମ୍‌ଟିଠାରେ ଲଙ୍ଗିଟ୍ୟୁଡିନାଲ କୋହୋର୍ଟ ଷ୍ଟଡିଜ୍ ଉପରେ ଗୁରୁବାର ଅନୁଷ୍ଠିତ ଜାତୀୟ ସମ୍ମିଳନୀ 'କୋହର୍ଟ କଟେକ୍ଟ'କୁ ଉଦ୍‌ଘାଟନ କରି ଉଦ୍‌ବୋଧନ ଦେଉଛନ୍ତି କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତି ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ) ଡ. ଜିତେନ୍ଦ୍ର ସିଂ। (ରିପୋର୍ଟ: ପୃଷ୍ଠା–୫)

# ଜାତୀୟ ଉଦ୍ୟାନ, ଅଭୟାରଣ୍ୟ ନିକଟରେ ଖଣି ଖନନ ମନା

ଜାତୀୟ ଉଦ୍ୟାନ ଏବଂ ବନ୍ୟପ୍ରାଣୀ ଅଭୟାରଣ୍ୟର ୧ କିଲୋମିଟର ପରିଧି ମଧ୍ୟରେ ଖଣି ଖନନକୁ ସୁପ୍ରିମକୋର୍ଟ ଗୁରୁବାର ନିଷିଦ୍ଧ କରିଛନ୍ତି। ଖଣିକାର୍ଯ୍ୟ ବନ୍ୟପ୍ରାଣୀଙ୍କ ପାଇଁ ବିପଜ୍ଜନକ ହେବ ବୋଲି ଅଦାଲତ କହିଛନ୍ତି। ସରଣ୍ଡା ବନ୍ୟପ୍ରାଣୀ ଅଭୟାରଣ୍ୟ (ଏସ୍‌ଡବ୍ଲ୍ୟୁଏଲ୍) ଏବଂ ସାସଙ୍ଗଡାବୁରୁ ସଂରକ୍ଷିତ ରିଜର୍ଭ (ଏସ୍‌ସିଆର୍) ଅନ୍ତର୍ଗତ ଅଞ୍ଚଳକୁ ଝାଡ଼ଖଣ୍ଡର ସଂରକ୍ଷିତ ରିଜର୍ଭ ଭାବେ ବିଜ୍ଞପ୍ତି ଜାରି ନେଇ ହୋଇଥିବା ଆବେଦନର ବିଚାର କରି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ବି.ଆର୍. ଗବଇ ଏବଂ ଜଷ୍ଟିସ୍ କେ. ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ ଉପରୋକ୍ତ ନିଷ୍ପତ୍ତି ନେଇଛନ୍ତି।

## ନିଷିଦ୍ଧ କଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୧୩।୧୧**

ସରଣ୍ଡା ଜଙ୍ଗଲର ୧୨୬ଟି ଅଞ୍ଚଳକୁ ୩ ମାସ ମଧ୍ୟରେ ବନ୍ୟପ୍ରାଣୀ ଅଭୟାରଣ୍ୟ ଘୋଷଣା କରିବାକୁ ସର୍ବୋଚ୍ଚ ଅଦାଲତ ଝାଡ଼ଖଣ୍ଡ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଉକ୍ତ ଅଞ୍ଚଳ ସୀମାର ୧ କିଲୋମିଟର ପରିଧି ମଧ୍ୟରେ କୌଣସି ପ୍ରକାର ଖଣି ଖନନ କାର୍ଯ୍ୟ ନିଷିଦ୍ଧ କରିବାକୁ ଅଦାଲତ କହିଛନ୍ତି। ସଂରକ୍ଷିତ ଅଞ୍ଚଳର ୧ କିଲୋମିଟର ମଧ୍ୟରେ ଖଣି ଖନନ ☞ ପୃଷ୍ଠା–୪



ବିଶିଷ୍ଟ ରାଷ୍ଟ୍ରନାୟକ ତଥା ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଜନ୍ମତିଥିରେ ଧରିତ୍ରୀ ପରିବାର ପକ୍ଷରୁ ଶ୍ରଦ୍ଧାଞ୍ଜଳି।

# ଫେବୃଆରୀ ୧୭ରୁ ଆଇସିଏସ୍‌ଇ ୧୦ମ ଶ୍ରେଣୀ ପରୀକ୍ଷା

## ଆଇଏସ୍‌ସି ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫେବୃଆରୀ ୧୨ରୁ

**ନୂଆଦିଲ୍ଲୀ, ୧୩।୧୧ (ପି.ଟି.)**

କାଉନସିଲ୍ ଫର୍ ଦ ଇଣ୍ଡିଆନ୍ ସ୍କୁଲ ସାର୍ଟିଫିକେଟ୍ ଏକ୍‌ଜାମିନେଶନ (ସିଆଇଏସ୍‌ସିଇ) ଦ୍ୱାରା ପରିଚାଳିତ ଆଇସିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷା ଆସନ୍ତା ଫେବୃଆରୀ ୧୭ରୁ ଏବଂ ଆଇଏସ୍‌ସି ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫେବୃଆରୀ ୧୨ରୁ ଆରମ୍ଭ ହେବ। ପ୍ରାୟ ୨.୬ ଲକ୍ଷ ଛାତ୍ରୀଛାତ୍ର ଆଇସିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷା ଦେବାକୁ ଥିବାବେଳେ ପ୍ରାୟ ୧.୫ ଲକ୍ଷ ଛାତ୍ରୀଛାତ୍ର ☞ ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

ଅନ୍ତର୍ଜାତୀୟ ସହାୟତା ଅଭାବ









ଦିଲ୍ଲୀରେ ବାୟୁ ପ୍ରଦୂଷଣ ରୋକିବାକୁ ଗୁରୁବାର ଆଣ୍ଟି-ସ୍ମୋଗ୍ ଗନ୍‌ରୁ ଜଳକଣା ସ୍ପ୍ରେ କରାଯାଉଛି।

# ଦିଲ୍ଲୀ ପ୍ରଦୂଷଣ ଅତି ଗମ୍ଭୀର

## ମାସ୍କ ଯଥେଷ୍ଟ ନୁହେଁ କହିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୩।୧୧(ପି.ଟି.)

ଦିଲ୍ଲୀରେ ବାୟୁ ପ୍ରଦୂଷଣ କ୍ରମାଗତ ୩ ଦିନ ହେଲା ଅତି ଗମ୍ଭୀର ସ୍ଥିତିରେ ରହିଛି। ଏହାକୁ ନେଇ ସୁପ୍ରିମକୋର୍ଟ ଗୁରୁବାର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଦିଲ୍ଲୀ ପ୍ରଦୂଷଣ ଏତେ ଉତ୍କଟ ଯେ, ଏଥିରୁ ବର୍ତ୍ତିବା ଲାଗି ମାସ୍କ ଯଥେଷ୍ଟ ନୁହେଁ। ତେଣୁ ବରିଷ୍ଠ ଆଇନଜୀବୀମାନଙ୍କୁ ଭର୍ଚୁଆଲି ଶୁଣାଣିରେ ସାମିଲ ହେବାକୁ ଅଦାଲତ ପରାମର୍ଶ ଦେଇଛନ୍ତି। ଭିଡିଓ କନ୍‌ଫରେନ୍ସ ଶୁଣାଣି ସୁବିଧା ଥିବାବେଳେ ବରିଷ୍ଠ ଆଇନଜୀବୀମାନେ କାହିଁକି ବ୍ୟକ୍ତିଗତ ଭାବେ କୋର୍ଟରେ ଉପସ୍ଥିତ ହେବେ ବୋଲି ଜଷ୍ଟିସ୍ ପି.ଏସ୍. ନରସିଂହାଙ୍କ ଖଣ୍ଡପୀଠ କହିଥିଲେ।

ଗୁରୁବାର ସକାଳେ ଦିଲ୍ଲୀ କୁହୁଡ଼ି ଧୂଆଁର ବହଳ ଆସ୍ତରଣରେ ଘୋଡ଼ାଇହୋଇ ରହିଥିଲା। ବାୟୁ ଗୁଣବତ୍ତା ମାନ ଲୋକଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରିଛି। ଯେଉଁମାନଙ୍କର ଶ୍ୱାସରୋଗ କିମ୍ବା ହୃଦ୍‌ରୋଗ ସମସ୍ୟା ରହିଛି, ସେମାନଙ୍କୁ ପ୍ରଦୂଷିତ ବାୟୁ ଅଧିକ ପ୍ରଭାବିତ କରିପାରେ। ପଡ଼ୋଶୀ ରାଜ୍ୟଗୁଡ଼ିକରେ ନଡ଼ା ପୋଡ଼ି ଯୋଗୁ ଦିଲ୍ଲୀ ବାୟୁ ପ୍ରଦୂଷଣ ବଢ଼ିଚାଲିଛି। ଫଳରେ ଦିଲ୍ଲୀର ଅଧିକାଂଶ ଅଞ୍ଚଳ ଧୂଆଁଳିଆ ଦେଖାଯିବା ସହ ବିଲ୍ଡିଂ ଓ ରାସ୍ତାଘାଟ ଦୂରରୁ ଦୃଶ୍ୟମାନ ହେଉନାହିଁ। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅନୁଯାୟୀ, ଗୁରୁବାର ସକାଳ ୮ଟାରେ ଦିଲ୍ଲୀର ବାୟୁ ପ୍ରଦୂଷଣ ସୂଚକାଙ୍କ (ଏକ୍ୟୁଆଇ) ବଓ୍ୱାନାଠାରେ ସର୍ବାଧିକ ୪୬୦ ଥିଲା। ଆନନ୍ଦବଜାର ଅଞ୍ଚଳରେ ଏକ୍ୟୁଆଇ ୪୩୧ ଥିବାବେଳେ ଚାନ୍ଦିନୀ ଚୌକରେ ୪୫୫, ଦିଲ୍ଲୀ ୟୁନିଭର୍ସିଟି ଉତ୍ତର କ୍ୟାମ୍ପସ୍‌ରେ ୪୧୪, ଦ୍ୱାରିକା ସେକ୍ଟର ୮ରେ ୪୦୦ ରହିଥିଲା। ସେହିପରି ଆଇଟିଓରେ ୪୩୮, ମୁଣ୍ଡକାରେ ୩୨୮, ନରେଲାରେ ୪୩୨ ଏବଂ ରୋହିଣୀ ଅଞ୍ଚଳରେ ୪୪୭ ରହିଥିବା ରେକର୍ଡ କରାଯାଇଛି।

## ବିହାର: ୨,୬୧୬ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ ଆଜି

ପାଟନା,୧୩।୧୧

ବିହାରରେ ସଦ୍ୟସମାପ୍ତ ବିଧାନସଭା ନିର୍ବାଚନର ଭୋଟଗଣତି ଶୁକ୍ରବାର ହୋଇ ଫଳାଫଳ ପ୍ରକାଶ ପାଇବାକୁ ଯାଉଛି। ଦୀର୍ଘବର୍ଷ ଧରି ରାଜ୍ୟର ମୁଖ୍ୟମନ୍ତ୍ରୀ ରହିଆସିଥିବା ଜେଡିୟୁ ସୁପ୍ରିମୋ ନୀତୀଶ କୁମାର ରେକର୍ଡ ୫ମ ଥର ପାଇଁ କ୍ଷମତା ବଜାୟ ରଖିବେ ନା ସରକାରରେ ପରିବର୍ତ୍ତନ ହେବ, ଶୁକ୍ରବାରର ଫଳାଫଳରୁ ସ୍ପଷ୍ଟ ହେବ। ଏଥିପାଇଁ ବିହାର ସମେତ ସାରା ଦେଶବାସୀ ଅପେକ୍ଷା କରି ରହିଛନ୍ତି। ୨୪୩ ଆସନ ବିଶିଷ୍ଟ ବିହାର ବିଧାନସଭା ନିର୍ବାଚନ ଗତ ୬ ଓ ୧୧ ତାରିଖ ୨ଟି ପର୍ଯ୍ୟାୟରେ ହୋଇଥିଲା। ମୋଟ ମତଦାନ ହାର ୬୭.୧୩% ରହିଥିଲା। ଶୁକ୍ରବାର ସକାଳ ୮ଟାରୁ ଗଣତି ଆରମ୍ଭ ହେବ। ନିର୍ବାଚନ କମିଶନ ଏଥିପାଇଁ ୩୮ଟି ଜିଲାରେ ୪୬ଟି ଭୋଟଗଣତି କେନ୍ଦ୍ର ସ୍ଥାପନ କରିଛନ୍ତି। ରାଜ୍ୟର ୭.୪୫ କୋଟି ଭୋଟର ୨,୬୧୬ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବାକୁ ଯାଉଛନ୍ତି।

## ଦୀର୍ଘତମ ଶଟ୍‌ଡାଉନ୍‌ର ଅନ୍ତ ପାଇଁ ବିଲ୍‌ରେ ସ୍ୱାକ୍ଷର କଲେ ଟ୍ରମ୍ପ୍

ୱାଶିଂଟନ,୧୩।୧୧

ଆମେରିକାରେ ଦୀର୍ଘ ୪୩ ଦିନ ହେଲା ଶଟ୍‌ଡାଉନ୍ ଲାଗିରହିଥିବାବେଳେ ଏହାର ଅନ୍ତ ଘଟାଇବା ପାଇଁ ଆସିଥିବା ସରକାରଙ୍କ ପାଣ୍ଠି ଯୋଗାଣ ବିଲ୍‌ରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ବୁଧବାର ସ୍ୱାକ୍ଷର କରିଛନ୍ତି। ଆମେରିକା ଇତିହାସରେ ଏହା ଥିଲା ଦୀର୍ଘତମ ଶଟ୍‌ଡାଉନ୍। ଏଥିଯୋଗୁ ସଂଘୀୟ ସରକାରୀ କର୍ମଚାରୀମାନଙ୍କୁ ବେତନ ପ୍ରଦାନ ନେଇ ଆର୍ଥିକ ଚିନ୍ତା ଲାଗିରହିଥିଲା। କର୍ମଚାରୀମାନେ ବିନା ପାରିଶ୍ରମିକରେ କାର୍ଯ୍ୟ ଜାରି ରଖିଥିଲେ। ବିମାନ ସେବା ବାଧାପ୍ରାପ୍ତ ହେବା ସହ ବିମାନବନ୍ଦରରେ ବହୁ ସଂଖ୍ୟାରେ ଯାତ୍ରୀ ଅଟକି ରହିଥିଲେ। କେତେକ ଫୁଡ୍ ବ୍ୟାଙ୍କରେ ଲମ୍ବା ଲାଇନ୍ ଦେଖାଯାଇଥିଲା। ରିପବ୍ଲିକାନ୍ ସଂଖ୍ୟାଗରିଷ୍ଠତା ଥିବା ଆମେରିକା ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ସରେ ୨୨୨-୨୦୯ରେ ବିଲ୍ ଗୃହୀତ ହେବା ପରେ ଟ୍ରମ୍ପ୍ ଏହାକୁ ମଞ୍ଜୁରୀ ଦେଇଛନ୍ତି। ପୂର୍ବରୁ ସିନେଟ୍‌ରେ ୬୦-୪୦ ଭୋଟ୍‌ରେ ବିଲ୍ ଗୃହୀତ ହୋଇଥିଲା।

**ଦିଲ୍ଲୀ ବିସ୍ଫୋରଣ**

# ସିରିଜ୍ ଆକ୍ରମଣ ଯୋଜନା ଥିଲା

## ୩୨ଟି କାର୍‌ରେ ବିସ୍ଫୋରଣ କରାଇଥାନ୍ତେ ଆତଙ୍କବାଦୀ

ନୂଆଦିଲ୍ଲୀ,୧୩।୧୧

ଦିଲ୍ଲୀ ଲାଲ୍‌କିଲ୍ଲା ନିକଟ ବିସ୍ଫୋରଣ ଘଟଣାରେ ୧୩ ଜଣଙ୍କ ଜୀବନ ଯାଇଥିବାବେଳେ ଆତଙ୍କବାଦୀମାନେ ବଡ଼ ଧରଣର ଆକ୍ରମଣ ପାଇଁ ଷଡ଼ଯନ୍ତ୍ର କରିଥିଲେ ବୋଲି ଗୋଇନ୍ଦା ସଂସ୍ଥାଗୁଡ଼ିକ ଜାଣିବାକୁ ପାଇଛନ୍ତି। ସେମାନେ ସମନ୍ୱିତ ଭାବେ ବିଭିନ୍ନ ସହରରେ ୩୨ଟି କାର୍‌ରେ ବିସ୍ଫୋରଣ କରିବା ପାଇଁ ଯୋଜନା ରଖିଥିଲେ। ଏଥିପାଇଁ ମାରୁତି ସୁଜୁକି ବ୍ରେଜା, ମାରୁତି ସ୍ୱିଫ୍ଟ ଡିଜାୟାର, ଫୋର୍ଡ ଇକୋସ୍ପୋର୍ଟ ଆଦିକୁ ପ୍ରସ୍ତୁତ କରାଯାଇଥିଲା। ଅଯୋଧ୍ୟାର ବାବ୍ରୀ ମସ୍‌ଜିଦ ଭଙ୍ଗା ଘଟଣାର ପ୍ରତିଶୋଧ ନେବା ପାଇଁ ଡିସେମ୍ବର ୬ରେ ଦିଲ୍ଲୀର ୬ଟି ସ୍ଥାନ ସମେତ ବିଭିନ୍ନ ସହରରେ ଆକ୍ରମଣ ପାଇଁ ଯୋଜନା ହୋଇଥିଲା। ଏଥିପାଇଁ ପୁରୁଣା ଓ ଏକାଧିକ ଥର ବିକ୍ରି ହୋଇଥିବା କାର୍‌ଗୁଡ଼ିକୁ ଚିହ୍ନଟ କରାଯାଇଥିଲା, ଯାହା ଫଳରେ ଆକ୍ରମଣକାରୀଙ୍କୁ ଖୋଜି ବାହାର କରିବା କଷ୍ଟକର ହେବ। ଏହି କାର୍ଯ୍ୟ ପାଇଁ ଉଦ୍ଦିଷ୍ଟ ଥିବା ୪ଟି କାର୍ ମିଳିଛି। ଦିଲ୍ଲୀ ବିସ୍ଫୋରଣରେ ହ୍ୟୁଣ୍ଡାଇ ଆଇ୨୦ କାର୍ ବ୍ୟବହୃତ ହୋଇଥିବାବେଳେ ଅଧିକ ଆକ୍ରମଣରେ ବ୍ୟବହାର ପାଇଁ ଅଭିଯୁକ୍ତ ଉକ୍ତ କାର୍‌ଗୁଡ଼ିକୁ ରୂପାନ୍ତରିତ କରିବା ଆରମ୍ଭ କରିଥିଲେ ବୋଲି ଜଣାପଡ଼ିଛି। ଫରିଦାବାଦ୍‌ର ଅଲ୍ ଫଲାହ ୟୁନିଭର୍ସିଟି ପରିସରରୁ ଗୁରୁବାର ଏକ ମାରୁତି ବ୍ରେଜା କାର୍ ଜବତ ହୋଇଛି। ବମ୍ ସ୍କ୍ୱାଡ୍ ୟୁନିଭର୍ସିଟିରେ ପହଞ୍ଚି ତାହାର ଅନୁଧାନ କରୁଛି। ପ୍ରାୟ ୮ ଜଣ ସନ୍ଦିଗ୍ଧ ବିଭିନ୍ନ ସ୍ଥାନରେ ସମନ୍ୱିତ ଆକ୍ରମଣ ପାଇଁ ପ୍ରସ୍ତୁତି ଚଳାଇଥିଲେ। ନିର୍ଦ୍ଦିଷ୍ଟ ସହର ପାଇଁ ୨ ଜଣ ଲେଖାଏଁ ସନ୍ଦିଗ୍ଧଙ୍କୁ ଦାୟିତ୍ୱ ଦିଆଯାଇଥିଲା। ପ୍ରତ୍ୟେକ ଯୋଡ଼ି ବହୁ ପରିମାଣର ଆଇଇଡି ନେଇ ଏକସଙ୍ଗେ ବିସ୍ଫୋରଣ କରିବାକୁ ଯାଇଥାନ୍ତେ। ଲାଲ୍‌କିଲ୍ଲା ସମେତ ପୂର୍ବରୁ ହୋଇଥିବା ଆତଙ୍କବାଦୀ ମାମଲାରେ ସମ୍ପୃକ୍ତ ଥିବା ଅଭିଯୁକ୍ତ ଡା. ମୁଜାମ୍ମିଲ, ଡା. ଆଦିଲ, ଡା. ଉମର ଏବଂ ଡା. ଶାହିନଙ୍କ ଉପରେ ତଦନ୍ତ ଚାଲିଛି।

ସୂତ୍ର ଅନୁଯାୟୀ, ସେମାନେ ପ୍ରାୟ ୨୦ ଲକ୍ଷ ଟଙ୍କା ସଂଗ୍ରହ କରି ଡା. ଉମରଙ୍କୁ ଆକ୍ରମଣ ଘଟାଇବା ପାଇଁ ଦେଇଥିଲେ। ବିସ୍ଫୋରଣ ପ୍ରସ୍ତୁତି ପାଇଁ ୨୦ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଏନ୍‌ପିକେ ସାର ଗୁରୁଗ୍ରାମ, ନୁହ ଏବଂ ଆଖପାଖ ଅଞ୍ଚଳରୁ କିଣାଯାଇଥିଲା। ୩ ଲକ୍ଷ ଟଙ୍କାର ଏହି ସାର ନାଇଟ୍ରୋଜେନ୍, ଫସ୍‌ଫରସ ଏବଂ ପଟାସିୟମ୍‌ର ମିଶ୍ରଣ। ଉମର ନିଜେ ଏକ ଘରୋଇ ସିଗ୍‌ନାଲ ଗ୍ରୁପ୍ କରିଥିଲେ ବୋଲି ତଦନ୍ତକାରୀ ସଂସ୍ଥା ଜାଣିବାକୁ ପାଇଛନ୍ତି। ଡା. ମୁଜାମ୍ମିଲ ୨୦୨୧ରୁ ୨୦୨୨ ମଧ୍ୟରେ ଆଇଏସ୍ ଆତଙ୍କବାଦୀ ସଂଗଠନର ଶାଖା ଅନସର ଗାଜୱାତୁଲ୍-ହିନ୍ଦ୍ ସହ ସମ୍ପୃକ୍ତ ଥିଲେ। ୨୦୨୩ ଏବଂ ୨୦୨୪ରେ ଜବତ ହୋଇଥିବା ଅସ୍ତ୍ରଶସ୍ତ୍ର ଉକ୍ତ ମଡ୍ୟୁଲ୍ ଦ୍ୱାରା କିଣାଯାଇଥିବା ବିଶ୍ୱାସ କରାଯାଉଛି।



ଅଲ୍ ଫଲାହ ୟୁନିଭର୍ସିଟି ପରିସରରୁ ମିଳିଥିବା ମାରୁତି ବ୍ରେଜା

## ବିସ୍ଫୋରଣର ଚେର ଦୁବାଇକୁ ଲମ୍ବିଛି

ନୂଆଦିଲ୍ଲୀ,୧୩।୧୧



ଆଦିଲ ଅହମଦ ରାଠେର

ଦିଲ୍ଲୀ ବିସ୍ଫୋରଣ ସହ ସମ୍ପୃକ୍ତ ବ୍ୟକ୍ତିଙ୍କର ଦୁବାଇରେ ରହୁଥିବା ଜଣେ ସନ୍ଦିଗ୍ଧଙ୍କ ସହ ଯୋଗାଯୋଗ ରହିଥିବା ତଦନ୍ତରୁ ଜଣାପଡ଼ିଛି। କେତେଜଣ ସନ୍ଦିଗ୍ଧ ପାକିସ୍ତାନ ଓ ତୁର୍କୀରେ ରହୁଥିଲେ ବୋଲି ପୂର୍ବରୁ ଅଭିଯୋଗ ହୋଇଥିଲା। ଅନ୍ୟତମ ଅଭିଯୁକ୍ତ ଡ. ଆଦିଲ ଅହମଦ ରାଠେରଙ୍କୁ ଜେରା ପରେ ଦୁବାଇ ପର୍ଯ୍ୟନ୍ତ ଆତଙ୍କବାଦୀ ଷଡ଼ଯନ୍ତ୍ରର ଚେର ଲମ୍ବିଥିବା ତଦନ୍ତକାରୀ ଅଫିସର ଜାଣିବାକୁ ପାଇଛନ୍ତି। ଜୈଶ-ଇ-ମହମ୍ମଦ (ଜେଇଏମ୍) ଆତଙ୍କବାଦୀ ସଂଗଠନକୁ ସମର୍ଥନ କରି ଶ୍ରୀନଗରରେ ପୋଷ୍ଟର ଲଗାଇବା ଅଭିଯୋଗରେ ରାଠେରଙ୍କୁ ଗିରଫ କରାଯାଇଥିଲା। ତାଙ୍କ ଘର ଉତ୍ତରପ୍ରଦେଶର ସାହରନପୁରରେ। ତାଙ୍କ ଭାଇ ମୁଜାଫର ୨ ମାସ ପୂର୍ବରୁ ଦୁବାଇ ଯାଇଥିଲେ। ଏହା ପୂର୍ବରୁ ସେ ପାକିସ୍ତାନ ଯାଇଥିଲେ ବୋଲି ରାଠେର କହିଛନ୍ତି। ମୁଜାଫରଙ୍କର ଜେଇଏମ୍ ସହ ପ୍ରତ୍ୟକ୍ଷ ସମ୍ପର୍କ ରହିଥିବା ସୂତ୍ରରୁ କୁହାଯାଇଛି। ଆତଙ୍କବାଦୀ କାର୍ଯ୍ୟ ନିମନ୍ତେ ପାଣ୍ଠି ଯୋଗାଡ଼ କରିବାକୁ ମୁଜାଫର ଦୁବାଇ ଯାଇଥିବା ତଦନ୍ତକାରୀ ଅଫିସର ବିଶ୍ୱାସ କରୁଛନ୍ତି। ତେବେ ସେ ଦୁବାଇ ଯିବା ପୂର୍ବରୁ ପାକିସ୍ତାନରେ କେଉଁମାନଙ୍କୁ ଭେଟିଥିଲେ, ତାହାର ତଦନ୍ତ କରାଯାଉଛି।

## ଅଲ୍ ଫଲାହ ୟୁନିଭର୍ସିଟି ସଦସ୍ୟତା ରଦ୍ଦ

ନୂଆଦିଲ୍ଲୀ,୧୩।୧୧(ପି.ଟି.)

ଲାଲ୍‌କିଲ୍ଲା ବିସ୍ଫୋରଣ ସହ ସମ୍ପୃକ୍ତି ଅଭିଯୋଗରେ ତଦନ୍ତର ସମ୍ମୁଖୀନ ହୋଇଥିବା ଫରିଦାବାଦ୍‌ର ଅଲ୍‌ଫଲାହ ୟୁନିଭର୍ସିଟିର ସଦସ୍ୟତାକୁ ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ (ଏଆଇୟୁ) ଗୁରୁବାର ରଦ୍ଦ କରିଛି। ଫଳରେ ଉକ୍ତ ଶିକ୍ଷାନୁଷ୍ଠାନ କୌଣସି କାର୍ଯ୍ୟ ପାଇଁ ଏଆଇୟୁର ନାମ କିମ୍ବା ଲୋଗୋ ବ୍ୟବହାର କରିପାରିବ ନାହିଁ। ଉକ୍ତ ୟୁନିଭର୍ସିଟି ୱେବ୍‌ସାଇଟ୍‌ରୁ ଏଆଇୟୁ ଲୋଗୋକୁ ହଟାଇଦିଆଯିବ। ଦେଶର ବିଶ୍ୱବିଦ୍ୟାଳୟଗୁଡ଼ିକୁ ଏଆଇୟୁ ସଦସ୍ୟତା ପ୍ରଦାନ କରିଥାଏ। ଅଲ୍ ଫଲାହ ୟୁନିଭର୍ସିଟିରେ ହ୍ୱାଇଟ୍ କଲାର ଟେରର ମଡ୍ୟୁଲର ପର୍ଦ୍ଦାଫାଶ୍ ହେବା ପରେ ଏହାକୁ ତଦନ୍ତ ପରିସରଭୁକ୍ତ କରାଯାଇଥିଲା।

## ନାକ୍‌ର କାରଣ ଦର୍ଶାଅ ନୋଟିସ୍

ଦିଲ୍ଲୀ ବିସ୍ଫୋରଣ ପରେ ହରିୟାଣାର ଫରିଦାବାଦସ୍ଥିତ ଅଲ୍-ଫଲାହ ୟୁନିଭର୍ସିଟି ତଦନ୍ତ ପରିସର ମଧ୍ୟରେ ରହିଛି। ଉକ୍ତ ୟୁନିଭର୍ସିଟି ଏହାର ୱେବ୍‌ସାଇଟ୍‌ରେ ସ୍ୱୀକୃତି ପାଇଥିବା ସମ୍ପର୍କିତ ଭୁଲ୍ ତଥ୍ୟ ଦେଇଥିବାରୁ ନ୍ୟାଶନାଲ ଆସେସ୍‌ମେଣ୍ଟ ଆଣ୍ଡ ଆକ୍ରିଡିଏଶନ କାଉନ୍‌ସିଲ୍ (ନାକ୍) ଏହାକୁ କାରଣ ଦର୍ଶାଅ ନୋଟିସ ଜାରି କରିଛି। ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ତଥା ପରିଚାଳନା ଟ୍ରଷ୍ଟି ଜାଭେଦ୍ ଅହମଦ ସିଦ୍ଦିକିଙ୍କୁ ତଦନ୍ତ ଅନ୍ତର୍ଭୁକ୍ତ କରାଯାଇଛି। ଦିଲ୍ଲୀ ବିସ୍ଫୋରଣର ୩ ମୁଖ୍ୟ ସନ୍ଦିଗ୍ଧଙ୍କ ମଧ୍ୟରୁ ୨ ଜଣ ଡା. ଶାହିନ ସୟିଦ, ଡା. ମୁଜାମ୍ମିଲ୍ ସକିଲଙ୍କୁ ଜାଭେଦ ୟୁନିଭର୍ସିଟିରେ ନିଯୁକ୍ତ କରିଥିଲେ। ବିଶ୍ୱବିଦ୍ୟାଳୟର ପାଣ୍ଠି ଯୋଗାଣ ଘଟଣାର ତଦନ୍ତ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଆରମ୍ଭ କରିଛି। ସିଦ୍ଦିକିଙ୍କର ବିଶାଳ କର୍ପୋରେଟ୍ ନେଟ୍‌ୱର୍କ ରହିଛି, ଯେଉଁଥିରେ ସେ ଓ ଜଣେ ସହଯୋଗୀ ୭.୫ କୋଟି ଟଙ୍କା ଜାଲିଆତିରେ ଅଭିଯୁକ୍ତ ଥାଇ ୩ ବର୍ଷ ଜେଲ ଯାଇଥିଲେ। ସିଦ୍ଦିକି ୯ଟି କମ୍ପାନୀର ବୋର୍ଡରେ ରହିଥିଲେ। ଦିଲ୍ଲୀ ବିସ୍ଫୋରଣ ଷଡ଼ଯନ୍ତ୍ରର ମୁଖ୍ୟ କେନ୍ଦ୍ର ଉକ୍ତ ୟୁନିଭର୍ସିଟି ହଷ୍ଟେଲ୍‌ର ପ୍ରକୋଷ୍ଠ ନଂ. ୧୩ ଥିଲା। ସେଠାରେ କଠୋରପନ୍ଥୀ ଡାକ୍ତରମାନଙ୍କ ଗ୍ରୁପ୍ ଦିଲ୍ଲୀ ଏବଂ ଉତ୍ତରପ୍ରଦେଶରେ ସିରିଜ୍ ଆତଙ୍କବାଦୀ ଆକ୍ରମଣର ଯୋଜନା ପ୍ରସ୍ତୁତ କରିଥିଲେ।

**ଫୁର୍‌ସତ**

# ମା' ହେଲେ ଶମା



ଅଭିନେତ୍ରୀ ଶମା ସିକନ୍ଦର ପ୍ରାୟତଃ ବୃତ୍ତିଗତ ଜୀବନ ଅପେକ୍ଷା ବ୍ୟକ୍ତିଗତ ଜୀବନ ପାଇଁ ଅଧିକ ଚର୍ଚ୍ଚାରେ ଥାନ୍ତି। ଏବେ ପୁଣି ଥରେ ସେ ଆଲୋଚନାକୁ ଆସିଛନ୍ତି। କାରଣ ଶମା ୪୪ ବର୍ଷ ବୟସରେ ମା' ହୋଇଛନ୍ତି। ଏହି ସୂଚନା ଦେବା ସହ ସୋସିଆଲ ମିଡିଆରେ ସେ ତାଙ୍କ କନ୍ୟାର ଫଟୋ ଶେୟାର କରିଛନ୍ତି। ଫଟୋରେ ଶମା ତାଙ୍କ ଶିଶୁକନ୍ୟାକୁ କୋଳରେ ଧରିଥିବାର ଦେଖାଯାଉଛି। ଫଟୋ କ୍ୟାପ୍‌ଶନରେ ଏହି ଅଭିନେତ୍ରୀ ଲେଖିଛନ୍ତି, ଆଜିକାଲି ମୋ ଜୀବନ ଏହିପରି ଚାଲିଛି। ଶମା ଶିଶୁକନ୍ୟାକୁ ଜନ୍ମ ଦେଇଛନ୍ତି କି ତାକୁ ପୋଷ୍ୟ ଗ୍ରହଣ କରିଛନ୍ତି ତାହା ପ୍ରକାଶ କରିନାହାନ୍ତି। ଖୁବ୍‌ଶୀଘ୍ର ଏହି ଗୁପ୍ତ କଥା ସେ ଆନୁଷ୍ଠାନିକ ଭାବରେ ଘୋଷଣା କରିବେ ବୋଲି କୁହାଯାଉଛି।

ଶମା ଅନେକ ବର୍ଷ ଧରି ପରଦାଠୁ ଦୂରରେ ଅଛନ୍ତି। ସେ ତାଙ୍କଠାରୁ ଚାରି ବର୍ଷ ସାନ ଜେମ୍ସ ମିଲିରନଙ୍କୁ ବିବାହ କରିଛନ୍ତି। ବିବାହ ପୂର୍ବରୁ ଏହି ଯୋଡ଼ି କିଛି ବର୍ଷ ପାଇଁ ଡେଟ୍ କରିଥିଲେ। ତା'ପରେ ସେମାନଙ୍କର ଗୋଆରେ ଏକ ଡେଷ୍ଟିନେଶନ ବିବାହ ହୋଇଥିଲା। ଶମାଙ୍କ ସ୍ୱାମୀ ଜେମ୍ସ ଜଣେ ବ୍ୟବସାୟୀ।

# ପାଲିତାନା ସହରରେ ଆମିଷ ମନା



ସାରା ବିଶ୍ୱରେ ଲୋକେ ବିଭିନ୍ନ ନିରାମିଷ ଖାଦ୍ୟର ସ୍ୱାଦ ପାଇବାକୁ ଚେଷ୍ଟା କରୁଥିବାବେଳେ ଏଭଳି ଏକ ସହର ଅଛି ଯେଉଁଠାରେ କେବଳ ମଟନ କି ଚିକେନ ନୁହେଁ ଏପରି କି ଅଣ୍ଡା ମଧ୍ୟ ଉପଲବ୍ଧ ହୁଏନାହିଁ। ଏହି ସହରରେ ଆମିଷ ଖାଦ୍ୟ ବିକ୍ରୟ ଏବଂ ଖାଇବା ଏକ କଠୋର ଅପରାଧ ବୋଲି ବିବେଚନା କରାଯାଏ। ଏହା ବ୍ୟତୀତ ନିୟମ ଭାଙ୍ଗିବା ମଧ୍ୟ ଦଣ୍ଡନୀୟ। ଏହାର ଧାର୍ମିକ ଏବଂ ସାଂସ୍କୃତିକ ଗୁରୁତ୍ୱ ଯୋଗୁ ଏହି ସ୍ଥାନ ବିଶ୍ୱର ପ୍ରଥମ ସହର ପାଲଟିଛି, ଯେଉଁଠାରେ ଆମିଷ ଖାଦ୍ୟ ସମ୍ପୂର୍ଣ୍ଣ ନିଷେଧ।

ଗୁଜରାଟର ଭାବନଗର ଜିଲା ଅନ୍ତର୍ଗତ ପାଲିତାନା ସହର ବିଶ୍ୱବ୍ୟାପୀ ଆଲୋଚନାର ବିଷୟ ପାଲଟିଛି। ପାଲିତାନା ବିଶ୍ୱର ପ୍ରଥମ ସହର, ଯେଉଁଠାରେ ଆମିଷ ଖାଦ୍ୟ ସମ୍ପୂର୍ଣ୍ଣ ନିଷେଧ। ସେଠାରେ ମାଂସ କି ମାଛ ବିକ୍ରି କରାଯାଇପାରିବ ନାହିଁ କିମ୍ବା ଅଣ୍ଡା ମଧ୍ୟ ଖାଇବା ମନା। ଏହା ବ୍ୟତୀତ ଏଠାରେ ପ୍ରାଣୀଙ୍କୁ ହତ୍ୟା ମଧ୍ୟ ନିଷେଧ।

ପାଲିଟାଣା ସହରକୁ ଜୈନମାନଙ୍କ ପାଇଁ ସବୁଠାରୁ ପବିତ୍ର ତୀର୍ଥସ୍ଥଳ ମଧ୍ୟରୁ ଅନ୍ୟତମ ବୋଲି ବିବେଚନା କରାଯାଏ। ଶତ୍ରୁଞ୍ଜୟ ପାହାଡ଼ ଉପରେ ନିର୍ମିତ ୮୦୦ରୁ ଅଧିକ ମାର୍ବଲର ଜୈନ ମନ୍ଦିରକୁ ସହରର ଧାର୍ମିକ ସ୍ଥଳ ଭାବରେ ବିବେଚନା କରାଯାଏ। ଜୈନ ଧର୍ମରେ ଅହିଂସାକୁ ସର୍ବୋଚ୍ଚ ନୀତି ଭାବରେ ବିବେଚନା କରାଯାଏ। ଏହି କାରଣରୁ ଜୈନ ସନ୍ଥମାନେ ଦୀର୍ଘଦିନ ଧରି ମାଂସ ଖାଇବା ଉପରେ ନିଷେଧ ଦାବି କରିଆସୁଥିଲେ। ପ୍ରାୟ ୨୦୦ ଜୈନ ସନ୍ଥ ପାଲିଟାଣାରେ ହିଂସା, ବିଶେଷକରି ପ୍ରାଣୀ ହତ୍ୟାକୁ ନିଷେଧ କରିବାକୁ ଦାବି କରି ଧର୍ମଘଟ କରିଥିଲେ। ଜୈନ ସନ୍ଥମାନଙ୍କ ଦ୍ୱାରା ନିରନ୍ତର ପ୍ରତିବାଦ ପରେ ପ୍ରଶାସନ ୨୫୦ରୁ ଅଧିକ କଂସେଇ ଦୋକାନ ବନ୍ଦ କରିଦେଇଥିଲା ଏବଂ ସହରକୁ ସମ୍ପୂର୍ଣ୍ଣ ନିରାମିଷ ଘୋଷଣା କରିଥିଲା।

ଏବେ ପାଲିଟାଣାରେ ମାଂସ, ମାଛ ଏବଂ ଅଣ୍ଡା ବିକ୍ରୟ କିମ୍ବା ସେବନକୁ ଅପରାଧ ବୋଲି ବିବେଚନା କରାଯାଉଛି। ଏହି ନିୟମ ଉଲ୍ଲଂଘନ କରୁଥିବା ଯେକୌଣସି ବ୍ୟକ୍ତି ଆଇନଗତ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବେ। ସ୍ଥାନୀୟ ପ୍ରଶାସନ ଏହା ମଧ୍ୟ ସ୍ପଷ୍ଟ କରିଛି ଯେ ସହରରେ ପ୍ରାଣୀ ହତ୍ୟା କିମ୍ବା ମାଂସ ବିକ୍ରୟକୁ ବରଦାସ୍ତ କରାଯିବ ନାହିଁ। ଏହା ବ୍ୟତୀତ ପାଲିଟାଣାର ଏହି ଐତିହାସିକ ପଦକ୍ଷେପ ଗୁଜରାଟର ଅନ୍ୟ ସହରଗୁଡ଼ିକୁ ପ୍ରଭାବିତ କରିଛି। ରାଜକୋଟ, ଭଦୋଦରା, ଜୁନାଗଡ଼ ଏବଂ ଅହମଦାବାଦ ଭଳି ସହରଗୁଡ଼ିକର ସାର୍ବଜନୀନ ସ୍ଥାନରେ ଆମିଷ ଖାଦ୍ୟ ବିକ୍ରୟ ଉପରେ ନିଷେଧ ହୋଇଛି। ରାଜକୋଟରେ ଖୋଲା ସ୍ଥାନରେ ମାଂସ ରାନ୍ଧିବା କିମ୍ବା ବିକ୍ରୟ ଉପରେ ନିଷେଧ ଜାରି କରାଯାଇଛି।

DSPL-346



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ସୁସ୍ଥ ଓଡ଼ିଶା
ବିକଶିତ ଓଡ଼ିଶା



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ବିଶ୍ୱ ଡାଇବେଟିସ୍ ଦିବସ
୧୪ ନଭେମ୍ବର ୨୦୨୫

ଡାଇବେଟିସ୍‌ର ଲକ୍ଷଣ
- ଅଧିକ ଭୋକ ଲାଗିବା
- ଅଧିକ ଶୋଷ ଲାଗିବା
- ଅଧିକ ପରିଶ୍ରା ଲାଗିବା
- ଅଧିକ ହାଲିଆ ଲାଗିବା

- ସମସ୍ତ ସରକାରୀ ଚିକିତ୍ସାଳୟରେ ଡାଇବେଟିସ୍ ଚିକିତ୍ସା ବିନାମୂଲ୍ୟରେ ମିଳେ
- ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ମଧ୍ୟ ଡାଇବେଟିସ୍ ଚିହ୍ନଟ ସୁବିଧା ବିନାମୂଲ୍ୟରେ ଉପଲବ୍ଧ
- ଅଧିକ ଶର୍କରା ଜାତୀୟ ଖାଦ୍ୟ, ତେଲ, ମସଲା ଡାଇବେଟିସ୍ ରୋଗୀଙ୍କ ପାଇଁ ବିପଦଜନକ
- ଅଧିକ ତନ୍ତୁଜାତୀୟ ଖାଦ୍ୟ, ନିୟମିତ ବ୍ୟାୟାମ ଓ ଶାରୀରିକ ପରିଶ୍ରମ ଦ୍ୱାରା ଡାଇବେଟିସ୍ ହ୍ରାସ ପାଏ
- ଡାଇବେଟିସ୍ ରୋଗୀ ଖାଲି ପେଟରେ ରହିବା ମଧ୍ୟ ବିପଦଜନକ
- ମୁଣ୍ଡ ବୁଲାଇଲେ/ ଅତ୍ୟଧିକ ଝାଳ ବୋହିଲେ/ ଅଚେତ ହେବାଭଳି ଲାଗିଲେ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ

କାର୍ଯ୍ୟସ୍ଥଳୀରେ ଡାଇବେଟିସ୍ ରୋଗୀ ନିଜ ସ୍ୱାସ୍ଥ୍ୟପ୍ରତି ଯତ୍ନବାନ୍ ରୁହନ୍ତୁ।

OIPR-

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha
@HFWOdisha
http://www.health.odisha.gov.in/




# ‘ସମୃଦ୍ଧ ଓଡ଼ିଶା ନିର୍ମାଣରେ ନେତୃତ୍ୱ ନେବେ ଯୁବଗୋଷ୍ଠୀ’

ନୀଳଗିରି, ୧୩।୧୧ (ପ୍ରଶାନ୍ତ କୁମାର ବିଶ୍ୱାଳ)

ସମୃଦ୍ଧ ଓଡ଼ିଶା ନିର୍ମାଣରେ ଯୁବଗୋଷ୍ଠୀ ନେତୃତ୍ୱ ନେବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଗୁରୁବାର ବାଲେଶ୍ୱର ଜିଲା ନୀଳଗିରି ଥାନା ସମ୍ମୁଖ ଷ୍ଟାଡିୟମ ପରିସରରେ ଆୟୋଜିତ ବିଶାଳ ସମାବେଶ ସହ ଏକତା ପଦଯାତ୍ରାରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଏହି ଆହ୍ୱାନ ଦେଇଛନ୍ତି।

ଏକତା ସୂତ୍ରରେ ବାନ୍ଧି ବିକଶିତ ଭାରତ ଗଠନ କରିବାର ମୁଖ୍ୟବିନ୍ଧାଣି ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଅବସରରେ ପାଳନ ହେଉଥିବା ଏକତା ପଦଯାତ୍ରା ଏକ ସାଧାରଣ ପଦଯାତ୍ରା ନୁହେଁ, ଏହା ଭାରତୀୟତାର ପ୍ରତୀକ, ଦେଶକୁ ଏକ ରଖିବା ପ୍ରତ୍ୟେକ ନାଗରିକଙ୍କ କର୍ତ୍ତବ୍ୟ। ସର୍ଦ୍ଦାର ପଟେଲଙ୍କ ନିର୍ଦ୍ଦେଶରେ ଡ. ହରେକୃଷ୍ଣ ମହତାବ ନୀଳଗିରି ଗଡ଼ଜାତକୁ ପ୍ରଥମେ ସ୍ୱାଧୀନ ଭାରତରେ ମିଶ୍ରଣ କରିବାକୁ ପ୍ରବର୍ତ୍ତାଇ ଦସ୍ତଖତ କରିପାରିଥିଲେ। ପରେ ଅନ୍ୟ ଦେଶୀୟ ରାଜ୍ୟଗୁଡ଼ିକ ଭାରତରେ ସାମିଲ ହୋଇଥିଲା। ତେଣୁ ଏଭଳି ଐତିହାସିକ ମାଟିରୁ ଯୁବବର୍ଗ ଏକତାର ସୂତ୍ରରେ ବାନ୍ଧିହୋଇ ସମୃଦ୍ଧ ଓଡ଼ିଶା ନିର୍ମାଣରେ ନେତୃତ୍ୱ ନେବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି।

ପଦଯାତ୍ରା ପୂର୍ବରୁ ମୁଖ୍ୟମନ୍ତ୍ରୀ ହେଲିପ୍ୟାଡ୍‌ରେ ଅବତରଣ କରିବା ପରେ କଡ଼ା ସୁରକ୍ଷା ମଧ୍ୟରେ ନୀଳଗିରି ଜଗନ୍ନାଥ ମନ୍ଦିର ଯାଇ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିଥିଲେ। ସେଠାରୁ ନୀଳଗିରି ଷ୍ଟାଡିୟମ ପଡ଼ିଆକୁ ଯାଇ ‘ସ୍ୱାଧୀନତା ସଂଗ୍ରାମରେ ବାଲେଶ୍ୱର ଜିଲାର ଭୂମିକା ଏବଂ ସର୍ଦ୍ଦାର ପଟେଲଙ୍କ ଜୀବନୀ’ ଶୀର୍ଷକ ଫଟୋଚିତ୍ର ପ୍ରଦର୍ଶନୀ ପରିଦର୍ଶନ କରିଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ଷ୍ଟାଡିୟମ ପରିସରରେ ଆୟୋଜିତ ବିଶାଳ ସମାବେଶ ସହ ଏକତା ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ଯୁବବର୍ଗ, ଜନସାଧାରଣ, ସରକାରୀ ଅଧିକାରୀ ଓ ଛାତ୍ରୀଛାତ୍ରଙ୍କ ସହ ୧୦୦ ଫୁଟ ବିଶିଷ୍ଟ ତ୍ରିରଙ୍ଗା ପତାକା ନେଇ ପ୍ରାୟ ୮ କି.ମି. ବାଟ ପଦଯାତ୍ରାରେ ମୁଖ୍ୟମନ୍ତ୍ରୀ ସାମିଲ ହୋଇଥିଲେ। ଏହି ଅବସରରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ, ଆଜିର ଯୁଗ ଶିକ୍ଷା ଓ ଜ୍ଞାନର ଯୁଗ। ଆମ ଯୁବ ସମାଜକୁ ଦେଶ ଗଢ଼ିବାରେ ନେତୃତ୍ୱ ଦେବାକୁ ଆଗେଇ ଆସିବା ଆବଶ୍ୟକ। କାର୍ଯ୍ୟକ୍ରମରେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଶାସକ ଦଳ ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ରନ ଫର୍ ୟୁନିଟ ସଂଯୋଜକ ଗୋଲକ ମହାପାତ୍ର, ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ, ବାଲେଶ୍ୱର ବିଧାୟକ ମାନସ କୁମାର ଦତ୍ତ ଓ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତି, ବଡ଼ସାହି ବିଧାୟକ ସନାତନ ବିଜୁଳି, ଜିଲା ଭାଜପା ସଭାପତି ଈଶ୍ୱର ଚନ୍ଦ୍ର ବେହେରା ଓ ପ୍ରଦୀପ କୁମାର ପଣ୍ଡା ପ୍ରମୁଖ ମଞ୍ଚାସୀନ ରହି ଉଦ୍‌ବୋଧନ ଦେଇଥିଲେ। ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଧନ୍ୟବାଦ ଦେଇଥିଲେ।

### ନୀଳଗିରି ଏକତା ପଦଯାତ୍ରାରେ ସାମିଲ ହେଲେ ମୁଖ୍ୟମନ୍ତ୍ରୀ



ପଦଯାତ୍ରାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ରନ ଫର୍ ୟୁନିଟ ସଂଯୋଜକ ଗୋଲକ ମହାପାତ୍ର।

# ୨୦ରୁ ଖରିଫ ଧାନ କିଣା

- ବରଗଡ଼ରୁ ଆରମ୍ଭ ହେବ
- ୨ବର୍ଷରେ ନିର୍ମାଣ ହେବ

**୧୦୦ ମଡେଲ ମଣ୍ଡି: ମନ୍ତ୍ରୀ ପ୍ରଦୀପ**

ଭୁବନେଶ୍ୱର, ୧୩।୧୧ (ରବିନାରାୟଣ ଜେନା)

ରାଜ୍ୟରେ ନଭେମ୍ବର ୨୦ରୁ ଖରିଫ ଋତୁ ଲାଗି ଧାନ ସଂଗ୍ରହ କରାଯିବ। ଏହି ସମୟରେ ଚାଷୀମାନେ ଯେଭଳି ସୁରୁଖୁରୁରେ ଟୋକନ ପାଇବେ ଏବଂ ଧାନଦେଇ ଡିବିଟି ମାଧ୍ୟମରେ ଟଙ୍କା ପାଇବେ, ସେଥିପାଇଁ ସରକାରଙ୍କ ପକ୍ଷରୁ ସବୁପ୍ରକାର ପ୍ରସ୍ତୁତି ଶେଷ ହୋଇଛି ବୋଲି ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଛନ୍ତି।

ଗୁରୁବାର ଲୋକସେବା ଭବନରେ ମନ୍ତ୍ରୀ ବଳସାମନ୍ତ ଗଣମାଧ୍ୟମକୁ କହିଛନ୍ତି, ଖରିଫ ଧାନ ସଂଗ୍ରହ ପ୍ରଥମେ ବରଗଡ଼ ଜିଲାରୁ ଆରମ୍ଭ ହେବ। ଏଥର ଧାନ ସଂରକ୍ଷଣ ପାଇଁ ମଣ୍ଡିରେ ଅତ୍ୟାଧୁନିକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ୨ ବର୍ଷ ମଧ୍ୟରେ ୧୦୦ଟି ମଡେଲ ମଣ୍ଡି ନିର୍ମାଣ କରାଯିବ। ଏଥିମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୩୮ଟି ମଡେଲ ମଣ୍ଡି ସ୍ଥାପନ ପାଇଁ ଟେଣ୍ଡର ହୋଇସାରିଛି ଏବଂ କାର୍ଯ୍ୟ ଆରମ୍ଭ ହୋଇଛି। ମଡେଲ ମଣ୍ଡି ନିର୍ମାଣ ଶେଷ ହେଲେ ଚାଷୀମାନେ ସୁରୁଖୁରୁରେ ସେମାନଙ୍କ ଧାନ ବିକ୍ରି କରିପାରିବେ। ଚଳିତ ଆର୍ଥିକ ବର୍ଷରେ ୮୦ଟି ସମବାୟ ସମିତିରେ ୨୦୦ ମେଟ୍ରିକ ଟନ୍ କ୍ଷମତା ବିଶିଷ୍ଟ ଗୋଦାମ ଗୃହ ନିର୍ମାଣ ପାଇଁ ୨୦ କୋଟିର ବ୍ୟୟବରାଦ କରାଯାଇଛି। ୯୭୩ଟି ସମବାୟ ସମିତି, ଆର୍‌ଏମ୍‌ସିରେ ୫୬୧କୋଟି ଟଙ୍କା ବ୍ୟୟରେ ଭିତ୍ତିଭୂମି ବିକାଶ ପାଇଁ କାର୍ଯ୍ୟ ଆରମ୍ଭ ହୋଇଛି। ମନ୍ତ୍ରୀ କହିଛନ୍ତି, ଚଳିତ ଆର୍ଥିକବର୍ଷ ରାଜ୍ୟର ୩୭ଲକ୍ଷ ଚାଷୀଙ୍କୁ ୨୦ହଜାର ୫୦୦ କୋଟି ଟଙ୍କା ଶସ୍ୟ ଋଣ ପ୍ରଦାନ କରାଯାଇଛି। ଏହାସହିତ ୬ହଜାର ୩୪୬ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ୨୭୭.୨୧କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଥିବାବେଳେ ଯୁଗ୍ମ ଦେୟଗୋଷ୍ଠୀ ମାଧ୍ୟମରେ କ୍ଷୁଦ୍ର, ନାମମାତ୍ର ଚାଷୀଙ୍କୁ ୨୨୫.୯୪କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଛି। ସେହିପରି ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ୨୨ଲକ୍ଷ ୮୪ହଜାର ଚାଷୀ ବୀମାଭୁକ୍ତ ହୋଇଛନ୍ତି।

ବିଭାଗୀୟ ସୂଚନା ଅନୁଯାୟୀ, ଚଳିତ ଖରିଫ ଋତୁ ଲାଗି ସରକାରଙ୍କ ପକ୍ଷରୁ ୭୫ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରାଯିବାକୁ ଲକ୍ଷ୍ୟ ରହିଛି। ଯଦି ଚାଷୀମାନେ ଅଧିକ ଧାନ ବିକ୍ରି କରିବାକୁ ଚାହିଁବେ ତେବେ ତାକୁ ମଧ୍ୟ ସରକାର କିଣିବେ। ଚାଷୀମାନେ ଯେପରି ଅଭାବୀ ଧାନବିକ୍ରିର ସମ୍ମୁଖୀନ ନ ହେବେ ତାକୁ ବିଭାଗ ଗୁରୁତ୍ୱ ଦେବ ବୋଲି ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

# ୧୫ ଡିଗ୍ରୀ ତଳେ ରାଜ୍ୟର ୧୭ ଜିଲାର ତାପମାତ୍ରା

ଭୁବନେଶ୍ୱର, ୧୩।୧୧ (ବନ୍ଦନା ସେଠୀ)

ଶୀତରେ ଥରୁଛି ସାରା ରାଜ୍ୟ। ସବୁଠି ଶୀତର ପ୍ରକୋପ ଅନୁଭୂତ ହେଉଛି। ଉତ୍ତର-ପଶ୍ଚିମ ଦିଗରୁ ଓଡ଼ିଶା ମଧ୍ୟକୁ ଶୁଷ୍କ ଥଣ୍ଡା ବାୟୁ ପ୍ରବାହିତ ହେଉଥିବାରୁ ଶୀତ ବଢ଼ୁଥିବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଗତ ୨୪ ଘଣ୍ଟାରେ ରାଜ୍ୟର ୧୭ଟି ଜିଲାରେ ତାପମାତ୍ରା ୧୫ ଡିଗ୍ରୀ ସେଲସିୟସ୍ ତଳେ ରହିଥିବାବେଳେ ଦାରିଙ୍ଗିବାଡ଼ିରେ ସର୍ବନିମ୍ନ ତାପମାତ୍ରା ୭.୫ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ଫୁଲବାଣୀରେ ୮.୫, ଝାରସୁଗୁଡ଼ାରେ ୧୦.୯, ରାଉରକେଲାରେ ୧୧.୧, ଭବାନୀପାଟଣାରେ ୧୧.୫, ଅନୁଗୋଳରେ ୧୨, ସୁନ୍ଦରଗଡ଼ରେ ୧୨.୬, କେନ୍ଦୁଝରରେ ୧୨.୮, ଢେଙ୍କାନାଳରେ ୧୩.୧, ବଲାଙ୍ଗୀରରେ ୧୩.୩, କୋରାପୁଟରେ ୧୩.୫, ସୁବର୍ଣ୍ଣପୁରରେ ୧୩.୬, ସମ୍ବଲପୁରରେ ୧୪, ଭୁବନେଶ୍ୱରରେ ୧୪.୧, ନବରଙ୍ଗପୁରରେ ୧୪.୨, ହୀରାକୁଦରେ ୧୪.୫ ଏବଂ କଟକରେ ୧୪.୬ ଡିଗ୍ରୀ ସେଲସିୟସ୍ ରେକର୍ଡ ହୋଇଛି। ଅପରପକ୍ଷେ ସର୍ବାଧିକ ୩୨ ଡିଗ୍ରୀ ତାପମାତ୍ରା ପାରଳାଖେମୁଣ୍ଡିରେ ରହିଥିଲା। ଆସନ୍ତା ୭ଦିନ ପର୍ଯ୍ୟନ୍ତ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିବ। ଉତ୍ତର ଉପକୂଳ ଓଡ଼ିଶାର ଜିଲାଗୁଡ଼ିକର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ସର୍ବନିମ୍ନ ତାପମାତ୍ରା ପ୍ରାୟ ୫ ଡିଗ୍ରୀ ବୃଦ୍ଧି ପାଇଛି।

# ଅଫିସ୍ ରୋମାନ୍ସରେ ଭାରତ ଦ୍ୱିତୀୟ

ନୂଆଦିଲ୍ଲୀ, ୧୩।୧୧

ଭାରତରେ ଅଫିସ୍ ରୋମାନ୍ସ ବା କାର୍ଯ୍ୟସ୍ଥଳୀରେ ପ୍ରେମ କରିବା ଦେଖାଯାଇଥାଏ। ଡେଟିଂ ପ୍ଲାଟଫର୍ମ ‘ଆଶ୍ଲେ ମ୍ୟାଡିସନ’ ପକ୍ଷରୁ କରାଯାଇଥିବା ବିଶ୍ୱସ୍ତରୀୟ ଅଧ୍ୟୟନ ଅନୁଯାୟୀ କର୍ମକ୍ଷେତ୍ରରେ ହେଉଥିବା ରୋମାନ୍ସ ବିଷୟରେ ଲୋକେ କରିଥିବା ସ୍ୱୀକାରୋକ୍ତିରୁ ଜଣାପଡ଼ିଛି ଯେ, ଭାରତ ବିଶ୍ୱରେ ଦ୍ୱିତୀୟ ସ୍ଥାନରେ ରହିଛି। ୟୁ ଗଭ୍ ସହଯୋଗରେ କରାଯାଇଥିବା ଏହି ଅଧ୍ୟୟନରେ ମେକ୍ସିକୋ ପ୍ରଥମ ସ୍ଥାନରେ ଥିବା ଜଣାପଡ଼ିଛି। ଅଫିସ୍ ରୋମାନ୍ସ ସଂକ୍ରାନ୍ତରେ ୧୧ଟି ଦେଶ ଅଷ୍ଟ୍ରେଲିଆ, ବ୍ରାଜିଲ୍, କାନାଡା, ଜର୍ମାନୀ, ଭାରତ, ଇଟାଲୀ, ମେକ୍ସିକୋ, ସ୍ପେନ୍, ସୁଇଜରଲାଣ୍ଡ, ବ୍ରିଟେନ୍ ଓ ଆମେରିକାର ପ୍ରାପ୍ତବୟସ୍କ ୧୩,୫୮୧ ଜଣଙ୍କ ମତାମତକୁ ନେଇ ସର୍ଭେ କରାଯାଇଥିଲା। ଏଥିରେ କୁହାଯାଇଛି ଯେ, ୧୦ ଭାରତୀୟଙ୍କ ମଧ୍ୟରୁ ୪ ଜଣ ସହକର୍ମୀଙ୍କ ସହ ରୋମାଣ୍ଟିକ୍ ମୁଡ୍‌ରେ ଅଛନ୍ତି ବା ଡେଟିଂ କରୁଛନ୍ତି। ମେକ୍ସିକୋରେ ୪୩ ପ୍ରତିଶତ ଉତ୍ତରଦାତା କହିଛନ୍ତି, ସେମାନେ ସହକର୍ମୀଙ୍କ ସହ ରୋମାଣ୍ଟିକ୍ ଭାବରେ ଜଡ଼ିତ ଅଛନ୍ତି। ଭାରତରେ ୪୦ ପ୍ରତିଶତ ଉତ୍ତରଦାତା ସେହି ସମାନ କଥା କହିଛନ୍ତି। ଆମେରିକା, ବ୍ରିଟେନ୍ ଓ କାନାଡା ଭଳି ରାଷ୍ଟ୍ରରେ ଏହା ୩୦ ପ୍ରତିଶତ ଥିବା ଲୋକଙ୍କ ସ୍ୱୀକାରୋକ୍ତିରୁ ଜଣାପଡ଼ିଛି। ଆଶ୍ଚର୍ଯ୍ୟଜନକ ଭାବେ ପୁରୁଷମାନେ ମହିଳାମାନଙ୍କ ଅପେକ୍ଷା ସହକର୍ମୀଙ୍କ ସହ ଡେଟିଂ କରିବାରେ ଅଧିକ



ସମ୍ଭାବନା ରଖନ୍ତି, ଯେଉଁଥିରେ ପ୍ରାୟ ୫୧ ପ୍ରତିଶତ ପୁରୁଷ ଥିବା ବେଳେ ମହିଳାଙ୍କ ପ୍ରତିଶତ ରହିଛି ୩୬। ତେବେ ମହିଳାମାନେ ବୃତ୍ତିଗତ ଓ ବ୍ୟକ୍ତିଗତ ଜୀବନକୁ ମିଶାଇବାର ସମ୍ଭାବ୍ୟ ପରିଣାମ ବିଷୟରେ ଅଧିକ ସାବଧାନ ଥାଆନ୍ତି। ପ୍ରାୟ ୨୯ ପ୍ରତିଶତ ମହିଳା କହିଥାଆନ୍ତି, ପେସାଦାରି ଭୟ ଯୋଗୁ ସେମାନେ କର୍ମକ୍ଷେତ୍ରରେ ସମ୍ପର୍କ ସ୍ଥାପନ ନେଇ ନିରୁତ୍ସାହିତ ରହିବାକୁ ଚାହିଁଥାଆନ୍ତି, ଯାହା ସମାନ ଧରଣର ଅନୁଭବ କରୁଥିବା ୨୭ ପ୍ରତିଶତ ପୁରୁଷଙ୍କ ଅପେକ୍ଷା ସାମାନ୍ୟ ଅଧିକ। ଅନ୍ୟପକ୍ଷରେ ପୁରୁଷମାନେ ବ୍ୟକ୍ତିଗତ ପରିଣାମଗୁଡ଼ିକ ବିଷୟରେ ଅଧିକ ଚିନ୍ତା କରିଥାଆନ୍ତି। ଅଧ୍ୟୟନରୁ ଆହୁରି ଜଣାପଡ଼ିଛି ଯେ, ୧୮ରୁ ୨୪ ବର୍ଷ ବୟସ୍କ ଯୁବ କର୍ମଚାରୀ ଏ ନେଇ ସର୍ବାଧିକ ସତର୍କତା ଅବଲମ୍ବନ କରିଥାଆନ୍ତି। ଏମାନଙ୍କ ମଧ୍ୟରୁ ୩୪ ପ୍ରତିଶତ ଏହି ରୋମାଣ୍ଟିକ୍ ସମ୍ପର୍କ ସେମାନଙ୍କ କ୍ୟାରିୟର ଉପରେ କିପରି ପ୍ରଭାବ ପକାଇପାରେ ସେ ନେଇ ଚିନ୍ତିତ ଥାଆନ୍ତି। ବିବାହ ବାହାରେ ସମ୍ପର୍କ ବା ପରକୀୟା ପ୍ରୀତି ସ୍ଥାପନ କରିବାକୁ ଚାହୁଁଥିବା ଲୋକଙ୍କ ପାଇଁ ଏକ ଡେଟିଂ ଆପ୍ ଗ୍ଲିଡେନ୍‌ର ସର୍ଭେ ଅନୁଯାୟୀ ୩୫ ପ୍ରତିଶତ ଭାରତୀୟ ବର୍ତ୍ତମାନ ଏକ ଖୋଲାଖୋଲି ସମ୍ପର୍କରେ ଅଛନ୍ତି। ୪୧ ପ୍ରତିଶତ ମତ ଦିଅନ୍ତି ଯେ ଯଦି ସେମାନଙ୍କ ସହକର୍ମୀ ପ୍ରସ୍ତାବ ଦିଅନ୍ତି, ତେବେ ସେମାନେ ତାହାକୁ ବିବେଚନା କରିବେ। କୌତୂହଳର କଥା ଯେ ଏଭଳି ରୋମାଣ୍ଟିକ୍ ସମ୍ପର୍କ କେବଳ ମେଟ୍ରୋ ସହରଗୁଡ଼ିକରେ ସୀମିତ ନୁହେଁ, ଛୋଟ ସହରରେ ମଧ୍ୟ ଏଭଳି ଧାରା ଦେଖିବାକୁ ମିଳୁଛି। ଭାରତର ତାମିଲନାଡୁର କାଞ୍ଚିପୁରମ୍ ତାଲିକାର ଶୀର୍ଷରେ ରହିଛି, ଯେଉଁଠାରେ ପରକୀୟା ପ୍ରୀତି ସମ୍ପର୍କରେ ଅଧିକ ଆଗ୍ରହ ଦେଖାଇଥାଆନ୍ତି ବୋଲି ଉକ୍ତ ସର୍ଭେରୁ ଜଣାପଡ଼ିଛି।




# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ୭୨ତମ ନିଖିଳ ଭାରତ ସମବାୟ ସପ୍ତାହ ଅବସରରେ ସଚେତନତା ପାଇଁ ଗଣଦୌଡ଼, ସ୍ଥାନ: ସେଣ୍ଟ ଯୋଶେଫ୍ ସ୍କୁଲ, ରାମ ମନ୍ଦିର ଛକରୁ ୟୁନିୟନ ଅଫିସ, ସମୟ: ସକାଳ ୭ଟା।
- ବକ୍ସି ଜଗବନ୍ଧୁ ଇଂରାଜୀ ମିଡିୟମ ସ୍କୁଲ ପକ୍ଷରୁ ଶିଶୁ ଦିବସ ପାଳନ, ସ୍ଥାନ: ସ୍କୁଲ ପରିସର, ସମୟ: ସକାଳ ୮ଟା।
- ବିଏମ୍‌ସି ଆନୁକୂଲ୍ୟରେ, ରାଜ୍ୟ ଏବଂ ସହର ବିକାଶ ବିଭାଗ ପକ୍ଷରୁ ବିପର୍ଯ୍ୟୟ ଏବଂ ମହାମାରି ପରିଚାଳନା ବିଭାଗର ନିର୍ବାଚିତ ପ୍ରତିନିଧିଙ୍କ ତାଲିମ୍ କାର୍ଯ୍ୟକ୍ରମ, ସ୍ଥାନ: ଏକାମ୍ର ହଲ୍, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସିସିଡବ୍ଲ୍ୟୁଡି ପକ୍ଷରୁ ଶିଶୁ ଦିବସ କାର୍ଯ୍ୟକ୍ରମ, ସ୍ଥାନ: ରେଡକ୍ରସ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ରାଜଧାନୀ ପୁସ୍ତକ ମେଳା, ସ୍ଥାନ: ଶହୀଦ ନଗର ଦୁର୍ଗାପୂଜା ପଡ଼ିଆ, ସମୟ: ଅପରାହ୍ନ ୨ଟା।
- ଭାରତୀ ନୃତ୍ୟ ମନ୍ଦିର ପକ୍ଷରୁ ନୃତ୍ୟ ଉତ୍ସବ ୨୦୨୫, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ଅପରାହ୍ନ ୩ଟା।
- କସ୍ତୁରବା ନାରୀମହଲ ପକ୍ଷରୁ ଶିଶୁ ଦିବସ ପାଳନ, ସ୍ଥାନ: ନାରୀ ମହଲ ପରିସର, ୟୁନିଟ୍ ୧, ସମୟ: ଅପରାହ୍ନ ୩ଟା।
- ଓଡ଼ିଶା ସିଟିଜେନ୍ ଫୋରମ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ବୁଦ୍ଧମନ୍ଦିର, ସମୟ: ଅପରାହ୍ନ ୪ଟା।
- ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ, ସ୍ଥାନ: କ୍ୟାପିଟାଲ ହାଇସ୍କୁଲ ପରିସର, ୟୁନିଟ ୩, ସମୟ: ସନ୍ଧ୍ୟା ୬ଟା।
- ୩୬ତମ ପିକକ୍ ଶିଶୁମେଳା ସପ୍ତାହ, ସ୍ଥାନ: ପ୍ରଦର୍ଶନୀ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା ୩୦।
- ଅଞ୍ଜଳି ଅନ୍ତର୍ଜାତୀୟ ଶିଶୁ ଓ ଯୁବ ଉତ୍ସବ, ସ୍ଥାନ: ଆଦିବାସୀ ପଡ଼ିଆ, ୟୁନିଟ୍-୧, ସମୟ: ସନ୍ଧ୍ୟା ୭ଟା।
- ଓଡ଼ିଶା ପାୱାର ଜେନେରେଶନ୍ କର୍ପୋରେଶନ୍ ଲିଃ ପକ୍ଷରୁ ୪୨ତମ ଫାଉଣ୍ଡେଶନ୍ ଦିବସ ପାଳନ, ସ୍ଥାନ: ସେଣ୍ଟ୍ରାଲ୍ ହଲ୍, ମେ ଫେୟାର କନ୍‌ଭେନଶନ୍, ସମୟ: ସନ୍ଧ୍ୟା ୭ଟା।

**କଟକ**
- ନିଖିଳ ଭରତ ସମବାୟ ସପ୍ତାହ ପାଳନ, ସ୍ଥାନ: ନୂଆପାଟଣା ପ୍ରାଥମିକ କୃଷି ସେବା ସମବାୟ ସମିତି, ଟିଗିରିଆ,ସମୟ: ସକାଳ:୯ଟା।
- ଚୌଦ୍ୱାର ବରିଷ୍ଠ ନାଗରିକ କ୍ଲବ୍‌ର ୧୩ତମ ବାର୍ଷିକୋତ୍ସବ, ସ୍ଥାନ: ମହିମା ପ୍ୟାଲେସ୍, ଚାରବାଟିଆ, ସମୟ: ପୂର୍ବାହ୍ନ ୧୦ଟା।
- ନଖରା ପ୍ରଥମାଷ୍ଟମୀ ଯାତ୍ରା, ସ୍ଥାନ: ନଖରା ଯାତ୍ରା ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଅଭୀପ୍ସା ପକ୍ଷରୁ ୨୮ତମ ଶିଶୁ ପ୍ରତିଭା ପୁରସ୍କାର ପ୍ରଦାନ ଉତ୍ସବ, ସ୍ଥାନ: ଗାନ୍ଧୀ ଭବନ, ବାଖରାବାଦ, ସମୟ: ଅପରାହ୍ନ ୪ଟା।
- ଶଙ୍କରପୁର ବାଦାମବାଡ଼ି ପାଲା ମଣ୍ଡପର ୮୯ତମ ବାଦୀପାଲାର ଦ୍ୱିତୀୟ ଦିବସ, ସ୍ଥାନ: ପାଲାମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

**ପୁରୀ**
- ବିଶ୍ୱ ମଧୁମେହ ଦିବସ ଅବସରରେ ସଚେତନତା ପଦଯାତ୍ରା, ସ୍ଥାନ: ସିଂହଦ୍ୱାର ସମ୍ମୁଖ, ସମୟ: ସକାଳ ୭ଟା।
- ଶିଶୁ ଦିବସ ଉତ୍ସବ, ସ୍ଥାନ: ହରଚଣ୍ଡୀ ସାହି ଶିଶୁ ମନ୍ଦିର, ସମୟ: ସକାଳ ୮ଟା ୩୦।
- ଭାରତ ସେବାଶ୍ରମ ସଂଘର ସତବାର୍ଷିକ ଉତ୍ସବ, ସ୍ଥାନ: ଆଶ୍ରମ ପରିସର ସମୟ: ସକାଳ ୯ଟା।
- ସମ୍ପର୍କ ଅନୁଷ୍ଠାନ ପକ୍ଷରୁ ଶିଶୁ ଅଧିକାର ଓ ଶିଶୁ ସୁରକ୍ଷା କର୍ମଶାଳା, ସ୍ଥାନ: ବିଶ୍ୱମ୍ଭର ବିଦ୍ୟାପୀଠ, ସମୟ: ସକାଳ ୯ଟା ୧୦।
- ପିଲାଙ୍କ ବହିମେଳା, ସ୍ଥାନ: ଶିକ୍ଷାଶ୍ରୀ ଶିଶୁ ପାଠାଗାର , ଅଠରନଳା, ସମୟ: ପୂର୍ବାହ୍ନ ୧୦ଟା।

- ଜିଲାସ୍ତରୀୟ ହ୍ୟାଣ୍ଡ ବଲ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ତାଳବଣିଆ ଷ୍ଟାଡିଅମ, ସମୟ: ପୂର୍ବାହ୍ନ ୧୧ଟା।
- ବାର୍ଷିକ କୌତୁକ ପୋଷାକ ପ୍ରତିଯୋଗିତା, ସ୍ଥାନ: ଭଗବତୀ ବିଦ୍ୟା ନିକେତନ, ସମୟ: ଅପରାହ୍ନ ୩ଟା।

**ଖୋର୍ଦ୍ଧା**
- ସାଇବର ସୁରକ୍ଷା ସଚେତନତା ପଦଯାତ୍ରା, ସ୍ଥାନ: ଖୋର୍ଦ୍ଧା ଷ୍ଟାଡିୟମ, ସମୟ: ସକାଳ ୮ଟା।
- ଶିଶୁ ଶିବିର, ସ୍ଥାନ: ସରସ୍ୱତୀ ଶିଶୁ ମନ୍ଦିର ଗୁରୁଜଙ୍ଗ, ସମୟ: ସକାଳ ୮ଟା।
- ପୁଞ୍ଜି ସଚେତନତା ଶିବିର, ସ୍ଥାନ: ଜୟୀ ରାଜଗୁରୁ ଭବନ, ସମୟ: ପୂର୍ବାହ୍ନ୧୦ଟା
- କନ୍ୟା ଶିବିର, ସ୍ଥାନ: ସରସ୍ୱତୀ ଶିଶୁ ମନ୍ଦିର ଗୁରୁଜଙ୍ଗ ସମୟ: ପୂର୍ବାହ୍ନ ୧୧ଟା
- ବ୍ଲକ୍‌ସ୍ତରୀୟ କୃଷି ଓ ମତ୍ସ୍ୟ ସମ୍ପଦ ମେଳା, ସ୍ଥାନ: ହାବେଳି ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ମାଧ୍ୟମିକ ମହିଳା ଶିକ୍ଷକ ଓ କର୍ମଚାରୀ ସମ୍ମିଳନୀ, ସ୍ଥାନ: ଓଷ୍ଟା ଜିଲା କାର୍ଯ୍ୟାଳୟ ଖୋର୍ଦ୍ଧା, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଆଦ୍ୟାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର୧୯ତମ ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ଗଙ୍ଗପଡ଼ା, ସମୟ: ଅପରାହ୍ନ ୫ଟା।

**ବାଲେଶ୍ୱର**
- ଶିଶୁ ମହୋତ୍ସବ ଓ ବାର୍ଷିକ ଉତ୍ସବ, ସ୍ଥାନ: ଜହ୍ନତା ଚଉଦ ମାଦଳ ପଡିଆ, ରୂପସା, ସମୟ: ପୂର୍ବାହ୍ନ ୧୦ ଟା।
- ୭୯ତମ ଗଡ଼ଜାତ ଦିବସ, ସ୍ଥାନ: ଏନଏସି କାର୍ଯ୍ୟାଳୟ, ନୀଳଗିରି, ସମୟ: ପୂର୍ବାହ୍ନ ୧୦ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଜହ୍ନତା ଚଉଦ ମାଦଳ ପଡିଆ, ରୂପସା, ସମୟ: ଅପରାହ୍ନ ୪ଟା।
- ତ୍ରିଦିବସୀୟ ଧର୍ମ ପ୍ରବଚନର ପ୍ରଥମ ସନ୍ଧ୍ୟା, ସ୍ଥାନ: ଟାଉନ ହଲ୍, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା ୩୦।

**ଭଦ୍ରକ**
- ସମବାୟ ସପ୍ତାହ ପାଳନ, ସ୍ଥାନ: ପୁରୁଷଣ୍ଡ ସମିତି କାର୍ଯ୍ୟାଳୟ, ଆଗରପଡ଼ା, ସମୟ: ସକାଳ ୯ଟା।
- ଶିଶୁ ମହୋତ୍ସବ, ସ୍ଥାନ: ମାଳଦା, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ବ୍ରିଗେଡ ସୈନିକ ସ୍କୁଲର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସଭା, ସ୍ଥାନ: ଆଡ଼ିଆ, ବନ୍ତ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ଶିଶୁ ଦିବସ ପାଳନ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ନୂଆବଜାର, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।

**କେନ୍ଦୁଝର**
- ମହାଲକ୍ଷ୍ମୀ ମନ୍ଦିରରେ ଦଶମ ବାର୍ଷିକ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଯୋଡ଼ା, ସମୟ: ସକାଳ ୬ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶିଶୁ ଦିବସ ପାଳନ, ସ୍ଥାନ: ଯୋଡ଼ା, ସମୟ: ସକାଳ ୮ଟା।
- ଶିଶୁ ଦିବସ ପାଳନ, ସ୍ଥାନ : ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବଡ଼ବିଲ, ସମୟ: ସକାଳ ୮ଟା। ସ୍ଥାନ: ସେଣ୍ଟ ମେରିଜ ସ୍କୁଲ, ବଡ଼ବିଲ, ସମୟ: ପୂର୍ବାହ୍ନ ୧୦ଟା।

**ମୟୂରଭଞ୍ଜ**
- ସଂସ୍କାର ଶିଶୁ ମହୋତ୍ସବ 'ମୟୂରୀ', ସ୍ଥାନ:ଶିଶୁ ଉଦ୍ୟାନ ବାରିପଦା, ସମୟ: ସକାଳ ୮ଟା।
- ମେଗା ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ମୋରଡ଼ା ବ୍ଲକ କୋଷ୍ଠା, ସମୟ: ସକାଳ ୯ଟା।
- ଶିଶୁ ଶିବିର, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବେଲପାଳ, ବଡ଼ସାହି, ବ୍ଲକ,ସମୟ: ସକାଳ ୯ଟା।
- ପ୍ରାଣୀ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ମୂଷାମାରୀ କଲ୍ୟାଣ ମଣ୍ଡପ, ରାସଗୋବିନ୍ଦପୁର, ସମୟ: ମଧ୍ୟାହ୍ନ ୧୨ଟା।
- ଜଗଧାତ୍ରୀ ମେଳାରେ ଜାଭେଦ ଅଲ୍ଲୀଙ୍କ ବଲିଉଡ ନାଇଟ୍ସ, ସ୍ଥାନ: ଜଗଧାତ୍ରୀ ମେଳା ପଡ଼ିଆ, ଭଞ୍ଜପୁର, ବାରିପଦା, ସମୟ: ରାତି ୮ଟା।

**ବ୍ରହ୍ମପୁର**
- ବିଶ୍ୱ ମଧୁମେହ ଦିବସରେ ସଚେତନତା, ସ୍ଥାନ: ଆର.କେ.ଡାଇବେଟିସ ସେଣ୍ଟର, ଗୋଇଲୁଣ୍ଡି, ସମୟ: ସକାଳ ୮ଟା ୩୦।
- ନିଖିଳ ଓଡ଼ିଶା ବରିଷ୍ଠ କଳାକାର ମହାସଂଘର ବାର୍ଷିକୋତ୍ସବ, ସ୍ଥାନ: ପ୍ରକାଶମ ହଲ, ସମୟ: ପୂର୍ବାହ୍ନ ୧୦ଟା।
- କ୍ରାନ୍ତି ପକ୍ଷରୁ ଶିଶୁ ଉତ୍ସବ, ସ୍ଥାନ: ଆଇଟିଆଇ ଅଡିଟୋରିୟମ, ସମୟ: ସନ୍ଧ୍ୟା ୬ଟା।

**ଗଞ୍ଜାମ**
- ସାମ୍ବାଦିକ ସଂଘ ପକ୍ଷରୁ ଶିଶୁ ଦିବସ ଉପଲକ୍ଷେ ପ୍ରତିଯୋଗିତା, ସ୍ଥାନ: ଆସିକା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଶିଶୁ ଉତ୍ସବ, ସ୍ଥାନ: ପ୍ରାଥମିକ ବିଦ୍ୟାଳୟ କଇଥା, ପାତ୍ରପୁର, ସମୟ: ପୂର୍ବାହ୍ନ ୧୧ ଟା।

**କନ୍ଧମାଳ**
- ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ ସରଗି ଫୁଲ, ସ୍ଥାନ: ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କୁତୁଗୁଳି ନୂଆଗାଁ କନ୍ଧମାଳ, ସମୟ: ପୂର୍ବାହ୍ନ ୧୦ ଟା।

**ଗଜପତି**
- ଜିଲାସ୍ତରୀୟ ଯୁବ ରେଡକ୍ରସ୍ ତାଲିମ ଶିବିର, ସ୍ଥାନ: ମୋହନା ପିଏମଶ୍ରୀ ଏସ୍‌ଏସ୍‌ଡି ହାଇସ୍କୁଲ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

**ଢେଙ୍କାନାଳ**
- ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା, ସ୍ଥାନ: ସାରଙ୍ଗଧର ଷ୍ଟାଡିୟମ, ସମୟ: ସକାଳ ୮ଟା ୩୦।
- କପିଳାସ ମହୋତ୍ସବ ଉଦ୍‌ଘାଟନୀ , ସ୍ଥାନ: ଗୋପବନ୍ଧୁ ଟାଉନ ହଲ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା।
- ପରଜଙ୍ଗ ପଞ୍ଚାୟତ ସମିତି ବୈଠକ , ସ୍ଥାନ: ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଆର୍ଟ ଅଫ୍ ଲିଭିଙ୍ଗ ପକ୍ଷରୁ ଜ୍ଞାନୋଦୟ କାର୍ଯ୍ୟକ୍ରମ, ସ୍ଥାନ: ବ୍ଲକ ସଭାଗୃହ, ସମୟ: ଅପରାହ୍ନ ୨ଟା ୩୦।
- ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱଳ୍ପ ସଞ୍ଚୟ ସମ୍ପର୍କିତ ସଚେତନତା କର୍ମଶାଳା, ସ୍ଥାନ: କଳ୍ପନା କ୍ଲବ ସଭାଗୃହ, ସମୟ: ଅପରାହ୍ନ ୩ଟା।

**ଅନୁଗୋଳ**
- ବ୍ଲକ୍‌ସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସମର୍ଥ ଅଭିଯାନ, ସ୍ଥାନ: ତାଳଚେର ଯୁବରାଜ ହାଇସ୍କୁଲ, ସମୟ: ସକାଳ ୭ଟା
- ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା -୨୦୨୫, ସ୍ଥାନ: ବାଳିପଟା ମେଡିକାଲ ପଡିଆ, ସମୟ: ସକାଳ ୯ଟା।

**ଜଗତ୍‌ସିଂହପୁର**
- ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ସମସ୍ତ ସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ ସମୂହ ଶିଶୁଦିବସ କାର୍ଯ୍ୟକ୍ରମ, ସ୍ଥାନ: ଗୋପବନ୍ଧୁ ଷ୍ଟାଡିୟମ, ନୁଆବଜାର, ପାରାଦୀପ, ସମୟ: ସକାଳ ୭ଟା।
- ପଣ୍ଡିତ ଜବାହରଲାଲ ନେହେରୁ ଟ୍ରଷ୍ଟ ପକ୍ଷରୁ ରକ୍ତଦାନ ଶିବିର, ପୋର୍ଟ କ୍ଲବ, ସ୍ଥାନ: ନୂଆବଜାର, ପାରାଦୀପ, ସମୟ: ସକାଳ ୮ଟା।

**କେନ୍ଦ୍ରାପଡ଼ା**
- ଶ୍ରୀନୀଳାଚଳ ନିଖିଳୋତ୍କଳ ପାଲା ଗାୟକ ପରିଷଦର ବାର୍ଷିକ ସମ୍ମିଳନୀ, ସ୍ଥାନ: ଶ୍ରୀଶିବାନନ୍ଦ ଆଶ୍ରମ, ଗରାପୁର, କେନ୍ଦ୍ରାପଡ଼ା, ସମୟ: ସକାଳ ୯ଟା।
- ଭିନ୍ନକ୍ଷମଙ୍କ ପାଇଁ ପୁର୍ନବାସ ଶିଶୁ ଥେରାପି କେନ୍ଦ୍ର ଉଦ୍‌ଘାଟନ, ସ୍ଥାନ: ଅମର ଉଦ୍ୟାନ, ମାଧପୁର, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୧ଟା।
- ଗ୍ରାମବାସୀଙ୍କ ପକ୍ଷରୁ ଅକାଳବାଧକ ମା' ମନସା ଦେବୀଙ୍କ ପୂଜାସୋବ, ସ୍ଥାନ: ପିତାପଲ୍ଲୀ, ମହାକାଳପଡ଼ା, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀସିଦ୍ଧ ମହାପୁରୁଷ ଭୋଳିବାବାଙ୍କ ବାର୍ଷିକ ଉତ୍ସବ, ସ୍ଥାନ: ବେଲତଳ, ପଟ୍ଟାମୁଣ୍ଡାଇ, ସମୟ: ସନ୍ଧ୍ୟା ୬ଟା।

**ଯାଜପୁର**
- ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା, ସ୍ଥାନ: ବରୀ ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଜଗା ଶିଶୁ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ, ସ୍ଥାନ: ବରୀ ଗୋପବନ୍ଧୁ-ରମାଦେବୀ ଆଶ୍ରମ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।

**ନୟାଗଡ଼**
- ଶିଶୁ ଦିବସ, ସ୍ଥାନ:ନୟାଗଡ ଡିଏଭି ସ୍କୁଲ, ସମୟ: ସକାଳ ୯ଟା।
- ଶିଶୁ ଦିବସ, ସ୍ଥାନ:ଖଣ୍ଡପଡା ଓମ୍ ସାଇ ଇଣ୍ଟର ନ୍ୟାସନାଲ ସ୍କୁଲ, ସମୟ:ପୂର୍ବାହ୍ନ ୧୦ଟା।
- ରୌପ୍ୟ ଜୟନ୍ତୀ ଉତ୍ସବ, ସ୍ଥାନ:ଖଣ୍ଡପଡା ସାମନ୍ତ ଚନ୍ଦ୍ରଶେଖର ଶିକ୍ଷାକେନ୍ଦ୍ର, ସମୟ:ପୂର୍ବାହ୍ନ ୧୦ଟା ୩୦।

**ରାୟଗଡ଼ା**
- 'ଆସ ସ୍କୁଲ ଯିବା' ପଦଯାତ୍ରା, ସ୍ଥାନ: ଏସ୍‌ଏସ୍‌ଡି ହାଇସ୍କୁଲ, କୁମ୍ଭିକୋଟା, ରାୟଗଡ଼ା ବ୍ଲକ, ସମୟ: ସକାଳ ୮ଟା।

**ନବରଙ୍ଗପୁର**
- ଆୟାପ୍ପା ସ୍ୱାମୀଙ୍କ ଇରୁମୁଡି ପୂଜା, ସ୍ଥାନ: ଡାବୁଗାଁ ବ୍ଲକ ଜୟନ୍ତୀନଗରସ୍ଥିତ ଶ୍ରୀ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୮ଟା।
- ଚିତ୍ର ପ୍ରଦର୍ଶନୀ, ସ୍ଥାନ: ଝରିଗାଁ ଆଦର୍ଶ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା, ସ୍ଥାନ: ତେନ୍ତୁଳିଖୁଣ୍ଟି ବ୍ଲକ ପୂଜାରୀଗୁଡ଼ା ଷ୍ଟାଡିୟମ, ସ୍ଥାନ: ନନ୍ଦାହାଣ୍ଡି ବ୍ଲକ ଡଙ୍ଗରଭେଜା ପାଣି ଚିକିତ୍ସାଳୟ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଭାଗବତ ଗୀତା ପ୍ରବଚନ ଓ ଚିନ୍ତା ମୁକ୍ତ ରାଜଯୋଗ ଶିବିର, ସ୍ଥାନ: ନବରଙ୍ଗପୁର ଚୈତନ୍ୟ ମନ୍ଦିର ପରିସର, ସମୟ: ଅପରାହ୍ନ ୫ଟା ୩୦।

**କୋରାପୁଟ**
- ଘରଡିହ(ଘରବାରି) ପଟ୍ଟା ବଣ୍ଟନ, ସ୍ଥାନ: ପାଡୁଆ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଶିଶୁ ଦିବସ ଓ ସମ୍ବର୍ଦ୍ଧନା ସମାରୋହ, ସ୍ଥାନ: ବ୍ଲକ୍ କଲୋନୀ ସରକାରୀ ପ୍ରାଥମିକ ବିଦ୍ୟାଳୟ, ବୈପାରୀଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିର୍ସା ମୁଣ୍ଡାଙ୍କ ଜୟନ୍ତୀ, ସ୍ଥାନ: ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନ, ଜୟପୁର, ସମୟ: ପୂର୍ବାହ୍ନ ୧୧ଟା।
- ବ୍ଲକସ୍ତରୀୟ ପରବ ପାଳନ ପାଇଁ ଚୁଡାନ୍ତ ବୈଠକ, ସ୍ଥାନ: ଶହୀଦ ଲକ୍ଷ୍ମଣ ନାୟକ ବୈଠକ ଗୃହ, ସମୟ: ଅପରାହ୍ନ ୩ଟା ୩୦।
- ଏପିଏଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ହାଲ ଖେଳ ପଡ଼ିଆ, ସୁନାବେଡା, ସମୟ: ଅପରାହ୍ନ ୫ଟା।
- ଶିଶୁ ମହୋତ୍ସବ କାର୍ଯ୍ୟକ୍ରମ, ସ୍ଥାନ: ମଲ୍ଟିଫଙ୍କସନ ହଲ, ସେମିଳିଗୁଡ଼ା, ସମୟ: ସନ୍ଧ୍ୟା ୬ଟା।

**ସମ୍ବଲପୁର**
- ତ୍ରିଲୋଚନ ନେତ୍ରାଳୟ ଆୟୋଜିତ ନିଃଶୁଳ୍କ ମଧୁମେହ ପରୀକ୍ଷା ଶିବିର, ସ୍ଥାନ : ଅଇଁଠାପାଲି ବସ ଟର୍ମିନାଲ, ସମୟ : ସକାଳ ୯ଟାରୁ ଅପରାହ୍ନ ୫ଟା।
- ଶିଶୁ ଦିବସ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା, ସ୍ଥାନ: ଭୀମ ଭୋଇ ନଗର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସମୟ: ସକାଳ ୯ଟା।
- ସମ୍ବଲପୁର ସାଂସ୍କୃତିକ ପରିଷଦ ଆୟୋଜିତ ସମ୍ବଲପୁର ମହୋତ୍ସବ-୨୦୨୫ର ପ୍ରସ୍ତୁତି ବୈଠକ, ସ୍ଥାନ: ହରଜିତ ସଭାକକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ମା'ପାହାଡେଶ୍ୱରୀ ମହିଳା ଯୁବ ସଙ୍ଗଠନ ଆୟୋଜିତ ଶିଶୁ ଉତ୍ସବ, ସ୍ଥାନ : ଲରପଙ୍କ ସ୍ଥିତ କଳ୍ପତରୁ ଆଶ୍ରମ, ସମୟ : ପୂର୍ବାହ୍ନ ୧୧ଟା।
- ଝଙ୍କାର ସାଂସ୍କୃତିକ ଅନୁଷ୍ଠାନ ଆୟୋଜନରେ ଶିଶୁ ମହୋତ୍ସବ, ସ୍ଥାନ: କ୍ଷେତରାଜପୁର ଅଗ୍ରସେନ ଭବନ, ସମୟ: ଅପରାହ୍ନ ୫ଟା।
- ସାଇ ଶିକ୍ଷା ଆୟୋଜିତ ସମ୍ବଲପୁର ଲିଟିଲ ମିସ୍ ଓ ଲିଟିଲ ମାଷ୍ଟର -୨୦୨୫ ସକାଶେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ : ଜିଏମ୍‌ୟୁ ସ୍ଥିତ ପ୍ରେକ୍ଷାଳୟ, ସମୟ : ସନ୍ଧ୍ୟା ୬ଟା।

**ବଲାଙ୍ଗୀର**
- ଲନ୍ ବଲ ପ୍ରଶିକ୍ଷଣ, ସ୍ଥାନ: ଲନ୍ ବଲ କୋର୍ଟ, ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୭ଟା।
- ଲୋଇସିଂହା ଷ୍ଟାଡିୟମର ୧୮ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନ, ସ୍ଥାନ ଲୋଇସିଂହା ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।

**ରାଉରକେଲା**
- ୟୁଥ୍ କ୍ଲବ ପକ୍ଷରୁ ଯୋଗ ଶିବିର, ସ୍ଥାନ: ବିଏଲ ଶିଶୁ ପାର୍କ ପଡିଆ, ବାସନ୍ତୀ କଲୋନି, ସମୟ: ସକାଳ ୭ଟା।
- ଶିଶୁ ଦିବସ ପାଳନ, ସ୍ଥାନ: ଦିଲ୍ଲୀ ପବ୍ଲିକ ସ୍କୁଲ, ସେକ୍ଟର-୧୪, ସମୟ: ସକାଳ ୯ଟା।
- ଆଦର୍ଶ ବରିଷ୍ଠ ନାଗରିକ କେନ୍ଦ୍ରର ୮ମ ବାର୍ଷିକ ଉତ୍ସବ, ସ୍ଥାନ: ଛେଣ୍ଡ ଥାନା ପରିସର, ଛେଣ୍ଡ କଲୋନି, ସମୟ: ପୂର୍ବାହ୍ନ ୧୦ଟା।
- ଶିଶୁ ଦିବସ ପାଳନ, ସ୍ଥାନ: କୋଏଲ ବିଦ୍ୟାପୀଠ, ସମୟ: ପୂର୍ବାହ୍ନ ୧୦ଟା।
- ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଉପରେ ବକ୍ତୃତା ଓ କୁଇଜ୍ ପ୍ରତିଯୋଗିତା, ସ୍ଥାନ: ଉଦିତ ନଗର ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।

**ସୁନ୍ଦରଗଡ଼**
- ବିଶାଳ ବ୍ରାହ୍ମଣ ସମାବେଶ, ସ୍ଥାନ: ସଦର ଥାନା ନିକଟ ଶିବ ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୯ଟା।
- ଶିଶୁ ଦିବସ ଓ ବାର୍ଷିକ କ୍ରିଡା ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ ଉଦଘାଟନ ସମାରୋହ, ସ୍ଥାନ:ସୁନ୍ଦରଗଡ ପବ୍ଲିକ ସ୍କୁଲ, ଶଙ୍କରା, ସମୟ: ସକାଳ ୮ଟା୩୦।

**ବରଗଡ଼**
- ଜିଲା ପ୍ରଶାସନ ତରଫରୁ ଏକତା ପଦଯାତ୍ରା, ସ୍ଥାନ: ମିନି ଷ୍ଟାଡିୟମ, ବରଗଡ଼, ସମୟ: ସକାଳ ୮ଟା।
- ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: କ୍ରୀଷ୍ଣା ବିକାଶ ଗ୍ରାଉଣ୍ଡ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଆଦର୍ଶ ଶିକ୍ଷକ ସ୍ୱର୍ଗତ ତେଜରାଜ ମାଝୀଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ଝାଙ୍କରପାଲି, ଭଟଲି, ସମୟ: ମଧ୍ୟାହ୍ନ ୧୨ଟା।
- ମା' ପଁର୍ରପାଟ ଫୁଟବଲ ପ୍ରତିଯୋଗିତା, ସ୍ଥାନ: ବରାହଗୋଡା ଖେଳପଡ଼ିଆ, ବରଗଡ଼, ସମୟ: ଅପରାହ୍ନ ୨ଟା।
- ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ବରଗଡ଼, ସମୟ: ଅପରାହ୍ନ ୩ଟା।

**କଳାହାଣ୍ଡି**
- ମହାବୀର ମହୋତ୍ସବ ଉଦ୍‌ଯାପନ, ସ୍ଥାନ: ଭବାନୀପାଟଣା ମହାବୀର ସାଂସ୍କୃତିକ ଅନୁଷ୍ଠାନ, ସମୟ: ଅପରାହ୍ନ ୫ଟା।
- ଜିଲାସ୍ତରୀୟ ବିଶ୍ୱ ମଧୁମେହ ଦିବସ ପାଳନ, ସ୍ଥାନ: ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟ, ସମୟ: ପୂର୍ବାହ୍ନ ୧୦ଟା।

**ବୌଦ୍ଧ**
- ଏକଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ବାଉଁଶୁଣୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ, ସମୟ: ସକାଳ ୯ଟା।
- ବିଶ୍ୱ ମଧୁମେହ ଦିବସ ପାଳନ, ସ୍ଥାନ: ସ୍ୱାସ୍ଥ୍ୟ ବିଭାଗ ଟ୍ରେନିଂ ୟୁନିଟ୍, ବୌଦ୍ଧ, ସମୟ: ପୂର୍ବାହ୍ନ ୧୧ଟା।

**ସୁବର୍ଣ୍ଣପୁର**
- ଗୋକୁଳାଷ୍ଟାମୀ ମହୋତ୍ସବ, ଯଶୋଦାଙ୍କ ବାତ୍ସଲ୍ୟ ମମତା ଓ ଦୋଳ ଉତ୍ସବ, ସ୍ଥାନ: ବିନିକା କଂସାରୀପଡା, ସମୟ: ସକାଳ ୭ଟା।
- ରକ୍ତଦାନ ଶିବିର, ସ୍ଥାନ ବାଉଁଶୁଣୀ ଯୁବକ ସଂଘ କାର୍ଯ୍ୟାଳୟ, ସମୟ: ସକାଳ ୮ ଟା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ସକାଳୁ ସକାଳୁ ଆପଣଙ୍କ ଯାତ୍ରା ଓ ଭ୍ରମଣ ପ୍ରୀତିପ୍ରଦ ରହିବ। ବୃହସ୍ପତିଙ୍କ ଉଚ୍ଚାବସ୍ଥାନ ଦୃଷ୍ଟିକୋଣରୁ ସାମାଜିକ ସ୍ତରରେ ପ୍ରତିଷ୍ଠାଲାଭ ପାଇପାରନ୍ତି। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ବିବାଦ ବୃଦ୍ଧିର ସମ୍ଭାବନା ରହିଛି। କଠୋର ପରିଶ୍ରମ ଜନିତ କାରଣରୁ ଶାରୀରିକ ଅସୁସ୍ଥତା ହୋଇପାରେ।

**ବୃଷ** ପାରିବାରିକ କ୍ଷେତ୍ରରେ ବ୍ୟତିକ୍ରମ ଲାଗି ରହିଥିଲେ ମଧ୍ୟ ମନକଥା ମନରେ ମାରି ଚଳିବାକୁ ବାଧ୍ୟ ହେବେ। ବନ୍ଧୁଙ୍କ ସହାନୁଭୂତିରୁ ବିବାଦୀୟ ଘଟଣାର ସମାଧାନ ହେବ। ଧନ ସ୍ଥାନରେ ଗୁରୁଙ୍କ ଅବସ୍ଥିତିଜନିତ ଆର୍ଥିକ ସମସ୍ୟାର ସମାଧାନ ହୋଇଯିବ। କର୍ମକ୍ଷେତ୍ରରେ ପରିସ୍ଥିତିକୁ ଯେତେଟା ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି ହେବନି।

**ମିଥୁନ** ପାପଗ୍ରହ ଯୁକ୍ତ ଚନ୍ଦ୍ର ଅର୍ଥ ସମ୍ପର୍କିତ ସମସ୍ୟା ସୃଷ୍ଟି କରିବାର ଆଶଙ୍କା ରହିଛି। ନିଜ ନିଜର ଫାଇଦା ହାସଲ ପାଇଁ ବନ୍ଧୁମାନେ ମନଲୋଭା କଥା କହିପାରନ୍ତି। ସ୍ୱାସ୍ଥ୍ୟ ସମସ୍ୟା ଅପରିବର୍ତ୍ତିତ ରହିବା ଉଦ୍‌ବେଗର କାରଣ ହେବ। ବାଣିଜ୍ୟ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ସହ ପରୋକ୍ଷ ଶତ୍ରୁତା କର୍ମକ୍ଷେତ୍ରକୁ ବ୍ୟସ୍ତବହୁଳ କରିପାରେ।

**କର୍କଟ** ବିଭିନ୍ନ ସମସ୍ୟାକୁ ସାମ୍ନା କରି ବ୍ୟସ୍ତତା ବୃଦ୍ଧି ପାଇବ। ଅବଶ୍ୟ ଆତ୍ମୀୟ ସ୍ୱଜନମାନଙ୍କ ସାହାଯ୍ୟର ପ୍ରତିଶ୍ରୁତି ଆପଣଙ୍କୁ ନୂତନ କର୍ମାରମ୍ଭ ପାଇଁ ପ୍ରେରଣା ପ୍ରଦାନ କରିବ। ପ୍ରତ୍ୟେକ କ୍ଷେତ୍ରରେ ଅଜଣା ଅଶୁଣା ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରିବା ଭଲ ହେବ।

**ସିଂହ** ଆଜି ଚେଷ୍ଟା କରୁଥିବା କାମ କଦାପି ବ୍ୟର୍ଥ ହେବ ନାହିଁ। ବୁଧଙ୍କ ପ୍ରଭାବରେ ଆକସ୍ମିକ ଭାବରେ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। କାର୍ଯ୍ୟବ୍ୟସ୍ତ ଯୋଗୁ ମିଶିବାକୁ ଆସିଥିବା ବନ୍ଧୁଙ୍କ ସହ ଆଲୋଚନା କରିବାର ଅବସର ପାଇବେ ନାହିଁ। ବ୍ୟବସାୟିକ କ୍ଷେତ୍ରରେ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେଇପାରନ୍ତି।

**କନ୍ୟା** ମୁଖଭାବସ୍ଥ ଗ୍ରହ ସମ୍ପର୍କରୁ ଲାଳିତ୍ୟପୂର୍ଣ୍ଣ କଥା କହି ପରିସ୍ଥିତିକୁ ସଜାଡି ନେବେ। ତଥାପି ଶିକ୍ଷା, ସନ୍ତାନ ସମ୍ପର୍କ ଓ ଆଲୋଚନା କ୍ଷେତ୍ରରେ କେତେକ ବ୍ୟତିକ୍ରମର ସୂଚନା ରହିଛି। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। କଳା, ସାହିତ୍ୟ, ସାମ୍ବାଦିକତା ତଥା ସାହିତ୍ୟ ଓ ଆଧ୍ୟାତ୍ମିକତା କ୍ଷେତ୍ରରେ ବେଶ୍ ଆଦୃତ ହେବେ।

**ତୁଳା** ପ୍ରତ୍ୟେକ କ୍ଷେତ୍ରରେ ଅବସ୍ଥା ଦେଖି ବ୍ୟବସ୍ଥା କରନ୍ତୁ ନଚେତ୍ ଅସୁବିଧାରେ ପଡିପାରନ୍ତି। କୌଣସି କାର୍ଯ୍ୟ ସମ୍ପନ୍ନ କରିବା କ୍ଷେତ୍ରରେ ବନ୍ଧୁମାନେ ଅସହଯୋଗ କରିବେ। ବୃହସ୍ପତିଙ୍କ ପ୍ରଭାବରୁ କର୍ମକ୍ଷେତ୍ରରେ ଶତ୍ରୁ ଉପଦ୍ରବ ହ୍ରାସ ପାଇବାର ଅନୁଭବ କରିବେ। ଭୁଲ୍ ବୁଝାମଣାରୁ ପାରିବାରିକ ସମସ୍ୟା ମାନସିକ ସ୍ଥିତିକୁ କଳୁଷିତ କରିପାରେ।

**ବିଛା** ବଳବାନ୍ ସ୍ୱଗୃହୀ ମଙ୍ଗଳ ହେତୁ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିଲେ ମଧ୍ୟ ମାନସିକ ଅସ୍ଥିରତା ଲାଗି ରହିବ। ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ପାଇବାରୁ ବ୍ୟବସାୟରେ ମନାନ୍ତର ଦେଖାଦେବ। ଉଚ୍ଚସ୍ତରରେ ସମ୍ପର୍କ ବୃଦ୍ଧି ପାଇବା ସାଙ୍ଗକୁ ପୁରସ୍କୃତ ମଧ୍ୟ ହୋଇପାରନ୍ତି। ଜମିଜମା କାରଣକୁ ନେଇ କୌଣସି ସମ୍ପର୍କୀୟଙ୍କ ସହ ଯୁକ୍ତିତର୍କ ଲାଗିପାରେ।

**ଧନୁ** ଶନିଙ୍କ ଦୁର୍ବଳତା କାରଣରୁ ଆଜି ଆପଣଙ୍କ କଥା ଓ କାମରେ ତାଳମେଳ ରହିବ ନାହିଁ। ସ୍ୱାସ୍ଥ୍ୟ ଓ ପାରିବାରିକ ସମସ୍ୟା ପୂର୍ବପରି ରହିବା ହେତୁ ସାମୟିକ ଚିନ୍ତା କରିବେ। ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ନିଜେ ହଇରାଣରେ ପଡିପାରନ୍ତି। ନୂତନ ଯୋଜନାଟିକୁ କାର୍ଯ୍ୟକାରୀ କରିବା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇପାରନ୍ତି।

**ମକର** ରାଶିକୁ ଦେବଗୁରୁ ପ୍ରଭାବିତ କରୁଥିବାରୁ ଯେଉଁ କାମରେ ହାତ ଦେବେ ସଫଳତା ପାଇବେ। ହାତ ପାହାନ୍ତାକୁ ସୁଯୋଗ ଆସିଯିବା ହେତୁ ଅଟକି ରହିଥିବା କାମ ତ୍ୱରାନ୍ୱିତ ହେବ। ଘରେ ଆମୋଦ ପ୍ରମୋଦର ବାତାବରଣ ସୃଷ୍ଟି ହୋଇପାରେ। ଆଜିର ଦୂରଯାତ୍ରାରେ ଯାନ୍ତ୍ରିକ ତ୍ରୁଟି ସମସ୍ୟାକୁ ଦ୍ୱିଗୁଣିତ କରିବାର ଆଶଙ୍କା ରହିଛି।

**କୁମ୍ଭ** ବିଭିନ୍ନ ପ୍ରକାର ଦୁଶ୍ଚିନ୍ତା ଲାଗିରହିବା କାରଣରୁ ଶନିଙ୍କ ପ୍ରଭାବରୁ ଅନ୍ତର୍ଦ୍ୱନ୍ଦ୍ୱ ସୃଷ୍ଟି ହୋଇପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ। ଆଜି ସଭାସମିତି, ସତ୍‌ସଙ୍ଗ, ଆଧ୍ୟାତ୍ମିକତା, ରାଜନୀତି, ପ୍ରଶାସନ ପାଇଁ ଭଲ।

**ମୀନ** ପାରିବାରିକ ଜୀବନରେ କେତୋଟି ଘଟଣାକୁ ବାଦ୍ ଦେଲେ ପ୍ରାୟତଃ ଅସୁବିଧା ରହିବ ନାହିଁ। ବୃହସ୍ପତିଙ୍କ ଦୁଃସ୍ଥିତିରୁ କର୍ମକ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ। ଅନ୍ୟମାନଙ୍କ କଥାକୁ ଗୁରୁତ୍ୱ ନ ଦେଇ କେତେକ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହୋଇପାରନ୍ତି। ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ।

ଆଜି ନଭେମ୍ବର ୧୪ ତାରିଖ, ଶିଶୁଦିବସ, ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହରୁଙ୍କ ଜୟନ୍ତୀ, ବିଶ୍ୱ ମଧୁମେହ ଦିବସ, ରାଷ୍ଟ୍ରୀୟ ପୁସ୍ତକାଳୟ ସପ୍ତାହାରମ୍ଭ, ମାର୍ଗଶିର କୃଷ୍ଣ ଦଶମୀ ଶୁକ୍ରବାର। ରାଶିନକ୍ଷତ୍ର-ପୂର୍ବାଫାଲଗୁନୀ/ସିଂହ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୫୮ ଗତେ, ଘ.୦୬।୪୨ ମଧ୍ୟେ, ଘ.୦୭।୨୭ ଗତେ, ଘ.୦୮।୪୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୦୭ ଗତେ, ଘ.୧୧।୩୧ ମଧ୍ୟେ ରାହୁକାଳ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଖାଇ ଡାକଇ ପାନ ପତୁରୀ ଲୋ,**
**ଶୋଇପଡ଼ ଚୁଲି ମୁଣ୍ଡେ,**
**ଗେରସ୍ତ ଆସିଲେ ସକେଇ କାନ୍ଦିବୁ,**
**କିଛି ଦେଇନାହିଁ ତୁଣ୍ଡେ।**

କେତେକ ନାରୀ ଲୁଚେଇ ଛପେଇ ଖାଉଥିଲେ ମଧ୍ୟ କିଛି ନ ଖାଇଥିବାର ମିଛ ଅଭିନୟ କରିଥାନ୍ତି। ସବୁ ଖାଇ ରାଗ ଅଭିମାନରେ ଖାଇ ନ ଥିବାର ତୁଚ୍ଛା ବାହାନା କରିବସିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅଖା ପଟକ, ଏ ଦେଶରେ ଭାବ ନାହିଁ, ଯିବା କଟକ।**
**ଅଖା ଧୋଉଥିବୁ, ଗୁଣ ଗାଉଥିବୁ।**

ସାଧାରଣତଃ ଅଖାକୁ ଯେତେ ଧୋଇଲେ ବି ତାହା ପୂରା ସଫା ହୋଇପାରେ ନାହିଁ। ଠିକ୍ ସେହିପରି ଦୁଷ୍ଟ ବା ଖଳ ବ୍ୟକ୍ତିଙ୍କର ଦୁର୍ଗୁଣକୁ ଯେତେ ବର୍ଣ୍ଣନା କଲେ ମଧ୍ୟ ତାହା ସରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଆଜି ବିଶ୍ୱ ମଧୁମେହ ଦିବସ

# କାୟା ବଢ଼ାଉଛି ମଧୁମେହ

ପ୍ରତିବର୍ଷ ନଭେମ୍ବର ୧୪ରେ ପାଳିତ ହୋଇଆସୁଛି ବିଶ୍ୱ ମଧୁମେହ ଦିବସ। ଇନ୍‌ସୁଲିନର ଆବିଷ୍କାରକ ସାର୍ ଫ୍ରେଡେରିକ ବାଣ୍ଟିଙ୍ଗ ଜନ୍ମଦିନକୁ ମନେପକାଇବା ପାଇଁ ଏହି ଦିବସ ପାଳନ କରାଯାଏ। ମଧୁମେହ ଏବଂ ଏହାର ପ୍ରତିରୋଧ ବିଷୟରେ ସଚେତନତା ବୃଦ୍ଧି ପାଇଁ ଅନ୍ତର୍ଜାତୀୟ ମଧୁମେହ ଫେଡେରେଶନ ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ୧୯୯୧ରେ ଏହି ଦିବସ ପାଳନ ଆରମ୍ଭ ହୋଇଥିଲା। ତେବେ ଭାରତରେ ମଧୁମେହ ଏକ ପ୍ରମୁଖ ସାର୍ବଜନୀନ ସ୍ୱାସ୍ଥ୍ୟ ଜନିତ ସମସ୍ୟାର ବିଷୟ ପାଲଟିଛି। ଏକ ସର୍ଭେରୁ ଜଣାପଡିଛି ଯେ ଆମ ଦେଶରେ ପ୍ରାୟ ୭୫ ନିୟୁତରୁ ଅଧିକ ଏହି ରୋଗରେ ପୀଡିତ ଅଛନ୍ତି। ଡାଇବେଟିସ ନିୟନ୍ତ୍ରଣ ନ ରହିଲେ, ଏହା ହୃଦ୍‌ରୋଗ,ବୃକକ୍ (କିଡ୍‌ନୀ) ରୋଗ ଏବଂ ଅନ୍ଧତ୍ୱ ଭଳି ଗମ୍ଭୀର ସ୍ୱାସ୍ଥ୍ୟ ଜଟିଳତା ସୃଷ୍ଟି କରିପାରେ। ଏହା ଲକ୍ଷଣ ଜାଣିବା ମାତ୍ରେ ଡାକ୍ତରଙ୍କ ସହ ପରାମର୍ଶ କରି ଔଷଧ ଖାଇବା ନିହାତି ଦରକାର। ଏହି ସମୟରେ ଏକ ସୁସ୍ଥ ଜୀବନଶୈଳୀ ଅନୁସରଣ କରନ୍ତୁ।



ବିଶ୍ୱ ମଧୁମେହ ଦିବସ ଅବସରରେ ଚଳିତ ବର୍ଷର ବିଷୟବସ୍ତୁ ରହିଛି 'ମଧୁମେହ ଏବଂ ସୁସ୍ଥତା', ଯାହା ମଧୁମେହ ପୀଡିତ ବ୍ୟକ୍ତିଙ୍କ ପାଇଁ ଶାରୀରିକ, ମାନସିକ ସ୍ୱାସ୍ଥ୍ୟ ଏବଂ ଭାବପ୍ରବଣ ସୁସ୍ଥତା ଉପରେ ଗୁରୁତ୍ୱାରୋପ କରେ। ଅନ୍ୟପକ୍ଷରେ ଏଥର ମଧୁମେହ ଦିବସରେ 'ଜୀବନ ପର୍ଯ୍ୟାୟରେ ମଧୁମେହ' ଉପରେ ଅଧିକ ଧ୍ୟାନ ଦେବାକୁ ସ୍ଥିର କରାଯାଇଛି।

ମଧୁମେହ ହେଉଛି ଏକ କ୍ରନିକ ମେଟାବୋଲିକ ବ୍ୟାଧି, ଯେଉଁଥିରେ ଶରୀର ପର୍ଯ୍ୟାପ୍ତ ପରିମାଣରେ ଇନ୍‌ସୁଲିନ ଉତ୍ପାଦନ କରେ ନାହିଁ କିମ୍ବା ଉତ୍ପାଦନ କରୁଥିବା ଇନ୍‌ସୁଲିନକୁ ପ୍ରଭାବଶାଳୀ ଭାବରେ ବ୍ୟବହାର କରିପାରିବ ନାହିଁ। ଏହାଦ୍ୱାରା ରକ୍ତରେ ଶର୍କରା ସ୍ତର ବୃଦ୍ଧି ହୋଇଥାଏ। ପିଲାମାନଙ୍କୁ ମଧ୍ୟ ଏହା ହୋଇପାରେ। ଗର୍ଭାବସ୍ଥା ଡାଏବେଟିସ- କେତେକ ମହିଳାମାନଙ୍କର ପୂର୍ବରୁ ଅଧିକ ରକ୍ତ ଶର୍କରା ନ ଥାଇ ମଧ୍ୟ ଡାଏବେଟିସ ହୁଏ।

**ଲକ୍ଷଣ:** ଅଧିକ ଶୋଷ, ଅଧିକ ପରିସ୍ରା, ଓଜନ କମିଯିବା, ଅଧିକ ଭୋକ, ଅଧିକ ଥକା, ଉଦାସୀନତା, ମାନ୍ଦା ତଥା ଦୁର୍ବଳ ଲାଗିବା, ଆଖିକୁ ଝାପ୍ସା ଦିଶିବା, ମୁଣ୍ଡ ବୁଲାଇବା, ଯୌନାଙ୍ଗରେ ଘା' ହେବା, ମୂତ୍ରାଶୟ ସଂକ୍ରମଣ, ପେଟ ଯନ୍ତ୍ରଣା ଏବଂ ବାନ୍ତି ହେବା, ଯୌନ ଶକ୍ତି କମିଯିବା, ହାତ, ପାଦ ଝିମ୍‌ଝିମ୍ ହେବା, ଘା' ନ ଶୁଖିବା,ଗୁପ୍ତାଙ୍ଗ ପ୍ରଦାହ, ଧଳାସ୍ରାବ, କୁଣ୍ଡାଇ ହେବା, କାଛୁ, ଯାଦୁ, ଚର୍ମ ସଂକ୍ରମଣ, କୁଣ୍ଡିଆ ପ୍ରଭୃତି ବାରମ୍ବାର ହେବା ଇତ୍ୟାଦି, ଦାନ୍ତ ହଲିବା ତଥା ମାଢି ରୋଗ ଇତ୍ୟାଦି। ଅନେକ କ୍ଷେତ୍ରରେ ମଧୁମେହ ଲକ୍ଷଣ ପ୍ରକାଶ ନ ପାଇ ମଧ୍ୟ ଏହି ରୋଗ ହେଇଥାଏ।

**ଚିକିତ୍ସା ଏବଂ ପ୍ରତିରୋଧ:** ବ୍ୟବସ୍ଥିତ ଜୀବନଶୈଳୀ ଉପରେ ଗୁରୁତ୍ୱ ଦିଅନ୍ତୁ। ସ୍ୱାସ୍ଥ୍ୟପ୍ରଦ ଖାଦ୍ୟ, ନିୟମିତ ବ୍ୟାୟାମ, ବାୟୁ ପ୍ରଦୂଷଣଠାରୁ ଦୂରେଇ ରହିବା, ମାନସିକ ଚାପ କମେଇବା, ନିଶାଦ୍ରବ୍ୟ ସେବନ ବର୍ଜନ ଏବଂ ସନ୍ତୁଳିତ ଶାରୀରିକ ଓଜନ ଉପରେ ଏହି ରୋଗର ପ୍ରତିଷେଧ ଓ ଚିକିତ୍ସା ନିର୍ଭର କରେ। ଏହାବ୍ୟତୀତ ରକ୍ତଚାପ ଏବଂ ଓଜନ ସନ୍ତୁଳିତ ରହିବା ଦରକାର। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଡାକ୍ତରଙ୍କ ପରାମର୍ଶ ଅନୁସାରେ ନିୟମିତ ଔଷଧ ଖାଆନ୍ତୁ।

**- ଡା. ଅଶୋକ କୁମାର ମହାନ୍ତି,**
ମୋ: ୯୨୩୪୬୬୭୫୪୬

**ପ୍ରଥମ ପୃଷ୍ଠାରୁ...**

## ଜାତୀୟ ଉଦ୍ୟାନ...

କାର୍ଯ୍ୟ ବନ୍ୟପ୍ରାଣୀଙ୍କ ପ୍ରତି ବିପଜ୍ଜନକ ବୋଲି ସର୍ବୋଚ୍ଚ ଅଦାଲତଙ୍କ ସୁସଂଗତ ଦୃଷ୍ଟିକୋଣ ରହିଆସିଛି। ଯଦିଓ ଗୋଆ ଫାଉଣ୍ଡେଶନ ମାମଲାରେ ଗୋଆ ସରକାରଙ୍କୁ ଏଭଳି ନିର୍ଦ୍ଦେଶ ଜାରି ହୋଇଥିଲା, ସାରା ଭାରତ ପାଇଁ ଏଭଳି ନିର୍ଦ୍ଦେଶ ଜାରି ହେବାର ଆବଶ୍ୟକତା ରହିଥିବା ଖଣ୍ଡପୀଠ କହିଛନ୍ତି। ଜାତୀୟ ଉଦ୍ୟାନ ଓ ବନ୍ୟପ୍ରାଣୀ ଅଭୟାରଣ୍ୟ ଏବଂ ସେଗୁଡ଼ିକର ସୀମାଠାରୁ ୧ କିଲୋମିଟର ପର୍ଯ୍ୟନ୍ତ ଅଞ୍ଚଳରେ ଖଣି ଖନନ ପାଇଁ ଅନୁମତି ଦିଆଯିବ ନାହିଁ ବୋଲି ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ଅଞ୍ଚଳକୁ ବନ୍ୟପ୍ରାଣୀ ଅଭୟାରଣ୍ୟ ଭାବେ ବିଜ୍ଞପିତ କରିବା ପାଇଁ ଶୀର୍ଷ ଅଦାଲତ ଝାଡ଼ଖଣ୍ଡ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ ଉକ୍ତ ଅଞ୍ଚଳର ଆଦିବାସୀ ଓ ବନବାସୀମାନଙ୍କ ଅଧିକାରର ସୁରକ୍ଷା ହେବା ଆବଶ୍ୟକ। ସେଥିପାଇଁ ରାଜ୍ୟ ସରକାର ଉକ୍ତ ବିଜ୍ଞପ୍ତିର ବ୍ୟାପକ ପ୍ରସାରଣ କରିବାକୁ ଖଣ୍ଡପୀଠ କହିଛନ୍ତି। ପରିବେଶ ସମୃଦ୍ଧ ସରଣ୍ଡା ଅଞ୍ଚଳକୁ ସଂରକ୍ଷିତ ଜଙ୍ଗଲ ଘୋଷଣା କରିବାକୁ ସୁପ୍ରିମକୋର୍ଟ ପୂର୍ବରୁ ଝାଡ଼ଖଣ୍ଡ ସରକାରଙ୍କୁ କହିଥିଲେ। ପଶ୍ଚିମ ସିଂହଭୂମ ଜିଲା ଅନ୍ତର୍ଗତ ସରଣ୍ଡା ଏବଂ ସାସଙ୍ଗଡାବୁରୁ ଜଙ୍ଗଲ ଅଞ୍ଚଳକୁ ଯଥାକ୍ରମେ ବନ୍ୟପ୍ରାଣୀ ଅଭୟାରଣ୍ୟ ଏବଂ ସଂରକ୍ଷିତ ରିଜର୍ଭ ଭାବେ ବିଜ୍ଞପିତ କରିବା ପାଇଁ ଦୀର୍ଘଦିନର ପ୍ରସ୍ତାବ ସହ ଏହା ଜଡ଼ିତ। ମୂଳ ପ୍ରସ୍ତାବ ୩୧,୪୬୮.୨୫ ହେକ୍ଟର ପରିବର୍ତ୍ତେ ୫୭,୫୧୯.୪୧ ହେକ୍ଟର ଅଞ୍ଚଳକୁ ଅଭୟାରଣ୍ୟ ଭାବେ ବିଜ୍ଞପିତ କରିବା ପାଇଁ ପ୍ରସ୍ତାବ ରହିଥିବା ଝାଡ଼ଖଣ୍ଡ ସରକାର ପୂର୍ବରୁ ସତ୍ୟପାଠ ଜରିଆରେ ଜଣାଇଥିଲେ।

## ଫେବୃଆରୀ ୧୭ରୁ...

ଆଇଏସ୍‌ସି ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଦେବେ। ଶିକ୍ଷାବର୍ଷର ସୁପରିଚାଳନାକୁ ଦୃଷ୍ଟିରେ ରଖି ଆଗାମୀ ଉଭୟ ବୋର୍ଡ ପରୀକ୍ଷାର ସୂଚୀ ପ୍ରସ୍ତୁତ କରାଯାଇଛି। ଏହାଦ୍ୱାରା ଛାତ୍ରୀଛାତ୍ରମାନେ ପ୍ରମୁଖ ବିଷୟଗୁଡ଼ିକ ଉପରେ ପ୍ରସ୍ତୁତ ହେବାକୁ ଉପଯୁକ୍ତ ସମୟ ପାଇପାରିବେ ବୋଲି ସିଆଇଏସ୍‌ସିଇ ସମ୍ପାଦକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଯୋଶେଫ ଇମାନୁଏଲ କହିଛନ୍ତି। ଦଶମ ଶ୍ରେଣୀ ପରୀକ୍ଷା ଫେବୃଆରୀ ୧୭ରୁ ଆରମ୍ଭ ହୋଇ ମାର୍ଚ୍ଚ ୩୦ରେ ଶେଷ ହେବ। ସେହିପରି ଫେବୃଆରୀ ୧୨ରୁ ଏପ୍ରିଲ ୬ ମଧ୍ୟରେ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଅନୁଷ୍ଠିତ ହେବ। ବୋର୍ଡ ପକ୍ଷରୁ ଆଇସିଏସ୍‌ଇର ୭୫ଟି ବିଷୟ ଏବଂ ଆଇଏସ୍‌ସିର ୫୦ ବିଷୟ ପରୀକ୍ଷା ଡାଟା ସିଟ୍ ପ୍ରକାଶ ପାଇଥିବା ଇମାନୁଏଲ କହିଛନ୍ତି।

# ଏଜି ଛକରୁ ହଟିବ ଟ୍ରାଫିକ୍ ପୋଷ୍ଟ


ଏଜି ସ୍କୋୟାର ନକ୍ସା


ଜୟଦେବବିହାର-ନନ୍ଦନକାନନ ପ୍ରସ୍ତାବିତ ରାସ୍ତା ନକ୍ସା


କଳ୍ପନା ଫ୍ଲାଏଓଭର ନକ୍ସା

ଭୁବନେଶ୍ୱର, ୧୩।୧୧ (ରବିନାରାୟଣ ଜେନା)

ଭୁବନେଶ୍ୱରରେ ସୃଷ୍ଟି ହେଉଥିବା ଟ୍ରାଫିକ୍ ସମସ୍ୟାକୁ ନେଇ ସାଧାରଣ ଲୋକେ ଯେଭଳି ଅସୁବିଧାର ସମ୍ମୁଖୀନ ନ ହେବେ ତାକୁ ଦୃଷ୍ଟିରେ ରଖି ରାଜଧାନୀର ପ୍ରମୁଖ କେନ୍ଦ୍ରସ୍ଥଳ ଏଜି ଛକରୁ ଟ୍ରାଫିକ ପୋଷ୍ଟ ହଟିବ। ଏଜିଛକ ସମେତ କେତେକ ସ୍ଥାନରେ ୨ ଥାକିଆ ରାସ୍ତା ନିର୍ମାଣ କରାଯିବ ବୋଲି ଆଇନ, ଅବକାରୀ ଓ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି।ଗୁରୁବାର ଲୋକସେବା ଭବନରେ ବିଭାଗର ସମୀକ୍ଷା ବୈଠକ ଅବସରରେ ମନ୍ତ୍ରୀ ହରିଚନ୍ଦନ କହିଛନ୍ତି, ବିଗତ ଦିନ ତୁଳନାରେ ଓଡ଼ିଶା ଏବେ ଦ୍ରୁତ ବିକାଶ ପଥରେ ଅଗ୍ରସର ହେଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଓଡ଼ିଶା ପ୍ରତି ଭଲପାଇବା ଏବଂ ଅନ୍ୟ ବରିଷ୍ଠ କେନ୍ଦ୍ରମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ ରାଜ୍ୟ ପାଇଁ ବରଦାନ ସାବ୍ୟସ୍ତ ହୋଇଛି । ଓଡ଼ିଶାର ବିକାଶ ପାଇଁ କେନ୍ଦ୍ରରୁ ଅନେକ ଅନୁଦାନ ଆସୁଛି। ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନ ନେଇ ମାନ୍ୟବର

**■ ବଦଳିବ ରାଜଧାନୀର ଚିତ୍ର**
**■ ମାଟିତଳେ ଓ ଉପରେ ନିର୍ମାଣ ହେବ ରାସ୍ତା:ପୂର୍ତ୍ତମନ୍ତ୍ରୀ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯେଉଁ ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି ତାହାକୁ ପୂରା କରିବାକୁ ହେଲେ ଆମକୁ ରାସ୍ତାଘାଟ ଓ ଅନ୍ୟ ଭିତ୍ତିଭୂମିରେ ବିକାଶକୁ ତ୍ୱରିତ ବେଗରେ ଆଗେଇ ନେବାକୁ ପଡ଼ିବ। ରାଜ୍ୟରେ ଥିବା ବିଭିନ୍ନ ଜାତୀୟ ରାଜପଥ ଓ ରାଜ୍ୟ ରାଜପଥ ପ୍ରକଳ୍ପର ଅଗ୍ରଗତି ସହ କୋରାପୁଟ ବାଇପାସ୍, ଜୁନାଗଡ଼ ବାଇପାସ୍, ରାଉରକେଲା ବାଇପାସ୍, ନୂଆପଡ଼ା ବାଇପାସ୍, ଆସ୍କା ବାଇପାସ୍, ଜଗତ୍‌ସିଂପୁର ଅନ୍ତର୍ଗତ ଓଏମ୍‌ପି-କନ୍ଦରପୁର-ପାରାଦୀପ ଆଦି ରାସ୍ତା ପ୍ରକଳ୍ପର ଅଗ୍ରଗତି ନେଇ ବୈଠକରେ ଆଲୋଚନା ହୋଇଥିଲା ବୋଲି ମନ୍ତ୍ରୀ କହିଥିଲେ।

ମନ୍ତ୍ରୀ କହିଥିଲେ, ଏଜିଛକଠାରେ ମାଟି ତଳେ ଓ ମାଟି ଉପରେ ଦୁଇ ଥାକିଆ ରାସ୍ତା ନିର୍ମାଣ କରାଯିବ। ଏଥିପାଇଁ ଡିଜାଇନ୍ ପ୍ରସ୍ତୁତ ହୋଇସାରିଛି। ଏହାସହିତ ଡିପିଆର୍ ମଧ ପ୍ରସ୍ତୁତ ହୋଇଛି। ସେହିପରି କଳ୍ପନା, ଖଣ୍ଡଗିରି ଓ ଜୟଦେବ ବିହାରରୁ ନାଲ୍‌କୋ ଏଲିଭେଟେଡ୍ କରିଡ଼ର ପାଇଁ ମଧ ବିଭାଗ ପକ୍ଷରୁ ଯୋଜନା ପ୍ରସ୍ତୁତ ହୋଇଛି। ଏଥିପାଇଁ ମଧ ପ୍ରାରମ୍ଭିକ ଡିପିଆର୍ ପ୍ରସ୍ତୁତ ହୋଇସାରିଛି। ଏହାବ୍ୟତୀତ ଭୁବନେଶ୍ୱରରେ ଟ୍ରାଫିକ ସମସ୍ୟା ଦୂର ପାଇଁ ୨୦ଟି ନୂତନ ରାସ୍ତା ନିର୍ମାଣ କରିବା ପାଇଁ ପୂର୍ତ୍ତ ବିଭାଗ ଯୋଜନା ରଖିଛି ବୋଲି ମନ୍ତ୍ରୀ କହିଛନ୍ତି।

ସେହିପରି ପୁରୀର ବିଭିନ୍ନ ରାସ୍ତା, କୋଠାବାଡ଼ି, ଧର୍ମଶାଳା, ପାଠାଗାର ଏବଂ ଅନ୍ୟାନ୍ୟ ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ନେଇ ମନ୍ତ୍ରୀ ସମୀକ୍ଷା କରିବା ସହ ସମସ୍ତ ନିର୍ମାଣ କାର୍ଯ୍ୟକୁ ଅତିଶୀଘ୍ର ସମାପ୍ତ କରିବା ନେଇ ଅଧିକାରୀମାନଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ବୈଠକର ସୂଚନା ଅନୁଯାୟୀ, ଡିସେମ୍ବର ୩୧ ସୁଦ୍ଧା ଡିଭିଜନ୍‌ସ୍ତରରେ ବିଭିନ୍ନ ସରକାରୀ ବିଧି ବ୍ୟବସ୍ଥାକୁ ତ୍ୱରିତ କରିବା ପାଇଁ ସମସ୍ତ କାର୍ଯ୍ୟ ଓସ୍‌ୱାସ୍ ଅନ୍‌ଲାଇନ୍ ପ୍ଲାଟଫର୍ମ ଜରିଆରେ କରିବା ଲାଗି ବୈଠକରେ ନିଷ୍ପତ୍ତି ହୋଇଛି। ଏହି କ୍ରମରେ ଗୁରୁବାରଠାରୁ ଓବିସିସିର ସମସ୍ତ ସରକାରୀ କାର୍ଯ୍ୟ ଓସ୍‌ୱାସ୍ ମାଧ୍ୟମରେ ହେବା ନେଇ ଶୁଭାରମ୍ଭ ହୋଇଥିବା ମନ୍ତ୍ରୀ କହିଛନ୍ତି। ଏହି ସମୀକ୍ଷା ବୈଠକରେ ପୂର୍ତ୍ତବିଭାଗ ପ୍ରମୁଖ ସଚିବ ସଞ୍ଜୟ କୁମାର ସିଂହଙ୍କ ସହିତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ରୋଗ ପ୍ରତିରୋଧ କ୍ଷେତ୍ରରେ ଭାରତକୁ ଦୀର୍ଘକାଳୀନ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିବାକୁ ହେବ: ମନ୍ତ୍ରୀ ଜିତେନ୍ଦ୍ର ସିଂ

## ଆରମ୍ଭ ହେଲା ଜାତୀୟ ସମ୍ମିଳନୀ 'କୋହୋର୍ଟ କନେକ୍ଟ'



କାର୍ଯ୍ୟକ୍ରମରେ କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତି ରାଷ୍ଟ୍ରମନ୍ତ୍ରୀ ଡ. ଜିତେନ୍ଦ୍ର ସିଂ ଏବଂ ଅନ୍ୟ ଅତିଥିବୃନ୍ଦ। (ଫଟୋ- ବିକାଶ ନାୟକ)

ଭୁବନେଶ୍ୱର, ୧୩।୧୧ (ବନ୍ଦନା ସେଠୀ)

୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ହାସଲ ଲାଗି ଭାରତର ନାଗରିକଙ୍କ ସ୍ୱାସ୍ଥ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ତେଣୁ ରୋଗର ଚିକିତ୍ସା ଅପେକ୍ଷା ଏହାକୁ ପୂର୍ବରୁ ହିଁ ପ୍ରତିରୋଧ ବା ପ୍ରିଭେନ୍‌ଶନ୍ କ୍ଷେତ୍ରରେ ଭାରତକୁ ଏବେ ଦୀର୍ଘକାଳୀନ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିବାକୁ ହେବ। ଏହି କ୍ଷେତ୍ରରେ 'କୋହୋର୍ଟ ଷ୍ଟଡିଜ' ମୁଖ୍ୟ ଭୂମିକା ନିର୍ବାହ କରିବ ବୋଲି କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତି ରାଷ୍ଟ୍ରମନ୍ତ୍ରୀ ଡ. ଜିତେନ୍ଦ୍ର ସିଂ କହିଛନ୍ତି। ଗୁରୁବାର ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟି ପରିସରରେ ଲଙ୍ଗିଚ୍ୟୁଡିନାଲ୍ କୋହୋର୍ଟ ଷ୍ଟଡିଜ୍ ଉପରେ ଦୁଇଦିନିଆ ଜାତୀୟ ସମ୍ମିଳନୀ 'କୋହୋର୍ଟ କନେକ୍ଟ'କୁ ଉଦ୍‌ଘାଟନ କରି ମନ୍ତ୍ରୀ ଏହା କହିଛନ୍ତି। ସ୍ୱାସ୍ଥ୍ୟର ଚାରିଟି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଧାରକ ଯଥା ଜୈବିକ, ପରିବେଶଗତ, ଆନୁବଂଶିକ ଏବଂ ଜୀବନଶୈଳୀ କାରକଗୁଡ଼ିକ ଉପରେ ଧ୍ୟାନ କେନ୍ଦ୍ରିତ କରିଥାଏ। ପ୍ରତ୍ୟେକ କାରକ ଦେଶର ଆହାର, ପରିବେଶ ଏବଂ ଆନୁବଂଶିକ ଢାଞ୍ଚାରେ ଅସାଧାରଣ ବିବିଧତା ରହିଥାଏ। ତେଣୁ ପୂର୍ବରୁ ବିଦେଶରେ ଏଭଳି ସର୍ଭେ ହୋଇଥିଲେ ମଧ ତାହା ଭାରତୀୟଙ୍କ ଉପରେ ଲାଗୁ ହୋଇପାରୁ ନାହିଁ। ତେବେ ଏହି କୋହୋର୍ଟ ଷ୍ଟଡିଜ୍ ଫଳରେ ଆମ ଲୋକଙ୍କଠାରେ ନିର୍ଦ୍ଦିଷ୍ଟ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ପୂର୍ବରୁ ହିଁ କରାଯାଇପାରିବ। ଏଥିସହ ନୂତନ ଚିକିତ୍ସା ଏବଂ ଆଧୁନିକ ଔଷଧଗୁଡ଼ିକୁ ଦୀର୍ଘକାଳୀନ ତଥ୍ୟ ମାଧ୍ୟମରେ ମୂଲ୍ୟାଙ୍କନ କରାଯିବା ଆବଶ୍ୟକ। ଦେଶର ଜନସଂଖ୍ୟାର ପ୍ରାୟ ୭୦% ୪୦ବର୍ଷରୁ କମ୍ ରହିଛନ୍ତି। ତେଣୁ ଭାରତକୁ ରୋଗର ନିବାରଣ, ପ୍ରାରମ୍ଭିକ ହସ୍ତକ୍ଷେପ ଏବଂ ପ୍ରଯୁକ୍ତିବିଦ୍ୟାଚାଳିତ ସ୍ୱାସ୍ଥ୍ୟ ସମାଧାନକୁ ପ୍ରାଥମିକତା ଦେବାକୁ ପଡ଼ିବ। ଏଥିସହ ଭାରତକୁ ରୋଗ ମୁକାବିଲା କ୍ଷେତ୍ରରେ ସଂକୀର୍ଣ୍ଣ ଦୃଷ୍ଟିକୋଣଠାରୁ ଆଗକୁ ଯିବାକୁ ପଡ଼ିବ ବୋଲି ମନ୍ତ୍ରୀ ଡ. ସିଂ ପ୍ରକାଶ କରିଛନ୍ତି।

କାର୍ଯ୍ୟକ୍ରମକୁ ନେଇ ସିଏସ୍‌ଆଇଆର୍ ଆଇଏମ୍‌ଏମ୍‌ଟିର ନିର୍ଦ୍ଦେଶକ ରାମାନୁଜ ନାରାୟଣ କହିଛନ୍ତି, ଏହି ପ୍ରୟାସ କୌଣସି ରୋଗ ହେବାର ପୂର୍ବାନୁମାନ ଓ ନିବାରଣ ଆଡ଼କୁ ନେଇଥାଏ। ସର୍ଭେର ସର୍ବନିମ୍ନ ଅବଧି ୩ ବର୍ଷ ରହିଛି। ୨୦୨୩ ଡିସେମ୍ବର ୭ରେ ୧୦ହଜାର ଲୋକଙ୍କୁ ନେଇ ଏକ ଅଧ୍ୟୟନ ଆରମ୍ଭ ହୋଇଛି। ଆଉ ଗୋଟିଏ ବର୍ଷ ପରେ ଏହି ଅଧ୍ୟୟନ ଦ୍ୱାରା ସମ୍ପୃକ୍ତ ବ୍ୟକ୍ତିଙ୍କ ଜେନେଟିକ୍ସ, ଜୀବନଶୈଳୀ, ଖାଦ୍ୟ ଏବଂ ପରିବେଶଗତ କାରକର ତଥ୍ୟ ଜଣାପଡ଼ିବ। ଜଣଙ୍କର ସର୍ଭେ ପ୍ରୋଫାଇଲ୍‌କୁ ଆଧାର କରି କୌଣସି ରୋଗର ଲକ୍ଷଣ ଦେଖାଦେବା ପୂର୍ବରୁ ତାହାକୁ ଆକଳନ କରିବାରେ ସହାୟକ ହୋଇଥାଏ। ଏହାଦ୍ୱାରା ପ୍ରତ୍ୟେକ ଭାରତୀୟଙ୍କ ସ୍ୱାସ୍ଥ୍ୟକୁ ସୁରକ୍ଷିତ ଏବଂ ଅଧିକ ପୂର୍ବାନୁମାନ କରାଯାଇପାରିବ ବୋଲି ନିର୍ଦ୍ଦେଶକ କହିଛନ୍ତି। ସେହିପରି ଅଧ୍ୟୟନ ମାଧ୍ୟମରେ ତଥ୍ୟକୁ ସାରା ଦେଶରେ ବିସ୍ତାର କରାଗଲେ ଆମେ ନିଜର ଏକ ଔଷଧ ପ୍ରସ୍ତୁତ କରିପାରିବୁ। ଏଥିସହ କୌଣସି ରୋଗ ଆମ ଶରୀରକୁ ପ୍ରଭାବିତ କରିବା ପୂର୍ବରୁ ତଥ୍ୟ ଚେତାବନୀ ସଙ୍କେତ ଦେବ। ଏହି ପଦକ୍ଷେପ ଏକ ସୁସ୍ଥ ଭାରତ ନିର୍ମାଣ ଦିଗରେ ପ୍ରୋତ୍ସାହିତ କରିବ। ଦେଶର ବିଶାଳ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ଏବେ ଦେଶରେ ଏହି ପ୍ରକ୍ରିୟାକୁ ଧୀରେ ଧୀରେ ବ୍ୟାପକ କରିବାକୁ ପ୍ରୟାସ କରୁଛୁ ବୋଲି ନିର୍ଦ୍ଦେଶକ କହିଛନ୍ତି। ସମ୍ମିଳନୀର ବିଭିନ୍ନ ଅଧିବେଶନରେ ସମନ୍ୱିତ ରୋଗ ନିରୂପଣ ମୂଲ୍ୟାଙ୍କନ, ବୃକ୍କ-ରୋଗ ଗୋଷ୍ଠୀ ଏବଂ ସିଲିଆକ-ରୋଗ ଜୈବ ରିପୋଜିଟୋରିଠାରୁ ଆରମ୍ଭ କରି ଜିଏଆର୍‌ବିଏଚ୍-ଆଇଏନ୍‌ଆଇ ଅଧୀନରେ ଜନ୍ମ-ପରିଣାମ ଗବେଷଣା, ପ୍ରିଟର୍ମ-ଜନ୍ମ ଜିନୋମିକ୍ସ, ସିଏଆର୍‌ଆର୍‌ଏସ୍ କାର୍ଡିଓମେଟାବୋଲିକ ଗୋଷ୍ଠୀ ପର୍ଯ୍ୟନ୍ତ ବିଭିନ୍ନ ବିଷୟବସ୍ତୁ ଉପରେ ଆଲୋଚନା କରାଯାଇଥିଲା। ଏଥିରେ ସିଏସ୍‌ଆଇଆର୍-ଆଇଜିଆଇବିର ନିର୍ଦ୍ଦେଶକ ଡା. ସୌଭିକ ମାଇତି, ସିଏସ୍‌ଆଇଆର୍-ସିସିଏମ୍‌ବି ସ୍ୱାସ୍ଥ୍ୟସେବା ଦଳ ନିର୍ଦ୍ଦେଶକ ଡା. ବିନୟ ନନ୍ଦିଗୁରୀ, ବିଆର୍‌ଆଇସି-ଆଇଏଲ୍‌ଏସ୍ ନିର୍ଦ୍ଦେଶକ ଡା. ଦେବାଶିଷ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ୧୬ରୁ ୩୦ ଯାଏ ପାଳନ ହେବ 'ଶୂନ ମୃତାହତ' ପକ୍ଷ

ଭୁବନେଶ୍ୱର/କଟକ, ୧୩।୧୧ (ସୁନିତ୍ ମିଶ୍ର/ କାର୍ତ୍ତିକ ସାହୁ)

ସଡ଼କ ଦୁର୍ଘଟଣା ଓ ଏଥିଜନିତ ମୃତ୍ୟୁ ସଂଖ୍ୟା ହ୍ରାସ ପାଇଁ ସରକାର ନିକଟରେ ଶୂନ ଦୁର୍ଘଟଣା ଦିବସ ପାଳନ କରିଥିଲେ। ଏବେ ଶୂନ ମୃତାହତ ପକ୍ଷ ପାଳନ ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଆସନ୍ତା ୧୬ରୁ ୩୦ ଯାଏ ରାଜ୍ୟବ୍ୟାପୀ ଏଥିପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବାକୁ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଗୁରୁବାର ନିଷ୍ପତ୍ତି ନିଆଯାଇଛି। ଏହି ସମୟରେ ୪ଟି 'ଇ' ଯଥା- ଏନ୍‌ଫୋର୍ସମେଣ୍ଟ, ଇଞ୍ଜିନିୟରିଂ, ଏଜୁକେଶନ ଓ ଏମର୍ଜେନ୍ସି କେୟାରକୁ ପ୍ରାଧାନ୍ୟ ଦିଆଯିବ। ସଡ଼କ ଦୁର୍ଘଟଣାଜନିତ ଶୂନ ମୃତାହତ ପକ୍ଷ ପାଳନ ସମୟରେ ସଡ଼କ ନିୟମ ଉଲ୍ଲଂଘକାରୀଙ୍କ ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରାଯିବ। ଏଥିଲାଗି ରାଜ୍ୟରେ କଡ଼ାକଡ଼ି ଯାଞ୍ଚ କରାଯିବ। ସବୁ ଜିଲା ପ୍ରଶାସନକୁ ଏନେଇ ବିଭାଗ ପକ୍ଷରୁ ଏକ ମାର୍ଗଦର୍ଶିକା ପ୍ରଦାନ କରାଯାଇଛି। ଜିଲା ଓ ପୋଲିସ ପ୍ରଶାସନ ଏବଂ ଅନ୍ୟ ବିଭାଗ ସହ ମିଳିତ ଭାବେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଦ୍ୱାରା ଏନ୍‌ଫୋର୍ସମେଣ୍ଟ କାର୍ଯ୍ୟକ୍ରମ ବ୍ୟାପକ କରାଯିବ। ବିଶେଷକରି ଜନଗହଳି ସ୍ଥାନ, ଟ୍ରାଫିକ୍ ପଏଣ୍ଟ, ଶିକ୍ଷାନୁଷ୍ଠାନ, ମଲ୍ , ବଜାର ଆଦି ସ୍ଥାନରେ ଟିମ୍ ମୁତୟନ ରହିବେ। ସଡ଼କରେ ବେପରୁଆ ଗାଡ଼ି ଚାଳନାକରି ନିଜ ସହ ଅନ୍ୟ ସଡ଼କ ବ୍ୟବହାକରୀଙ୍କ ପାଇଁ ବିପଦ ସୃଷ୍ଟି କରୁଥିବା ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ମୋଟର ଯାନ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିଭଳି ଚିହ୍ନଟ ହୋଇଥିବା ଦୁର୍ଘଟଣାପ୍ରବଣ ରାସ୍ତାରେ କିଭଳି ଦୁର୍ଘଟଣା ହ୍ରାସ କରାଯାଇପାରିବ ସେଥିପାଇଁ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗ ପକ୍ଷରୁ ଜିଲା ପ୍ରଶାସନଙ୍କୁ କୁହାଯାଇଛି। ପୂର୍ବ ବର୍ଷଗୁଡ଼ିକରେ ଶୂନ ମୃତାହତ ସପ୍ତାହ ପାଳନ କରାଯାଇଛି। ସେ ସମୟରେ ରାଜ୍ୟରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ଉଲ୍ଲେଖନୀୟ ଭାବେ ହ୍ରାସ ପାଇଥିଲା। ଏହାକୁ ଦୃଷ୍ଟିରେ ରଖି ବିଭାଗ ଚଳିତ ଥର ଏହି କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିବା ସହ ଶୂନ ମୃତାହତ ପକ୍ଷ ପାଳନ ପାଇଁ ନିଷ୍ପତ୍ତି ନେଇଛି। ପ୍ରଥମେ ଗତ ୧ରୁ ଆସନ୍ତା ୧୫ ଯାଏଁ ଏହା ପାଳନ ପାଇଁ ନିଷ୍ପତ୍ତି ହୋଇଥିଲା । ହେଲେ ବାତ୍ୟା ମୋନ୍ଥାକୁ ଦୃଷ୍ଟିରେ ରଖି ଏହାକୁ ଆସନ୍ତା ୧୬ରୁ ୩୦ ଯାଏଁ ପାଳନ ପାଇଁ ପରବର୍ତ୍ତୀ ସମୟରେ ନିଷ୍ପତ୍ତି ଗ୍ରହଣ କରାଯାଇଛି।

# ପୋଲିସ ଏସ୍‌ଆଇ ପରୀକ୍ଷା ତୁରନ୍ତ କରିବାକୁ ଜନସ୍ୱାର୍ଥ ମାମଲା

କଟକ, ୧୩।୧୧ (କାର୍ତ୍ତିକ ସାହୁ)

**■ ଓପିଆର୍‌ବିଠାରୁ ପରୀକ୍ଷା ପରିଚାଳନା କ୍ଷମତା ଅପସାରଣ କରାଯାଉ**
**■ ଉଚ୍ଚସ୍ତରୀୟ କମିଟି ଗଠନ ପାଇଁ ଆବେଦନ**

ଜାଲିଆତି କାରଣରୁ ବନ୍ଦ ରଖାଯାଇଥିବା ପୋଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷା ତୁରନ୍ତ କରିବା ନିମନ୍ତେ ଆଦେଶ ଦେବାକୁ ପ୍ରାର୍ଥନା କରି ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଛି। ଏହି ପରୀକ୍ଷା କରାଇବା ଦାୟିତ୍ୱରେ ଥିବା ଓଡ଼ିଶା ପୋଲିସ ରିକ୍ରୁଟମେଣ୍ଟ ବୋର୍ଡ(ଓପିଆର୍‌ବି)ଠାରୁ ପରୀକ୍ଷା ପରିଚାଳନା କ୍ଷମତା ଅପସାରଣ କରାଯିବାକୁ ପ୍ରାର୍ଥନା କରାଯାଇଛି। ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଏହି ପରୀକ୍ଷା କରିବା ସହ ପରୀକ୍ଷା ପରିଚାଳନା ନିମନ୍ତେ ଏକ ଏସ୍‌ଓପି ଜାରି କରିବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଆଦେଶ ଦିଅନ୍ତୁ। ଏଥିସହ ପୋଲିସ ବିଭାଗରେ ଖାଲି ପଡ଼ିଥିବା ପଦବୀ ପୂରଣ ପାଇଁ ଲକ୍ଷାଧିକ ପରୀକ୍ଷାର୍ଥୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ତୁରନ୍ତ ଏହି ପରୀକ୍ଷା କରିବାକୁ ଆବେଦନକାରୀ ଆଇନଜୀବୀ ଶିବ ଶଙ୍କର ମହାନ୍ତି ତାଙ୍କ ଆବେଦନରେ ଦର୍ଶାଇଛନ୍ତି। ସେହିପରି ଗୃହ ବିଭାଗ ଓ ସାଧାରଣ ପ୍ରଶାସନ ବିଭାଗର ବରିଷ୍ଠ ଅଧିକାରୀଙ୍କ ଅଧକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରି ଏହି ପରୀକ୍ଷା କରାଇବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଆବେଦନରେ ଦର୍ଶାଯାଇଛି।

ସୂଚନାଯୋଗ୍ୟ ଯେ, ପୋଲିସ ଏସ୍‌ଆଇ ପରୀକ୍ଷାରେ ଜାଲିଆତି ଧରାପଡ଼ିବାରୁ ଏହାକୁ ସ୍ଥଗିତ ରଖାଯାଇଛି। ଗତ ସେପ୍ଟେମ୍ବର ୩୦ ତାରିଖରେ ବ୍ରହ୍ମପୁରର ଗୋଳନ୍ଥରା ଥାନାରେ ଏହି ଘଟଣାକୁ ନେଇ ଏକ ମାମଲା ରୁଜୁ ହୋଇଛି। ନିଯୁକ୍ତି ପରୀକ୍ଷା ପାଇଁ ବେଆଇନ ପଦ୍ଧତି ଅବଲମ୍ବନ କରୁଥିବା ଅଭିଯୋଗରେ ୧୧୪ ଜଣ ପରୀକ୍ଷାର୍ଥୀ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ୍‌ରୁ ୩ଟି ବସ୍‌ରେ ଯାଉଥିବାବେଳେ ଧରାପଡ଼ିଥିଲେ। ଉପରୋକ୍ତ ପରୀକ୍ଷାର୍ଥୀଙ୍କୁ ପରୀକ୍ଷାରେ ଉତ୍ତୀର୍ଣ୍ଣ କରାଇବା ନିମନ୍ତେ ହାଇଦ୍ରାବାଦକୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦେବାକୁ ନିଆଯାଉଥିବା ଅଭିଯୋଗ ହୋଇଥିଲା। ତଦନ୍ତକାରୀ ସଂସ୍ଥା କ୍ରାଇମ୍‌ବ୍ରାଞ୍ଚ ଏହି ଘଟଣାରେ ବର୍ତ୍ତମାନ ସୁଦ୍ଧା ମୋଟ ୧୨୬ ଜଣଙ୍କୁ ଗିରଫ କରିସାରିଛି। ଏଥିସହ ରାଜ୍ୟ ସରକାର ସିବିଆଇକୁ ମାମଲାର ତଦନ୍ତ ଦାୟିତ୍ୱ ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ସିବିଆଇ ପକ୍ଷରୁ ମଧ ବିଜ୍ଞପ୍ତି ଜାରି ହୋଇଛି। ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗର ପ୍ରମୁଖ ସଚିବ, ଗୃହ ବିଭାଗ ପ୍ରମୁଖ ସଚିବ, ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ, କ୍ରାଇମ୍‌ବ୍ରାଞ୍ଚ ଡିଜି, ଓଡ଼ିଶା ପୋଲିସ୍ ରିକ୍ରୁଟମେଣ୍ଟ ବୋର୍ଡ ଅଧକ୍ଷ ଓ ସିବିଆଇ ଏସ୍‌ପିଙ୍କୁ ମାମଲାରେ ପକ୍ଷଭୁକ୍ତ କରାଯାଇଛି।




# ଷଣ୍ଢ ଘଉଡ଼ାଇବାବେଳେ ନଦୀରେ ବୁଡ଼ିଗଲେ ୩

## ରାତିରେ ମାଛ ଜାଲରେ ଲାଗି ଜଣଙ୍କ ମୃତଦେହ ଉଦ୍ଧାର

କଣ୍ଟାପଡ଼ା/ ବ୍ରାହ୍ମଣଝରିଲୋ, ୧୩।୧୧ (ସୁରନାରାୟଣ ସାହୁ)

କଟକ ଜିଲା ଗୋବିନ୍ଦପୁର ଥାନା ଅନ୍ତର୍ଗତ ସିମଳଦା ନିକଟରେ ୨ ଷଣ୍ଢଙ୍କୁ ଦେବୀନଦୀ ଆରପଟକୁ ଘଉଡ଼ାଇବାକୁ ଯାଇ ୩ଜଣ ବ୍ୟକ୍ତି ଗୁରୁବାର ନଦୀରେ ବୁଡି ନିଖୋଜ ହୋଇଯାଇଥିଲେ। ଗୋବିନ୍ଦପୁର ପୋଲିସ, ଅଡଶପୁର ଅଗ୍ନିଶମ ବିଭାଗ କର୍ମଚାରୀମାନେ ନଦୀରେ ଖୋଜାଖୋଜି କରିଥିଲେ ମଧ ସନ୍ଧ୍ୟାସୁଦ୍ଧା କାହାରି ସନ୍ଧାନ ମିଳିପାରି ନ ଥିଲା। ପରେ ରାତିରେ ମାଛ ଜାଲରେ ଲାଗି କଟକ ସଦର ଥାନା ଅନ୍ତର୍ଗତ କୋକିପଦାର ଶଶୀକାନ୍ତ ଭୋଇଙ୍କ ମୃତଦେହ ଉଦ୍ଧାର ହୋଇଥିବାବେଳେ ଅନ୍ୟ ୨ଜଣ ନିଖୋଜ ଅଛନ୍ତି। ନିଖୋଜ ବ୍ୟକ୍ତିମାନେ ହେଲେ ଗୋବିନ୍ଦପୁର ଥାନା ଅନ୍ତର୍ଗତ ନାହାଳପୁର ଗ୍ରାମର ଭରତ ପ୍ରଧାନ ଏବଂ ବିଶିପଦା ଗ୍ରାମର ରତ୍ନାକର ମଲ୍ଲିକ। ମିଳିଥିବା ସୂଚନା ଅନୁସାରେ, ୨ଟି ଷଣ୍ଢ ବିଲରେ ପଶି ଧାନ ଫସଲ ନଷ୍ଟ କରୁଥିବାରୁ ଅପରାହ୍ନ ପ୍ରାୟ ୩ଟା ବେଳେ ସମ୍ପୃକ୍ତ ବ୍ୟକ୍ତିମାନେ ଷଣ୍ଢଙ୍କୁ ନଦୀର ଆରପଟକୁ ଘଉଡ଼ାଇବାକୁ ଉଦ୍ୟମ କରିଥିଲେ। ଷଣ୍ଢ ଦୁଇଟି ନଦୀରେ ପଶିବା ପରେ ଉକ୍ତ ୩ ଜଣ ବ୍ୟକ୍ତି ଷଣ୍ଢଙ୍କ ପଛେ ପଛେ ନଦୀରେ ପଶି ଯାଇଥିଲେ। ହେଲେ ନଦୀରେ ପାଣି ଅଧିକ ଥିବାରୁ ସେମାନେ ବୁଡି ଯାଇଥିଲେ। ଖବରପାଇ ପୋଲିସ ଓ ଅଗ୍ନିଶମ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ଖୋଜାଖୋଜି କରିଥିଲେ, ମାତ୍ର ସନ୍ଧ୍ୟା ସୁଦ୍ଧା କୌଣସି ସନ୍ଧାନ ପାଇ ନ ଥିଲେ। ରାତିରେ ଶଶୀକାନ୍ତଙ୍କ ମୃତଦେହ ଉଦ୍ଧାର ହୋଇଥିବାବେଳେ ଶୁକ୍ରବାର ଅନ୍ୟ ୨ ନିଖୋଜଙ୍କୁ ଖୋଜାଖୋଜି କରାଯିବ ବୋଲି ଗୋବିନ୍ଦପୁର ଥାନା ଆଇଆଇସି ସୋନାଲି ଆନନ୍ଦ କହିଛନ୍ତି।


**ଶିଶୁ ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା**

ଶିଶୁ ଦିବସ ୨୦୨୫ ଅବସରରେ ପିଲାମାନଙ୍କୁ ମୋର ସ୍ନେହ, ଶୁଭେଚ୍ଛା ଓ ଅଭିନନ୍ଦନ।

ଶିଶୁମାନେ ହେଉଛନ୍ତି ଆସନ୍ତାକାଲିର ନାଗରିକ ଓ ରାଷ୍ଟ୍ର ନିର୍ମାତା । ଶିଶୁମାନଙ୍କ ବିକାଶ ଉପରେ ନିର୍ଭର କରେ ଦେଶର ବିକାଶ । ସେମାନଙ୍କର ଶିକ୍ଷା, ସ୍ୱାସ୍ଥ୍ୟ ଓ ସୃଜନଶୀଳତାର ବିକାଶ ଆମର ମୁଖ୍ୟ ଦାୟିତ୍ୱ । ଯଦି ଆମେ ବର୍ତ୍ତମାନ ଶିଶୁମାନଙ୍କର ଉପଯୁକ୍ତ ଯତ୍ନ ନେଇ ତାଙ୍କୁ ଉଚିତ୍ ମାର୍ଗରେ ନେବା, ତେବେ ଆମେ ଏକ ସୁନ୍ଦର ଭାରତ ପରିକଳ୍ପନା କରିପାରିବା । ଆମ ରାଜ୍ୟର ପିଲାମାନଙ୍କ ନିମନ୍ତେ ଗୁଣାତ୍ମକ ସେବା ପ୍ରଦାନ ଆମ ସରକାରଙ୍କ ପ୍ରମୁଖ ଆଭିମୁଖ୍ୟ ।

ଆସନ୍ତୁ, ପିଲାମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବା ପାଇଁ ଆମେ ସମସ୍ତେ ଉଦ୍ୟମ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-

DSPL - 349


**ଶିଶୁ ଦିବସ ବାର୍ତ୍ତା**

ପବିତ୍ର ଶିଶୁ ଦିବସ ୨୦୨୫ ଅବସରରେ ସମସ୍ତ ଶିଶୁମାନଙ୍କୁ ମୋର ଆନ୍ତରିକ ଭଲପାଇବା ଏବଂ ଶୁଭେଚ୍ଛା ।

ଭଗବାନଙ୍କ ସୁନ୍ଦର ସୃଷ୍ଟିରେ ଶିଶୁଟିଏ ଅମୃତ ସଦୃଶ୍ୟ । ଜୀବନ ସଙ୍ଗଠନରେ ଶିଶୁ ଭୂମିକା ଯେତେ ପ୍ରଭାବଶାଳୀ ହୁଏ, ସମାଜ ଓ ଦେଶର ଭବିଷ୍ୟତ ସେତେ ଉଜ୍ଜ୍ୱଳ ହୁଏ । ଗଭୀର ସ୍ନେହ ସୌହାର୍ଦ୍ଦ୍ୟ ଭିତରେ ପରିବାରରେ ପିଲାଟି ବଢ଼ିଥାଏ ଓ ଏକ ସୁସ୍ଥ ପରିବେଶରେ ତା'ର ଶାରୀରିକ, ମାନସିକ ଓ ନୈତିକ ଜୀବନର ମୂଳଦୁଆ ପଡ଼ିଥାଏ । ପରବର୍ତ୍ତୀ ସମୟରେ ସମାଜ ନିର୍ମାଣରେ ସେସବୁକୁ ଉପଯୋଗ କରିବାର ସେମାନେ ସାମର୍ଥ୍ୟ ଅର୍ଜନ କରନ୍ତି ।

ମୋର ଆଶା ଓ ବିଶ୍ୱାସ, ଆମ ରାଜ୍ୟର ପିଲାମାନେ ନିଜର ପ୍ରତିଭା ବଳରେ ଆଗାମୀ ଦିନରେ ଶ୍ରେଷ୍ଠ ପ୍ରଦର୍ଶନ କରିବେ ଏବଂ ଆମ ରାଜ୍ୟକୁ ବିକଶିତ କରିବା ଦିଗରେ ସହଯୋଗ କରିବେ ।

(ନିତ୍ୟାନନ୍ଦ ଗଣ୍ଡ)
ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଓଡ଼ିଶା

ପରିପୂର୍ଣ୍ଣତା ଆଡକୁ ଆମକୁ ନେଇଯିବା ପାଇଁ ଭଗବାନ ଯେଉଁ ପ୍ରୟାସ କରୁଛନ୍ତି – ତା'ବିରୁଦ୍ଧରେ ବାଧାଦାନର ଖେଳ ହିଁ ହେଲା ପାପ– ପୁଣ୍ୟ। ଏଇ ପୁଣ୍ୟବୋଧ ମଧ୍ୟ ଆମକୁ ନିଜ ପାପ ସବୁକୁ ଗୁପ୍ତ ରଖିବାରେ ସହାୟତା କରେ। –ଶ୍ରୀଅରବିନ୍ଦ

-ଶିଶୁ ଦିବସ, ଜବାହରଲାଲ ନେହେରୁଙ୍କ ଜୟନ୍ତୀ



# ଅନ୍ତର୍ଜାତୀୟ ସହାୟତା ଅଭାବ



ଡାଭିଡ୍ ମିଲିବ୍ୟାଣ୍ଡ

ଚଳିତ ବର୍ଷ ଜାନୁଆରୀରୁ ଅନ୍ତର୍ଜାତୀୟ ସହାୟତା କ୍ଷେତ୍ରରେ ଆମେରିକା ଭୂମିକାରେ ସମ୍ପୂର୍ଣ୍ଣ ପରିବର୍ତ୍ତନ ଲକ୍ଷ୍ୟ କରାଯାଇଛି। ପଦକ୍ଷେପ କ୍ରମେ ଅନେକ ସଂସ୍ଥାକୁ ବନ୍ଦ କରିଛି, ନୀତିଗୁଡ଼ିକୁ ବଦଳାଇଦେବା ସହ ପାଣ୍ଠି ଯୋଗାଣ ହ୍ରାସ କରିଛି। ତେବେ ଆମେରିକାର ନୀତିରେ ଅନ୍ତର୍ଜାତୀୟ ସହାୟତା ବ୍ୟବସ୍ଥା କିମ୍ବା ବିଶ୍ୱର ଅତି ଗରିବ କ୍ଷେତ୍ରରେ ଆଗକୁ କ'ଣ ଘଟିବ ତାହା ଏବେ ଅସ୍ପଷ୍ଟ ରହିଛି। ଆମ ଜାଣିବାରେ ଏ କ୍ଷେତ୍ରରେ ଯେଉଁ ବିରାଟ ଅନ୍ତର ସୃଷ୍ଟିହୋଇଛି ତାହା ତୁରନ୍ତ ଦୂରହେବା ଦରକାର। ଏବକାର ସ୍ଥିତିକୁ ମୁକାବିଲା କରିବା ଅତ୍ୟନ୍ତ ଜରୁରୀ। ସେଥିପାଇଁ ବିଶ୍ୱବ୍ୟାଙ୍କ ନିକଟରେ ବିଶ୍ୱର ଅତି ଦରିଦ୍ର ଲୋକଙ୍କ ପାଇଁ ତାହାର ଆକଳନକୁ ସଂଶୋଧନ କରିଛି। ଅତି ଗରିବ କହିଲେ ଯେଉଁମାନେ ଦିନକୁ ମାତ୍ର ୩ ଡଲାରରେ ବଞ୍ଚୁଛନ୍ତି। ଏମାନଙ୍କ ସଂଖ୍ୟା ଏବେ ୮୩୧ ମିଲିୟନ, ଯାହା ବିଶ୍ୱ ଜନସଂଖ୍ୟାର ପାଖାପାଖି ୧୦%। ବିଶ୍ୱର ଅତି ଗରିବଙ୍କ ମଧ୍ୟରୁ ପ୍ରାୟ ଅଧା ଦୁର୍ବଳ ତଥା ସଂଘର୍ଷ ବା ଯୁଦ୍ଧ ପ୍ରଭାବିତ ଦେଶଗୁଡ଼ିକରେ ରହୁଛନ୍ତି ଏବଂ ଏହି ସଂଖ୍ୟା ଆଗାମୀ ୫ ବର୍ଷରେ ଦୁଇ ତୃତୀୟାଂଶ ବୃଦ୍ଧିପାଇବ ବୋଲି ଅନୁମାନ କରାଯାଉଛି। ତେବେ ଏଭଳି ଦେଶଗୁଡ଼ିକର ଜନସଂଖ୍ୟା ମଧ୍ୟରୁ ପାଖାପାଖି ୪୦% ଏବେ ମଧ୍ୟ ୩ ଆମେରିକୀୟ ଡଲାରରୁ କମ୍‌ରେ ବଞ୍ଚୁଥିବାବେଳେ ତୁଳନାତ୍ମକ ଭାବେ ବିକାଶଶୀଳ ଦେଶଗୁଡ଼ିକରେ ମାତ୍ର ୬% ଗରିବ ଏତିକି ଅର୍ଥରେ ଜୀବନ କାଟୁଛନ୍ତି।

ଏହି ପରିପ୍ରେକ୍ଷୀରେ ଇଣ୍ଟରନ୍ୟାଶନାଲ ରେସ୍କ୍ୟୁ କମିଟି (ଆଇଆର୍‌ସି) ବା ଅନ୍ତର୍ଜାତୀୟ ଉଦ୍ଧାର ସମିତି କେଉଁ ସବୁ ଦେଶ ପାଇଁ ସହାୟତା ଅଧିକ ଦରକାର ତାହା ସ୍ଥିର କରିବା ପାଇଁ ସ୍ଥିତିର ଆକଳନ କରିଛି। ମୁଁ ଆଇଆର୍‌ସି ସହ ଜଡ଼ିତ ଏବଂ ଆମେ ଏଭଳି ୧୩ଟି ଦେଶର ତାଲିକା ପ୍ରସ୍ତୁତ କରିଥିଲୁ। ସୁଦାନରେ ବିଶ୍ୱର ସବୁଠୁ ବଡ଼ ମାନବୀୟ ସଙ୍କଟ ରହିଛି। ଦେଖିବାକୁ ଗଲେ ବିଶ୍ୱରେ ଥିବା ଅତି ଗରିବଙ୍କ ମଧ୍ୟରୁ ୨୬% ଏହି ୧୩ଟି ଦେଶରେ ରହୁଛନ୍ତି, କିନ୍ତୁ ସେମାନଙ୍କୁ ଅନ୍ତର୍ଜାତୀୟ ସହାୟତାର ମାତ୍ର ୯% ଦିଆଯାଇଛି। ଏହା ଦର୍ଶାଉଛି ଯେ, ୩୫ ବିଲିୟନ ଡଲାର ପାଣ୍ଠିର ଅଭାବ ରହିଛି।

୨୦୨୨ରେ ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ ଆରମ୍ଭ କରିଥିଲା। ସେବେଠାରୁ ୟୁକ୍ରେନ୍ ବିଶ୍ୱରେ ସବୁଠୁ ଅଧିକ ସହାୟତା ପାଇଛି। ତେବେ ୟୁରୋପୀୟ ଦେଶଗୁଡ଼ିକ ନିଜ ଦେଶରେ ଶରଣାର୍ଥୀ ଥଇଥାନ ଦିଗରେ ଅଧିକ ପାଣ୍ଠି ଖର୍ଚ୍ଚ କରୁଛନ୍ତି, ଯାହାକୁ 'ବିଦେଶୀ ସହାୟତା' ଭାବେ ବର୍ଗୀକୃତ କରାଯାଇଛି। ତେବେ ଏହି ଖର୍ଚ୍ଚ ବିଶ୍ୱରେ ଦିଆଯାଇଥିବା ସହାୟତା ପାଣ୍ଠିର ପାଖାପାଖି ୧୪ ପ୍ରତିଶତ ଏବଂ ମାନବୀୟ ସହାୟତାରେ ମୋଟ ବ୍ୟୟ ହୋଇଥିବା ପାଣ୍ଠି ସହ ପ୍ରାୟ ସମାନ। ଏଣୁ ଆମେରିକାର ପାଣ୍ଠି ଯୋଗାଣ ହ୍ରାସକୁ ବାଦ୍‌ଦେଇ ବିଶ୍ୱ ସମୁଦାୟ ବିଭଳି ସହାୟତା ବ୍ୟବସ୍ଥା ଠିକ୍ ଭାବେ କାମ କରିବ ତା' ଉପରେ



ନୂତନ ବିଚାର କରିବା ଆବଶ୍ୟକ। ପ୍ରଥମେ ଦରିଦ୍ରତମ ଦେଶଗୁଡ଼ିକରେ ଥିବା ଅତି ଗରିବଙ୍କ ପାଇଁ ଉଦ୍ଦିଷ୍ଟ ଅନୁଦାନ ସହାୟତା ଉପରେ ଆମକୁ ଧ୍ୟାନଦେବା ଉଚିତ, ଯାହା ବୈଶ୍ୱିକ ସହାୟତା ବଜେଟର ୯୦ ପ୍ରତିଶତରୁ ଅଧିକ। ଅର୍ଥାତ୍ ବିଶ୍ୱର ଅତି ଗରିବଙ୍କ ମଧ୍ୟରୁ ପ୍ରାୟ ୫୦% ଦୁର୍ବଳ ତଥା ସଂଘର୍ଷ ପ୍ରଭାବିତ ଦେଶଗୁଡ଼ିକରେ ରହୁଥିବାବେଳେ ଏହିସବୁ ଦେଶକୁ ବୈଶ୍ୱିକ ସହାୟତା ବଜେଟର ମାତ୍ର ୨୫% ଦିଆଯାଉଛି। ଏଣୁ ଏଭଳି ପାର୍ଥକ୍ୟ ଦୂରକରିବା ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ।

ଦ୍ୱିତୀୟରେ ପୂର୍ବ ଆଫ୍ରିକାରେ ଆଇଆର୍‌ସି ନେତୃତ୍ୱରେ ଚାଲୁଥିବା ଗୋଷ୍ଠୀ ଆଧାରିତ ଟିକା ଅଭିଯାନ ଭଳି ତଥ୍ୟ ଆଧାରିତ, ପ୍ରମାଣିତ ଏବଂ ତଥା ଅଧିକ ଲାଭ ଦେଉଥିବା କାର୍ଯ୍ୟକ୍ରମକୁ ସମ୍ବଳ ଯୋଗାଇଦେବା ଦରକାର। ଆଇଆର୍‌ସି ସେଠାରେ ପ୍ରତ୍ୟେକ ଟିକାକୁ ୨ ଡଲାରରେ ୨୦ ମିଲିୟନ ଟିକା ଯୋଗାଇଦେଇଥିଲା। ଆମେ ମଧ୍ୟ ସ୍ଥାୟୀ ଭାବେ ରହିଥିବା ମଧ୍ୟମ ଓ ଗମ୍ଭୀର ଅପପୁଷ୍ଟିର ଚିକିତ୍ସା ପାଇଁ ଏକ ସରଳୀକୃତ ପ୍ରକ୍ରିୟା ସକାଶେ ପ୍ରସ୍ତାବ ଦେଇଛୁ। ଆମ ଅନୁଧ୍ୟାନରେ ମାଲିର ଗମ୍ଭୀର ଅପପୁଷ୍ଟିରେ ଶିକାର ୨୭,୮୦୦ ଶିଶୁଙ୍କୁ ସାମିଲ କରିଥିଲୁ ଏବଂ ଆମେ ଚିକିତ୍ସା ଖର୍ଚ୍ଚ ୨୦% କମ୍ କରିଥିଲୁ। କିନ୍ତୁ ଏହି ଦୃଷ୍ଟିକୋଣକୁ ଆଗକୁ ବଢ଼ାଇବାକୁ ହେଲେ ଡୋନରମାନଙ୍କ ମାନସିକତାରେ ପରିବର୍ତ୍ତନ ଆସିବା ଦରକାର। ଫଳରେ ସେମାନଙ୍କ ପଦକ୍ଷେପ ବିଫଳତା ବଦଳରେ ସାମଗ୍ରିକ ଭାବେ ସଫଳତା ଦେବ।

ତୃତୀୟରେ କାର୍ଯ୍ୟକ୍ରମ, ବିତ୍ତୀୟ ଓ ଯୋଗାଣ ବ୍ୟବସ୍ଥାରେ ଅଧିକ ନୂତନତ୍ୱ ଦରକାର। ଉଦାହରଣ ସ୍ୱରୂପ, ଆଫ୍ରିକାରେ ମଙ୍କିପକ୍ସ ଚିହ୍ନଟ ପାଇଁ ୨ ସପ୍ତାହ ଲାଗିଯାଉଥିଲା, ହେଲେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଏହାକୁ ମାତ୍ର ୫ମିନିଟ୍‌ରେ କରିପାରୁଛି। ସଂଘର୍ଷ ଓ ବିପର୍ଯ୍ୟୟ ସମୟରେ ଯେଉଁ ପିଲାମାନଙ୍କ ଶିକ୍ଷା ବାଧାପ୍ରାପ୍ତ ହେଉଛି ସେଠାରେ ସେମାନଙ୍କ ସଫଳ ଶିକ୍ଷାଦାନରେ ଟେକ୍ନୋଲୋଜି କିଭଳି ସାହାଯ୍ୟ କରୁଛି ତାହା ମଧ୍ୟ ଆମେ ଦେଖିଛୁ। ତେବେ ନୂତନତ୍ୱ ପାଇଁ ପୁଞ୍ଜିର ନୂତନ ପ୍ରତିବଦ୍ଧତା ଅବଶ୍ୟକ। ବିପର୍ଯ୍ୟୟ ସଙ୍କଟ ପାଣ୍ଠି ଯୋଗାଣ ବ୍ୟବସ୍ଥା ତୁରନ୍ତ ସହାୟତା ଯୋଗାଇ ଦେଇଥାଏ। ଏହାର ଉଦାହରଣ ହେଉଛି ପାରାମେଟ୍ରିକ୍ ଇନ୍ସ୍ୟୁରାନ୍ସ, ଯାହା ବାସ୍ତବ କ୍ଷତି ଆକଳନ କରିବା ପରିବର୍ତ୍ତେ ପୂର୍ବ ନିର୍ଦ୍ଧାରିତ ମାନଦଣ୍ଡ ଅନୁଯାୟୀ ତୁରନ୍ତ ସହାୟତା ଯୋଗାଇଦିଏ। ଆମେ ମଧ୍ୟ ମାନବୀୟ ସହାୟତା କ୍ଷେତ୍ରରେ ବୈଦେଶିକ ଋଣ ବ୍ୟବସ୍ଥା କରିବା ଦରକାର। ୭ଟି ଦେଶରେ ପରିବେଶରେ ଉନ୍ନତି ଆଣିବାରେ କାର୍ଯ୍ୟ କରୁଥିବା ପ୍ରୋଜେକ୍ଟଗୁଡ଼ିକୁ ୧.୭ ବିଲିୟନ ଆମେରିକୀୟ ଡଲାର ଯୋଗାଇ ଦେବାରେ ଆମେ ଏହିସବୁ ପଦକ୍ଷେପକୁ ଉପଯୋଗ କରିସାରିଲୁଣି।

ଚତୁର୍ଥରେ, ଇନ୍‌ପୁଟ୍ ପରିବର୍ତ୍ତେ ପରିଣାମ ବା ଫଳାଫଳ ପାଇଁ ଆମର ଉତ୍ତରଦାୟିତ୍ୱ ଲୋଡ଼ା। ଅମଲାତାନ୍ତ୍ରିକ ନୀତିନିୟମ କମ୍ କରି କାର୍ଯ୍ୟଦକ୍ଷତା ବୃଦ୍ଧି କରିବା ଉଚିତ। ଅର୍ଥର ମୂଲ୍ୟବୋଧକୁ ଉତ୍ସାହିତକରିବା ସହ ନୂତନତ୍ୱକୁ ଆଗକୁ ବଢ଼ାଇବା ଦରକାର। ବିଭିନ୍ନ ଦେଶର ସରକାର ଏବଂ ଅନ୍ତର୍ଜାତୀୟ ସଂସ୍ଥାଗୁଡ଼ିକ ସୁଇଡେନ୍‌ର ଉଦାହରଣକୁ ଅନୁସରଣକରିବା ଉଚିତ, ଯାହା ଆମେ ହାସଲ କରିଥିବା ଫଳାଫଳ ପାଇଁ ଆମକୁ ଉତ୍ତରଦାୟୀ କରିବ। ସମସ୍ୟା ହେଉଛି, ନବଜାତ ଶିଶୁ ସ୍ୱାସ୍ଥ୍ୟ କନ୍‌ସଲଟେସନ ସଂଖ୍ୟା ନୁହେଁ, ବରଂ ଆମକୁ ସୁସ୍ଥ ନବଜାତକଙ୍କ ସଂଖ୍ୟା ଉପରେ ଧ୍ୟାନ ଦେବାକୁ ହେବ। ପଞ୍ଚମରେ ସହାୟତା ହ୍ରାସଜନିତ ବୋଝକୁ କମ୍ କରିବାକୁ ହେଲେ ବୈଶ୍ୱିକ ଅର୍ଥ ବ୍ୟବସ୍ଥା ସଂରଚନା ସହ ତାଳଦେଇ କାମ କରିବାକୁ ହେବ। ବୈଶ୍ୱିକ ଆୟର ୨୫% ହେଉଛି ଆମେରିକାର, କିନ୍ତୁ ବୈଦେଶିକ ସହାୟତା ପାଇଁ ଏହାର ଜାତୀୟ ଆୟର ଅବଦାନ ମାତ୍ର ୦.୨୨%। ନିକଟରେ ସହାୟତା ପରିମାଣ ହ୍ରାସ କରାଯାଇଥିବାରୁ ଏହି ପ୍ରତିଶତ ଆହୁରି କମିଯାଇଛି। ତଥାପି, ଫେବୃଆରୀ ଜନମତରେ ପାଖାପାଖି ୮୯% ଆମେରିକୀୟ କହିଥିଲେ, ବୈଦେଶିକ ସହାୟତା ପାଇଁ ଆମେରିକାର ବଜେଟର ୧% ଯିବା ଉଚିତ। ଏହା ପ୍ରକୃତରେ ଆବଶ୍ୟକ ପରିମାଣର ଅର୍ଥ ହୋଇଥିବାରୁ ଏହି ପାଣ୍ଠି ଯୋଗାଣ ଜରି ରଖିବା ଆମେରିକା ଓ ଆମେରିକା ପାଇଁ ଏକ ସମ୍ମିଳିତ ଲକ୍ଷ୍ୟ ହୋଇପାରେ।

ସମ୍ପ୍ରତି ଯୁଦ୍ଧ ପ୍ରପୀଡ଼ିତ ଅଞ୍ଚଳରେ ଗମ୍ଭୀର ପୁଷ୍ଟିହୀନତାର ଶିକାର ୮୦% ପିଲାଙ୍କର ଚିକିତ୍ସା ହେଉନାହିଁ। ଆର୍ଥିକ ସ୍ତରରେ ଦୁର୍ବଳ ଦେଶଗୁଡ଼ିକରେ ୬୦% ପ୍ରସବଜନିତ ମାତୃମୃତ୍ୟୁ ହେଉଛି ଏବଂ ଏହିସବୁ ଦେଶରେ ୮୫ ମିଲିୟନ ପିଲା ସ୍କୁଲ ଶିକ୍ଷାରୁ ବଞ୍ଚିତ। ଏହିସବୁ ଆହ୍ୱାନର ସମାଧାନ ପାଇଁ ପ୍ରଭାବୀ ଅନ୍ତର୍ଜାତୀୟ ସହାୟତା ଦରକାର। ଇତିହାସର ଯେକୌଣସି ସମୟ ତୁଳନାରେ ଏବେ ମାନବ ସମାଜ ପାଖରେ ଭଲ କିଛି କରିବା ପାଇଁ ଅଧିକ ସମ୍ବଳ ରହିଛି। ଏଣୁ ସେସବୁକୁ ବିଜ୍ଞତାର ସହ ଉପଯୋଗକରିବା ଆମ ଉପରେ ନିର୍ଭରକରେ। କେବଳ ବୈଦେଶିକ ସହାୟତାକୁ ଆମେରିକା ବଜେଟର ୧% ଦେବା ପର୍ଯ୍ୟାପ୍ତ ନୁହେଁ। ଏହି ଟଙ୍କା ଠିକ୍ ଭାବରେ ବ୍ୟବହାର କରିବାକୁ ହେଲେ ଆମେରିକାର ନିଜସ୍ୱ ଆଗ୍ରହ ରହିବା ଦରକାର। ଏହା ଯେତେଶୀଘ୍ର ପ୍ରକାଶ ପାଇବ ସେତେ ଭଲ।

**ବ୍ରିଟେନର ପୂର୍ବତନ ବୈଦେଶିକ ସଚିବ, ଅଧ୍ୟକ୍ଷ ଏବଂ ସିଇଓ (ଇଣ୍ଟରନ୍ୟାଶନାଲ ରେସ୍କ୍ୟୁ କମିଟି)**

## ବ୍ରହ୍ମାର୍ପଣ



ଅନୀତା ପଟ୍ଟନାୟକ

ସତ୍ୟନାରାୟଣ ବାବୁଙ୍କ ପୁଅ ରବି ନାରାୟଣ ଦିନେ ବାପାଙ୍କୁ ପଚାରିଲା, "ବାପା! ଦୈନନ୍ଦିନ ଜୀବନରେ ଆମ ଶରୀରକୁ କିଏ ଶକ୍ତି ଯୋଗାଉଛି?" ବାପା କହିଲେ, ଖାଦ୍ୟ ଆମ ଶରୀରକୁ ଶକ୍ତି ଯୋଗାଏ। ଖାଦ୍ୟର ସାର ଶରୀର, ମନ, ଚିନ୍ତା ବା ଭାବନାକୁ ଗଠନ କରିବାରେ ସାହାଯ୍ୟ କରେ। ଆମେ ଯେଉଁ ଖାଦ୍ୟ ଖାଉ, ତାହା ଆମ ଚିନ୍ତାଧାରାକୁ ମଧ୍ୟ ପ୍ରଭାବିତ କରେ। ପବିତ୍ରୀକରଣ ହୋଇନଥିବା ଖାଦ୍ୟ ଓ ଅଖାଦ୍ୟ ଆମମାନଙ୍କ ମନରେ ବିରୋଧାତ୍ମକ ଚିନ୍ତାଧାରା ସୃଷ୍ଟି କରେ, ଯେଉଁଥିପାଇଁ ଆମ କାର୍ଯ୍ୟକଳାପ ଧୀରେ ଧୀରେ ଖରାପ ହୋଇଯାଇଥାଏ।

ରବି ନାରାୟଣ ପଚାରିଲା, ବାପା! ଖାଦ୍ୟର ଶୁଦ୍ଧତା ବା ପବିତ୍ରତା କିପରି ଆସେ? ସତ୍ୟ ନାରାୟଣ ବାବୁ କହିଲେ, ଖାଦ୍ୟର ଶୁଦ୍ଧତା ଓ ପବିତ୍ରତା ପାଇଁ ତିନୋଟି ଜିନିଷ ଅପରିହାର୍ଯ୍ୟ। ପାତ୍ର ଶୁଦ୍ଧି – (ରନ୍ଧା ବାସନକୁସନ ସଫା ଓ ପବିତ୍ର ହେବା ଦରକାର), ପାକ ଶୁଦ୍ଧି– (ରନ୍ଧନ ପ୍ରକ୍ରିୟାକୁ ପବିତ୍ରୀକରଣ କରିବା ଦରକାର। ଯେଉଁ ବ୍ୟକ୍ତି ଖାଦ୍ୟ ପ୍ରସ୍ତୁତ କରୁଛି, ତା'ର ଶାରୀରିକ ଓ ମାନସିକ ଶୁଦ୍ଧି ଥିବା ଆବଶ୍ୟକ। ସେ ଶାରୀରିକ ସ୍ତରରେ ସୁସ୍ଥ ହୋଇଥିବା ଦରକାର), ପଦାର୍ଥ ଶୁଦ୍ଧି– (ଖାଦ୍ୟ ପଦାର୍ଥ ସାମଗ୍ରୀ ଶୁଦ୍ଧତା ଥିବା ଦରକାର। ଖାଦ୍ୟ ପଦାର୍ଥଗୁଡ଼ିକ ସଫା ଓ ନୈତିକ ଉପାୟରେ ସଂଗ୍ରହ କରିଥିବା ଦରକାର)। ଏହି ତିନୋଟି ଶୁଦ୍ଧୀକରଣ ନ ଥିଲେ ଖାଦ୍ୟଟି ଅପବିତ୍ର ଓ ଅନିଷ୍ଟକର ହୋଇ ଯାଇଥାଏ। ସେଥିପାଇଁ ଶାସ୍ତ୍ରରେ କୁହାଯାଇଛି, ଖାଦ୍ୟ ଭଗବାନ୍‌ଙ୍କୁ ଅର୍ପଣ କରି ଖାଇବା ଉଚିତ। ସେପରି କଲେ ବା ହେଲେ ଖାଦ୍ୟର ଅପବିତ୍ରତା ଅକାମୀ ହୋଇଯାଇଥାଏ ଓ ଖାଦ୍ୟ ପ୍ରସାଦରେ ପରିଣତ ହୁଏ। ଖାଦ୍ୟରେ ଶୁଦ୍ଧତା ଆସିଲେ ଆମର ଶାରୀରିକ, ମାନସିକ ଚିନ୍ତାଧାରାକୁ ଆମେ ଶୁଦ୍ଧ କରିପାରୁ।

ଭଗବାନ୍‌ଙ୍କୁ ଅର୍ପଣ କରାଯାଏ। ଅର୍ପଣ ହିଁ ଭଗବାନ୍। ଯେଉଁ ଅଗ୍ନିରେ ସମର୍ପଣ କରାଯାଏ, ତାହା ଭଗବାନ୍। ଯେଉଁ ବ୍ୟକ୍ତି ଅର୍ପଣ କରେ, ସେ ଭଗବାନ୍। ଶେଷରେ ଭଗବାନ୍ ହେଉଛନ୍ତି ଲକ୍ଷ୍ୟ, ସେହି ବ୍ୟକ୍ତି ପାଇଁ ଯିଏ ଅର୍ପଣ କରୁଥାଏ। କ୍ଷୁଧାକୁ ଭଗବାନ୍ ଅଗ୍ନି ଭାବରେ ଆମଠାରେ ସଂଯୋଗ କରିଛନ୍ତି। ଖାଦ୍ୟାର୍ପଣ ଏକ ଯଜ୍ଞ। ଯଜ୍ଞର ଚାରିଟି ବୈଶିଷ୍ଟ୍ୟ ଥାଏ। ପ୍ରଥମ ଭଗବାନ୍‌ଙ୍କୁ ଯାହା ଦିଆଯାଏ। ଦ୍ୱିତୀୟ ଜଠରାଗ୍ନି, ଯାହା ମଧ୍ୟକୁ ଖାଦ୍ୟ ଅର୍ପଣ କରାଯାଏ। ତୃତୀୟ ଅର୍ପଣ ଏବଂ ଚତୁର୍ଥରେ ପ୍ରତ୍ୟେକ ମନୁଷ୍ୟ କରୁଥିବା ଏହି ଯଜ୍ଞ। ଉପରୋକ୍ତ ଚାରିଟି ଯବର ଗୁଣାବଳୀ ଏକ ଦୈବତ୍ୱକୁ ସୂଚିତ କରେ। ଆମେ ଆମ ଭିତରେ ଥିବା ଭଗବାନ୍‌ଙ୍କୁ ଖାଦ୍ୟ ଅର୍ପଣ କରୁ, ଯେଉଁ ଖାଦ୍ୟ କି ଭଗବାନ୍ ନିଜେ। ଏପରି କରୁ, କାରଣ ଆମେ ଭଗବାନ୍‌ଙ୍କ ଆଶୀର୍ବାଦ ଚାହୁଁ ଓ ଭଗବାନ୍‌ଙ୍କ ପ୍ରଦତ୍ତ କର୍ମ କରିବାକୁ ଚାହୁଁ। ଖାଦ୍ୟ ଗ୍ରହଣ କରିବା ପୂର୍ବରୁ ଏହି ପ୍ରାର୍ଥନା କରିବାର ଅର୍ଥ ଆମେ ଖାଦ୍ୟକୁ ନୈବେଦ୍ୟ ହିସାବରେ ବା ଖାଦ୍ୟକୁ ପ୍ରସାଦ ରୂପେ ପରିଣତ କରି ଭଗବାନ୍‌ଙ୍କୁ ଅର୍ପଣ କରୁ। ଏହି ଅର୍ପଣର ଉତ୍ତର ହେଉଛି 'ଅହଂ ବୈଶ୍ୱାନରୋ ଭୂତ୍ୱା, ପ୍ରାଣିନାଂ ଦେହମାଶ୍ରିତଃ। ପ୍ରାଣାପାନ ସମାଯୁକ୍ତଃ, ପଚାମ୍ୟନ୍ନଂ ଚତୁର୍ବିଧମ୍।' ମୁଁ ସମସ୍ତ ଜୀବନ୍ତପ୍ରାଣୀଙ୍କ ମଧ୍ୟରେ ଅଗ୍ନି ବା ବୈଶ୍ୱାନର ଭାବରେ ବିରାଜିତ। ପବନ ନିଃଶ୍ୱାସପ୍ରଶ୍ୱାସ ସହିତ ସଂଯୁକ୍ତ। ରବିନାରାୟଣର ଉତ୍ସାହ ବଢ଼ିଗଲା। ସେ ପଚାରିଲା, ଚାରି ପ୍ରକାର ଖାଦ୍ୟ କ'ଣ? ଚିବ୍ୟ– କଠିନ ଖାଦ୍ୟ, ଯାହା ଆମେ ଚୋବେଇକି ଖାଉ। ଚୋଷ୍ୟ – ଯାହା ଚୁଷିକି ଖାଉ, ଲେହ୍ୟ– ଯାହା ଚାଟିକି ଖାଉ ଏବଂ ପେୟ– ଯାହା ଆମେ ପାନୀୟ ଭାବରେ ଗ୍ରହଣ କରୁ।

ରବିନାରାୟଣ କହିଲା, ବାପା! ଏଥର ମୁଁ ବୁଝିଗଲି। ଭଗବାନ୍ ବୈଶ୍ୱାନର ଭାବରେ ଆମ ଭିତରେ ଅଛନ୍ତି ଓ ଚାରି ପ୍ରକାର ଖାଦ୍ୟକୁ ଆମ ଭିତରେ ଗ୍ରହଣ କରୁଛନ୍ତି ଏବଂ ସେହି ଭଗବାନ୍ ଅପାନ ଭାବେ ଆମ ଶରୀରର ଅପଦାର୍ଥଗୁଡ଼ିକୁ ବାହାର କରିବାରେ ସାହାଯ୍ୟ କରିଥାନ୍ତି। ପନିପରିବା, ଫଳ, କ୍ଷୀର, ଫଳରସ ଭଗବାନ୍ ଆମକୁ ଦେଇଛନ୍ତି ଓ ବିଭିନ୍ନ ପ୍ରକାର ଖାଦ୍ୟରୁ ପୋଷକତ୍ୱ ତାଙ୍କ ଦୈବତ୍ୱ ମାଧ୍ୟମରେ ଯୋଗାଇଥା'ନ୍ତି। ଆମ ଶରୀର ଭିତରେ, ଆମ ଅଜାଣତରେ ଏ ଚମତ୍କାରିତା ଚାଲିଛି। ହେ ପ୍ରଭୁ ଜଗନ୍ନାଥ! ତୁମେ ଅତ୍ୟନ୍ତ ମହାନ୍ ଓ ଚମତ୍କାରୀ। ମୋ' ଭିତରେ ଲୁଚି ତୁମେ ଖେଳ ଚଳାଇଚ।

ପ୍ରାଧ୍ୟାପିକା, ସିଡିଏ, କଟକ
ମୋ: ୯୬୯୨୯୮୦୦୨୬

## ଏଇ ଭାରତରେ

ବର୍ଜ୍ୟ ପରିଚାଳନା କ୍ଷେତ୍ରରେ ଦେଶରେ ଉଦାହରଣ ସୃଷ୍ଟି କରିଛି ଦକ୍ଷିଣ ଦିଲ୍ଲୀର ନବଜୀବନ ବିହାର। ଏଠାରେ ରହନ୍ତି ୨୫୦ ପରିବାର। ପରିବାରଗୁଡ଼ିକରେ ପ୍ରତିଦିନ ରୋଷେଇଘରୁ ବାହାରୁ ଥିବା ବର୍ଜ୍ୟ ସହ ଅନ୍ୟାନ୍ୟ ଅଦରକାରୀ ଜିନିଷକୁ ପୁନଃ ବ୍ୟବହାର ଯୋଗ୍ୟ କରିପାରୁଛନ୍ତି ଡ. ରୁବି ମୁଖାର୍ଜୀ। ସେ ଟ୍ରିପଲ ଆର୍ ସେଣ୍ଟର ନାମକ ଏନ୍‌ଜିଓ ଗଠନ କରି ତା'ମାଧ୍ୟମରେ ଏହି କାର୍ଯ୍ୟ କରୁଛନ୍ତି। ପ୍ରତିଦିନ ମିଳୁଥିବା ୨୫୦ କେଜି ରୋଷଘର ବର୍ଜ୍ୟରୁ ଜୈବିକ ଖତ ପ୍ରସ୍ତୁତ ହେଉଛି। ପ୍ଲାଷ୍ଟିକ, କାଗଜ ଓ କାଚ ବର୍ଜ୍ୟକୁ ରିସାଇକେଲ ସେଣ୍ଟରକୁ ପଠାଉଛନ୍ତି ରୁବି। ସେ ୧୭ ଟନ୍ ପ୍ଲାଷ୍ଟିକ ବର୍ଜ୍ୟ ରିସାଇକେଲ ପାଇଁ ପଠାଇ ସାରିଲେଣି। ତେବେ ୬ ବର୍ଷ ଭିତରେ ଏହି କଲୋନିକୁ ସମ୍ପୂର୍ଣ୍ଣ ବର୍ଜ୍ୟମୁକ୍ତ କରି ସାରିଲେଣି। କଲୋନିର ପରିବାରଗୁଡ଼ିକରୁ ମିଳୁଥିବା ପୁରୁଣା ଲୁଗା, ଫର୍ଣ୍ଣିଚର ଏବଂ ଗ୍ୟାସ୍ ସିଲିଣ୍ଡର ସଂଗ୍ରହ କରି ସେ ଲୋକଙ୍କୁ ବାଣ୍ଟି ଦେଉଛନ୍ତି। ଯେ କେହି ଗଲେ ଏବେ ନବଜୀବନ ବିହାର କଲୋନି ବାହାରେ କୌଣସି ସ୍ଥାନରେ ବର୍ଜ୍ୟ ଠୁଳ ହୋଇଥିବା ଦେଖିବାକୁ ପାଇବେ ନାହିଁ। ଏବେସୁଦ୍ଧା ରୁବି କଲୋନିରୁ ମୋଟରେ ୩୦ ଟନ୍ ବର୍ଜ୍ୟ ସଂଗ୍ରହ କରି ସାରିଲେଣି।

## ୫୦ ବର୍ଷ ତଳର ଧରିତ୍ରୀ

### ୧୪ ନଭେମ୍ବର ୧୯୭୬

- ୨୦ ଦଫା କାର୍ଯ୍ୟକ୍ରମର ଅଗ୍ରଗତି ଅବ୍ୟାହତ ରଖିବା ଲାଗି ୩ଟି ରାଜ୍ୟ ବିଲ୍‌କୁ ରାଷ୍ଟ୍ରପତିଙ୍କ ମଞ୍ଜୁରୀ ପ୍ରଦାନ।
- ଜନସଂଘର ରାଜ୍ୟସଭା ସଦସ୍ୟ ସୁବ୍ରମଣ୍ୟନ ସ୍ୱାମୀଙ୍କ ଆଚରଣ ଓ କାର୍ଯ୍ୟକଳାପ ସମ୍ପର୍କରେ ଅନୁଧ୍ୟାନ କରିଥିବା ୧୦ ଜଣିଆ କମିଟି ତାଙ୍କୁ ରାଜ୍ୟସଭା ସଭ୍ୟ ପଦରୁ ବହିଷ୍କାର କରାଯିବା ନିମନ୍ତେ ସୁପାରିଶ କରିଛନ୍ତି।
- ଲୋକସଭାର କାର୍ଯ୍ୟକାଳକୁ ଆଉ ଏକ ବର୍ଷ ବଢ଼ାଇ ଦେବାର ବ୍ୟବସ୍ଥା ସମ୍ବଳିତ ବିଲ୍ ସମ୍ପ୍ରତି ପାର୍ଲିଆମେଣ୍ଟ ଦ୍ୱାରା ଅନୁମୋଦିତ ହୋଇଛି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 2 | | | | | 9 | | | 5 |
| | | | | 8 | | | 7 | |
| | | | | | 2 | 3 | | |
| | | 3 | | | | 9 | | |
| | | | 6 | | 4 | 7 | 5 | |
| | | | | 3 | | | | 4 |
| 9 | 7 | | | 4 | | | 2 | |
| | 5 | | 1 | | | | | |
| | | | | | | 6 | 1 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 9 | 6 | 3 | 2 | 5 | 8 | 7 | 4 |
| 2 | 4 | 7 | 6 | 8 | 9 | 1 | 5 | 3 |
| 5 | 3 | 8 | 1 | 4 | 7 | 2 | 6 | 9 |
| 3 | 8 | 9 | 2 | 6 | 4 | 7 | 1 | 5 |
| 4 | 5 | 2 | 7 | 9 | 1 | 3 | 8 | 6 |
| 6 | 7 | 1 | 8 | 5 | 3 | 4 | 9 | 2 |
| 8 | 2 | 3 | 9 | 7 | 6 | 5 | 4 | 1 |
| 9 | 1 | 5 | 4 | 3 | 8 | 6 | 2 | 7 |
| 7 | 6 | 4 | 5 | 1 | 2 | 9 | 3 | 8 |

ଗତକାଲିର ଉତ୍ତର

# କାର୍ବନ ନିର୍ଗମନ ହ୍ରାସରେ କେତେ ସଫଳ



ଇଂ. ମାୟାଧର ସ୍ୱାଇଁ

ବର୍ତ୍ତମାନ ପୃଥିବୀ ଜଳବାୟୁ ପରିବର୍ତ୍ତନ ଭଳି ଏକ ସଙ୍କଟମୟ ସ୍ଥିତି ଦେଇ ଗତି କରୁଛି। ଏହାର ପ୍ରଭାବକୁ ନେଇ ସମଗ୍ର ବିଶ୍ୱ ଚିନ୍ତିତ। କାରଣ ଜାଗତିକ ଉଷ୍ମତା ବୃଦ୍ଧି। କେତୋଟି ସବୁଜଗୃହ ଗ୍ୟାସ୍‌ର ନିର୍ଗମନ ହେଉଛି ଏହାର କାରଣ। ଏହି ଗ୍ୟାସ୍‌ଗୁଡ଼ିକ ମଧ୍ୟରେ ଅଙ୍ଗାରକାମ୍ଳକୁ ଅଧିକ ଭାବରେ ଦୋଷୀ ମନେକରାଯାଉଛି। ଗତ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଜଳବାୟୁ ପରିବର୍ତ୍ତନ ଜଣାପଡ଼ିବା ପରେ ଏହାର ନିରାକରଣ ପାଇଁ ବିଭିନ୍ନ ଦେଶ ଏକାଠିହୋଇ ଅନେକ ପ୍ରସ୍ତାବ ଗ୍ରହଣ କରିଛନ୍ତି। ୨୦୧୫ ଡିସେମ୍ବରରେ ଫ୍ରାନ୍ସର ପ୍ୟାରିସ୍‌ଠାରେ ହୋଇଥିବା ସମ୍ମିଳନୀରେ ପ୍ରତ୍ୟେକ ଦେଶ ସ୍ୱେଚ୍ଛାକୃତ ଭାବେ ବାୟୁମଣ୍ଡଳକୁ କାର୍ବନ ନିର୍ଗମନ ହ୍ରାସକରିବା ପାଇଁ ଏକ ନିର୍ଦ୍ଦିଷ୍ଟ ପରିମାଣ ଘୋଷଣା କରିଥିଲେ। ଏହାପରେ ପ୍ରତି ୫ବର୍ଷରେ ଥରେ ସେହି ସମ୍ବନ୍ଧୀୟ ତଥ୍ୟଦେବା ସହ ଏହି ପରିମାଣକୁ ପୁନଃ ନିର୍ଦ୍ଧାରଣ କରିବାର ବ୍ୟବସ୍ଥା ମଧ୍ୟ ପ୍ୟାରିସ୍ ରାଜିନାମାରେ ଅଛି। ୟୁରୋପୀୟ ଦେଶସମୂହ ସମେତ କେତେକ ଦେଶ ୨୦୫୦ ସୁଦ୍ଧା ନେଟ୍ ଶୂନ୍ କାର୍ବନ ନିର୍ଗମନ ହାସଲକରିବା ପାଇଁ ଘୋଷଣା କରିଛନ୍ତି। ଚାଇନା ଓ ଭାରତ ଯଥାକ୍ରମେ ୨୦୬୦ ଓ ୨୦୭୦ ମସିହାରେ ଏହା ହାସଲ କରିବା ପାଇଁ ଘୋଷଣା କରିଛନ୍ତି।

କାର୍ବନ ଉତ୍ସର୍ଜନ ହ୍ରାସ କରିବା ପାଇଁ ବିଭିନ୍ନ ଦେଶର କାର୍ଯ୍ୟକଳାପକୁ ଅନୁଧ୍ୟାନକଲେ, ଆଶା କରାଯାଏ ଯେ ଏହା ଧୀରେ ଧୀରେ ହ୍ରାସ ପାଇବ। କିନ୍ତୁ ଏହା ପରିବର୍ତ୍ତେ ବଢ଼ିବାରେ ଲାଗିଛି ବୋଲି ଜଣାପଡ଼ିଛି। ଜାଗତିକ ସବୁଜଗୃହ ନିର୍ଗମନରେ ଜୀବାଶ୍ମ ଦହନରୁ ସୃଷ୍ଟି ହେଉଥିବା ଅଙ୍ଗାରକାମ୍ଳର ଅବଦାନ ଅଧିକ। ଏହାର ପରିମାଣ ବୃଦ୍ଧି ପାଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି। ଏକ ଅନ୍ତର୍ଜାତୀୟ ସଂସ୍ଥା 'ଏଡ୍‌ଗାର' ୨୦୨୪ ପର୍ଯ୍ୟନ୍ତ ପୃଥିବୀର ବିଭିନ୍ନ ଦେଶରେ କାର୍ବନ ନିର୍ଗମନର ଏକ ବିସ୍ତୃତ ରିପୋର୍ଟ ଚଳିତ ବର୍ଷ ସେପ୍ଟେମ୍ବରରେ ପ୍ରକାଶ କରିଛି। ଏହା ଅନୁଯାୟୀ ୨୦୨୪ ମସିହାରେ ପୃଥିବୀରେ ସବୁଜଗୃହ ଗ୍ୟାସ୍ ୫୩.୨ ଗିଗାଟନ୍‌କୁ ବୃଦ୍ଧି ପାଇଛି। ଏହା ହେଉଛି ୨୦୨୩ ମସିହା ତୁଳନାରେ ୧.୩ ପ୍ରତିଶତ ବା ୬୭୫ ନିୟୁତ ଟନ୍ ଅଧିକ।

୨୦୨୪ ମସିହାରେ ଚାଇନା, ଯୁକ୍ତରାଷ୍ଟ୍ର ଆମେରିକା, ଭାରତ, ୟୁରୋପୀୟ ସଂଘ, ରୁଷିଆ ଓ ଇଣ୍ଡୋନେସିଆ ପୃଥିବୀରେ ବୃହତ୍ତମ କାର୍ବନ ନିର୍ଗମନକାରୀ ଦେଶ ଭାବେ ଜଣାପଡ଼ିଛି। ଏହି ଦେଶଗୁଡ଼ିକ ମିଳିତ ଭାବେ ମୋଟ ସବୁଜଗୃହ ଗ୍ୟାସ୍‌ର ୬୧.୮ପ୍ରତିଶତ ନିର୍ଗମନ କରିଛନ୍ତି। ୨୦୨୪ରେ ଶୀର୍ଷ ନିର୍ଗମନକାରୀ ଦେଶଗୁଡ଼ିକ ମଧ୍ୟରେ ଚାଇନା, ଭାରତ, ରୁଷିଆ ଓ ଇଣ୍ଡୋନେସିଆ ୨୦୨୩ ତୁଳନାରେ ଅଧିକ କାର୍ବନ ନିର୍ଗମନ କରିଛନ୍ତି। ଏମାନଙ୍କ ମଧ୍ୟରେ ଇଣ୍ଡୋନେସିଆରେ ଆପେକ୍ଷିକ ଭାବେ ସର୍ବାଧିକ ବୃଦ୍ଧି(୫ ପ୍ରତିଶତ) ଏବଂ ଭାରତରେ ପରିମାଣ ଭାବେ (୧୬୪.୮ ନିୟୁତ ଟନ୍) ସର୍ବାଧିକ ବୃଦ୍ଧି ହୋଇଛି। ରିପୋର୍ଟରୁ ପୁନଶ୍ଚ ଜଣାପଡ଼ିଛି, ୨୦୦୯ ଓ ୨୦୨୦ କୁ ଛାଡ଼ିଦେଲେ ଏହି ଶତାବ୍ଦୀର ଆରମ୍ଭରୁ ସବୁଜଗୃହ ନିର୍ଗମନ କ୍ରମାଗତ ବୃଦ୍ଧି ପାଇଛି। ୨୦୦୯ ମସିହାରେ ପୃଥିବୀରେ ଆର୍ଥିକ ସଙ୍କଟ ଯୋଗୁ ଏବଂ ୨୦୨୦ରେ କୋଭିଡ୍ ମହାମାରୀ ଯୋଗୁ ବିଭିନ୍ନ କଳକାରଖାନାରେ କାର୍ଯ୍ୟ ବାଧାପ୍ରାପ୍ତ



ହୋଇଥିବାରୁ ଏହି ୨ବର୍ଷ କାର୍ବନ ନିର୍ଗମନ କମ୍ ଥିଲା। ଚଳିତ ଶତାବ୍ଦୀରେ ପୃଥିବୀରେ କାର୍ବନ ନିର୍ଗମନ ବୃଦ୍ଧିର କାରଣ ହେଉଛି ଚାଇନା, ଭାରତ ଏବଂ ଅନ୍ୟ ବିକାଶଶୀଳ ଦେଶରେ କୋଇଲା ଓ ପେଟ୍ରୋଲିୟମ ତୈଳର ଅଧିକ ବ୍ୟବହାର।

ଏଡ୍‌ଗାର୍ ରିପୋର୍ଟରୁ ପୁଣି ଜଣାପଡ଼ିଛି, ୨୦୨୪ ମସିହାରେ ନିର୍ଗତ ସବୁଜଗୃହ ଗ୍ୟାସ୍‌ଗୁଡ଼ିକ ମଧ୍ୟରେ ଜୀବାଶ୍ମ ଇନ୍ଧନଜନିତ ଅଙ୍ଗାରକ୍ଳାମ ପରିମାଣ ହେଉଛି ସର୍ବାଧିକ। ମୋଟ ନିର୍ଗମନରେ ଏହାର ପରିମାଣ ୭୪.୫ ପ୍ରତିଶତ ଥିବାବେଳେ ମିଥେନ, ନାଇଟ୍ରସ୍ ଅକ୍‌ସାଇଡ୍ ଓ ଫ୍ଲୋରିନେଟେଡ୍ ଗ୍ୟାସ୍‌ର ପରିମାଣ ଯଥାକ୍ରମେ ହେଉଛି ୧୭.୯ ପ୍ରତିଶତ, ୪.୮ ପ୍ରତିଶତ ଓ ୨.୮ ପ୍ରତିଶତ। ୧୯୯୦ ପରଠାରୁ ଜୀବାଶ୍ମ ଅଙ୍ଗାରକାମ୍ଳର ପରିମାଣ ୭୪.୯ ପ୍ରତିଶତ ବୃଦ୍ଧି ପାଇଥିବା ବେଳେ ଅନ୍ୟ ଗୁଡ଼ିକର ବୃଦ୍ଧି କମ୍ ରହିଛି।

ୟୁରୋପୀୟ ସଂଘ ନିଷ୍ଠାପର ଭାବେ କାର୍ଯ୍ୟକରି କାର୍ବନ ଉତ୍ସର୍ଜନକୁ ହ୍ରାସ କରିବାରେ ସଫଳ ହୋଇଛି। ୧୯୯୦ ତୁଳନାରେ ୨୦୨୪ରେ ଏହାର ଉତ୍ସର୍ଜନ ୩୫ ପ୍ରତିଶତ କମ୍ ଅଛି ଏବଂ ୨୦୨୩ ତୁଳନାରେ ଏହା ୧.୮ ପ୍ରତିଶତ ହ୍ରାସ କରିପାରିଛି। ସମଗ୍ର ପୃଥିବୀରେ କାର୍ବନ ଉତ୍ସର୍ଜନରେ ୨୦୨୩ ମସିହାରେ ଏହାର ଅଂଶ ୬.୧ ପ୍ରତିଶତ ଥିବାବେଳେ ୨୦୨୪ ରେ ଏହା ୫.୯ ପ୍ରତିଶତକୁ ହ୍ରାସ ପାଇଛି।

କାର୍ବନ ନିର୍ଗମନରେ ଜୀବାଶ୍ମ ଇନ୍ଧନର ଅବଦାନ ହେଉଛି ସର୍ବାଧିକ। ଏହା ମୁଖ୍ୟତଃ ତାପଜ ବିଦ୍ୟୁତ୍ କେନ୍ଦ୍ର, ଲୌହ ଓ ଇସ୍ପାତ ଶିଳ୍ପ, ସିମେଣ୍ଟ କାରଖାନା ଏବଂ ଅନ୍ୟ କେତେକ ଇନ୍ଧନ ସଘନ କାରଖାନାରେ ବ୍ୟବହୃତ ହୁଏ। ଏହିସବୁ ଗୋଟିଏ ଦେଶର ଭିତ୍ତିଭୂମି ପ୍ରତିଷ୍ଠା ପାଇଁ ଗୁରୁତ୍ୱପୂର୍ଣ୍ଣ। ବିଦ୍ୟୁତ୍ କେନ୍ଦ୍ର ବ୍ୟତୀତ ଅନ୍ୟ କାରଖାନାରେ କାର୍ବନ ନିର୍ଗମନ ହ୍ରାସ ହେଉଛି କଷ୍ଟକର। କାରଣ ସେଠାରେ ଇନ୍ଧନର କୌଣସି ଉପଯୁକ୍ତ ବିକଳ୍ପ ବିକଶିତ ହୋଇନାହିଁ। କିନ୍ତୁ ତାପଜ ବିଦ୍ୟୁତ୍‌ର ବିକଳ୍ପ ଭାବେ ସୌର, ପବନ, ଜଳବିଦ୍ୟୁତ୍, ପରମାଣୁ ବିଦ୍ୟୁତ୍ ଆଦିର ସଫଳ ବିକାଶ ହୋଇପାରିଛି। ଏଣୁ ଜଳବାୟୁ ପରିବର୍ତ୍ତନକୁ ପ୍ରତିହତ କରିବାକୁ ହେଲେ ଏଗୁଡ଼ିକ ଉପରେ ଅଧିକ ନିର୍ଭର କରିବାକୁ ପଡ଼ିବ।

ଗୋଟିଏ ଭଲ ସଙ୍କେତ ଆସିଛି ଯେ ୨୦୨୫ ମସିହାର ପ୍ରଥମ ୬ ମାସରେ ପୃଥିବୀରେ ତାପଜ ବିଦ୍ୟୁତ୍ ଉତ୍ପାଜନକୁ ଅକ୍ଷୟ ଶକ୍ତି ଉତ୍ପାଦନ ଅତିକ୍ରମ କରିଯାଇଛି। ଏହି ବର୍ଷର ଅତିରିକ୍ତ ବିଦ୍ୟୁତ୍ ଚାହିଦାକୁ ସୌରଶକ୍ତି ଓ ପବନ ଶକ୍ତି ଦ୍ୱାରା ପୂରଣ କରାଯାଇପାରିଛି। ଅନ୍ତର୍ଜାତୀୟ ଶକ୍ତି ସଂସ୍ଥା ଆକଳନ କରିଛି ଯେ ଏହି ଦଶନ୍ଧି ଶେଷ ସୁଦ୍ଧା ପୃଥିବୀରେ ଅକ୍ଷୟ ଶକ୍ତି ଉତ୍ପାଦନ ୨ଗୁଣ ହେବ ଏବଂ ଏହାର ୮୦ ପ୍ରତିଶତ ସୌର ଓ ପବନ ଶକ୍ତିରୁ ଆସିବ। ଏହି ସଂସ୍ଥା ପୁନଶ୍ଚ ପ୍ରକାଶ କରିଛି, ଏହି ଦଶନ୍ଧି ସୁଦ୍ଧା ଚାଇନା ଓ ଭାରତ ପୃଥିବୀର ବୃହତ୍ତମ ଅକ୍ଷୟ ଶକ୍ତି ଉତ୍ପାଦନକାରୀ ଦେଶ ହେବେ। ସୂଚନାଯୋଗ୍ୟ, ଭାରତ ୨୦୧୫ ରେ ପ୍ୟାରିସ୍ ରାଜିନାମାରେ ଦସ୍ତଖତ କରିବା ବେଳେ ୨୦୩୦ ସୁଦ୍ଧା ମୋଟ ବିଦ୍ୟୁତ୍‌ର ୪୦ ପ୍ରତିଶତ ଅକ୍ଷୟ ଶକ୍ତିରୁ ଉତ୍ପାଦନ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ଏହା ୨୦୨୨ରେ ଏହି ଲକ୍ଷ୍ୟକୁ ୫୦ ପ୍ରତିଶତକୁ ବୃଦ୍ଧି କରିଛି। ୨୦୨୫ ଜୁନ୍ ସୁଦ୍ଧା ଭାରତ ୩୮ ପ୍ରତିଶତରେ ପହଞ୍ଚିପାରିଛି ଏବଂ ନିଜର ଲକ୍ଷ୍ୟ ନିଶ୍ଚୟ ହାସଲ କରିପାରିବ ବୋଲି ଆଶା କରାଯାଉଛି।

ଲକ୍ଷ୍ମୀବିହାର, ଭୁବନେଶ୍ୱର
ମୋ:୯୪୩୮୬୯୩୭୨୪

## ପାଠକ ଶ୍ରେଷ୍ଠ ବିଚାରକ

### ଏମାନେ ବି ବାଲିଯାତ୍ରା ବ୍ୟବସାୟୀ

ମହାଶୟ,

ବିଶ୍ୱ ପ୍ରସିଦ୍ଧ କଟକ ବାଲିଯାତ୍ରା ଓଡ଼ିଆ ସଂସ୍କୃତି, ବାଣିଜ୍ୟ ଓ ଉତ୍ସବର ଏକ ପ୍ରତୀକ। ଏହି ପରିପ୍ରେକ୍ଷୀରେ ଆଲୋକର ଚମକ, ଖାଦ୍ୟର ସ୍ୱାଦ ଓ ଦୋଳିର ଆକର୍ଷଣ ଲୋକଙ୍କୁ ମୋହିତ କରୁଛି। ବଡ଼ ବ୍ୟବସାୟୀମାନେ ଅନେକ କୋଟିର ଲାଭ କରୁଛନ୍ତି। ସେପଟେ ଚମକର ଆଢୁଆଳରେ ଲୁଚିଯାଉଛି ପେଟପାଟଣା ପାଇଁ ସଂଘର୍ଷ କରୁଥିବା ସହସ୍ରାଧିକ କ୍ଷୁଦ୍ର ତଥା ଗରିବ ବ୍ୟବସାୟୀଙ୍କ ଦୁଃଖ। ଆର୍ଥିକ ଅନଟନରୁ ଛୋଟ ବେପାରୀମାନେ ଷ୍ଟଲ ପରିବର୍ତ୍ତେ ପଡ଼ିଆରେ ଦରି ମେଲାଇ, ବୁଲି ବୁଲି ଅବା ରାସ୍ତା କଡ଼ରେ ଉଠା ଦୋକାନୀ ଭାବେ ବସୁଛନ୍ତି। ଦୈନିକ ତିନିରୁ ପାଞ୍ଚ ଶହ ଟଙ୍କା ପାଇଁ ସଂଘର୍ଷ କରୁଥିବା ବେଳେ ନିଜର ପରିବାର ଓ କୁନିକୁନି ପିଲାଙ୍କୁ ବି କାମରେ ଲଗାଉଛନ୍ତି। ବହୁ ଅସ୍ଥାୟୀ ବ୍ୟବସାୟୀ, ଫେରିବାଲା ଓ ଦିନ ମଜୁରିଆ ଏହି ଶ୍ରେଣୀରେ ରହିବା ସହ ବେଲୁନ, ବାଦାମ, ଖେଳନା, କଲମ ଆଦି ସାମଗ୍ରୀ ବିକୁଛନ୍ତି। ବ୍ୟବସାୟ ବେଳେ ଗ୍ରାହକଙ୍କ ସହ ହସି ହସି କଥା ହେଉଛନ୍ତି, ହେଲେ ରାତିର ହାଡ଼ଭଙ୍ଗା ଜାଡ଼ରେ ଖୋଲା ଆକାଶ ଓ ଅସ୍ଥାୟୀ ଚାଳିଆ ତଳେ ମୁଣ୍ଡ ଗୁଞ୍ଜୁଛନ୍ତି। ଅନେକେ ରାଜ୍ୟ ବାହାରୁ ଆସିଥିବା ବେଳେ ଶୁଦ୍ଧ ପାନୀୟ, ଖାଦ୍ୟ ତଥା ଶୌଚାଳୟ ସୁବିଧା ନ ଥିବାରୁ ଅସୁସ୍ଥ ହେଉଛନ୍ତି। ଶିଶୁମାନେ ପରିବାର ସହ ରାତି କାଟୁଥିବାର ସ୍ଥିତି ମଧ୍ୟ ନଜରକୁ ଆସୁଛି। ଏସବୁ ସ୍ଥିତିକୁ ଆଖି ଆଗରେ ରଖି ଆସନ୍ତା ବର୍ଷ ବାଲିଯାତ୍ରା ପରିଚାଳନା କମିଟି ଓ ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ସେମାନଙ୍କୁ ଅତ୍ୟାବଶ୍ୟକ ସୁବିଧା ସୁଯୋଗ ଯୋଗାଇ ଦିଆଗଲେ ସେମାନଙ୍କ ଦୁଃଖ ଲାଘବ ହୋଇପାରନ୍ତା।

**–ନମିତା ଗିରି, ଆଇଆଇଏମ୍‌ସି, ଢେଙ୍କାନାଳ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ସମୀର କହିଲାଣି ଆକାଶ କଥା
ମଳିନ କିପାଁ ସଖୀ ! ନୟନପତା
ଚଳଇ ଧେନୁ ଗୋଷ୍ଠେ କମ୍ପନ କିପାଁ ଓଷ୍ଠେ ?
ମରମେ ଲୁଚିଛି କି ସରମ ବ୍ୟଥା
ମଳିନ କିପାଁ ସଖୀ ନୟନପତା ?
–(ପ୍ରଭାତ ପ୍ରାସ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପେନ୍‌ସନ ଉନ୍ନତୀକରଣ ଦାବି ଉଠାଇଲା ଏଆଇବିଆର୍‌ଏଫ୍

ଭୁବନେଶ୍ୱର,୧୩।୧୧

ଅଖିଳ ଭାରତ ବ୍ୟାଙ୍କ ଅବସରପ୍ରାପ୍ତ କର୍ମୀ ଫେଡେରେଶନ(ଏଆଇବିଆର୍‌ଏଫ୍) ପକ୍ଷରୁ ୩ ଦିନିଆ କେନ୍ଦ୍ରୀୟ କାର୍ଯ୍ୟକାରୀ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗୁରୁବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏଆଇବିଆର୍‌ଏଫ୍‌ର ବିଭିନ୍ନ ସମସ୍ୟା ଓ ଦାବି ଉପରେ ଆଲୋକପାତ କରାଯାଇଥିଲା। ୭ ଦଫା ଦାବି ପୂରଣ ନ ହେଲେ ନଭେମ୍ବର ୨୦ରୁ ୨୦୨୬ ମାର୍ଚ୍ଚ ୬ ପର୍ଯ୍ୟନ୍ତ ଦେଶବ୍ୟାପୀ ଗଣଧାରଣା ଓ ପର୍ଯ୍ୟାୟକ୍ରମିକ ଅନଶନ କରିବାକୁ ଫେଡେରେଶନ ଚେତାବନୀ ଦେଇଛି। ଏଆଇବିଆର୍‌ଏଫ୍‌ର ସଭାପତି ଏସ୍.ଏମ୍. ଦେଶପାଣ୍ଡେ, ସାଧାରଣ ସମ୍ପାଦକ ଏସ୍. ସି. ଜୈନ, ଉପ ସାଧାରଣ ସମ୍ପାଦକ ଦାମୋଦର ପୋଗଲ, ପରିଚାଳନା ସମ୍ପାଦକ ସୁରେଶ ଚନ୍ଦ ଶର୍ମା କହିଛନ୍ତି, ୧୨ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କ, ୧୩ଟି ଘରୋଇ ବ୍ୟାଙ୍କ, ସମବାୟ ବ୍ୟାଙ୍କ ଏବଂ ଗ୍ରାମୀଣ ବ୍ୟାଙ୍କର ୩ ଲକ୍ଷରୁ ଊର୍ଦ୍ଧ୍ୱ ଅବସରପ୍ରାପ୍ତ କର୍ମଚାରୀଙ୍କ ନେଇ ଏଆଇବିଆର୍‌ଏଫ୍ ଗଠିତ । ପେନ୍‌ସନ ଉନ୍ନତୀକରଣ ଅନୁଷ୍ଠାନର ସଦସ୍ୟମାନଙ୍କର ମୁଖ୍ୟ ଦାବି ରହିଥିବାବେଳେ ଦ୍ୱାଦଶ ଦ୍ୱିପାକ୍ଷିକ ରାଜିନାମା ଅନୁସାରେ ଏକ୍ସଗ୍ରାସିଆର ପୁନଃ ନିର୍ଦ୍ଧାରଣ, ୨୦୧୨ ପରେ ଅବସର ନେଇଥିବା କର୍ମଚାରୀଙ୍କ ସ୍ୱତନ୍ତ୍ର ଭତ୍ତାକୁ ମୂଳ ପେନ୍‌ସନରେ ମିଶାଇବା,ପେନ୍‌ସନ ଦିଆଯାଉ ନ ଥିବା କର୍ମଚାରୀଙ୍କୁ ପେନ୍‌ସନ ପ୍ରଦାନ, ବ୍ୟାଙ୍କ କର୍ମଚାରୀଙ୍କୁ ସ୍ୱାସ୍ଥ୍ୟବୀମାର ଦେୟ ବ୍ୟାଙ୍କ ଦ୍ୱାରା ପ୍ରଦାନ ଆଦି ଦାବି ଉପସ୍ଥାପନ କରାଯାଇଛି। ଫେଡେରେଶନ କ୍ଷୋଭ ପ୍ରକାଶକରି କହିଛି, ଦୀର୍ଘ ୧୨ ବର୍ଷ ହେବ ଏଆଇବିଆର୍‌ଏଫ୍ ବିଭିନ୍ନ ପ୍ରକାର ସାଂଗଠନିକ କାର୍ଯ୍ୟକ୍ରମ ଜରିଆରେ ପେନ୍‌ସନ ଉନ୍ନତୀକରଣ ପାଇଁ ଦାବି କରିଆସୁଛି। ୧୦ ଜଣ କେନ୍ଦ୍ରମନ୍ତ୍ରୀ, ୧୫୦ଜଣ ଏମ୍‌ପିଙ୍କୁ ସ୍ମାରକପତ୍ର ପ୍ରଦାନ ସହ ସଂସଦ ସମ୍ମୁଖରେ ଧାରଣା ଦିଆଯାଇ ଦାବି ଉପସ୍ଥାପନ କରାଯାଇଛି। ରାଜ୍ୟର ରାଜଧାନୀଗୁଡ଼ିକ ସମେତ ୨୦ଟି ସହରରେ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଦାବି ସମ୍ପର୍କରେ ସଂସଦରେ ମଧ୍ୟ ଅନେକ ଥର ଏମ୍‌ପିମାନେ ଉପସ୍ଥାପନା କରିଥିଲେ ମଧ୍ୟ ହିତାଧିକାରୀ ସୁଫଳ ପାଇପାରିନାହାନ୍ତି।




# ଭିଟ୍ ମରିସସ୍‌ରେ ଇଞ୍ଜିନିୟରିଂ ପାଇଁ ଆବେଦନ ଆରମ୍ଭ

ଭୁବନେଶ୍ୱର,୧୩।୧୧

ଭେଲୋର ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି (ଭିଟ୍) ମରିସସ୍ କ୍ୟାମ୍ପସରେ ୨୦୨୬ ଫେବୃଆରୀ ଓ ଅଗଷ୍ଟ ପାଇଁ ପ୍ରମୁଖ ଇଞ୍ଜିନିୟରିଂ ପ୍ରୋଗ୍ରାମଗୁଡ଼ିକର ନାମଲେଖା ପାଇଁ ଆବେଦନ ଆରମ୍ଭ ହୋଇଛି। ଇଚ୍ଛୁକ ଛାତ୍ରୀଛାତ୍ରମାନେ ଏବେ WWW.VITMAURITIUS.MU ମାଧ୍ୟମରେ ଅନ୍‌ଲାଇନରେ ଆବେଦନ କରିପାରିବେ। ଏହି ପ୍ରବେଶ ପାଇଁ କୌଣସି ପ୍ରବେଶିକା ପରୀକ୍ଷାର ଆବଶ୍ୟକତା ନାହିଁ। ନାମଲେଖା ପ୍ରକ୍ରିୟା ଉଚ୍ଚ ମାଧ୍ୟମିକ ପରୀକ୍ଷାରେ ପ୍ରଦର୍ଶନ ଏବଂ ବ୍ୟକ୍ତିଗତ ସାକ୍ଷାତ୍‌କାର ଉପରେ ଆଧାରିତ ହେବ। ମେଧାବୀ ଓ ଆର୍ଥିକ ଦୃଷ୍ଟିରୁ ଆବଶ୍ୟକତା ଥିବା ଛାତ୍ରୀଛାତ୍ରଙ୍କ ପାଇଁ ସ୍କଲାରଶିପ ମଧ୍ୟ ଉପଲବ୍ଧ। ଏହା ସହ ଛାତ୍ରୀଛାତ୍ରମାନେ ଅଧ୍ୟୟନ ସମୟରେ ପାର୍ଟ-ଟାଇମ କାର୍ଯ୍ୟ ସୁଯୋଗ ଏବଂ ଅଧ୍ୟୟନ ପରେ ୩ ବର୍ଷର ପୋଷ୍ଟ-ଷ୍ଟଡି ୱାର୍କ ସୁଯୋଗ ପାଇପାରିବେ।

# ସିବିଓଏର ୨୦ତମ ତ୍ରୈବାର୍ଷିକ ସମ୍ମିଳନୀ



ଭୁବନେଶ୍ୱର,୧୩।୧୧

କାନାରା ବ୍ୟାଙ୍କ ଅଫିସର୍ସ ଆସୋସିଏସନ(ସିବିଓଏ)ର ୨୦ତମ ତ୍ରୈବାର୍ଷିକ ସମ୍ମିଳନୀ ବିଶାଖାପାଟଣାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରତର ବିଭିନ୍ନ ସ୍ଥାନରୁ ୫୦୦୦ ସଦସ୍ୟ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ କାନାରା ବ୍ୟାଙ୍କର ଅଧ୍ୟକ୍ଷ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କେ. ସତ୍ୟନାରାୟଣ ରାଜୁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କାନାରା ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ହର୍‌ଦୀପ ସିଂହ ଆହଲୁୱାଲିଆ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ କେ. ସତ୍ୟନାରାୟଣ ରାଜୁଙ୍କ ଜୀବନୀକୁ ନେଇ ଲିଖିତ ପୁସ୍ତକ 'ଦ ମାଷ୍ଟର ଷ୍ଟିଚ୍'କୁ ଅସୋସିଏଶନ ପକ୍ଷରୁ ରାଜୁଙ୍କ ମାତା ରାମ ସୀତା ଉନ୍ମୋଚନ କରିଥିଲେ। ସିବିଓଏର ସାଧାରଣ ସଚିବ କେ. ରବି କୁମାର ତାଙ୍କ ଜିଏସ୍ ରିପୋର୍ଟ ପ୍ରସ୍ତୁତ କରିଥିଲେ ଏବଂ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ଘରୋଇକରଣ ବିରୋଧରେ ଲଢ଼ିବା ପାଇଁ ସଦସ୍ୟମାନଙ୍କ ଏକତାକୁ ପୁନର୍ବାର ଦୋହରାଇଥିଲେ। ସେ ପ୍ରତିଦିନ ଅଧିକାରୀମାନେ ସମ୍ମୁଖୀନ ହେଉଥିବା ଆହ୍ୱାନ ସମ୍ପର୍କରେ କହିଥିଲେ। ଏକ ପ୍ରତିନିଧି ଅଧିବେଶନ ଅନୁଷ୍ଠିତ ହୋଇଥିଲା ଏବଂ ଗୃହରେ ୯୦ଟି ପ୍ରସ୍ତାବ ଗୃହୀତ ହୋଇଥିଲା। ଉଦ୍‌ଯାପନୀ ଦିବସରେ କେନ୍ଦ୍ରୀୟ କମିଟିକୁ ଆଗାମୀ ୩ ବର୍ଷ ପାଇଁ ନୂତନ କମିଟି ଚୟନ କରିବା ପାଇଁ ଭଙ୍ଗ କରାଯାଇଥିଲା। ରାଜୀବ ନିଗମଙ୍କୁ ସଭାପତି ଭାବେ ପି. ଜାକବଙ୍କୁ ଅଧ୍ୟକ୍ଷ ଭାବେ ଏବଂ କେ. ରବି କୁମାରଙ୍କୁ କାନାରା ବ୍ୟାଙ୍କ ଅଧିକାରୀ ସଂଘର ସାଧାରଣ ସମ୍ପାଦକ ଭାବରେ ନିର୍ବାଚିତ କରାଯାଇଥିଲା। ସିବିଓଏ ଓଡ଼ିଶା କମିଟି ପକ୍ଷରୁ ବରିଷ୍ଠ ଉପ ସଭାପତି ପି. କେ. ମହାନ୍ତି, ଯୁଗ୍ମ ସାଧାରଣ ସମ୍ପାଦକ ଏସ୍. ଏନ୍. ତ୍ରିପାଠୀ, ସହ ସାଧାରଣ ସମ୍ପାଦକ ସିଦ୍ଧାର୍ଥ ଚୌଧୁରୀ, କେନ୍ଦ୍ରୀୟ କମିଟି ସଦସ୍ୟ ଆର୍. କେ. ବେହେରା, କେନ୍ଦ୍ରୀୟ କମିଟି ସଦସ୍ୟ ସୁବ୍ରତ ଦାସ ଓ କେନ୍ଦ୍ରୀୟ କମିଟି ସଦସ୍ୟ ଆଶୁତୋଷ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ମହିନ୍ଦ୍ରା ଲାଷ୍ଟ ମାଇଲ ମୋବିଲିଟିର ୩ ଲକ୍ଷ ଇଭି ବିକ୍ରି

ଭୁବନେଶ୍ୱର,୧୩।୧୧




ମହିନ୍ଦ୍ରା ଲାଷ୍ଟ ମାଇଲ ମୋବିଲିଟି ଲିମିଟେଡ୍ (ଏମ୍‌ଏଲ୍‌ଏମ୍‌ଏମ୍‌ଏଲ୍) ୩ ଲକ୍ଷରୁ ଅଧିକ ଇଲେକ୍ଟ୍ରିକ ଯାନ (ଇଭି) ବିକ୍ରିକରି ଏକ ଐତିହାସିକ ମାଇଲଷ୍ଟୋନ୍ ହାସଲ କରିଛି। କମ୍ପାନୀର ବିସ୍ତୃତ ଇଭି ପୋର୍ଟଫୋଲିଓରେ ଟ୍ରିଓ ରେଞ୍ଜ, ଜୋର ଗ୍ରାଣ୍ଡ, ଇ-ଆଲ୍‌ଫା ଥ୍ରୀ-ହୁଇଲର ଏବଂ ମହିନ୍ଦ୍ରା ଜିଓ ଫୋର-ହୁଇଲର ଅନ୍ୟତମ। ଏହି ଇଭିଗୁଡ଼ିକ ମିଳିତ ଭାବେ ୫୦୦ କୋଟି କିଲୋମିଟରରୁ ଅଧିକ ଦୂରତ୍ୱ ଅତିକ୍ରମ କରିଛି, ଯାହାଦ୍ୱାରା ୧୮୫ ହଜାର ମେଟ୍ରିକ ଟନ୍‌ରୁ ଅଧିକ ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ କରାଯାଇପାରିଛି। ଏହା ୪୩ ଲକ୍ଷରୁ ଅଧିକ ଗଛ ଲଗାଇବାର ପରିବେଶୀୟ ପ୍ରଭାବ ସହ ସମାନ। ଗତ ୧୨ ମାସରେ ୧ ଲକ୍ଷ ଇଭି ବିକ୍ରି ହୋଇଛି। ନିକଟରେ କମ୍ପାନୀ ଟ୍ରିଓ ପ୍ଲସ୍ ସିଟ୍ ମେଟାଲ, ଇ-ଆଲ୍‌ଫା ପ୍ଲସ୍, ଜୋର ଗ୍ରାଣ୍ଡ ରେଞ୍ଜ ପ୍ଲସ୍ ଏବଂ ମହିନ୍ଦ୍ରା ଜିଓ ଭଳି ନୂଆ ଓ ଉନ୍ନତ ଉତ୍ପାଦ ଲଞ୍ଚ କରିଛି। ୨ ଲକ୍ଷ ଇଭି ମାଇଲଷ୍ଟୋନ୍ ସମୟରେ 'ଉଦୟ ଏନ୍‌ଏକ୍ସଟି' କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ୩ ଲକ୍ଷ ଇଭି ମାଇଲଷ୍ଟୋନ ଅବସରରେ କମ୍ପାନୀ ଆଇଓଏସ୍, ଆଣ୍ଡ୍ରଏଡ୍ ଏବଂ ୱେବ୍‌ରେ ନୂଆକରି ଲଞ୍ଚ ହୋଇଥିବା 'ନେମୋ' ପ୍ଲାଟ୍‌ଫର୍ମ ଉନ୍ମୋଚନ କରିଯାଇଛି। ମହିନ୍ଦ୍ରା ଲାଷ୍ଟ ମାଇଲ ମୋବିଲିଟିର ମ୍ୟାନେଜିଂ ଡିରେକ୍ଟର ତଥା ସିଇଓ ସୁମନ ମିଶ୍ର କହିଛନ୍ତି, ଆମେ କେବଳ ଇଭି ନିର୍ମାଣ କରୁନାହୁଁ, ଜୀବିକା ସୃଷ୍ଟି କରୁଛୁ ଏବଂ ଏକ ସ୍ୱଚ୍ଛ ଭବିଷ୍ୟତ ଗଠନ କରୁଛୁ।

# ଇଭୋସ୍ ବିଲ୍ଡକନ୍‌ର ୧୬ଶ ପ୍ରତିଷ୍ଠା ଦିବସ 'ସଂକଳ୍ପ' ପାଳିତ

ଭୁବନେଶ୍ୱର,୧୩।୧୧(ଅନୁରାଧା ମହାରଣା)

ଇଭୋସ୍ ବିଲ୍ଡକନ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ୧୬ଶ ପ୍ରତିଷ୍ଠା ଦିବସ 'ସଂକଳ୍ପ' ପାଳନ କରାଯାଇଛି। କର୍ମଚାରୀ, ଷ୍ଟେକ୍‌ହୋଲ୍‌ଡର, ନିବେଶକ, ପରାମର୍ଶଦାତା ଓ ଗ୍ରାହକଙ୍କ ସମାବେଶରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ ଯୋଗଦେଇଥିଲେ। କମ୍ପାନୀର ମ୍ୟାନେଜିଂ ଡାଇରେକ୍ଟର କଳିଙ୍ଗ କେଶରୀ ରଥ ଇଭୋସ୍ ପରିବାରର ଅଟଳ ବିଶ୍ୱାସ ଓ ନିଷ୍ଠା ପାଇଁ କୃତଜ୍ଞତା ଜ୍ଞାପନକରି କହିଛନ୍ତି, ନବୀନତାରେ ଗଢ଼ା ମୂଲ୍ୟବୋଧ ହିଁ କମ୍ପାନୀର ଶକ୍ତି। ଇଭୋସ୍ ଆଲ୍‌କେମି ଓ ଇଭୋସ୍ ଅମାନି ପ୍ରକଳ୍ପକୁ ଉଲ୍ଲେଖକରି ସେ କହିଛନ୍ତି, ୨୦୨୫ ଡିସେମ୍ବର ସୁଦ୍ଧା ଭୁବନେଶ୍ୱର ଓ ପୁରୀରେ ୬୦୦ ଫ୍ଲାଟ୍ ହସ୍ତାନ୍ତର ହେବ। ଏଥିମଧ୍ୟରେ ପୁରୀର ସୀ ରୋଜେସ୍ ରହିଛି। ଇଭୋସ୍ ଭବିଷ୍ୟତରେ ସ୍ଥାୟିତ୍ୱ, ଡିଜାଇନ ଓ ଲାଇଫଷ୍ଟାଇଲ୍ ନବୀନତା ସହ ଅତ୍ୟାଧୁନିକ ଫ୍ଲାଟ୍ ଓ ଭିଲା ପ୍ରକଳ୍ପ ଆସିବ। ଉତ୍ସବରେ 'ସଂକଳ୍ପ ମ୍ୟାଗାଜିନ' ଉନ୍ମୋଚନ କରାଯାଇଥିବାବେଳେ କଣ୍ଠଶିଳ୍ପୀ ଆଲୋକ କଟଡାରେ ଓ ଟ୍ରମ୍ପେଟର କିଶୋର ସୋଡାଙ୍କ ପ୍ରଦର୍ଶନୀ ବେଶ୍ ଆକର୍ଷଣୀୟ ହୋଇଥିଲା। ଓଡ଼ିଶା ଭିଜନ ୨୦୩୬ ସହ ସମନ୍ୱିତ 'ଭିଜନ ୨୦୩୬' ସମ୍ପର୍କରେ କଳିଙ୍ଗ କେଶରୀ କହିଛନ୍ତି, ସ୍ୱପ୍ନକୁ ଲ୍ୟାଣ୍ଡମାର୍କରେ ରୂପାନ୍ତରିତକରି ପିଢ଼ି ପିଢ଼ିର ଉତ୍ତରାଧିକାର ଗଢ଼ିବା ହିଁ ଇଭୋସ୍‌ର ଲକ୍ଷ୍ୟ।




# ପୁଣି ବଢ଼ିଲା ସୁନାରୁପା ଦର

ଭୁବନେଶ୍ୱର,୧୩।୧୧(ଅନୁରାଧା ମହାରଣା)

ବିବାହଋତୁ ଆରମ୍ଭ ହେବା ସହ ସୁନାଦରରେ ପୁଣିଥରେ ଲଗାତାର ବୃଦ୍ଧି ଦେଖିବାକୁ ମିଳିଛି। ଗୁରୁବାର ୨୪ କ୍ୟାରେଟ ସୁନାଦର ୧୦ଗ୍ରାମ ପ୍ରତି ୩,୧୧୦ଟଙ୍କା ବୃଦ୍ଧି ହୋଇ ୧,୨୮,୬୨୦ଟଙ୍କାରେ ପହଞ୍ଚିଛି। ବୁଧବାର ଏହା ୧,୨୫, ୫୧୦ ଟଙ୍କା ରହିଥିଲା। ସେହିପରି ୨୨ କ୍ୟାରେଟ ସୁନାଦରରେ ଦିନକରେ ୨,୮୫୦ ଟଙ୍କା ବୃଦ୍ଧି ହୋଇଛି। ବୁଧବାର ଏହା ୧,୧୫,୦୫୦ଟଙ୍କା ଥିବାବେଳେ ଗୁରୁବାର ଏହା ୧,୧୭,୯୦୦ଟଙ୍କାରେ ହୋଇଛି। ସେହିପରି ରୁପା ଦର କିଲୋଗ୍ରାମ ପ୍ରତି ୧୦ ହଜାର ଟଙ୍କା ବଢ଼ିଛି । ବୁଧବାର ୧,୭୩,୦୦୦ ଟଙ୍କା ଥିବାବେଳେ ଗୁରୁବାର ଏହା ୧,୮୩,୦୦୦ଟଙ୍କା ହୋଇଛି। ପ୍ଲାଟିନମ୍ ୧୦ ଗ୍ରାମ ପ୍ରତି ୯୭୦ଟଙ୍କା ବଢ଼ି ୪୬,୧୨୦ଟଙ୍କା ହୋଇଛି ଯାହାକି ବୁଧବାର ୪୫,୧୫୦ଟଙ୍କା ଥିଲା।

DSPL-351

ସତ୍ୟମେବ ଜୟତେ



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଜନଜାତୀୟ ଗୌରବ ଦିବସ ପାଳନ ଉପଲକ୍ଷେ

ବିଦ୍ୟାଳୟରେ ଅଭିଭାବକମାନଙ୍କର ସହଭାଗିତା କାର୍ଯ୍ୟକ୍ରମ

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ସମସ୍ତ ବିଦ୍ୟାଳୟରେ ଆୟୋଜନ ହେଉଅଛି

୧୫ ନଭେମ୍ବର ୨୦୨୫

କାର୍ଯ୍ୟସୂଚୀ

- ଛାତ୍ରଛାତ୍ରୀମାନଙ୍କ ଶିକ୍ଷାର ପ୍ରଗତି ଓ ବିଦ୍ୟାଳୟ ତଥା ଛାତ୍ରାବାସର ଉନ୍ନତି ସମ୍ପର୍କରେ ଆଲୋଚନା
- ଛାତ୍ରଛାତ୍ରୀମାନଙ୍କ ପୋଷଣ ଓ ସ୍ୱାସ୍ଥ୍ୟର ସଶକ୍ତିକରଣ ସମ୍ପର୍କରେ ଆଲୋଚନା
- ଛାତ୍ରଛାତ୍ରୀମାନଙ୍କ ନିରାପତ୍ତା ଓ ସୁରକ୍ଷା ସମ୍ପର୍କରେ ସଚେତନତା
- ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରତିଯୋଗିତା (ବକ୍ତୃତା, ସୃଜନାତ୍ମକ ଲେଖନୀ, ରଚନା, କବିତା ପାଠ ଇତ୍ୟାଦି )
- ଅଭିଭାବକମାନଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ପ୍ରତିଯୋଗିତା (ରଙ୍ଗୋଲି, ଚିତ୍ରାଙ୍କନ ଇତ୍ୟାଦି )

ପ୍ରତ୍ୟେକ ଅଭିଭାବକଙ୍କୁ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବାକୁ ସାଦର ନିମନ୍ତ୍ରଣ

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ

OIPR-

**ଖଇଆଲୁ ତରକାରି ଖାଇ ୧୫ ଅସୁସ୍ଥ**

ପାତ୍ରପୁର, (ଉମା ଚରଣ ନେପାକ): ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକ ସାମନ୍ତିଆପାଲ୍ଲୀ ଓ ନାରାୟଣପୁର ଗ୍ରାମରେ ଖଇଆଲୁ ଖାଇ ୧୫ ଜଣ ଅସୁସ୍ଥ ହୋଇପଡ଼ିଛନ୍ତି। ଏହି ବ୍ୟକ୍ତିମାନେ ୩ଟି ପରିବାରର ବୋଲି ଜଣାପଡ଼ିଛି। ସମସ୍ତ ଅସୁସ୍ଥଙ୍କୁ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଜଣେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି।

**ଜାତୀୟ/ଅନ୍ତର୍ଜାତୀୟ**

# ଭାରତ, ଆଫଗାନିସ୍ତାନ ସହ ଏକସଙ୍ଗେ ଯୁଦ୍ଧ ପାଇଁ ପ୍ରସ୍ତୁତ: ପାକ୍ ମନ୍ତ୍ରୀ

ଇସ୍‌ଲାମାବାଦ,୧୩।୧୧

ଭାରତ ଓ ଆଫଗାନିସ୍ତାନ ସହ ଏକସଙ୍ଗେ ଯୁଦ୍ଧ ଲଢ଼ିବାକୁ ପାକିସ୍ତାନ ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ଏହାର ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍ ଏକ ଉତ୍ତେଜନାପୂର୍ଣ୍ଣ ବିବୃତି ଦେଇଛନ୍ତି। ଗୁରୁବାର ଏକ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଆସିଫ୍ କହିଛନ୍ତି, ଆମେ ପୂର୍ବରେ ଭାରତ ଏବଂ ପଶ୍ଚିମରେ ଆଫଗାନିସ୍ତାନ ସହ ମୁହାଁମୁହିଁ ହେବା ପାଇଁ ପ୍ରସ୍ତୁତ ରହିଛୁ। ପ୍ରଥମ ପର୍ଯ୍ୟାୟରେ ଆଲ୍ଲା ଆମକୁ ସହାୟତା କରିଥିଲେ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ମଧ୍ୟ ସହାୟକ ହେବେ। ମଙ୍ଗଳବାର ଇସ୍‌ଲାମାବାଦରେ ଆତ୍ମଘାତୀ ବିସ୍ଫୋରଣରେ ୧୨ ଜଣଙ୍କ ମୃତ୍ୟୁ ଘଟିବା ସହ ୩୬ ଜଣ ଆହତ ହୋଇଥିଲେ। ଏହି ଆକ୍ରମଣ ପାଇଁ ତେହେରିକ୍-ଇ- ତାଲିବାନ ପାକିସ୍ତାନ (ଟିଟିପି) ନିଜକୁ ଦାୟୀ କରିଥିଲା। ବିସ୍ଫୋରଣ ଘଟଣାକୁ ନେଇ ଆସିଫ୍ ଏଭଳି ଉତ୍ତେଜନାପୂର୍ଣ୍ଣ ମନ୍ତବ୍ୟ ଦେଇଛନ୍ତି। ଇସ୍‌ଲାମାବାଦ ଆତ୍ମଘାତୀ ଆକ୍ରମଣ ପାଇଁ ପାକ୍ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ ଭାରତକୁ ଦୋଷ ଦେଇଥିଲେ। ଆକ୍ରମଣରେ ସମ୍ପୃକ୍ତ ଗ୍ରୁପ୍ ଭାରତ ସହାୟତାରେ ସକ୍ରିୟ ଥିବା ଶେହବାଜ କହିଥିଲେ।

# ମନିଲଣ୍ଡରିଂ ମାମଲା: ଜେପି ଇନ୍‌ଫ୍ରାଟେକ୍ ଏମ୍‌ଡି ଗିରଫ

ନୂଆଦିଲ୍ଲୀ,୧୩।୧୧

ମନିଲଣ୍ଡରିଂ ମାମଲାରେ ରିଏଲିଟି କମ୍ପାନୀ ଜେପି ଇନ୍‌ଫ୍ରାଟେକ୍ ଲିଃର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ମନୋଜ ଗୌରଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗିରଫ କରିଛି। ଘର କ୍ରେତାଙ୍କ ସହ ଜାଲିଆତି ଅଭିଯୋଗ ମନିଲଣ୍ଡରିଂ ବିଗ ଉପରେ ଇଡି ତଦନ୍ତ ଜାରି ରଖିଛି।


ମନୋଜ ଗୌର

ଜୟପ୍ରକାଶ ଆସୋସିଏଟ୍ସ (ଜେଏଏଲ୍)ର ପୂର୍ବତନ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଜେପି ଇନ୍‌ଫ୍ରାଟେକ୍ ଲିଃ (ଜେଆଇଏଲ୍)ର ପୂର୍ବତନ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଗୌର ୧୬୫ କି.ମି. ଯମୁନା ଏକ୍ସପ୍ରେସ୍ ୱେ ସମେତ ଜାତୀୟ ରାଜଧାନୀ ଅଞ୍ଚଳରେ ଅନେକ ମେଗା ପ୍ରକଳ୍ପ ନିର୍ମାଣ କରିଛନ୍ତି। ମନିଲଣ୍ଡରିଂ ପ୍ରତିକାର ଆଇନ ଅନୁଯାୟୀ ଗୌରଙ୍କ ନାମରେ ଇଡି ମାମଲା ରୁଜୁ କରିଛି। ଜେପି ୱିସ୍‌ଟାଉନ୍ ଏବଂ ଜେପି ଗ୍ରୀନ୍ ପ୍ରୋଜେକ୍ଟର ଅନେକ ଗୃହକ୍ରେତା ଠକାମି, ଅପରାଧିକ ଷଡ଼ଯନ୍ତ୍ର ଏବଂ ବିଶ୍ୱାସ ଭଙ୍ଗର ଶିକାର ହୋଇଥିବା ନେଇ କମ୍ପାନୀ ଓ ଏହାର ପ୍ରମୋଟରମାନଙ୍କ ବିରୋଧରେ ଅଭିଯୋଗ ଆଣିବା ପରେ ଦିଲ୍ଲୀ ପୋଲିସର ଆର୍ଥିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଏବଂ ଉତ୍ତରପ୍ରଦେଶ ପୋଲିସ ଏଥିରୁ ଏତଲା ଦାଏର କରିଥିବାବେଳେ ଏହା ଆଧାରରେ ଇଡି ଜେପି ଗ୍ରୁପ୍ ବିରୋଧରେ ତଦନ୍ତ ହାତକୁ ନେଇଛି।

# ୨ ଟ୍ରକ୍ ମଝିରେ ଚାପି ହୋଇଗଲା କାର୍: ୮ ମୃତ

ପୁଣେ,୧୩।୧୧

ପୁଣେରେ ଗୁରୁବାର ୨ଟି ଟ୍ରକ୍ ମଝିରେ ଧକ୍କା ବେଳେ ଗୋଟିଏ କାର୍ ଏହା ମଝିରେ ରହିଯିବାରୁ ଦୁର୍ଘଟଣାରେ ୮ ଜଣଙ୍କ ମୃତ୍ୟୁ ଘଟିବା ସହ ୧୫ ଆହତ ହୋଇଛନ୍ତି। ପୁଣେର ନାଭାଲେ ବ୍ରିଜ୍ ଅଞ୍ଚଳରେ ଦୁର୍ଘଟଣା ପରେ ଗୋଟିଏ ଟ୍ରକ୍ ଜଳିଯାଇଛି ଓ କାର୍‌ଟି ଦୁମଡ଼ି ହୋଇଯାଇଛି। ଦୁର୍ଘଟଣା ପରେ ଜାତୀୟ ରାଜପଥରେ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇଯିବାରୁ ବହୁ ଦୂର ଯାଏ ଟ୍ରାଫିକ୍ ଜାମ୍ ଲାଗିରହିଥିଲା। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍ ମୃତକଙ୍କ ପରିବାର ପାଇଁ ୫ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଘୋଷଣା କରିଛନ୍ତି।

# ଆମେରିକାରେ ଇତିହାସ ହେଲା ୧ ସେଣ୍ଟ କଏନ୍

ଫିଲାଡେଲ୍‌ଫିଆ,୧୩।୧୧




ଆମେରିକା ୧ ସେଣ୍ଟ କଏନ୍ ଉତ୍ପାଦନ ବୁଧବାରଠାରୁ ବନ୍ଦ କରିଦେଇଛି। ୨୩୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଚଳିଆସୁଥିବା ଓ ଆମେରିକୀୟ ସଂସ୍କୃତି ସହ ଜଡ଼ିତ ଏହି ମୁଦ୍ରା ଏବେ ଇତିହାସ ପାଲଟିବାକୁ ଯାଉଛି। ୧୭୯୩ରେ ପ୍ରଚଳନ ଆରମ୍ଭ ହୋଇଥିବା ଏହି ମୁଦ୍ରାରେ ସେତେବେଳେ ଗୋଟିଏ ବିସ୍କୁଟ୍, ଗୋଟିଏ କ୍ୟାଣ୍ଡେଲ କିମ୍ବା ଗୋଟିଏ ପିସ୍ କ୍ୟାଣ୍ଡି ମିଳୁଥିଲା। ଗୋଟିଏ ସେଣ୍ଟ ତିଆରି ପାଇଁ ପାଖାପାଖି ୪ ସେଣ୍ଟ ଖର୍ଚ୍ଚ ହୋଇଥାଏ। ଏବେ ଏହି ମୁଦ୍ରା କ୍ୱଚିତ୍ ପ୍ରଚଳନ ହେଉଥିଲା। ଉତ୍ପାଦନ ବନ୍ଦ ଫଳରେ କରଦାତାଙ୍କ ୫୬ ନିୟୁତ ଡଲାର ସଞ୍ଚୟ ହୋଇପାରିବ। ଟ୍ରେଜରର ବ୍ରାଣ୍ଡନ୍ ବିଚ୍ ବଟନ୍ ଚିପି ଶେଷ କଏନ୍ ଉତ୍ପାଦନ କରିବା ପୂର୍ବରୁ ଫିଲାଡେଲ୍‌ଫିଆସ୍ଥିତ ଆମେରିକୀୟ ମୁଦ୍ରାଶାଳାଠାରେ ଏହା କହିଛନ୍ତି। ଶେଷରେ ପ୍ରସ୍ତୁତ ହୋଇଥିବା କେତେକ ୧ ସେଣ୍ଟ କଏନ୍‌କୁ ନିଲାମ ପାଇଁ ରଖାଯିବ ବୋଲି ଜଣାପଡ଼ିଛି। ଏବେ ବହୁ ବିଲିୟନ ମୂଲ୍ୟର ଏହି ମୁଦ୍ରା ପ୍ରଚଳନ ହେଉଥିଲେ ମଧ୍ୟ ଆଉ ଉତ୍ପାଦନ କରାଯିବ ନାହିଁ। ହାଫ୍ ସେଣ୍ଟ ମୁଦ୍ରା ୧୮୫୭ରୁ ବନ୍ଦ ହୋଇଥିଲା।

# ବ୍ରହ୍ମପୁର ଏସ୍‌ପିଙ୍କ କାହାଣୀ ଭାଜପା, ଆର୍‌ଏସ୍‌ଏସ୍‌ର ମିଳିତ ଚକ୍ରାନ୍ତ: କଂଗ୍ରେସ

ଭୁବନେଶ୍ୱର,୧୩।୧୧
(ରବିନାରାୟଣ ଜେନା)

ବ୍ରହ୍ମପୁରର ବହୁଚର୍ଚ୍ଚିତ ପୀତବାସ ପଣ୍ଡା ହତ୍ୟା ଘଟଣାର ତଦନ୍ତଭାର ନେଇଥିବା ବ୍ରହ୍ମପୁର ଏସ୍‌ପି ଶ୍ରବଣା ବିବେକଙ୍କୁ ହାଇକୋର୍ଟଙ୍କ ଭର୍ତ୍ସନା ସରକାରଙ୍କ ଅସଲମୁଖା ଖୋଲି ଦେଇଛି ବୋଲି କଂଗ୍ରେସ କହିଛି। ଗୁରୁବାର କଂଗ୍ରେସ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପିସିସି ମୁଖପାତ୍ର ସୋନାଲି ସାହୁ କହିଛନ୍ତି, ପୀତବାସ ପଣ୍ଡା ହତ୍ୟାକାଣ୍ଡକୁ ନେଇ ବ୍ରହ୍ମପୁର ଏସ୍‌ପି ଖବରଦାତା ସମ୍ମିଳନୀରେ ୱେବ୍ ସିରିଜର ସ୍କ୍ରିପ୍ଟ ଭଳି ମନଗଢ଼ା କାହାଣୀ ଉପସ୍ଥାପନା କରିଥିଲେ। ବିନା ତଥ୍ୟ ଆଧାରରେ କାହାଣୀ କହିବା ଯୋଗୁ ହାଇକୋର୍ଟ ବ୍ରହ୍ମପୁର ଏସ୍‌ପିଙ୍କୁ ଭର୍ତ୍ସନା କରିଛନ୍ତି। କୋର୍ଟରେ ବ୍ୟକ୍ତିଗତ ହାଜର ହୋଇ ଏସ୍‌ପି ନିଃସର୍ତ୍ତ କ୍ଷମା ପ୍ରାର୍ଥନା କଲେ। ଏସ୍‌ପିଙ୍କ କାହାଣୀ ଭାଜପା, ଆର୍‌ଏସ୍‌ଏସ୍ ଓ ପ୍ରଶାସନର ମିଳିତ ଚକ୍ରାନ୍ତ ଥିଲା। କାରଣ ନୂଆପଡ଼ା ନିର୍ବାଚନକୁ ପ୍ରଭାବିତ କରିବା ଓ ମୁଖ୍ୟମନ୍ତ୍ରୀଙ୍କ ବାଲି ମାଫିଆଙ୍କ ସମ୍ପର୍କ ଲୁଚେଇବା ପାଇଁ ଏଭଳି ଷଡ଼ଯନ୍ତ୍ର ରଚା ଯାଇଥିଲା। ଏସ୍‌ପିଙ୍କ ନିଃସର୍ତ୍ତ କ୍ଷମା ପ୍ରାର୍ଥନା ଓଡ଼ିଶାବାସୀଙ୍କ ମୁଣ୍ଡ ତଳକୁ କରି ଦେଇଛି। ଏଥିପାଇଁ ଏସ୍‌ପି ଯେତିକି ଦାୟୀ, ଗୃହବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମଧ୍ୟ ସେତିକି ଦାୟୀ। ଏନେଇ ସରକାର ସ୍ପଷ୍ଟୀକରଣ ଦିଅନ୍ତୁ ବୋଲି ସୋନାଲି ଦାବି କରିଛନ୍ତି। ଏହି ଅବସରରେ ମୁଖପାତ୍ର ବିଭୂତି ଭୂଷଣ ମହାପାତ୍ର କହିଛନ୍ତି, ନିଃସର୍ତ୍ତ କ୍ଷମାପ୍ରାର୍ଥନା ପରେ ଏସ୍‌ପିଙ୍କୁ ପୋଲିସ ଡିଜି ଓ ଗୃହ ବିଭାଗ ମନ୍ତ୍ରୀ କେବେ ଦାୟିତ୍ୱମୁକ୍ତ କରିବେ ସେନେଇ ସ୍ପଷ୍ଟ କରନ୍ତୁ।

# ଗାତରେ ପଡ଼ିଥିବା ହାତୀ ଉଦ୍ଧାର



**ଫରେଷ୍ଟର ଗୁରୁତର**

ମୁରିବାହାଲ,୧୩।୧୧
(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ରେଞ୍ଜ ଗୁଡ଼ିଘାଟ ଗ୍ରାମପଞ୍ଚାୟତ ଅଧୀନ ବିଜାମାଲ ଗ୍ରାମରେ ଗାତରେ ପଡ଼ିଯାଇଥିବା ଏକ ହାତୀକୁ ଗୁରୁବାର ଉଦ୍ଧାର କରାଯିବା ବେଳେ ଅଘଟଣ ଘଟିଛି। ଉଦ୍ଧାର ହୋଇଥିବା ହାତୀ ହାବୁଡ଼ରେ ପଡି ଗୁଡ଼ିଘାଟ କେନ୍ଦୁଲିଫ୍ ଫରେଷ୍ଟର ପ୍ରଦୀପ କୁମାର ନାଥ ଗୁରୁତର ହୋଇ ଚିକିତ୍ସାଧୀନ ଅଛନ୍ତି। ବୁଧବାର ରାତିରେ ବିଜାମାଲ ଗ୍ରାମ ନିକଟକୁ ଏକ ୧୩ ଟିକିଆ ହାତୀ ପଲ ପଶି ଆସିଥିଲେ। ସେଥିରୁ ଗୋଟିଏ ହାତୀ ଉକ୍ତ ଗ୍ରାମର ଚାଷୀ ମୋହନ ସାଙ୍କ ଜମିରେ ଦୀର୍ଘଦିନ ହେଲା ପରିତ୍ୟକ୍ତ ଅବସ୍ଥାରେ ଥିବା ଏକ ଗାତରେ ପଡ଼ିଯାଇଥିଲା । ଏ ସମ୍ପର୍କରେ ଖବର ପାଇ ଗୁରୁବାର ପୂର୍ବାହ୍ନ ୧୦ଟାରୁ ଜଙ୍ଗଲ ବିଭାଗ କର୍ମଚାରୀ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ୩ରୁ ୪ ଘଣ୍ଟା ଧରି ଉଦ୍ଧାର କାର୍ଯ୍ୟ ଚଳାଇଥିଲେ । ଏପରି କି ସେହି ଜମିରେ ଜେସିବି ଦ୍ୱାରା ଆଉ ଏକ ଗାତ ଖୋଳାଯାଇ ହାତୀକୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା । ତେବେ ହାତୀଟି ଗାତରୁ ବାହାରି ଦୌଡ଼ିଯିବା ବେଳେ ହଠାତ୍ କେନ୍ଦୁଲିଫ ଫରେଷ୍ଟର ନାଥ ତା' ହାବୁଡ଼ରେ ପଡ଼ିଯାଇଥିଲେ। ସେ ତଳେ ଡ଼ିଯିବାରୁ ତାଙ୍କର ହାତ, ଗୋଡ଼ ଭାଙ୍ଗିଯାଇଥିବା ଜଣାଯାଇଛି। ତାଙ୍କୁ ପ୍ରଥମେ କଣ୍ଟାବାଞ୍ଜି ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବଲାଙ୍ଗୀର ଭୀମ ଭୋଇ ମେଡିକାଲକୁ ନିଆଯାଇଥିବା ଖବର ମିଳିଛି ।

# ପୋଖରୀରେ ପଶିଗଲା କାର୍: ୨ ମୃତ

**ଦୁଇ ଗୁରୁତର**

କବିସୂର୍ଯ୍ୟନଗର,୧୩।୧୧
(କୃପାସିନ୍ଧୁ ସ୍ୱାଇଁ)

ପୋଖରୀ ଭିତରକୁ ଖସି ପଡିଥିବା କାର୍





ନିଳାଞ୍ଚଳ ମହାପାତ୍ର


ସନ୍ତୋଷ ମହାପାତ୍ର

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ଆଠଗଡପାଟଣାର ଗଙ୍ଗାପୁରଠାରେ ବୁଧବାର ବିଳମ୍ବିତ ରାତିରେ ଏକ କାର ଭାରସାମ୍ୟ ହରାଇ ପୋଖରୀ ଭିତରକୁ ପଶିଯାଇଛି। ଫଳରେ ଦୁଇ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ନୀଳାଞ୍ଚଳ ମହାପାତ୍ର (୩୬) ଓ ସନ୍ତୋଷ ମହାପାତ୍ର (୩୫)। ନୀଳାଞ୍ଚଳଙ୍କ ଘର ତାଳଚେର ଅଞ୍ଚଳରେ ହୋଇଥିବା ବେଳେ ସନ୍ତୋଷଙ୍କ ଘର ଚିଙ୍ଗୁଡ଼ିଘାଇ ଅଞ୍ଚଳରେ ବୋଲି ଜଣାପଡିଛି। ଖବରରୁ ପ୍ରକାଶ, ବୁଧବାର ବିଳମ୍ବିତ ରାତିରେ ଇଟାଭାଟିରେ ଭୋଜି ସାରି ୪ ଜଣ ସାଙ୍ଗ କାରରେ ଚିଙ୍ଗୁଡ଼ିଘାଇ ଫେରୁଥିଲେ। ଗଙ୍ଗାପୁର ଗୁଡିବନ୍ଧଠାରେ କାରଟି ଭାରସାମ୍ୟ ହରାଇ ଗାଁ ପୋଖରୀ ଭିତରେ ପଶି ଓଲଟି ପଡିଥିଲା। ଖବର ପାଇ ପରିବାର ଲୋକେ ଏବଂ ସ୍ଥାନୀୟ ବାସିନ୍ଦା ଘଟଣା ସ୍ଥଳରେ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି ଗୁରୁତର ଅବସ୍ଥାରେ ଆସିକା ମେଡିକାଲକୁ ଆଣିଥିଲେ। ସେଠାରେ ଡାକ୍ତର ନୀଳାଞ୍ଚଳ ଓ ସନ୍ତୋଷଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ୨ ଜଣ ଚିକିତ୍ସାଧୀନ ଅଛନ୍ତି। ଖବର ପାଇ କବିସୂର୍ଯ୍ୟନଗର ପୋଲିସ ଘଟଣା ସ୍ଥଳରେ ପହଞ୍ଚି କାରକୁ ଉଦ୍ଧାର କରିବା ସହ ମେଡିକାଲରେ ତଦନ୍ତ ଆରମ୍ଭ କରିଛି । ମୃତଦେହ ବ୍ୟବଚ୍ଛେଦ ପରେ ଉଭୟ ପରିବାରଙ୍କୁ ହସ୍ତାନ୍ତର କରାଯାଇଛି।

# ଉପନିର୍ବାଚନରେ ପ୍ରଶାସନିକ କଳର ଅପବ୍ୟବହାର ହୋଇଛି: ବିଜେଡି

ଭୁବନେଶ୍ୱର, ୧୩।୧୧(ସୁନିତ୍ ମିଶ୍ର)

ନୂଆପଡ଼ା ଉପନିର୍ବାଚନ ଫଳ ଶୁକ୍ରବାର ପ୍ରକାଶ ପାଇବାକୁ ଥିବାବେଳେ ପ୍ରଶାସନିକ କଳର ଅପବ୍ୟବହାରକରି ଭାଜପା ପ୍ରଭାବିତ କରିଛି ବୋଲି ବିଜେଡି ଅଭିଯୋଗ କରିଛି। ଶଙ୍ଖ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ଉପସଭାପତି ଅତନୁ ସବ୍ୟସାଚୀ ନାୟକ କହିଛନ୍ତି, ଭାଜପା ଦ୍ୱାରା ପ୍ରଶାସନିକ କଳର ଅପବ୍ୟବହାର କରାଯାଇ ନିର୍ବାଚନକୁ ପ୍ରଭାବିତ କରାଯାଇଛି। ନିର୍ବାଚନରେ ଭାଜପା ଦ୍ୱାରା ବିଭିନ୍ନ ଆଚରଣ ବିଧିର ଖୋଲା ଉଲ୍ଲଂଘନ ଓ ଏହି ସମୟରେ ଅନେକ ଅନିୟମିତତାର ଅଭିଯୋଗ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସାମ୍ନାରେ ରଖାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ନିର୍ବାଚନ ସମୟରେ ସନ୍ଧ୍ୟା ୫ଟା ସୁଦ୍ଧା ୭୫% ଭୋଟିଂ ହୋଇଛି ବୋଲି ନିର୍ବାଚନ ଅଧିକାରୀଙ୍କ ତରଫରୁ ସୂଚନା ଦିଆଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଏହା ବୃଦ୍ଧି ପାଇ ୮୩.୫% ଭୋଟିଂ ହୋଇଛି ବୋଲି ସୂଚନା ଦିଆଗଲା। ଅଧିକ ପ୍ରତିଶତ ଭୋଟ ହେବା ଗଣତନ୍ତ୍ର ପାଇଁ ଏକ ଶୁଭ ଲକ୍ଷଣ। କିନ୍ତୁ ଭୋଟିଂ ସମୟ ଶେଷ ହେବା ପରେ ଅର୍ଥାତ୍ ସନ୍ଧ୍ୟା ୫ଟା ପରେ ପ୍ରାୟ ୮%ରୁ ଅଧିକ ଭୋଟ ପଡ଼ିବା ସନ୍ଦେହଜନକ। ଆହୁରି ପ୍ରାୟ ୪୧ଟି ବୁଥ୍‌ରେ ୯୧%ରୁ ଅଧିକ ଭୋଟିଂ ହେବା, ଭୋଟ ରିଗିଂ ହୋଇଥିବା ସନ୍ଦେହ ସୃଷ୍ଟି କରିଛି। ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ଯେଉଁ ବୁଥ୍‌ଗୁଡିକରେ ୯୦%ରୁ ଅଧିକ ଭୋଟିଂ ହୋଇଛି, ସେଠାକାର ସିସିଟିଭି ଫୁଟେଜ ଆମକୁ ପ୍ରଦାନ କରାଯାଉ। ସିସିଟିଭି ଫୁଟେଜ୍ ହିଁ ପ୍ରମାଣ କରିବ ବାସ୍ତବରେ ଲୋକ ଭୋଟ ଦେଇଛନ୍ତି ନା ହେରଫେର ହୋଇଛି ବୋଲି ଲେନିନ୍ କହିଛନ୍ତି।

# ନୂଆପଡ଼ା ଉପନିର୍ବାଚନରେ ଇତିହାସ ରଚିବୁ: ଭାଜପା

ଭୁବନେଶ୍ୱର, ୧୩।୧୧(ସୁନିତ୍ ମିଶ୍ର)

ନୂଆପଡ଼ା ଉପନିର୍ବାଚନରେ ଭାଜପା ଇତିହାସ ରଚିବାକୁ ଯାଉଛି। ଏବେ ପର୍ଯ୍ୟନ୍ତ ଓଡ଼ିଶାରେ ଯେତେ ଉପନିର୍ବାଚନ ହୋଇଛି ତା'ଠାରୁ ଅଧିକ ଭୋଟ ବ୍ୟବଧାନରେ ନିଜ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ଭାଜପା ବିଜୟୀ ହେବାକୁ ଯାଉଛି। ବିଜେଡି ବୋଧହୁଏ ଏକଥା ଅନୁଭବ କରିସାରିଲାଣି। ତେଣୁ ସେହି ଦଳର ନେତାମାନେ ବିଭିନ୍ନ ବାହାନା ସହ ପ୍ରଳାପ କରୁଛନ୍ତି ବୋଲି ରାଜ୍ୟ ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବିରଞ୍ଚି କହିଛନ୍ତି, ବିଜେଡି ମୁଖିଆ ନବୀନ ପଟ୍ଟନାୟକ ପ୍ରଚାର କରିବେ ନାହିଁ ବୋଲି କୁହାଯାଉଥିଲା। ପରେ ଅବସ୍ଥା ଏପରି ହୋଇଥିଲା ଯେ ସେ ୨ ଥର ପ୍ରଚାରରେ ଯାଇଥିଲେ। ଆଉ ଯେଉଁ ଅପଶବ୍ଦ ଓ ଭାଷା ପ୍ରୟୋଗ କଲେ ତାହା ଗ୍ରହଣୀୟ ନୁହେଁ। ପରେ ତାଙ୍କ ଦଳର ଜଣେ ନେତ୍ରୀ ଭାଜପା ଉପରେ ମିଥ୍ୟା ଆରୋପ ଲଗାଇବାକୁ ଯାଇ କହିଲେ, ଗଞ୍ଜାମରୁ କୁଆଡ଼େ ଗୋଟିଏ ଟ୍ରକ୍ ଇଭିଏମ୍ ନୂଆପଡ଼ା ଆସିଛି। ପରେ ତାଙ୍କ ଦଳର ଜଣେ ବରିଷ୍ଠ ନେତା ଏଡିଟ୍ ହୋଇଥିବା ଏକ ଫଟୋକୁ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଭୋଟ ଏପଟସେପଟ ହୋଇଥିବା ଆରୋପ ଲଗାଇ ନୂଆପଡ଼ାବାସୀଙ୍କୁ ଭ୍ରମିତ କଲେ। ଗଣତନ୍ତ୍ରକୁ ସମ୍ମାନ ଦେଇ ନୂଆପଡ଼ାବାସୀ ଚଳିତ ନିର୍ବାଚନରେ ଯେଉଁ ପ୍ରକାର ଭୋଟିଂ କରିଛନ୍ତି, ସେହି ଭୋଟ ପ୍ରତିଶତ ଉପରେ ଏବେ ବିଜେଡି ପ୍ରଶ୍ନ ଉଠାଇବା ଆରମ୍ଭ କରିଛି। ଏଭଳି ଆରୋପ ଗଣତନ୍ତ୍ର ଓ ନୂଆପଡ଼ାବାସୀଙ୍କୁ ଅପମାନିତ କରିଛି ବୋଲି ସେ କହିଛନ୍ତି।

# ଭଙ୍ଗା ହେବ ଜିଲା ବରିଷ୍ଠ ନାଗରିକ କମିଟି

## ସବୁ ଜିଲାପାଳଙ୍କୁ ସରକାରଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୧୩।୧୧
(ରବିନାରାୟଣ ଜେନା)

ସବୁ ଜିଲାରେ ଥିବା ବରିଷ୍ଠ ନାଗରିକ କମିଟି ଭାଙ୍ଗି ନୂତନ କମିଟି ଗଠନ କରିବା ଲାଗି ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଜିଲାପାଳମାନଙ୍କୁ କୁହାଯାଇଛି। ଏ ସଂକ୍ରାନ୍ତରେ ବିଭାଗୀୟ ଅତିରିକ୍ତ ସଚିବ ଦୀପକ ରାଉତରାଏ ନଭେମ୍ବର ୧୦ରେ ସବୁ ଜିଲାପାଳଙ୍କୁ ପତ୍ର ଲେଖି ଦର୍ଶାଇଛନ୍ତି, ରାଜ୍ୟ ଅଭିଭାବକ ଓ ବରିଷ୍ଠ ନାଗରିକ ନିୟମ-୨୦୦୯ ଅନୁଯାୟୀ ଜିଲାରେ ବରିଷ୍ଠ ନାଗରିକ କମିଟି ଗଠନ କରାଯିବାକୁ ରହିଛି। କେତେକ ଜିଲାରେ ଏହି କମିଟି ଗଠନ ହୋଇଥିବାବେଳେ ସେଥିମଧ୍ୟରୁ ପ୍ରାୟ କମିଟିର ଅବଧି ଶେଷ ହୋଇଗଲାଣି। ଏହି ପରିପ୍ରେକ୍ଷୀରେ ବିଭିନ୍ନ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ନୂତନ କମିଟି ଗଠନ ପାଇଁ ଦାବି ହେଉଛି। ଏହାକୁ ଦୃଷ୍ଟିରେ ରଖି ଯେଉଁଠାରେ ଅବଧି ଶେଷ ହୋଇଛି ସେଠାରେ ଜିଲା ବରିଷ୍ଠ ନାଗରିକ କମିଟି ତୁରନ୍ତ ଗଠନ କରି ସରକାରଙ୍କୁ ଅବଗତ କରାଇବାକୁ ସେ ଦର୍ଶାଇଛନ୍ତି। ଅତିରିକ୍ତ ସଚିବ ୨୦୧୬ ବିଜ୍ଞପ୍ତିକୁ ନେଇ ଦର୍ଶାଇଛନ୍ତି, ପ୍ରତ୍ୟେକ ବରିଷ୍ଠ ନାଗରିକ କମିଟିର ଅବଧି ୩ବର୍ଷ ରହିବ। ଏହି କମିଟି ପ୍ରତି ତିନିମାସରେ ଥରେ ବସିବ। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ଯେତେସବୁ ସରକାରୀ ସହାୟତା ପ୍ରଦାନ କରାଯାଉଛି ତାହା ସେମାନଙ୍କୁ ଉପଲବ୍ଧ ହେଉଛି କି ନାହିଁ ସେ ସମ୍ପର୍କରେ ଯେପରି ବରିଷ୍ଠ ନାଗରିକମାନେ ସଚେତନ ହେବେ ସେଥିପ୍ରତି କମିଟି ଦୃଷ୍ଟି ଦେବ। ଯଦି ଆବଶ୍ୟକ ପଡ଼େ ତେବେ ବରିଷ୍ଠ ନାଗରିକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଜିଲା କମିଟି ଆବଶ୍ୟକୀୟ ସୁପାରିସ କରିପାରିବେ ବୋଲି ବିଜ୍ଞପ୍ତିରେ ଦର୍ଶାଯାଇଛି।

# ରାଷ୍ଟ୍ରପତିଙ୍କ ଗସ୍ତ ନେଇ ସମୀକ୍ଷାକଲେ ବାଚସ୍ପତି, ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର, ୧୩।୧୧(ସୁନିତ୍ ମିଶ୍ର)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ୨୦ରେ ଝାରସୁଗୁଡ଼ା ଦେଇ ଛତିଶଗଡ଼ ଯିବା କାର୍ଯ୍ୟକ୍ରମ ରହିଛି। ସେହିପରି ନଭେମ୍ବର ୨୭ରେ ରାଷ୍ଟ୍ରପତି ଓଡ଼ିଶା ଆସି ରାଜଭବନରେ ନୂଆ କଳିଙ୍ଗ ଅତିଥି ନିବାସର ଉଦ୍‌ଘାଟନ କରିବା ସହ ବିଧାନସଭାକୁ ସମ୍ବୋଧିତ କରିବେ। ରାଷ୍ଟ୍ରପତିଙ୍କ ଏହି ଗସ୍ତ ପରିପ୍ରେକ୍ଷୀରେ ଓଡ଼ିଶା ସରକାରଙ୍କ ତରଫରୁ ପ୍ରସ୍ତୁତି ନେଇ ଗୁରୁବାର ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନଠାରେ ଏକ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହାପରେ ଅପରାହ୍ନରେ ବିଧାନସଭାର ସ୍ୱତନ୍ତ୍ର ପ୍ରକୋଷ୍ଠରେ ମଧ୍ୟ ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ମଧ୍ୟ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି।

ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଗୃହ ବିଭାଗ ତରଫରୁ ରାଷ୍ଟ୍ରପତିଙ୍କ ଗସ୍ତ ସମ୍ପର୍କରେ ଉପସ୍ଥାପନ କରାଯାଇଛି। ସୂଚନା ଅନୁଯାୟୀ ରାଷ୍ଟ୍ରପତି ଛତିଶଗଡ଼ର ଅମ୍ବିକାପୁରଠାରେ 'ଜନଜାତୀୟ ଗୌରବ ଦିବସ' କାର୍ଯ୍ୟକ୍ରମରେ ଯୋଗଦେବେ। ଏହି ପରିପ୍ରେକ୍ଷୀରେ ରାଷ୍ଟ୍ରପତି ସେଦିନ ସକାଳ ୮ଟା ୨୫ମିନିଟ୍ ସମୟରେ ନୂଆଦିଲ୍ଲୀରୁ ସ୍ୱତନ୍ତ୍ର ବାୟୁସେନା ବିମାନ ଯୋଗେ ବାହାରି ସକାଳ ୧୦ଟା ୦୫ମି.ରେ ଝାରସୁଗୁଡ଼ା ସ୍ଥିତ ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରରେ ଅବତରଣ କରିବେ। ସେଠାରୁ ସେ ବାୟୁସେନାର ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଯାଇ ଛତିଶଗଡ଼ର ଅମ୍ବିକାପୁରର ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେବେ ଏବଂ କାର୍ଯ୍ୟକ୍ରମ ସରିବା ପରେ ସେଠାରୁ ବାହାରି ପୁନଶ୍ଚ ଝାରସୁଗୁଡ଼ା ଦେଇ ସେଦିନ ଅପରାହ୍ନ ୧ଟା ୪୫ମି. ସୁଦ୍ଧା ଆନ୍ଧ୍ରପ୍ରଦେଶ ଗସ୍ତ କରିବା କାର୍ଯ୍ୟକ୍ରମ ରହିଛି। ରାଷ୍ଟ୍ରପତିଙ୍କ ଝାରସୁଗୁଡ଼ାଠାରେ ଅବତରଣ ଏବଂ ସେଠାରେ ଜରୁରୀ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସାମୟିକ ରହଣି ନିମନ୍ତେ ଜିଲାପାଳ ଓ ଏସ୍‌ପିଙ୍କ ସହ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରାଯାଇଛି। ସେହିପରି ରାଷ୍ଟ୍ରପତିଙ୍କ ନଭେମ୍ବର ୨୭ରେ ଭୁବନେଶ୍ୱର ଗସ୍ତ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ପ୍ରସ୍ତୁତି ନେଇ ଆଲୋଚନା କରାଯାଇଛି। ସେଦିନ ରାଷ୍ଟ୍ରପତି ପୂର୍ବାହ୍ନ ୧୧ଟା ୫୦ମି. ସମୟରେ ନୂଆଦିଲ୍ଲୀରୁ ସ୍ୱତନ୍ତ୍ର ବିମାନ ଯୋଗେ ବାହାରି ଅପରାହ୍ନ ୨ଟା ସମୟରେ ଭୁବନେଶ୍ୱର ବିମାନବନ୍ଦରଠାରେ ପହଞ୍ଚି ସିଧା ରାଜଭବନ ଯିବେ। ଏହାପରେ ତାଙ୍କର ବିଧାନସଭା କାର୍ଯ୍ୟକ୍ରମ ରହିଛି। ୨୭ରେ ରାଷ୍ଟ୍ରପତିଙ୍କ ଆଗମନଠାରୁ ପ୍ରତ୍ୟାବର୍ତ୍ତନ ପର୍ଯ୍ୟନ୍ତ ସମସ୍ତ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରାଯାଇଛି। ରାଷ୍ଟ୍ରପତିଙ୍କ ସୁରକ୍ଷା, ରାଜଭବନରେ ରହଣି, କାର୍‌କେଡ୍ ବ୍ୟବସ୍ଥା, ସ୍ୱାସ୍ଥ୍ୟସେବା, କାର୍ଯ୍ୟକ୍ରମରେ ନିରବଚ୍ଛିନ୍ନ ବିଦ୍ୟୁତ୍ ସରବରାହ, ଆବଶ୍ୟକ ପାସ୍ ବ୍ୟବସ୍ଥା ଏବଂ ଗଣମାଧ୍ୟମରେ ପ୍ରଚାରପ୍ରସାର ସମ୍ପର୍କରେ ଆଲୋଚନା କରାଯାଇଛି।


**OFFICE OF THE PRINCIPAL**
**GOPABANDHU AYURVEDA MAHAVIDYALAYA**
V.I.P. ROAD, PURI (ODISHA) - 752002
Tel. : 06752-222072 (O) / E-mail : principalgampuri@gmail.com
No.4911/GAM Dated : 11.11.2025

**Walk-in-Interview**

**No.E-499** : Walk in Interview for one temporary and co-terminus post of Junior Research Fellow of Peripheral Pharmacovigilance Unit at Gopabandhu Ayurveda Mahavidyalaya, Puri will be held in the office of the Principal of this institution on 28.11.2025 at 11.00 A.M.

Details are available on website i.e. www.puri.odisha.gov.in

Sd./- Prof. (Dr.) Bipin Bihari Khuntia
Principal
OIPR- Gopabandhu Ayurveda Mahavidyalaya, Puri

GOVERNMENT OF ODISHA
OFFICE OF THE SUPERINTENDING ENGINEER
GANJAM (R&B) DIVISION NO.I, BERHAMPUR
Phone/Fax: (0680) 2233683, e-mail: eernb1_bam@yahoo.com
No. B-681 **"e" Procurement Notice**
Bid Identification No. SE R&B Divn. No. I Bam 32/2025-26
Lr. No. 12688 Dtd.04.11.2025

| | | |
|---|---|---|
| Name of Work | : | Building Works |
| No. of Works | : | 03 (Three) Nos. |
| Estimated Cost | : | Approximately Rs.12.84 to Rs.34.55 lakh |
| Period of Completion | : | Two & Three Calendar Months |
| Date and time of availability of bid document in the portal | : | From 10.00 hours of 14.11.2025 to 16.00 hours of 20.11.2025 |
| Last date/time for receipt of bids in the portal | : | Upto 16.00 hours of 20.11.2025 |
| Name & address of the Officer Inviting Bid | : | Superintending Engineer, Ganjam (R&B) Division No. I, Berhampur |

Further details can be seen from the e-Procurement portal https://tendersodisha.gov.in.

Sd./- Superintending Engineer
Ganjam (R&B) Division No. I
OIPR- Berhampur

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, DEOGARH
E-mail Id: eerw_deogarh@yahoo.co.in
No.O-1384 **E-Procurement Notice**
BID IDENTIFICATION NO.SERWDGH-Online-06/2025-26
1. **No. of Building Work** : (01 No.)
2. **Estimated Cost :** Approx. Rs.81.98 Lakhs
3. **Mode of submission of tender:** Tender shall be submitted online in www.tendersodisha.gov.in.
4. **Availability of tender for online bidding:** 14.11.2025, 10.00 AM to 24.11.2025 upto 5.00 P.M.
5. **Date and time of opening of tender :** 25.11.2025, 11.00 A.M.
6. Other details can be seen from the website **www.tendersodisha.gov.in.**
7. Corrigendum/ Addendum if any shall only be published in the above website.

Sd./- Superintending Engineer
OIPR- R.W.Division, Deogarh

GOVERNMENT OF ODISHA
ST & SC DEVELOPMENT, MINORITIES & BACKWARD CLASSES WELFARE DEPARTMENT, ODISHA
OFFICE OF THE PROJECT ADMINISTRATOR,
INTEGRATED TRIBAL DEVELOPMENT AGENCY, RAIRANGPUR
e-Procurement Notice
Bid Identification No.03/ITDA (RRP) 2025-26
No.3823//2025-ITDA, RRP Dated. 11.11.2025

**No.CAD-2279** : Bid documents consisting of works, Tender Value, Cost of Tender paper, Bid Security, Time of completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. "www.tendersodisha.gov.in".

| | | | |
|---|---|---|---|
| 01. | Name of the work | : | Civil Works as mentioned in DTCN |
| 02. | No. of Works | : | 40 (Forty) Numbers only |
| 03. | Estimated Cost | : | Rs.11.00 lakhs to Rs.237.00 Lakhs |
| 04. | Period of completion | : | 3 (Three) to 12 (Twelve) Calendar Months as per work category |
| 05. | Date & Time of availability of bid document in the portal | : | 11.11.2025 at 2.00 P.M. to 26.11.2025 05.30 hours |
| 06. | Last date for receipt of bids in the portal | : | 26.11.2025 till 5.30 hours |
| 07. | Bid received Online shall be opened on | : | 27.11.2025 at 11.00 hours onwards |
| 08. | Name and address of the officer inviting Bid | : | Project Administrator, I.T.D.A., Rairangpur |

Further details can be seen from the "https://tendersodisha.gov.in/"
Sd./- Project Administrator,
OIPR- I.T.D.A., Rairangpur

OFFICE OF THE No. C-1446
SUPERINTENDING ENGINEER, P.H. DIVISION, KORAPUT
Tel/ Fax: 06852-250740, e-mail: eephkrp@gmail.com
GOVERNMENT OF ODISHA
**"e" Procurement Notice**
**e-Procurement Notice for 2025-26**
Bid Identification No. SE, P.H. KPT-7 of 2025-26 Dt.06.11.2025

| | | | |
|---|---|---|---|
| 1. | No. of the Work | : | 8 Nos. |
| 2. | Estimated Cost | : | From Rs.25.00 lakh to Rs.66.00 lakh (Approx.) |
| 3. | Period of Completion | : | From 3 to 6 Months |
| 4. | Date & time of availability of bid document in the portal | : | From 11.00 A.M. of 15.11.2025 to 05.00 P.M. of 28.11.2025 |
| 5. | Last date/time of receipt of bids in the portal | : | 05.00 P.M. of 28.11.2025 |
| 6. | Date & time of opening of bids | : | 11.00 A.M. of 29.11.2025 |
| 7. | Name and address of the Officer Inviting Bid | : | Superintending Engineer P.H. Division, Koraput |

Further details can be seen from the e-Procurement portal "https://www.tendersodisha.gov.in".

Sd./- (Er. Chiranjibi Mahali)
Superintending Engineer
OIPR- P.H. Division, Koraput

PANCHAYAT SAMITI, CHATRAPUR
GANJAM, ODISHA, PIN-761020
Letter No.:6495/CTPPS Date : 10.11.2025
INVITATION FOR COMPETITIVE BIDDING
BID IDENTIFICATION NO. : CTPPS-01/2025-26
NO.i-377 TENDER ID

| | | |
|---|---|---|
| 01 | PROCUREMENT OFFICER PUBLISHER / OFFICER INVITING THE TENDER / BIDS (OFF) | BLOCK DEVELOPMENT OFFICER CHATRAPUR |
| 02 | NAME OF THE WORKS / PACKAGES | INDIVIDUAL, CIVIL, CONSTRUCTION WORKS AS PUBLISHED IN THE WEBSITE |
| 03 | NOS. OF WORKS | 03 NOS |
| 04 | ESTIMATED COST (WITHOUT GST) | Rs.24,20,509.00 (each work) |
| 05 | DATE & TIME OF AVAILABILITY OF BID DOCUMENTS IN THE PORTAL | FROM 11.00 HOURS OF DTD 12.11.2025 TO 17.00 HOURS OF DTD.19.11.2025 |
| 06 | LAST DATE / TIME FOR RECEIPT OF BIDS IN THE PORTAL (SUBMISSION OF TECHNICAL BIDS & FINANCIAL BIDS) | 17.00 HOURS OF 19.11.2025 |
| 07 | DATE & TIME OF OPENING OF THE BIDS | 11.00 A.M. HOURS OF 20.11.2025 IN CHAMBER OF BLOCK DEVELOPMENT OFFICER (IF ANY HOLIDAY, THEN THE TENDER WILL BE OPENED ON NEXT WORKING DAY) |

N.B : Further more details can be seen in the DTCN available in the e-Procurement portal i.e. https://tendersorissa.gov.in.

Sd./- Block Development Officer,
OIPR- Chatrapur

OFFICE OF THE EXECUTIVE ENGINEER
RURAL WORKS DIVISION, MOHANA
No.4483 Date : 11.11.2025
1st CORRIGENDUM

**No.O-1439** : Incontinuation to this office bid identification No. Online Tender 09/MOHANA/2025-26 Invited vide this office letter no. 3679 dtd 03.10.2025, partial modification of TCN has been made as follows.
Sl no. 5 i.e. Repair to S.D.O Office Building at Mohana for the year 2025-26 is hereby cancelled due to some unavoidable circumstances & time schedule for other works is as follows.

| Sl. No. | Item | Time Schedule as per Original TCN | Time schedule as per Corrigendum Notice |
|---|---|---|---|
| 1 | Availability of tender online for bidding | Dt.14.11.2025 at 11.00 A.M. to 24.11.2025 up to 5.00 P.M. | Dt.26.11.2025 at 11.00 A.M. to 05.12.2025 up to 5.00 P.M. |
| 2 | Date & time of seeking tender clarification if any | Dt.20.11.2025 up to 5.00 P.M. | Dt.03.12.2025 Up to 5.00 P.M. |
| 3 | Date & Time of Opening of tender (Price Bid) | Dt.25.11.2025 at 11.00 A.M. | Dt.06.12.2025 at 11.00 A.M. |

All other terms and conditions are remain unchanged.
Sd./- Executive Engineer
OIPR- R.W. Division, Mohana

## ଗତିକୃଷ୍ଣ ସ୍ମାରକୀ 'ବି' ଡିଭିଜନ ଫୁଟବଲ ୧୫ରୁ

**ଭୁବନେଶ୍ୱର, ୧୩।୧୧ (ତପନ ସ୍ୱାଇଁ)**

ଭୁବନେଶ୍ୱର ଆଥଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଗତିକୃଷ୍ଣ ସ୍ମାରକୀ ଭୁବନେଶ୍ୱର 'ବି' ଡିଭିଜନ ଫୁଟବଲ ଲିଗ୍ ଚଳିତ ମାସ ୧୫ ତାରିଖରୁ ଆରମ୍ଭ ହେବ। ୟୁନିଟ-୧ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ପ୍ରତିଯୋଗିତା ଡିସେମ୍ବର ୭ ପର୍ଯ୍ୟନ୍ତ ଚାଲିବ। ନଭେମ୍ବର ୩୦ରେ ଲିଗ୍ ମ୍ୟାଚଗୁଡ଼ିକ ଶେଷ ହେବାପରେ ଡିସେମ୍ବର ୨ ଓ ୩ରେ କ୍ୱାର୍ଟର ଫାଇନାଲ, ୫ରେ ଦୁଇ ସେମିଫାଇନାଲ ଏବଂ ୭ରେ ଫାଇନାଲ ଅପରାହ୍ନ ୩ଟା ୩୦ରେ ଅନୁଷ୍ଠିତ ହେବ। ପ୍ରତିଯୋଗିତାରେ ମୋଟ ୧୮ଟି ଦଳ ଅଂଶଗ୍ରହଣ କରିବେ। ଗ୍ରୁପ୍ 'ଏ'ରେ ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି, ଜୁବ ଲିଙ୍ଗରାଜ, ମୁକ୍ତେଶ୍ୱର ଫୁଟବଲ କ୍ଲବ, ରାମେଶ୍ୱର ସ୍ପୋର୍ଟିଂ, ଗ୍ରୁପ 'ବି'ରେ ଆଡୋର ଫୁଟବଲ କ୍ଲବ, କିଟ୍, କଳିଙ୍ଗ ୟୁଥ୍ ସ୍ପୋର୍ଟିଂ ଓ ଶିବ ଶକ୍ତି ଏଫସି ସ୍ଥାନ ପାଇଛନ୍ତି। ସେହିପରି ଗ୍ରୁପ୍ 'ସି'ରେ କିସ୍, କଳିଙ୍ଗ ସ୍ପୋର୍ଟିଂ କ୍ଲବ, କିଶୋର ସ୍ପୋର୍ଟିଂ, ଚନ୍ଦ୍ରଶେଖରପୁର ଆଥଲେଟିକ ଆସୋସିଏଶନ ଓ ସିଲିକନ ୟୁନିଭର୍ସିଟି ଏବଂ ଗ୍ରୁପ୍ 'ଡି'ରେ ସିଟି କ୍ଲବ, ଗ୍ଲୋବାଲ ପିଜିଓ ସେଲ୍ ଏଫ୍‌ସି, ମା' ମଙ୍ଗଳା କ୍ଲବ, ନୀତା ଫୁଟବଲ ଏକାଡେମୀ ଓ ଓଡିଏମ୍ ଗ୍ଲୋବାଲ ସ୍କୁଲ ସ୍ଥାନ ପାଇଛି। ପ୍ରତିଦିନ ୨ଟି ଲେଖାଏ ଲିଗ୍ ମ୍ୟାଚ ଅନୁଷ୍ଠିତ ହେବ। ପ୍ରଥମଟି ଅପରାହ୍ନ ୨ଟାରୁ ଏବଂ ଦ୍ୱିତୀୟଟି ଅପରାହ୍ନ ୪ଟାରୁ ଆରମ୍ଭ ହେବ ବୋଲି ଭୁବନେଶ୍ୱର ଆଥଲେଟିକ ଆସୋସିଏଶନ ସମ୍ପାଦକ ସୌମ୍ୟରଞ୍ଜନ ପରିଜା ଓ ଫୁଟବଲ ସମ୍ପାଦକ ଦୀଲିପ ଦାସ ଜଣାଇଛନ୍ତି।

# ଗାଏକ୍ୱାଡଙ୍କ ଶତକରେ ଜିତିଲା ଭାରତ-ଏ



ଋତୁରାଜ ଗାଏକ୍ୱାଡ

**ପ୍ରଥମ ଅନଅଫିସିଆଲ ଦିନିକିଆ**

**ରାଜକୋଟ, ୧୩।୧୧**

ଗୁରୁବାର ଖେଳାଯାଇଥିବା ପ୍ରଥମ ଅନଅଫିସିଆଲ ଦିନିକିଆ ମ୍ୟାଚରେ ଭାରତ 'ଏ' ୪ ଉଇକେଟରେ ଦକ୍ଷିଣ ଆଫ୍ରିକା-'ଏ'କୁ ପରାସ୍ତ କରିଛି। ଦକ୍ଷିଣ ଆଫ୍ରିକା-ଏ' ପ୍ରଦତ୍ତ ୨୮୬ ରନର ଟାର୍ଗେଟକୁ ଭାରତ-ଏ' ୪୯.୩ ଓଭରରେ ୬ ଉଇକେଟ ହରାଇ ହାସଲ କରି ନେଇଥିଲା। ମ୍ୟାଚ୍‌ରେ ଶତକୀୟ ପାଳି ଖେଳିଥିବା ଋତୁରାଜ ଗାଏକ୍ୱାଡଙ୍କୁ ପ୍ଲେୟର ଅଫ୍ ମ୍ୟାଚ୍ ବିବେଚିତ କରାଯାଇଛି। ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା-ଏ' ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦଳ ମାତ୍ର ୧୨ ଓଭର ମଧ୍ୟରେ ମାତ୍ର ୫୩ ରନରେ ୫ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଏଭଳି ପରିସ୍ଥିତିରେ ଡେଲାନୋ ପଟଜିଏଟର ୯୦ (୧୦ ଚୌକା ଓ ୧ ଛକା), ଡିଆନ ଫରେଷ୍ଟର ୭୭ (୪ ଲେଖାଏ ଚୌକା ଓ ଛକା) ଓ ବିଜର୍ନ ଫର୍ଟୁଇନ ୫୯ (୮ ଚୌକା) ରନ କରିଥିଲେ। ଫଳରେ ଦକ୍ଷିଣ ଆଫ୍ରିକା-ଏ' ନିର୍ଦ୍ଧାରିତ ୫୦ ଓଭରରେ ୯ ଉଇକେଟ ହରାଇ ୨୮୫ ରନ କରିଥିଲା। ଘରୋଇ ଦଳ ପକ୍ଷରୁ ଅର୍ଶଦୀପ ସିଂ ଓ ହର୍ଷିତ ରାଣା ୨ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଭାରତ-ଏ' ୪୯.୩ ଓଭରରେ ୬ ଉଇକେଟ ହରାଇ ୨୯୦ ରନ୍ କରି ନେଇଥିଲା। ଦଳ ପାଇଁ ଋତୁରାଜ ୧୧୭ (୧୨ ଚୌକା) ରନର ଶତକୀୟ ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ତିଲକ ବର୍ମା ୩୯ (୨ ଚୌକା), ନୀତୀଶ କୁମାର ରେଡ୍ଡୀ ୩୭ (୩ ଚୌକା ଓ ୧ ଛକା), ଅଭିଷେକ ଶର୍ମା ୩୧ (୪ ଚୌକା ଓ ୧ ଛକା) ଓ ନିଶାନ୍ତ ସିନ୍ଧୁ ଅପରାଜିତ ୨୯ (୩ ଚୌକା) ରନ କରିଥିଲେ। ଦକ୍ଷିଣ ଆଫ୍ରିକା-ଏ' ପାଇଁ ଓଭିଆନ ଭାନ ଭୁରେନ, ବିଜର୍ନ ଫର୍ଟୁଇନ ଏବଂ ଓଟନେଲ ବାର୍ଟମାନ ୨ ଲେଖାଏଁ ଉଇକେଟ ହାତେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା-ଏ': ୫୦ ଓଭରରେ ୨୮୫/୯ (ଡେଲାନୋ ପଟଜିଏଟର-୯୦, ଡିଆନ ଫରେଷ୍ଟର-୭୭, ବିଜର୍ନ ଫର୍ଟୁଇନ-୫୯, ଅର୍ଶଦୀପ ସିଂ-୨/୪୯, ହର୍ଷିତ ରାଣା-୨/୪୯)। ଭାରତ-ଏ': ୪୯.୩ ଓଭରରେ ୨୯୦/୬ (ଋତୁରାଜ ଗାଏକ୍ୱାଡ-୧୧୭, ତିଲକ ବର୍ମା-୩୯, ବିଜର୍ନ ଫର୍ଟୁଇନ-୨/୫୦, ଓଟନେଲ ବାର୍ଟମାନ-୨/୫୧)।

# ଅନୁପମାଙ୍କୁ ବିଶ୍ୱ ସ୍ନୁକର ଟାଇଟଲ


ଅନୁପମା ରାମଚନ୍ଦ୍ରନ

**ଦୋହା, ୧୩।୧୧ (ପି.ଟି.)**

ଭାରତର ଅନୁପମା ରାମଚନ୍ଦ୍ରନ ହଂକଂର ଏନ୍‌ଜି ଅନ ୟିଙ୍କୁ ପରାସ୍ତ କରି ବିଶ୍ୱ ସ୍ନୁକର ଟାଇଟଲ ହାସଲ କରିଛନ୍ତି। ଚେନ୍ନାଇର ଏହି ୨୩ ବର୍ଷୀୟା ଗୁରୁବାର ୩-୨ରେ ଅନ୍ ୟିଙ୍କୁ ହରାଇ ପ୍ରଥମ ଭାରତୀୟ ଭାବେ ଆଇବିଏସ୍‌ଏଫ୍ ବିଶ୍ୱ ସ୍ନୁକର (୧୫-ରେଡ୍) ଟାଇଟଲ ହାସଲ କରିଛନ୍ତି। ଅନୁପମା ଗତବର୍ଷ ଏସିଆନ ସ୍ନୁକର ଟାଇଟଲ ଜିତିଥିଲେ। ଅନୁପମା ସେମିଫାଇନାଲରେ ନିଜ ଦେଶର କିର୍‌ଥାନା ପାଣ୍ଡିଆନଙ୍କୁ ୩-୧ରେ ହରାଇ ଦେଇଥିବା ବେଳେ ଅନ୍ ୟି' ଏକତରଫା ହଂକଂର ସୋ ମାନ୍ ୟାନଙ୍କୁ ୩-୦ରେ ପରାଜିତ କରିଥିଲେ।

## ମୁମ୍ବାଇ ଇଣ୍ଡିଆନ୍ସରେ ଠାକୁର, ରଦରଫୋର୍ଡ

**ମୁମ୍ବାଇ, ୧୩।୧୧**

ମୁମ୍ବାଇ ଇଣ୍ଡିଆନ୍ସ ଆଇପିଏଲ୍ ଅକ୍ସନ ପୂର୍ବରୁ ଅଲରାଉଣ୍ଡର ଶାର୍ଦ୍ଦୂଳ ଠାକୁର ଓ ଶେର୍ଫାନେ ରଦରଫୋର୍ଡଙ୍କୁ ଦଳରେ ସାମିଲ କରିଛି। ଶାର୍ଦ୍ଦୂଳଙ୍କୁ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ(ଏଲ୍‌ଏସ୍‌ଜି)ଠାରୁ ଓ ରଦରଫୋର୍ଡଙ୍କୁ ଗୁଜରାଟ ଟାଇଟନ୍ସଠାରୁ ଯଥାକ୍ରମେ ୨ ଓ ୨.୬ କୋଟି ଟଙ୍କାରେ ଟ୍ରେଡ୍ କରାଯାଇଛି। ଏହି ଖେଳାଳି ଅଦଳ ବଦଳ ସମ୍ପର୍କରେ ଆଇପିଏଲ୍ ପକ୍ଷରୁ ଗୁରୁବାର ଘୋଷଣା କରାଯାଇଛି। ମୁମ୍ବାଇରେ ଜନ୍ମିତ ଠାକୁର ଗତବର୍ଷ ମେଗା ଅକ୍ସନରେ ଅନ୍ ସୋଲ୍ଡ ରହିଥିଲେ।

## ଓଡ଼ିଶା ମାଷ୍ଟର ଆଥଲେଟ୍ସଙ୍କୁ ୭ ପଦକ

**ଭୁବନେଶ୍ୱର, ୧୩।୧୧(ଅନାଦି କର)**

ଚେନ୍ନାଇଠାରେ ଅନୁଷ୍ଠିତ ୨୩ତମ ଏସିଆନ ମାଷ୍ଟର୍ସ ଆଥଲେଟିକ୍ ପ୍ରତିଯୋଗିତାରେ ଓଡ଼ିଶାକୁ ୭ ପଦକ ମିଳିଛି। ଏହି ତାଲିକାରେ ୩ ସ୍ୱର୍ଣ୍ଣ ଓ ୪ ରୌପ୍ୟ ପଦକ ରହିଛି। ଓଡ଼ିଶାର ସୁରେନ୍ଦ୍ର କୁମାର ପଟ୍ଟନାଏକ ଦୁଇଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ଜିତିଛନ୍ତି। ସେ ୭୫ ବର୍ଷରୁ ଊର୍ଦ୍ଧ୍ୱ କାଟେଗୋରୀରେ ଶଟପୁଟ ଓ ଡିସ୍କସ ଥ୍ରୋରେ ସ୍ୱର୍ଣ୍ଣ ଓ ଜାଭେଲିନ ଥ୍ରୋରେ ରୌପ୍ୟ ପଦକ ହାସଲ କରିଛନ୍ତି। ପାର୍ବତୀ ସେଠୀ ୪୫ ବର୍ଷରୁ ଊର୍ଦ୍ଧ୍ୱ କାଟେଗୋରୀରେ ଡିସ୍କସରେ ସ୍ୱର୍ଣ୍ଣ ପଦକ ହାତେଇଥିବା ବେଳେ ଡମ୍ବରୁଧର ଚାନ୍ଦ (୫୫ରୁ ଊର୍ଦ୍ଧ୍ୱ) ୧୫୦୦ ମିଟର, ମଦନ କୁମାର ଶର୍ମା (୫୫ରୁ ଊର୍ଦ୍ଧ୍ୱ) ଜାଭେଲିନ ଓ ପ୍ରତିଚି ରଶ୍ମି ରାଉତରାଏ (୩୫ରୁ ଊର୍ଦ୍ଧ୍ୱ) ହାମର ଥ୍ରୋରେ ରୌପ୍ୟ ପଦକ ଜିତିଛନ୍ତି। ପଦକଧାରୀ ଓଡ଼ିଆ ଆଥଲେଟ୍‌ଙ୍କୁ ଓଡ଼ିଶା ମାଷ୍ଟର ଆଥଲେଟିକ୍ ଆସୋସିଏଶନ (ଓଏମ୍‌ଏଏ) ସଭାପତି ସୁରେଶ କୁମାର ରାଉତରାଏ, ସମ୍ପାଦକ ଡ. ଏସ୍ ଆର ପରିଜା, କାର୍ଯ୍ୟକାରୀ ସଭାପତି ବି ବି ବାସକ ଓ ଅନ୍ୟ ସଦସ୍ୟମାନେ ଅଭିନନ୍ଦନ ଜଣାଇଛନ୍ତି।

# 'ନାଗାଲ କାଗଜପତ୍ର ଦାଖଲ କରିନାହାନ୍ତି'

**ଭିଜା ପ୍ରସଙ୍ଗ**

**ବେଜିଂ, ୧୩।୧୧ (ପି.ଟି.)**

ଭାରତର ଶୀର୍ଷ ର୍‍ୟାଙ୍କିଙ୍ଗପ୍ରାପ୍ତ ଟେନିସ ଖେଳାଳି ସୁମିତ ନାଗାଲ ଆବଶ୍ୟକ କାଗଜପତ୍ର ଦାଖଲ କରି ନ ଥିବାରୁ ଦେଶରେ ଏକ ଟୁର୍ନାମେଣ୍ଟରେ ଅଂଶଗ୍ରହଣ ଲାଗି ତାଙ୍କୁ ଭିଜା ପ୍ରଦାନ କରାଯାଇ ନ ଥିବା ଚାଇନିଜ ବୈଦେଶିକ ମନ୍ତ୍ରଣାଳୟ ତରଫରୁ ସଫେଇ ଦିଆଯାଇଛି। ନାଗାଲ ଅଷ୍ଟ୍ରେଲିଆନ୍ ଓପନ ପ୍ଲେ-ଅଫ୍ ଇଭେଣ୍ଟରେ ଭାଗ ନେବା ଲାଗି ଚାଇନିଜ ସହର ଚେଙ୍ଗଡୁ ଗସ୍ତ କରିଥାନ୍ତେ। ସେଠାରେ ୨୦୨୬ ଅଷ୍ଟ୍ରେଲିଆନ୍ ଓପନର ମୁଖ୍ୟ ଡ୍ର' ସ୍ଥାନ ପାଇବା ଲାଗି ଏକ ପ୍ଲେ-ଅଫ୍ ଇଭେଣ୍ଟରେ ଖେଳିଥାନ୍ତେ। ମଙ୍ଗଳବାର ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ବିନା କାରଣରେ ତାଙ୍କୁ ଭିଜା ଆବେଦନ ପତ୍ରକୁ ପ୍ରତ୍ୟାଖ୍ୟାନ କରାଯାଇଥିବା ଦର୍ଶାଇ ଭାରତରେ ରହିଥିବା ଚାଇନିଜ ଦୂତାବାସର ସହାୟତା ଲୋଡ଼ିଥିଲେ। ଏହି ପ୍ରସଙ୍ଗ ଉପରେ ଚାଇନିଜ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଲିନ୍ ଜିଆନ କହିଛନ୍ତି, ନିୟମ କାନୁନ୍ ଅନୁସାରେ ଭାରତ ସମେତ ସମସ୍ତ ଦେଶର ଆଥ୍‌ଲେଟଙ୍କୁ ଭିଜା ପ୍ରଦାନ କରାଯାଇଛି।

# ସିଏଜି ଦଳ ବ୍ରୋଞ୍ଜ ପଦକ ବିଜୟୀ

**ସର୍ବଭାରତୀୟ ପବ୍ଲିକ ସେକ୍ଟର ଭଲିବଲ**

**ଭୁବନେଶ୍ୱର, ୧୩।୧୧ (ତପନ ସ୍ୱାଇଁ)**

ରାଣୀ ଲକ୍ଷ୍ମୀବାଈ କ୍ରୀଡ଼ା ସଂସ୍ଥାନ ଆନୁକୂଲ୍ୟରେ ସର୍ବଭାରତୀୟ ପବ୍ଲିକ ସେକ୍ଟର ଭଲିବଲ ଟୁର୍ନାମେଣ୍ଟ ଗ୍ୱାଲିୟରଠାରେ ଅନୁଷ୍ଠିତ ହୋଇଛି। ଏହି ଟୁର୍ନାମେଣ୍ଟରେ ଭାରତର ମହାଲେଖା ନିୟନ୍ତ୍ରକ ଓ ମହାସମୀକ୍ଷକ (ସିଏଜି ), କୋଲ ଇଣ୍ଡିଆ, ଏୟାରପୋର୍ଟ ଅଥରିଟି, ଭାରତ ପେଟ୍ରୋଲିୟମ, କର୍ମଚାରୀ ବୀମା ନିଗମ ଆଦି ୧୦ଟି ଦଳ ଭାଗ ନେଇଥିଲେ । ଦୀର୍ଘ ୧୨ ବର୍ଷ ପରେ ସିଏଜି ଦଳ ଏହି ଟୁର୍ନାମେଣ୍ଟରେ ଭାଗନେଇ ଉତ୍ତମ ଦଳଗତ ଖେଳ ପ୍ରଦର୍ଶନ କରି ବ୍ରୋଞ୍ଜ ପଦକ ହାସଲ କରିଛି। ସ୍ଥାନୀୟ ପ୍ରଧାନ ମହାଲେଖାକାର (ଏଜି)ରେ କାର୍ଯ୍ୟରତ ପୂର୍ବତନ ଅନ୍ତର୍ଜାତୀୟ ଭଲିବଲ ଖେଳାଳି ପରବିନ କୁମାର, ଜାତୀୟ ଓ ରାଜ୍ୟ ଭଲିବଲ ଖେଳାଳି ରାଜେଶ କୁମାର ସିଂ ସିଏଜି ଦଳର ପରିଚାଳକ ଓ କୋଚ ଭାବେ ଯୋଗ ଦେଇଥିଲେ। ଓଡ଼ିଶା ଏଜିର ଜାତୀୟ ଓ ରାଜ୍ୟ ଖେଳାଳି କୁନ୍ଦନ କୁମାର ଓ ବୈଦ୍ୟନାଥ ଦାସଙ୍କ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ ଯୋଗୁ ସିଏଜି ଦଳ ଏୟାରପୋର୍ଟ ଅଥରିଟିକୁ ୩-୦, ହିନ୍ଦୁସ୍ତାନ ପେଟ୍ରୋଲିୟମକୁ ୩-୧, ଭାରତ ପେଟ୍ରୋଲିୟମକୁ ୩-୦ରେ ହରାଇ ସେମିଫାଇନାଲକୁ ଉନ୍ନୀତ ହୋଇଥିଲା। ମାତ୍ର ସେମିଫାଇନାଲରେ ରାଜ୍ୟ କର୍ମଚାରୀ ବୀମା ନିଗମଠାରୁ ୧-୩ରେ ହାରିଯାଇଥିଲା। ତୃତୀୟ ସ୍ଥାନ ପାଇଁ ହୋଇଥିବା ସଂଘର୍ଷପୂର୍ଣ୍ଣ ଖେଳରେ କୋଲ ଇଣ୍ଡିଆକୁ ୩-୧ରେ ହରାଇ ସିଏଜି ବ୍ରୋଞ୍ଜ ଜିତିଥିଲା। ଓଡ଼ିଶା ଏଜି ଅଡିଟ ଓ ଆକାଉଣ୍ଟସ ରିକ୍ରିଏଶନ କ୍ଲବର ସାଧାରଣ ସମ୍ପାଦକ ଭି. ଆନନ୍ଦ ଭଟ୍ଟ ଓ କଲ୍ୟାଣ ବିଭାଗର ଦୀପ୍ତିରଞ୍ଜନ ରାୟ ଓଡ଼ିଶା ଏଜି ଖେଳାଳିମାନଙ୍କୁ ସମ୍ବର୍ଦ୍ଧନା ଓ ଶୁଭେଚ୍ଛା ଜଣାଇଥିଲେ ।



ପଦକ ବିଜୟୀ ଭାରତର ମହାଲେଖା ନିୟନ୍ତ୍ରକ ଓ ମହାସମୀକ୍ଷକ (ସିଏଜି ) ଦଳ।

# ବୋର୍ଡର ଆଶ୍ୱାସନା ପରେ ପାକିସ୍ତାନରେ ରହିଲେ ଶ୍ରୀଲଙ୍କା ଖେଳାଳି

**କଲମ୍ବୋ/ରାୱଲପିଣ୍ଡି, ୧୩।୧୧(ପି.ଟି.)**

ଇସ୍‌ଲାମାବାଦରେ ଆତ୍ମଘାତୀ ବିସ୍ଫୋରଣ ପରେ ସୁରକ୍ଷାଜନିତ କାରଣରୁ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ପାଇଁ ପାକିସ୍ତାନ ଟୁରରେ ଥିବା ଶ୍ରୀଲଙ୍କା ଦଳର ଖେଳାଳିମାନେ ସ୍ୱଦେଶ ଫେରିବାକୁ ଚାହୁଁଥିଲେ। ହେଲେ ଶ୍ରୀଲଙ୍କା କ୍ରିକେଟ ବୋର୍ଡ ଏସ୍‌ଏଲ୍‌ସିର ଆଶ୍ୱାସନା ପରେ ସେମାନେ ପାକିସ୍ତାନରେ ରହିବାକୁ ରାଜି ହୋଇଛନ୍ତି। ଏଭଳି ପରିସ୍ଥିତି ଯୋଗୁ ଶ୍ରୀଲଙ୍କା ଓ ପାକିସ୍ତାନ ମଧ୍ୟରେ ଗୁରୁବାର ରାୱଲପିଣ୍ଡିଠାରେ ଖେଳାଯିବାକୁ ଥିବା ଦ୍ୱିତୀୟ ଦିନିକିଆ ମ୍ୟାଚ୍‌କୁ ବାତିଲ କରି ଦିଆଯାଇଛି। ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଆସନ୍ତା ୧୪ ଏବଂ ତୃତୀୟ ତଥା ଅନ୍ତିମ ମ୍ୟାଚ୍ ୧୬ ତାରିଖରେ ସମାନ ଭେନ୍ୟୁରେ ଖେଳାଯିବ ବୋଲି ପିସିବି ମୁଖ୍ୟ ମହସିନ ନକ୍‌ଭି କହିଛନ୍ତି।

ଏହି ସିରିଜ୍ ଲାଗି ଶ୍ରୀଲଙ୍କା ଏକ ୧୬ ଜଣିଆ ଶକ୍ତିଶାଳୀ ଦଳ ପଠାଇଥିଲା। ଦ୍ୱିତୀୟ ମ୍ୟାଚ୍ ପୂର୍ବରୁ ୮ ଖେଳାଳି ସ୍ୱଦେଶ ଫେରିବାକୁ ଚାହୁଁଥିଲେ। ଏ ସମ୍ପର୍କରେ ଏସ୍‌ଏଲ୍‌ସି ପକ୍ଷରୁ ଜାରି କରାଯାଇଥିବା ବିବୃତି କୁହାଯାଇଛି ଯେ, କିଛି ଖେଳାଳି ଫେରିବାକୁ ଚାହୁଁଥିବା ନେଇ ବୋର୍ଡକୁ ଟିମ୍ ମ୍ୟାନେଜମେଣ୍ଟ ପକ୍ଷରୁ ଗୁରୁବାର ସକାଳେ ଅବଗତ କରାଯାଇଥିଲା। ଏଥିଯୋଗୁ ବୋର୍ଡ ପକ୍ଷରୁ ଖେଳାଳିଙ୍କ ସହ ତୁରନ୍ତ ଆଲୋଚନା କରାଯାଇଥିଲା। ସେମାନଙ୍କ ସୁରକ୍ଷା ଚିନ୍ତାକୁ ଦୂର କରିବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନିଆଯାଉଛି। ଦଳର ପ୍ରତ୍ୟେକ ସଦସ୍ୟଙ୍କ ସୁରକ୍ଷାକୁ ନିଶ୍ଚିତ କରିବା ଲାଗି ପିସିବି ଓ ସମ୍ପର୍କିତ ଅଧିକାରୀଙ୍କ ସହ ଆଲୋଚନା କରାଯାଉଛି। ଯଦି ଟୁର କରିଥିବା ଦଳର କୌଣସି ସଦସ୍ୟ ଏସ୍‌ଏଲ୍‌ସିର ନିର୍ଦ୍ଦେଶ ସତ୍ତ୍ୱେ ସ୍ୱଦେଶ ଫେରିବାକୁ ନିଷ୍ପତ୍ତି ନିଅନ୍ତି, ତେବେ ତାଙ୍କ ବଦଳ ଖେଳାଳି ତୁରନ୍ତ ପଠାଯିବ ଏବଂ ଉକ୍ତ ଖେଳାଳିଙ୍କ ନିଷ୍ପତ୍ତିର ରିଭ୍ୟୁ କରାଯିବା ପରେ ତାଙ୍କ ବିପକ୍ଷରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ। ସେହିଭଳି ନକ୍‌ଭି ଏକ୍ସ'ରେ ପୋଷ୍ଟ କରିଛନ୍ତି, ପାକିସ୍ତାନ ଟୁର ଜାରି ରଖିବା ନିଷ୍ପତ୍ତି ଲାଗି ଆମେ ଶ୍ରୀଲଙ୍କା ଦଳ ନିକଟରେ କୃତଜ୍ଞ। ପାକିସ୍ତାନ ଓ ଶ୍ରୀଲଙ୍କା ମଧ୍ୟରେ ଖେଳାଯାଉଥିବା ଦିନିକିଆ ସିରିଜ୍‌ର ତୃତୀୟ ଓ ଚତୁର୍ଥ ମ୍ୟାଚ୍ ଯଥାକ୍ରମେ ୧୪ ଓ ୧୬ ତାରିଖରେ ରାୱଲପିଣ୍ଡିରେ ଖେଳାଯିବ। ଏହି ଦିନିକିଆ ସିରିଜ୍ ପରେ ଶ୍ରୀଲଙ୍କା ଦଳ ପାକିସ୍ତାନରେ ଜିମ୍ବାୱେ ସହ ଏକ ତ୍ରିରାଷ୍ଟ୍ରୀୟ ସିରିଜ୍ ଖେଳିବ। ଏହି ସିରିଜ୍‌ର ତାରିଖରେ କୌଣସି ପରିବର୍ତ୍ତନ କରାଯାଇ ନ ଥିବା ବେଳେ ପ୍ରତ୍ୟେକ ମ୍ୟାଚ୍ ରାୱଲପିଣ୍ଡିରେ ଖେଳାଯିବ।


**GOVERNMENT OF ODISHA**
**ST & SC DEVELOPMENT DEPARTMENT**
**PROJECT ADMINISTRATOR, ITDA, BALLIGUDA**
**INVITATIONS FOR BIDS (IFB)**
Bid Identification No.:PA (ITDA)-BLG-4/25-26
Letter No.2020/Date:11.11.2025

No.CAD-2278:The Project Administrator, ITDA, Balliguda on behalf of Govt. of Odisha invites percentage rate of bids to be received online mode in Double Cover System only for execution of 13 nos. (Thirteen Numbers) of works. The bidders have to participate through "online" bidding only. The website for online bidding is www.tendersorissa.gov.in. The details of bid documents will be available in above website from 5.00 PM. of 12.11.2025 to 5.00 PM of 27.11.2025 for online bidding. The bidders must possess compatible Digital Signature Certificate (DSC) of Class-II or Class-III. Bids received online shall be opened at 11.00 A.M. 28.11.2025 in the office of the Project Administrator, ITDA, Balliguda. Further details can be seen from the website www.tendersorissa.gov.in.

Sd./- Project Administrator
I.T.D.A., Balliguda
OIPR-

**WATCO** No.C-1449
**OFFICE OF THE GENERAL MANAGER**
**WATCO DIVISION-II, BHUBANESWAR,**
Near Rajiv Bhawan, Unit-V, Bhubaneswar-751001, Odisha, India
Telefax : +91-674-2390322, E-mail - gmdivtwowatco@gmail.com
NATIONAL COMPETITIVE BIDDING THROUGH e-PROCUREMENT
Invitation For Bids (IFB)
Dtd.10.11.2025

| | | |
|---|---|---|
| 01 | Name of the work | : Construction of Positive suction pump house along with Supply, installation and commissioning of centrifugal pump set for water supply from Sub-Division pump house (Reservoir) to power house, Sastri Nagar, MLA Colony, HLT Tank Unit-VIII Ward No.47, BMC, Bhubaneswar |
| 02 | Estimate cost | : Rs.68.56 lakhs |
| 03 | Period of completion | : 03 (Three) Months |
| 04 | Class of contractor | : B Class |
| 05 | Date & Time of availability of bid document in the portal | : From 11.00 A.M. of Dt.14.11.25 to 5.00 P.M. of 28.11.25 |
| 06 | Last date / time of receipt of bids in the portal | : 5.00 P.M. of 28.11.25 |
| 07 | Last date & time of seeking clarification | : 5.00 P.M. of 19.11.2025 |
| 08 | Date & Time of opening of bids | : At 12.30 PM of 29.11.2025 |
| 09 | Name and address of the Officer Inviting Bid | : General Manager WATCO Division-II, BBSR |

Further details can be seen from the e-Procurement portal "https://www.tendersorissa.gov.in"

Sd./- GENERAL MANAGER,
WATCO DIVISION-II, BHUBANESWAR
OIPR-

**GOVT. OF ODISHA** E-Mail: eerw_anandapur@yahoo.co.in
**OFFICE OF THE SUPERINTENDING ENGINEER, RURAL WORKS DIVISION, ANANDAPUR**
No. 6901 **1st Corrigendum Notice** Date: 04.11.2025

No. O-1454: Under unavoidable circumstances, the availability of tender online for Annual Maintenance Plan of Rural Roads under Administrative Expenditure of the tender invited vide e-Procurement Notice No. 09 Dtd.27.10.2025/Bid Identification No. NCB-Online 09/EE/RW/AND/2025-26 of Executive Engineer, Rural Works Division, Anandapur is hereby rescheduled as below.

| Procurement Officer | Bid Identification No. | Availability of tender Online for Bidding | | Last date & time of seeking tender clarification | Date & time of Opening of Tender in O/o. S.E., R.W. Division, Anandapur |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer R.W. Division, Anandapur | NCB-Online-09/EE/RW/AND/2025-26 | 11.11.2025 at 10.00 A.M. | 18.11.2025 upto 5.00 P.M. | 17.11.2025 upto 5.00 P.M. | 19.11.2025 at 11.30 A.M. |

All other contents remain unchanged.
OIPR-
Sd./- Executive Engineer, R.W. Division, Anandapur

**OFFICE OF THE SUPERINTENDING ENGINEER, RWSS DIVISION, KORAPUT**
e-mail: eerwss_kpt@rediffmail.com,
Ph.No.06852-250281(Off), Ph.No.06852-250680(Res), Fax No.06852-251098
1ST CORRIGENDUM TO TENDER CALL NOTICE NO.13/SE/RWSS/KPT/2025-26/01.11.2025
CORRIGENDUM No.4413, Date:12.11.25

No.O-1449:Due to some unavoidable circumstances, the following alternations have been made in the time schedules of this office **e-procurement NOTICE NO.13/SE/RWSS/KPT/2025-26/01.11.2025**.

| Sl. No. | TENDER CALL NOTICE NO. 13/ SE/RWSS/KPT/2025-26/01.11.2025 | As per Scheduled | As per Rescheduled |
|---|---|---|---|
| 1 | Availability of Bid document in the website | Dt.11.11.2025 at 17.00 hours to 20.11.2025 upto 17.00 hours | Dt.20.11.2025 at 17.00 hours to 29.11.2025 upto 17.00 hours |
| 2 | Date of Seeking Clarification | During the Office hours of 11.11.2025 to 19.11.2025 | During the Office hours of 20.11.2025 to 28.11.2025 |
| 3 | Date of Opening of Bid | Dt.21.11.2025 at 11.00 hours | Dt.01.12.2025 at 11.00 hours |

All other terms and conditions remain unaltered.
OIPR-
Sd./- Addl. Chief Engineer, RWS&S Division, Koraput

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER,**
**KALAHANDI RWS&S DIVISION, BHAWANIPATNA**
e-mail: eerwsskld@gmail.com, eerwss_kld@nic.in, Phone No:06670-230784
INVITATION OF BID THROUGH e-TENDERING
No.O-1328 Bid Identification No-41/SE/RWSS/2025-26/Bpt Dated 29.10.2025
01. Name of the work: As per Annexure-A.

| Procurement Officer | Bid Identification No. | Availability of tender online for bidding on office hour only | | Date of Opening (Technical Bid) |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Kalahandi RWS&S Division, Bhawanipatna | 41/SE/RWSS/ 2025-26/Bpt Dated 29.10.2025 | 10.11.2025 10.00 AM | 25.11.2025 05.30 AM | 26.11.2025 10.00 AM onwards |

Cost of tender paper to be made online payment system.
Further details can be seen from the e-procurement portal http://tenderodisha.gov.in.
The original documents should be scanned and uploaded.
OIPR-
Sd./-Superintending Engineer, Kalahandi RWS&S Division, Bhawanipatna

**OFFICE OF THE SUPERINTENDING ENGINEER, NIMAPARA IRRIGATION DIVISION, NIMAPARA**
e-mail Address: eenidnimapara@gmail.com
1st Corrigendum to e-Procurement Notice No.04 of 2025-26/ Dated 28.10.2025
NID FOR CANCELLATION

No.A-898:The tender for the NID-141 of 2025-26 is here by cancelled due to technical reason.

| Sl. No. | Name of the Work | Bid Identification No. | Tender Cost (in Lakh) (Excl.GST) | EMD | Cost of Document (Online) | Class of bidder | Period of Completion (in days) | Name of Sub-Division |
|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 |
| 8 | Improvement to Service Road on K.V. Left Embankment from Marine Drive Road to New Fire Training Building. | NID-141/ 25-26 | 23.62 | 23,700 | 6000/- | "C" & "B" | 4 (Four) Calendar Months | Gop |

All other Terms and Conditions will be remained unchanged.
OIPR-
Sd./- Superintending Engineer
Nimapara Irrigation Division, Nimapara

**GOVERNMENT OF ODISHA**
**OFFICE OF THE EXECUTIVE ENGINEER, PUBLIC HEALTH DIVISION, RAYAGADA**
e-mail:- eephd.rgda.od@nic.in, eephdrgda@gmail.com
Letter No.5155/ Dt.06.11.25
1st Corrigendum to e-Procurement Notice No.EEPHDRAYAGADA-27/2025-26, DT.31.10.2025

No.C-1444: The following Corrigendum is made for the work listed as mentioned in invitation for the bids through e-tender published vide NIT No.EEPHDRAYAGADA-27/2025-26 DT.31.10.2025.

| Sl. No. | Name of the Work | Bid Identification No. | Estimated Cost (Rs. in Lakhs) | Period of Completion | Availability of Bid document for Online Bidding | |
|---|---|---|---|---|---|---|
| | | | | | From | To |
| 1 | Construction of Boundary Wall at new 8.0 MLD WTP of Gunupur Municipality | EEPHDRAYAGADA-27/ 2025-26 Dtd.31.10.2025 | 55.71 | 04 (Four Months) | 10.11.2025 (11.00 Hr) | 20.11.2025 (17.00 Hr) |
| 2 | Construction of P.H. Section office at Gudari NAC under Annual Action Plan for the year of 2025-26 | EEPHDRAYAGADA-27/ 2025-26 Dtd.31.10.2025 | 20.37 | 03 (Three Months) | 10.11.2025 (11.00 Hr) | 20.11.2025 (17.00 Hr) |
| 3 | Construction of Sectional Engineer Quarter near the back side of the Treasury Office under Gunupur ULB | EEPHDRAYAGADA-27/ 2025-26 Dtd.31.10.2025 | 20.65 | 03 (Three Months) | 10.11.2025 (11.00 Hr) | 20.11.2025 (17.00 Hr) |

**May be Read as**

The following Corrigendum is made for the work listed as mentioned in invitation for the bids through e-tender published vide NIT No. **EEPHDRAYAGADA-28/2025-26, DT.31.10.2025**

| Sl. No. | Name of the Work | Bid Identification No. | Estimated Cost (Rs. in Lakhs) | Period of Completion | Availability of Bid document for Online Bidding | |
|---|---|---|---|---|---|---|
| | | | | | From | To |
| 1 | Construction of Boundary Wall at new 8.0 MLD WTP of Gunupur Municipality | EEPHDRAYAGADA-28/ 2025-26 Dtd.31.10.2025 | 55.54 | 04 (Four Months) | 10.11.2025 (11.00 Hr) | 20.11.2025 (17.00 Hr) |
| 2 | Construction of P.H. Section office at Gudari NAC under Annual Action Plan for the year of 2025-26 | EEPHDRAYAGADA-28/ 2025-26 Dtd.31.10.2025 | 20.26 | 03 (Three Months) | 10.11.2025 (11.00 Hr) | 20.11.2025 (17.00 Hr) |
| 3 | Construction of Sectional Engineer Quarter near the back side of the Treasury Office under Gunupur ULB | EEPHDRAYAGADA-28/ 2025-26 Dtd.31.10.2025 | 20.10 | 03 (Three Months) | 10.11.2025 (11.00 Hr) | 20.11.2025 (17.00 Hr) |

All other term and condition in the above mentioned tender call notice remain unchanged.
OIPR-
Sd./- Executive Engineer, P.H.Division, Rayagada

# ଆଜିଠାରୁ ପ୍ରଥମ ଟେଷ୍ଟ

**କୋଲକାତା, ୧୩।୧୧ (ପି.ଟି.)**

ସ୍ଥାନୀୟ ଇଡେନ ଗାର୍ଡେନ୍ସରେ ଶୁକ୍ରବାରଠାରୁ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ପ୍ରଥମ କ୍ରିକେଟ ଟେଷ୍ଟ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍‌ରେ ଡବ୍ଲ୍ୟୁଟିସି ଚାମ୍ପିୟନ ଦକ୍ଷିଣ ଆଫ୍ରିକା ଦଳର କ୍ୱାଲିଟି ସ୍ପିନ ଆକ୍ରମଣ ଆଗରେ ଭାରତୀୟ ଦଳର ବ୍ୟାଟିଂ ଲାଇନ ଏକ କଡ଼ା ପରୀକ୍ଷାର ସମ୍ମୁଖୀନ ହେବ। ଗତ ବର୍ଷ ଭାରତୀୟ ଦଳ ଘରୋଇ ପରିବେଶରେ ନ୍ୟୁଜିଲାଣ୍ଡଠାରୁ ୩-୦ ବ୍ୟବଧାନରେ ପରାଜିତ

**ଭାରତ-ଦକ୍ଷିଣ ଆଫ୍ରିକା ସିରିଜ**

ହୋଇଥିଲା। ଏହି ପରାଜୟ ଘରୋଇ ପରିବେଶରେ ଭାରତୀୟ ଦଳର ଦୁର୍ବଳତାକୁ ପଦାରେ ପକାଇଥିଲା। ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକା ଦଳ ୨୦୧୦ ଠାରୁ ଭାରତରେ କୌଣସି ଟେଷ୍ଟ ମ୍ୟାଚ୍ ଜିତି ନାହିଁ। ଗତ ୩ ଟୁରରେ ଦକ୍ଷିଣ ଆଫ୍ରିକା, ଭାରତରେ ଟେଷ୍ଟ ମ୍ୟାଚ୍ ଜିତିବାରେ ଅସମର୍ଥ ରହିଛି। କିନ୍ତୁ ଚଳିତ ବର୍ଷ ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନ ହୋଇଥିବା ଦକ୍ଷିଣ ଆଫ୍ରିକା ଦଳ ନିକଟରେ ଏକ ଦକ୍ଷ ସ୍ପିନ ବିଭାଗ ରହିଛି। ଏଥିସହିତ ଟେମ୍ବା ବଭୁମାଙ୍କ ନେତୃତ୍ୱାଧୀନ ଦ. ଆଫ୍ରିକା ଦଳ ନିକଟରେ ପାକିସ୍ତାନ ବିପକ୍ଷ ଦୁଇ ମ୍ୟାଚ୍ ବିଶିଷ୍ଟ ସିରିଜ୍‌କୁ ୧-୧ରେ ବରାବର କରିବା ପରେ ଭାରତ ଆସିଛି। ଏହି ସିରିଜ୍‌ରେ କେଶବ ମହାରାଜ, ସାଇମନ ହାର୍ମର ଓ ସେନୁରାନ ମୁଥୁସାମୀ ୩୯ରୁ ୩୫ ଉଇକେଟ ନେଇଥିଲେ। ଏହି ୩ ସ୍ପିନର ପାକିସ୍ତାନରେ



ଗୁରୁବାର ଅଭ୍ୟାସ ବେଳେ ପିଚ୍ ଅନୁଧ୍ୟାନ କରୁଛନ୍ତି ଶୁବମନ ଗିଲ୍, ରିଷଭ ପନ୍ତ, ଗୌତମ ଗମ୍ଭୀର ଓ ଅନ୍ୟମାନେ।

ପାକିସ୍ତାନୀ ସ୍ପିନରଙ୍କଠାରୁ ଅଧିକ ଭଲ ପ୍ରଦର୍ଶନ କରିଥିଲେ।

ମ୍ୟାଚ୍ ପୂର୍ବରୁ ଇଡେନ ଗାର୍ଡେନ୍ସର ପିଚ୍‌କୁ ନେଇ ଖୁବ ଚର୍ଚ୍ଚା ହେଉଛି। ଭାରତୀୟ ଦଳର ବ୍ୟାଟିଂ କୋଚ୍ ସୀତାଂଶୁ କୋଟାକ ଓ ଅଧିନାୟକ ଶୁବମନ ଗିଲ ଅନେକ ଥର ପିଚ୍ ଯାଞ୍ଚ କରିଥିବା ବେଳେ କ୍ରିକେଟ ଆସୋସିଏଶନ ଅଫ୍ ବେଙ୍ଗଲ ସଭାପତି ସୌରଭ ଗାଙ୍ଗୁଲି ଆଶ୍ୱାସନା ଦେଇଛନ୍ତି, ପିଚ୍ ର୍ୟାଙ୍କ ଟର୍ନର ହେବ ନାହିଁ। ଅବଶ୍ୟ ପିଚ୍ ସ୍ପିନରଙ୍କୁ ସୁହାଇବ। ହେଲେ ପ୍ରଥମ ଦିନରୁ ବଲ ସ୍ପିନ କରିବ ନାହିଁ। ଆରମ୍ଭରୁ ଏହି ସର୍ଫେସ ଯଶପ୍ରୀତ ବୁମରା ଓ ମହମ୍ମଦ ସିରାଜଙ୍କୁ ମୁଭମେଣ୍ଟ ଓ ରିଭର୍ସ ସ୍ୱିଙ୍ଗ ପ୍ରଦାନ କରିବ। ଭାରତୀୟ ଦଳ ଦୁଇ ପେସରଙ୍କ ସହ ଓହ୍ଲାଇବ। ଏଣୁ ସିରାଜଙ୍କ ବଦଳରେ ଲୋକାଲ ଖେଳାଳି ଆକାଶ ଦୀପଙ୍କୁ ପ୍ରାଧାନ୍ୟ ଦିଆଯାଇପାରେ। ଗତ ୧୫ ବର୍ଷରେ ଏଠାରେ ଖେଳାଯାଇଥିବା ଟେଷ୍ଟ ମ୍ୟାଚ୍‌ରେ ମୋଟ ୧୫୯ ଉଇକେଟ ପଡ଼ିଥିବା ବେଳେ ପେସରମାନେ ୯୭ ଉଇକେଟ ନେଇଛନ୍ତି। ଏହାର ଅର୍ଥ ଏଠାରେ ପେସରମାନେ ୬୧ ପ୍ରତିଶତ ଉଇକେଟ ନିଅନ୍ତି।

ଯୁବ ଅଧିନାୟକ ଶୁବମନଙ୍କ ନେତୃତ୍ୱରେ ଭାରତୀୟ ଦଳ ଗତ ଇଂଲଣ୍ଡ ବିପକ୍ଷ ସିରିଜ୍‌କୁ ୨-୨ରେ ବରାବର କରିଥିଲା। ଏହି ସିରିଜ୍‌ରେ ଭାରତୀୟ ଦଳ ତା'ର ଧୈର୍ଯ୍ୟ ଓ ସ୍କିମିଂ କଣ୍ଡିଶନ ସହ ଖାପ ଖୁଆଇବାର ଦକ୍ଷତା ପ୍ରଦର୍ଶିତ କରିଥିଲା। ଏହାପରେ ଦଳ ଘରୋଇ ପରିବେଶରେ ଦୁର୍ବଳ ୱେଷ୍ଟଇଣ୍ଡିଜ୍ ବିପକ୍ଷ ସିରିଜ୍‌କୁ ୨-୦ରେ ସିରିଜ୍ ସୁଇପ୍ କରିଥିଲା। ଇଞ୍ଜୁରିରୁ ରିକଭର କରି ରିଷଭ ପନ୍ତ ଦଳକୁ ଫେରିଥିବା ବେଳେ ଧ୍ରୁବ ଜୁରେଲ ସ୍ପେଶାଲିଷ୍ଟ ବ୍ୟାଟର ଭାବେ ଖେଳିବେ। ୱାଶିଂଟନ ସୁନ୍ଦର, ରବୀନ୍ଦ୍ର ଜାଡେଜା ଓ ଅକ୍ଷର ପଟେଲ ସ୍ପିନ ବିଭାଗ ସହିତ ଲୋୟର ବ୍ୟାଟିଂ ଅର୍ଡର ସମ୍ଭାଳିବେ। ଏହା ଏକ ଦୁଇ ମ୍ୟାଚ୍ ବିଶିଷ୍ଟ ସିରିଜ୍ ହୋଇଥିବାରୁ ଏଥିରେ ଯେକୌଣସି ଛୋଟ ଭୁଲ୍ ସାଙ୍ଘାତିକ ହୋଇପାରେ। ଦ୍ୱିତୀୟ ଟେଷ୍ଟ ଗୁଆହାଟିରେ ଖେଳାଯିବ, ଯାହାକି ଭେନ୍ୟୁର ପ୍ରଥମ ଟେଷ୍ଟ ହେବ। ଏଣୁ ସେଠାରେ ବଲ କେଉଁ ଭଳି ବ୍ୟବହାର କରିବ, ତାହା କହିବା କଷ୍ଟକର। ଏଥିଯୋଗୁ ଭାରତୀୟ ଦଳ ପାଇଁ ପ୍ରଥମ ଟେଷ୍ଟ ଜିତିବା ଗୁରୁତ୍ୱପୂର୍ଣ୍ଣ।

**ସମ୍ଭାବ୍ୟ ଭାରତୀୟ ଦଳ:** ଲୋକେଶ ରାହୁଲ, ଯଶସ୍ୱୀ ଜୟସ୍ୱାଲ, ସାଇ ସୁଦର୍ଶନ, ଶୁବମନ ଗିଲ (ଅଧିନାୟକ), ରିଷଭ ପନ୍ତ (ଉଇକେଟକିପର), ଧ୍ରୁବ ଜୁରେଲ, ରବୀନ୍ଦ୍ର ଜାଡେଜା, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, ମହମ୍ମଦ ସିରାଜ/ଆକାଶ ଦୀପ, ଯଶପ୍ରୀତ ବୁମରା।

**ସମ୍ଭାବ୍ୟ ଦକ୍ଷିଣ ଆଫ୍ରିକା ଦଳ:** ଏଡେନ ମାରକ୍ରାମ, ର୍ୟାନ ରିକଲଟନ, ଡେୱାଲ୍ଡ ବ୍ରେଭିସ, ଟ୍ରିଷ୍ଟାନ ଷ୍ଟବ୍ସ, ଟେମ୍ବା ବଭୁମା (ଅଧିନାୟକ), ୱିଆନ ମୁଲ୍ଡର/କର୍ବିନ ବୋଶ୍ଚ, ମାର୍କୋ ଜାନସେନ, କେଶଭ ମହାରାଜ, ସେନୁରାନ ମୁଥୁସାମୀ, ସିମନ ହର୍ମର, କାଗିସୋ ରାବାଡା।

**ସମୟ: ସକାଳ ୯:୩୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ/ହଟଷ୍ଟାର**

## ମହିଳା ଓ ମିକ୍ସଡ୍ ଟିମ୍‌କୁ ସ୍ୱର୍ଣ୍ଣ ପଦକ

**ଢାକା, ୧୩।୧୧ (ପି.ଟି.)**

ଏଠାରେ ଚାଲିଥିବା ଏସୀୟ ତୀରନ୍ଦାଜୀ ଚାମ୍ପିୟନଶିପ୍‌ରେ ଭାରତର କମ୍ପାଉଣ୍ଡ ତୀରନ୍ଦାଜମାନେ ଚମତ୍କାର ପ୍ରଦର୍ଶନ କରି ଦୁଇ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପାଇଛନ୍ତି। କୋରିଆ ବିପକ୍ଷ ମହିଳା କମ୍ପାଉଣ୍ଡ ଫାଇନାଲରେ ଜ୍ୟୋତି ସୁରେଖା ଭେନମ, ଦୀପ୍‌ଶିଖା ଓ ପ୍ରିଥିକା ପ୍ରଦୀପ ପ୍ରମୁଖଙ୍କୁ ନେଇ ଭାରତୀୟ ମହିଳା ଦଳ ୨୩୬-୨୩୪ରେ ରୋମାଞ୍ଚକ ବିଜୟ ହାସଲ କରିଛନ୍ତି। ପରାଜିତ କୋରିଆ ଦଳରେ ପ୍ରତିନିଧିତ୍ୱ କରୁଥିବା ଖେଳାଳିମାନେ ହେଲେ ପାର୍କ ୟେରିନ୍, ଓହ୍ ୟୁହ୍ୟୁନ୍ ଓ ଜଙ୍ଗୟୁନ୍ ପାର୍କ। କମ୍ପାଉଣ୍ଡ ମିକ୍ସଡ ଟିମ୍ ଫାଇନାଲରେ ଅଭିଷେକ ବର୍ମା ଓ ଦୀପ୍‌ଶିଖା ବାଂଲାଦେଶକୁ ୧୫୩-୧୫୧ରେ ପରାସ୍ତ କରିବା ଦ୍ୱାରା ଭାରତ ଏହାର ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ଲାଭ କରିଥିଲା। ଅନ୍ୟପକ୍ଷରେ ପୁରୁଷ କମ୍ପାଉଣ୍ଡ ବିଭାଗ ଫାଇନାଲରେ କାଜାଖସ୍ତାନଠାରୁ ୨୨୯-୨୩୦ରେ ପରାଜିତ ହୋଇ ରୌପ୍ୟ ପାଇଥିଲା। ଏହି ରୋମାଞ୍ଚକ ଫାଇନାଲରେ ଭାରତୀୟ ଦଳରେ ପ୍ରତିନିଧିତ୍ୱ କରିଥିଲେ ଅଭିଷେକ ବର୍ମା, ସାହିଲ ରାଜେଶ ଯାଦବ ଏବଂ ପ୍ରଥମେସ ମବାଲଚନ୍ଦ୍ରା ଫୁଗେ। ସେହିପରି କାଜାଖସ୍ତାନ ଦଳରୁ ପ୍ରତିନିଧିତ୍ୱ କରିଥିଲେ। ଦିଲମୁଖାମେତ ମୂଷା ବୁନ୍ୟୋଦ ମିର୍ଜାମେତୋଭ ଏବଂ ଆନ୍ଦ୍ରେ ଜ୍ୟୁତ୍ୟନ୍।









4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ 51 Years
ପୃଷ୍ଠା–୧୦+୮
ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ନଭେମ୍ବର ୧୪/୨୦୨୫ (୧୦+୮=୧୮ ପୃଷ୍ଠା) | Bhubaneswar, Friday, November 14/2025 | Page 18 | ₹ 7.00
୫୧ଶ ଭାଗ ୩୪୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 348 | ମୂଲ୍ୟ₹୭/-

# ବିହାର, ନୂଆପଡ଼ା ଭୋଟ ଗଣତି ଆଜି

ଭୁବନେଶ୍ୱର, ୧୩।୧୧(ସୁନିତ୍ ମିଶ୍ର)

ଦୀର୍ଘଦିନ ଧରି ବିହାର ନିର୍ବାଚନ ଏବଂ ନୂଆପଡ଼ା ଉପନିର୍ବାଚନକୁ ନେଇ ଚାଲିଥିବା ଚର୍ଚ୍ଚାର ଶୁକ୍ରବାର ଅବସାନ ଘଟିବ। ବିହାର ଫଳାଫଳ ଉପରେ ଦେଶବ୍ୟାପୀ ସମସ୍ତଙ୍କ ନଜର ରହିଥିବା ବେଳେ ଓଡ଼ିଶାରେ ନୂଆପଡ଼ା ବିଧାନସଭା ଆସନରେ ହୋଇଥିବା ଉପନିର୍ବାଚନର ଫଳାଫଳ କାହା ସପକ୍ଷରେ ଯାଉଛି ସେନେଇ ରାଜ୍ୟବାସୀ ଚାହିଁ ରହିଛନ୍ତି। ସକାଳ ୮ଟାରେ ପ୍ରଥମେ ପୋଷ୍ଟାଲ ବାଲଟ୍ ଏବଂ ଏହାର ୩୦ମିନିଟ୍ ପରେ ଇଭିଏମ୍ ଭୋଟ ଗଣତି ଆରମ୍ଭ ହୋଇଯିବ। ନୂଆପଡ଼ା ନ୍ୟାଶନାଲ କଲେଜଠାରେ ଭୋଟ ଗଣତି କରାଯିବ। ମୋଟ ୩୫୮ ବୁଥ୍ ପାଇଁ ୧୪ଟି ଟେବୁଲରେ ୨୬ ରାଉଣ୍ଡରେ ଗଣତି କରାଯିବ। ପ୍ରତ୍ୟେକ ଟେବୁଲରେ ୩ ଜଣ ଅଧିକାରୀ ରହିବେ। ଜଣେ ଗଣତି ସହ ଅଧିକାରୀ, ଗଣତି ସୁପରଭାଇଜର ଏବଂ ମାଇକ୍ରୋ ଅବଜର୍ଭର ନିଯୁକ୍ତ ହୋଇଛନ୍ତି। ଏଥିଲାଗି ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏଥିରେ ୫ କମ୍ପାନୀ ସୁରକ୍ଷା ବଳ ନିଯୁକ୍ତ ହୋଇଛନ୍ତି ବୋଲି ଜିଲା ପୋଲିସ ମୁଖ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ଆରକ୍ଷୀ ଅଧୀକ୍ଷକ ଅମ୍ରିତ୍‌ପାଲ ସିଂ ଗୁରୁବାର ସୂଚନା ଦେଇଛନ୍ତି। ଉପନିର୍ବାଚନରେ ମୋଟ୍ ୧୪ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ସେମାନଙ୍କ ଭିତରୁ କାହା ଉପରେ ନୂଆପଡ଼ା ବିଧାନସଭା କ୍ଷେତ୍ରର ଭୋଟର ଭରସା କରୁଛନ୍ତି ତାହା ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ସ୍ପଷ୍ଟ ହୋଇଯାଇଥିବ। ଯିଏ ବି ଏହି ଉପନିର୍ବାଚନରେ ବିଜୟୀ ହେବେ ସେ ଏହି ଆସନରୁ ନୂଆ ଚେହେରା ଭାବେ ବିଧାନସଭାକୁ ଯିବେ। ଅନ୍ୟପଟେ ଭାଜପା, ବିଜେଡି ଏବଂ କଂଗ୍ରେସ ମଧ୍ୟରେ ମୁଖ୍ୟତଃ ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି ଜଣାପଡୁଛି। କିଏ ୨ ଏବଂ ୩ ନମ୍ବର ସ୍ଥାନରେ ରହୁଛି ତାହା ମଧ୍ୟ ଓଡ଼ିଶା ରାଜନୀତି ପାଇଁ ବହୁ ଗୁରୁତ୍ୱ ବହନ କରିବ। ୩ ଦଳ ଭୋଟ ସରିବା ପରେ ବିଜୟୀ ହେବେ ବୋଲି ଦାବିକରି ଆସୁଛନ୍ତି। ୨୦୨୪ ନିର୍ବାଚନ ପରେ ଓଡ଼ିଶାରେ ଭାଜପା ପ୍ରଥମ ଥର ଏକୁଟିଆ ଶାସନକୁ ଆସିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଭାଜପା ଏହି ପ୍ରଥମ ନିର୍ବାଚନ ଲଢୁଛି। ତେଣୁ ଏକ ଭଲ ଭୋଟ୍ ବ୍ୟବଧାନରେ ବିଜୟୀ ହେବା ଭାଜପା ପାଇଁ ବହୁତ ଗୁରୁତ୍ୱ ରଖିବ। ୨୪ ବର୍ଷ ପରେ କ୍ଷମତାରୁ ଯିବା ପରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ତାଙ୍କ ଦଳ ପ୍ରଥମ ଥର ବିରୋଧୀ ଦଳ ଭୂମିକାରେ ରହି ଏହି ଉପନିର୍ବାଚନ ଲଢୁଛନ୍ତି। ଗତ ସାଧାରଣ ନିର୍ବାଚନରେ ଉକ୍ତ ଆସନ ମଧ୍ୟ ବିଜେଡି ହାତରେ ରହିଥିଲା। ତେଣୁ ବିଜେଡି ଏହି ଆସନ ନିଜ ଅକ୍ତିଆରକୁ ନେଇପାରୁଛି ନା ନାହିଁ ତାହା ମଧ୍ୟ ରାଜ୍ୟ ରାଜନୀତି ପାଇଁ ଗୁରୁତ୍ୱ ରଖୁଛି। ଅନ୍ୟପଟେ କଂଗ୍ରେସ ଏହି ଆସନରେ ଯଦି ଭଲ ପ୍ରଦର୍ଶନ କଲା ତେବେ ତାଙ୍କ ଦଳ ଉପରେ ରାଜ୍ୟର ଜନସାଧାରଣଙ୍କ ଆସ୍ଥା ବଢ଼ିବାର ଏକ ଆକଳନ ରାଜନୈତିକ ମହଲରେ କରାଯାଉଛି।



ଭୁବନେଶ୍ୱର ୟୁନିଟ୍–୩ କ୍ୟାପିଟାଲ ହାଇସ୍କୁଲଠାରେ ଚାଲିଥିବା ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'ରେ ଗୁରୁବାର ବଲାଙ୍ଗୀରର ଛାତ୍ରୀମାନଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ। (ଫଟୋ: ବିକାଶ ନାୟକ)

# ରାଜ୍ୟରେ ହେବ ଭିନ୍ନକ୍ଷମ ଶିଶୁଙ୍କ ସର୍ଭେ

ଭୁବନେଶ୍ୱର,୧୩।୧୧
(ରବିନାରାୟଣ ଜେନା)

ରାଜ୍ୟରେ କେତେ ଭିନ୍ନକ୍ଷମ ଶିଶୁ ରହିଛନ୍ତି ସେନେଇ ସରକାର ଗଣନା କରିବେ। ଏହାକୁ ନେଇ ବୁଧବାର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଏକ ନିର୍ଦ୍ଦେଶନାମା ସମସ୍ତ ଜିଲା ସାମାଜିକ ସୁରକ୍ଷା ଅଧିକାରୀ, ଜିଲା ସାମାଜିକ ମଙ୍ଗଳ ଅଧିକାରୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀମାନଙ୍କୁ ଜାରି ହୋଇଛି। ବିଭାଗ ପକ୍ଷରୁ ଅତିରିକ୍ତ ସଚିବ ଭାସ୍କର ରୟତୋ ଅଧିକାରୀମାନଙ୍କୁ ପ୍ରଦାନ କରିଥିବା ପତ୍ରରେ ଦର୍ଶାଇଛନ୍ତି, ଘରକୁ ଘର ବୁଲି ଅଙ୍ଗନୱାଡି କର୍ମୀ ଭିନ୍ନକ୍ଷମ ଶିଶୁଙ୍କ ସମସ୍ତ ତଥ୍ୟ ସଂଗ୍ରହ କରିବେ। ଜନ୍ମରୁ ୬ବର୍ଷ ମଧ୍ୟରେ ଥିବା ଭିନ୍ନକ୍ଷମ ଶିଶୁଙ୍କ ସର୍ଭେ କରାଯିବ। ସର୍ଭେ ବେଳେ ୨୧ପ୍ରକାର ଭିନ୍ନକ୍ଷମ ବର୍ଗଙ୍କୁ ଗଣନାରେ ଗୁରୁତ୍ୱ ଦିଆଯିବା ଦରକାର। ଏହାପରେ ଚିହ୍ନଟ ଶିଶୁଙ୍କୁ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ କରାଯିବ। ଏନ୍‌ଇପି –୨୦୨୦ ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମରେ ଶିଶୁଙ୍କୁ ସାମିଲ କରାଯିବ। ଆସନ୍ତା ୧ ମାସ ମଧ୍ୟରେ ସର୍ଭେ ଶେଷ ହେବା ଆବଶ୍ୟକ ବୋଲି ଅତିରିକ୍ତ ସଚିବ ପତ୍ରରେ ଦର୍ଶାଇଛନ୍ତି। ସେ ଦର୍ଶାଇଛନ୍ତି, ପ୍ରତ୍ୟେକ ଜିଲାରେ ପ୍ରଥମ ପର୍ଯ୍ୟାୟରେ ଅଙ୍ଗନୱାଡି କର୍ମୀମାନେ ଭିନ୍ନକ୍ଷମ ଶିଶୁଙ୍କୁ ଚିହ୍ନଟ କରିବା ପରେ ସେମାନଙ୍କ ତଥ୍ୟକୁ ସମନ୍ୱିତ ଶିଶୁ ବିକାଶ ଯୋଜନା (ଆଇସିଡିଏସ୍) ସୁପରଭାଇଜର ଯାଞ୍ଚ କରିବେ। ଏହାପରେ ବ୍ଲକ ସୁରକ୍ଷା ଅଧିକାରୀମାନେ ଯାଞ୍ଚ କରି ତଥ୍ୟକୁ ସରକାରଙ୍କ ପୋର୍ଟାଲରେ ଅପ୍‌ଲୋଡ୍ କରିବେ। ଶେଷ ପର୍ଯ୍ୟାୟରେ ଜିଲାସ୍ତରରେ ସାମାଜିକ ସୁରକ୍ଷା ଅଧିକାରୀ ଓ ରାଜ୍ୟସ୍ତରୀୟ ଅଧିକାରୀ ଯାଞ୍ଚ କରିବେ। ଏହି ସମସ୍ତ କାର୍ଯ୍ୟ କିଭଳି କରାଯିବ ସେନେଇ ଅତିରିକ୍ତ ସଚିବ ସ୍ୱତନ୍ତ୍ର ଏସ୍‌ଓପି ଜାରି କରିଛନ୍ତି।

# ଉମର କାର୍ ଚଳାଉଥିବା ଡିଏନ୍‌ଏ ପରୀକ୍ଷାରୁ ସ୍ପଷ୍ଟ

## ଦିଲ୍ଲୀ ବିସ୍ଫୋରଣ

ନୂଆଦିଲ୍ଲୀ,୧୩।୧୧

ଦିଲ୍ଲୀ ଲାଲ୍‌କିଲ୍ଲା ନିକଟରେ ଗତ ୧୦ ତାରିଖରେ ଘଟିଥିବା ବିସ୍ଫୋରଣରେ ବ୍ୟବହୃତ କାର୍‌କୁ ଡା. ଉମର ନବୀ ଚଳାଉଥିଲେ। ଡିଏନ୍‌ଏ ପରୀକ୍ଷାରୁ ଏହା ସ୍ପଷ୍ଟ ହୋଇଥିବା ପୋଲିସ ସୂତ୍ରରୁ କୁହାଯାଇଛି। ବିସ୍ଫୋରଣ ସ୍ଥଳରୁ ସଂଗୃହୀତ ଡିଏନ୍‌ଏ ନମୁନା ଉମରଙ୍କ ମା'ଙ୍କ ନମୁନା ସହ ମେଳ ଖାଉଥିବାରୁ ଉମର ହିଁ କାର୍‌ରେ ଥିଲେ ବୋଲି ଫୋରେନ୍‌ସିକ ବିଶେଷଜ୍ଞମାନେ କରିଥିବା ପରୀକ୍ଷାରୁ ନିଶ୍ଚିତ ହୋଇଛି। ଉମର କାର୍‌କୁ ଚଳାଇବା ସହ ବିସ୍ଫୋରଣ ଘଟାଇଥିବା ପରୀକ୍ଷା ଫଳାଫଳରୁ ନିର୍ଣ୍ଣାୟକ ଭାବେ ସାବ୍ୟସ୍ତ ହୋଇଥିବା ଜଣେ ବରିଷ୍ଠ ପୋଲିସ ଅଧିକାରୀ ଗଣମାଧ୍ୟମକୁ କହିଛନ୍ତି।

ଉମର ନବୀଙ୍କ ଘର ଜମ୍ମୁ–କଶ୍ମୀରର ପୁଲ୍‌ୱାମାରେ। ନିକଟରେ ପର୍ଦ୍ଦାଫାଶ ହୋଇଥିବା ହ୍ୱାଇଟ୍ କଲାର ଟେରର ମଡ୍ୟୁଲର ସେ ଅନ୍ୟତମ ମୁଖ୍ୟ ସଦସ୍ୟ। ଜୈଶ–ଇ–ମହମ୍ମଦ ଏବଂ ଅନସର ଘଜୱତ–ଉଲ୍–ହିନ୍ଦ୍ ଆତଙ୍କବାଦୀ ସଂଗଠନ ସହ ତାଙ୍କର ସମ୍ପର୍କ ରହିଛି। ସୋମବାର ସନ୍ଧ୍ୟାରେ ଲାଲ୍‌କିଲ୍ଲା ନିକଟରେ ଧୀର ଗତିରେ ଯାଉଥିବା କାର୍‌ଟି ହଠାତ୍ ବିସ୍ଫୋରଣ ହୋଇଥିଲା, ଯାହା ଉକ୍ତ ଅଞ୍ଚଳକୁ ସ୍ତବ୍ଧ କରିଦେଇଥିଲା। ବିସ୍ଫୋରଣର ଅଳ୍ପ କେତେଘଣ୍ଟା ପୂର୍ବରୁ



ଡା. ଉମର ନବୀ

ପୋଲିସ ହ୍ୱାଇଟ୍ କଲାର ଟେରର ମଡ୍ୟୁଲ୍ ସହ ସମ୍ପୃକ୍ତ ଥିବା ୩ ଡାକ୍ତରଙ୍କ ସମେତ ୮ ଜଣଙ୍କୁ ଗିରଫ କରିଥିବା ଘୋଷଣା କରିଥିଲା। ସୁରକ୍ଷା ବଳ ଜମ୍ମୁ–କଶ୍ମୀର, ହରିୟାଣା ଓ ଉତ୍ତରପ୍ରଦେଶର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଆମୋନିୟମ୍ ନାଇଟ୍ରେଟ୍, ପୋଟାସିୟମ୍ କ୍ଲୋରେଟ୍ ଏବଂ ସଲ୍‌ଫର ସମେତ ପାଖାପାଖି ୩,୦୦୦ କିଲୋଗ୍ରାମ ବିସ୍ଫୋରଣ ଜବତ କରିଥିଲା। ଲାଲ୍‌କିଲ୍ଲା ବିସ୍ଫୋରଣ ଉକ୍ତ ଗ୍ରୁପ୍ ଦ୍ୱାରା କରାଯାଇଥିବା ବୃହତ୍ତର ଆତଙ୍କବାଦୀ ଷଡ଼ଯନ୍ତ୍ରର ଅଂଶବିଶେଷ କି ନୁହେଁ, ଏବେ ତାହାର ତଦନ୍ତ ଚାଲିଛି।



# ସୟାରା ଗୀତରେ ମତୁଆଲା କଲେ ଶ୍ରେୟା



ଶ୍ରେୟା ଘୋଷାଲ

## ଶ୍ରୀକ୍ଷେତ୍ରେ ଯିବୁ ଉଡ଼ି ଉଡ଼ି ମନ ପାରାରେ ଓଡ଼ିଆ ଭଜନକୁ ଭୁଲିଲେନି

କଟକ,୧୩।୧୧(ଶିଳ୍ପା ପ୍ରିୟଦର୍ଶିନୀ)

ସୁନ୍ ରାହା ହେ ନାଁ ତୁ..., ତୁମ୍ କ୍ୟା ମିଲେ..., ଯାଦୁ ହେ ନସା ହେ...ଏଭଳି ୫ରୁ ଅଧିକ ହିନ୍ଦୀ ସଙ୍ଗୀତ। ତା' ସାଙ୍ଗକୁ ଉଲ୍ଲା ଲା ଉଲ୍ଲା ଲା..., ଚିକ୍ନୀ ଚମେଲି, ଘୁମର ଭଳି ଦମ୍‌ଦାର ନୃତ୍ୟ ଗୀତ। ପାଖାପାଖି ଅଢ଼େଇ ଘଣ୍ଟା ପର୍ଯ୍ୟନ୍ତ ଗୀତ ଗାଇଲେ। କେତେବେଳେ ନିଜ ଧୂନରେ ଅନ୍ୟଙ୍କୁ ଗାଇବାକୁ କହୁଥିଲେ ତ' ଆଉ କେତେବେଳେ ଗୀତରେ ଦର୍ଶକଙ୍କୁ ନାଚିବାକୁ ବାଧ କରି ଦେଇଥିଲେ। ଐତିହାସିକ ବାଲିଯାତ୍ରାର ଅବଧି ବଢ଼ା ଯାଇଥିବାବେଳେ ଗୁରୁବାର ଥିଲା ଏହାର ଶେଷ ବା ନବମ ଦିନ। ବଲିଉଡ୍ ନାଇଟରେ ସଙ୍ଗୀତର ଯାଦୁରେ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ ବଲିଉଡ ଗାୟିକା ଶ୍ରେୟା ଘୋଷାଲ। ଗଣକବି ବୈଷ୍ଣବ ପାଣି ସାଂସ୍କୃତିକ ମଞ୍ଚରେ ଆଜି ଦେଖିବାକୁ ମିଳିଥିଲା ହିନ୍ଦୀ ଗୀତର ତଡ଼କା। ଶ୍ରେୟା ଆରମ୍ଭରେ ମଞ୍ଚ ଉପରେ ଚପଲ କାଢି 'ଜୟ ଜଗନ୍ନାଥ' କହି ମହାପ୍ରଭୁ ଜଗନ୍ନାଥଙ୍କ ଆଶିଷ ଭିକ୍ଷା କରିଥିଲେ। ପରେ ଓଡ଼ିଆରେ ଶ୍ରୀକ୍ଷେତ୍ରେ ଯିବୁ ଉଡି ଉଡି... ଭଜନ ଗାଇଥିଲେ। ଏହାସହ କଟକବାସୀ କେମିତି ଅଛନ୍ତି କହି ପ୍ରତ୍ୟେକ ଓଡ଼ିଆଙ୍କ ମନ ଜିଣିଥିଲେ। ପରେ ସୟାରା, ଶୁଖରାନଲ୍ଲା, ସାଥୀୟା, ପିୟା ଓରେ ପିୟା, ଦିୱାନୀ ମସ୍ତାନୀ, ମନୱା ଲାଗେ, ତେରି ଔର, ସାଏବୋ, ପିୟୁ ବୋଲେ, ବର୍ଷୋରେ ମେଘା, ଘର ମୋରେ ପରଦେଶିଆ, ଡୋଲାରେ ଡୋଲା ତା'ପରେ ପାଖାପାଖି ୧୦ରୁ ଅଧିକ ଗୀତ ଗାଇଥିଲେ।

ଶ୍ରେୟାଙ୍କ ସଙ୍ଗୀତ ଶୁଣିବାକୁ ବାଲିଯାତ୍ରା ପଡିଆ ଏକପ୍ରକାରର ଜନସମୁଦ୍ରରେ ପରିଣତ ହୋଇଥିଲା। ଏପରିକି ମଞ୍ଚ ନିକଟରେ ଲକ୍ଷାଧିକ ଦର୍ଶକଙ୍କ ନାହିଁ ନ ଥିବା ଭିଡ଼ ଜମିଥିଲା। ଅନ୍ୟପଟେ ଶ୍ରେୟାଙ୍କ କାର୍ଯ୍ୟକ୍ରମକୁ ନଜରରେ ରଖି ଜିଲାପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିବାବେଳେ ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡ଼ି କରାଯାଇଥିଲା। ଏହାସହ ଶ୍ରେୟାଙ୍କ କାର୍ଯ୍ୟକ୍ରମ ଓ ଭିଡ଼କୁ ନଜରରେ ରଖି ବାଲିଯାତ୍ରାକୁ ଛୋଟପିଲା ଓ ବୃଦ୍ଧାବୃଦ୍ଧଙ୍କୁ ନ ଆଣିବାକୁ ଜିଲାପ୍ରଶାସନ ପକ୍ଷରୁ ଅପିଲ କରାଯାଇଥିଲା।

**■ ଚିକ୍ନୀ ଚମେଲି......**

**■ କଟକବାସୀ ଆପଣ କେମିତି ଅଛନ୍ତି......**

## ଶ୍ରେୟାଙ୍କ କାର୍ଯ୍ୟକ୍ରମରେ ଦର୍ଶକ ଅଚେତ

ଶ୍ରେୟା ଘୋଷାଲଙ୍କ କାର୍ଯ୍ୟକ୍ରମ ପାଇଁ ସାଧାରଣ ଲୋକ ବହୁ ହଟହଟା ହୋଇଥିଲେ। ଏପରି କି ମଞ୍ଚ ନିକଟକୁ ଆସି ଶ୍ରେୟାଙ୍କୁ ନିକଟରୁ ଦେଖିବା ପାଇଁ ଦର୍ଶକ ଚେଷ୍ଟା କରିଥିଲେ ମଧ୍ୟ ସୁରକ୍ଷା ବ୍ୟବସ୍ଥା କଡାକଡ଼ି ଥିବାରୁ ସେଥିରୁ ବଞ୍ଚିତ ରହିଥିଲେ ସାଧାରଣ ଦର୍ଶକ। ସାଧାରଣ ଲୋକ କାର୍ଯ୍ୟକ୍ରମ ଆରମ୍ଭ ହେବା ପୂର୍ବରୁ ବ୍ୟାରିକେଡ୍‌କୁ ଠେଲା ପେଲା କରିଥିଲେ। ଏଥିରେ ତଳେ ପଡ଼ିଯାଇ କେତେଜଣ ଅଚେତ ହୋଇଯାଇଥିଲେ। ଭିଡ଼ ନିୟନ୍ତ୍ରଣ କରିବାରେ ପୋଲିସ ନୟାନ୍ତ ହୋଇ ପଡିଥିଲା। ଅନ୍ୟପଟେ କାର୍ଯ୍ୟକ୍ରମ ପାଇଁ ପାସ୍‌ର ବ୍ୟବସ୍ଥା ପ୍ରଶାସନ ପକ୍ଷରୁ କରାଯାଇଥିଲା। ହେଲେ ଏହି ପାସ୍‌ଗୁଡିକୁ କେଉଁ କେଉଁ ବ୍ୟକ୍ତିଙ୍କୁ ବଣ୍ଟନ କରାଯାଇଛି, ତାହା ବଡ଼ ପ୍ରଶ୍ନ ପାଲଟିଥିଲା। ଏପରିକି ନିଜ ସ୍ୱାର୍ଥରେ ପାସ୍‌ଗୁଡିକ ବଣ୍ଟାଯାଇଥିବା କୁହାଯାଉଛି।



ଠେଲାପେଲାରେ ଅଚେତ ହୋଇଥିବା ଜଣେ ଦର୍ଶକ।

## କଟକ ଆସି ଧନ୍ୟ ମନେକରୁଛି

କଣ୍ଠଶିଳ୍ପୀ ଶ୍ରେୟା ଘୋଷାଲ କାର୍ଯ୍ୟକ୍ରମ ସମୟରେ କଟକବାସୀଙ୍କୁ ଢେର ପ୍ରଶଂସା କରିଥିଲେ। କଟକ ଓ ଖାସ୍ କରି ବାଲିଯାତ୍ରାକୁ ଆସିବା ମୋ ସୌଭାଗ୍ୟ। ଏଭଳି ସୌଭାଗ୍ୟ ପ୍ରଥମ କରି ପାଇଛି ବୋଲି କହିଥିଲେ, ଯାହା ଶୁଣି ପଡ଼ିଆରେ ଥିବା ଲକ୍ଷାଧିକ ଦର୍ଶକ ଉତ୍ସାହିତ ହୋଇ ଉଠିଥିଲେ।

## ଠେଲାପେଲା ଯୋଗୁ ୧୦ ମିନିଟ ଗୀତ ଗାଇଲେନି ଶ୍ରେୟା

ଗଣକବି ବୈଷ୍ଣବ ପାଣି ମଞ୍ଚରେ ବଲିଉଡ଼ କଣ୍ଠଶିଳ୍ପୀ ଶ୍ରେୟା ଘୋଷାଲ ସଙ୍ଗୀତ ପରିବେଷଣ କରୁଥିବା ସମୟରେ ମଞ୍ଚ ନିକଟରେ ଭିଡ଼ରେ ଦର୍ଶକ ଠେଲାପେଲା ହେବା ଦେଖି ଶ୍ରେୟା ଗୀତ ଗାଇବା ବନ୍ଦ କରିଥିଲେ। ଏପରିକି ପ୍ରତ୍ୟେକ ଜୀବନ ମୂଲ୍ୟବାନ ଏବଂ ସମସ୍ତେ ସୁରକ୍ଷିତ ଭାବେ ରହିବାକୁ ନିବେଦନ କରିଥିଲେ। ଏହାସହ ନିଜ ବ୍ୟାଣ୍ଡକୁ ସଙ୍ଗୀତ ବଜାଇବାକୁ ମନା କରିଥିଲେ। ପ୍ରାୟ ୧୦ ମିନଟ ସମୟ ପରେ ଶ୍ରେୟାଙ୍କୁ ସ୍ଥିତି ସ୍ୱାଭାବିକ ଲାଗିବାରୁ ପୁନର୍ବାର ଗୀତ ଗାଇବା ଆରମ୍ଭ କରିଥିଲେ।

## ୨୦ ମିନିଟ୍ ପୂର୍ବରୁ ବନ୍ଦହେଲା କାର୍ଯ୍ୟକ୍ରମ

ବାଲିଯାତ୍ରାର ଶେଷଦିନରେ ଧୁମ୍ ମଚାଇଥିଲେ ବଲିଉଡ କଣ୍ଠଶିଳ୍ପୀ ଶ୍ରେୟା ଘୋଷାଲ। ଦମ୍‌ଦାର ସଙ୍ଗୀତ ଓ ନୃତ୍ୟରେ ଦର୍ଶକ ଏପରି ଝୁମିଥିଲେ ଯେ ମଞ୍ଚ ଆଡ଼କୁ ମାଡ଼ି ଆସିଥିଲେ। ପୋଲିସ ଭିଡ଼ ସମ୍ଭାଳିବାକୁ ନୟାନ୍ତ ହୋଇ ପଡ଼ିଥିଲା। ଏପରି କି ଶେଷ ଆଡ଼କୁ ବା ପ୍ରାୟ ୨୦ ମିନିଟ ପୂର୍ବରୁ ପ୍ରଶାସନ ପକ୍ଷରୁ କାର୍ଯ୍ୟକ୍ରମକୁ ବନ୍ଦ କରି ଦିଆଯାଇଥିଲା।

**ସରିଲା ଐତିହାସିକ ବାଲିଯାତ୍ରା**



ପଡ଼ିଆରେ ଲାଗିଥିବା ଟେରାକୋଟା ସାମଗ୍ରୀ ଷ୍ଟଲ୍।



ସୁରକ୍ଷା ଦୃଷ୍ଟିକୋଣରୁ ପୋଲିସ କୁକୁର ସହାୟତାରେ ମଞ୍ଚ ନିକଟରେ ଯାଞ୍ଚ କରାଯାଉଛି।

## ଓର୍ମାସରେ ୮ଦିନରେ ୫୦ କୋଟିରୁ ଅଧିକ କିଣାବିକା

ଐତିହାସିକ ବାଲିଯାତ୍ରା କଟକ ୨୦୨୫ରେ ଚଳିତଥର ଓର୍ମାସରେ ବ୍ୟବସାୟ ରେକର୍ଡ ପାର କରିଛି। ୮ ଦିନରେ ୫୦ କୋଟିରୁ ଅଧିକ ଟଙ୍କାର କିଣାବିକା ହୋଇଥିବା ସୂଚନା ମିଳିଛି। ଏନେଇ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ କହିଛନ୍ତି, ପ୍ରତ୍ୟେକବର୍ଷ ଭଳି ଚଳିତବର୍ଷ ମଧ୍ୟ ଓର୍ମାସ ବାଲିଯାତ୍ରାରେ ମୁଖ୍ୟ ଆକର୍ଷଣ ପାଲଟିଛି। ଗତବର୍ଷ ୯ ଦିନରେ ଯେତିକି କିଣାବିକା ହୋଇଥିଲା ଚଳିତଥର ମାତ୍ର ୮ ଦିନରେ ତା'ଠୁ ଅଧିକ ବା ୫୦ କୋଟିରୁ ଅଧିକ ଟଙ୍କାର କିଣାବିକା ହୋଇଛି। ଗୁରୁବାର ଶେଷ ଦିନ ଥିବାବେଳେ ଆଜି ଗୋଟିଏ ଦିନରେ ଏହା ୬୦ କୋଟିରୁ ଅଧିକ ହେବ ବୋଲି ସିନ୍ଦେ କହିଛନ୍ତି। ଅନ୍ୟପଟେ ଓର୍ମାସର ଯୁଗ୍ମ ସଚିବ ବିପିନ ରାଉତ କହିଛନ୍ତି, ଡିଜିଟାଲି କ୍ଷେତ୍ରରେ ମହିଳାମାନଙ୍କୁ ଆଗେଇବାକୁ ପ୍ରଶିକ୍ଷଣ ଦିଆଯାଇଛି। ଓର୍ମାସରେ କଶ୍ମୀର ଠାରୁ ଆରମ୍ଭ କରି କନ୍ୟାକୁମାରୀ ପର୍ଯ୍ୟନ୍ତ ସମସ୍ତ ସ୍ଥାନର ସାମଗ୍ରୀ ଲୋକ ହାତ ପାଖରେ ପାଇଛନ୍ତି। ଚଳିତଥର ଓର୍ମାସରେ ସମୁଦାୟ ୨୬ଟି ରାଜ୍ୟର ବ୍ୟବସାୟୀମାନେ ନିଜ ଅଞ୍ଚଳର ସାମଗ୍ରୀ ନେଇ ଆସିଛନ୍ତି। ଏଥର କିଣାବିକା ବେଶ୍ ଭଲ ରହିଥିବା ରାଉତ କହିଛନ୍ତି।

## ହଟହଟା ଡେପୁଟି ମେୟର

ବଲିଉଡ୍ କଣ୍ଠ ଶିଳ୍ପୀ ଶ୍ରେୟା ଘୋଷାଲଙ୍କ କାର୍ଯ୍ୟକ୍ରମ ସମୟରେ ସିଏମ୍‌ସିର ଡେପୁଟି ମେୟର ଦମୟନ୍ତୀ ମାଝୀଙ୍କୁ ଅସମ୍ମାନ କରାଯାଇଛି। ଡେପୁଟି ମେୟରଙ୍କୁ ସ୍ୱତନ୍ତ୍ର ଭାବେ ପ୍ରଶାସନ ପକ୍ଷରୁ ସ୍ୱାଗତ ଜଣାଯାଇ ନ ଥିବା ଜଣାପଡ଼ିଛି। ଡେପୁଟି ମେୟର କେବଳ ଭିଆଇପି ଜୋନ୍‌ରେ ବସି ରହିଥିଲେ। ଘଟଣା ସମ୍ପର୍କରେ ଜିଲା ପ୍ରଶାସନ ଅବଗତ ହେବାପରେ ଡେପୁଟି ମେୟରଙ୍କୁ କର୍ପୋରେଟ ଜୋନ୍‌କୁ ଡକାଯାଇଥିଲେ। ମାତ୍ର ସେ ଯାଇ ନ ଥିଲେ।

## ଅଗ୍ନିଶମ ବିଭାଗର ଯାଞ୍ଚ

ବାଲିଯାତ୍ରା ପଡିଆରେ ବିଭିନ୍ନ ଷ୍ଟଲଗୁଡ଼ିକରେ ଅଗ୍ନିଶମ ବିଭାଗ ପକ୍ଷରୁ ଯାଞ୍ଚ କରାଯାଇଛି। ବାଲିଯାତ୍ରାର ଶେଷ ଦିନରେ ଯେପରି କୌଣସି ଅଘଟଣ ନ ଘଟେ ଏହାକୁ ନଜରରେ ରଖି ଏହି ଯାଞ୍ଚ ପ୍ରକ୍ରିୟା କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି।

## ଶେଷଦିନରେ ଜନସମୁଦ୍ର

୯ଦିନ ଧରି ଚାଲିଥିବା ଐତିହାସିକ କଟକ ବାଲିଯାତ୍ରା ଗୁରୁବାର ଶେଷ ହୋଇଛି। ଦିନତମାମ ବାଲିଯାତ୍ରା ପଡ଼ିଆରେ ଲୋକଙ୍କ ଗହଳି ଲାଗିଥିଲା। ହେଲେ ସନ୍ଧ୍ୟାରେ ବଲିଉଡ ନାଇଟରେ ଶ୍ରେୟା ଘୋଷାଲଙ୍କ କାର୍ଯ୍ୟକ୍ରମ ଦେଖିବା ପାଇଁ ପଡ଼ିଆ ଜନ ସମୁଦ୍ର ପାଲଟି ଥିଲା। ଏହାରି ଭିତରେ ଘରକରଣା ସାମଗ୍ରୀ କିଣିବାକୁ ଲୋକଙ୍କ ଭିଡ଼ ମଧ୍ୟ କମ୍ ନ ଥିଲା। ପଡ଼ିଆକୁ ସଂଯୋଗ କରିଥିବା ସମସ୍ତ ରାସ୍ତା ଜାମ୍ ରହିଥିଲା। ଏପରିକି ମହାନଦୀ ରିଂରୋଡର ପ୍ରାୟ ୫ କିଲୋମିଟର ପର୍ଯ୍ୟନ୍ତ ଗାଡ଼ିର ଲମ୍ବା ଧାଡ଼ି ଲାଗିଥିବା ଦେଖିବାକୁ ମିଳିଥିଲା। ସମସ୍ତେ ଚାହୁଁଥିଲେ ପଡ଼ିଆରେ ଆଗ ପହଞ୍ଚିବା ପାଇଁ। ଶେଷ ଦିନରେ ଲୋକମାନେ ଚଟପଟା ଖାଦ୍ୟ ଖାଇବା ସହ ଦୋଳିରେ ବସି ମଜା ନେଇଥିଲେ।

## କିଛି ଘଣ୍ଟା ପାଇଁ ବନ୍ଦ ହେଲା ଦୋଳି

ଐତିହାସିକ ବାଲିଯାତ୍ରା କଟକର ଅବଧିକୁ ମୁଖ୍ୟମନ୍ତ୍ରୀ ଗୋଟିଏ ଦିନ ବଢ଼ାଇଛନ୍ତି। ଗୁରୁବାର ଏହାର ଶେଷ ଦିନ ରହିଥିଲା। ହେଲେ ଗୁରୁବାର ଅପରାହ୍ନରୁ ଦୋଳିଗୁଡ଼ିକ ବନ୍ଦ କରାଯାଇଥିଲା। ବୁଧବାର ବିଳମ୍ବିତ ରାତିରେ ଘଟିଥିବା ଘଟଣା ପରେ ଦୋଳିଗୁଡିକର ଫିଟ୍‌ନେସ୍ କରାଯାଇଥିବାବେଳେ ସମସ୍ତ ଦୋଳି ଚାଲିବ ବୋଲି ଜିଲାପାଳ ଅନୁମତି ଦେଇଥିଲେ। ହେଲେ ଡିସିପି ଦୋଳି ଚାଲିବାକୁ ଅନୁମତି ନ ଥିବା କହିଥିଲେ। ଆପୋସବୁଝାମଣା ପରେ ସନ୍ଧ୍ୟାରେ ଦୋଳି ଆରମ୍ଭ କରାଯାଇଥିଲା।



ଶ୍ରେୟା ଘୋଷାଲଙ୍କ କାର୍ଯ୍ୟକ୍ରମ ସମୟରେ ଜନସମୁଦ୍ର ପାଲଟିଥିବା ବାଲିଯାତ୍ରା ପଡ଼ିଆ।

# ମାମଲା ରୁଜୁକରି ତଦନ୍ତ ଆରମ୍ଭ କଲା ସିବିଆଇ

**ପୋଲିସ ଏସ୍ଆଇ ଜାଲିଆତି ଘଟଣା**

- ସିବିଆଇକୁ ଦସ୍ତାବିଜ ହସ୍ତାନ୍ତର କଲା କ୍ରାଇମ୍‌ବ୍ରାଞ୍ଚ
- ବ୍ରହ୍ମପୁର ଯାଇ ଛାନ୍‌ଭିନ୍ କରିବ ସିବିଆଇ ଟିମ୍
- ୨ ଆଶାୟୀ ପରୀକ୍ଷାର୍ଥୀଙ୍କୁ ମିଳିଲା ଜାମିନ

ଭୁବନେଶ୍ୱର,୧୩।୧୧(ତ୍ରିନାଥ ମହାନ୍ତି)

ବହୁଚର୍ଚ୍ଚିତ ପୋଲିସ ଏସ୍ଆଇ ଜାଲିଆତି ଘଟଣାରେ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା(ସିବିଆଇ) ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ରାଜ୍ୟ ସରକାରଙ୍କ ସୁପାରିସକୁ କେନ୍ଦ୍ର ସରକାରଙ୍କ କାର୍ମିକ ସାଧାରଣ ଅଭିଯୋଗ ଓ ପେନ୍‌ସନ୍ ମନ୍ତ୍ରଣାଳୟ ଅଧୀନସ୍ଥ କାର୍ମିକ ଏବଂ ପ୍ରଶିକ୍ଷଣ ବିଭାଗ ମଞ୍ଜୁର କରିବା ପରେ ସିବିଆଇ ଗୁରୁବାର ମାମଲା ରୁଜୁ କରିଛି। ଶଙ୍କର ପୃଷ୍ଟିଙ୍କ ସମେତ ୧୧୯ ଜଣ ଏବଂ ଅନ୍ୟମାନଙ୍କ ନାମରେ ମାମଲା ରୁଜୁ କରିଛି। ସିବିଆଇର ଜଣେ ଅତିରିକ୍ତ ଏସ୍‌ପି ର୍‌ୟାଙ୍କର ଅଧିକାରୀଙ୍କ ନେତୃତ୍ୱରେ ତଦନ୍ତ କରାଯାଉଛି। ତଦନ୍ତ ପାଇଁ ତାଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଛି। ଏଥିରେ ୩ଜଣ ଡିଏସ୍‌ପି ର୍‌ୟାଙ୍କ୍‌ର ଅଧିକାରୀ ରହିଥିବାବେଳେ ୪ଜଣ ଇନ୍ସପେକ୍ଟର ର୍‌ୟାଙ୍କର ଅଧିକାରୀ ଅଛନ୍ତି। ମାମଲା ରୁଜୁ କରାଯିବା ପରେ ସିବିଆଇ କ୍ରାଇମ୍‌ବ୍ରାଞ୍ଚକୁ ମାମଲା ସମ୍ପର୍କିତ ସମସ୍ତ କାଗଜପତ୍ର ଦାଖଲ କରିବାକୁ କହିଥିଲେ। ସନ୍ଧ୍ୟାରେ କ୍ରାଇମ୍‌ବ୍ରାଞ୍ଚର ତଦନ୍ତକାରୀ ଅଧିକାରୀ ସିବିଆଇ ଅଫିସରେ ପହଞ୍ଚି ସମସ୍ତ କାଗଜପତ୍ର ପ୍ରଦାନ କରିଛନ୍ତି। ତଦନ୍ତ ସମୟରେ ଆବଶ୍ୟକ ପଡ଼ିଲେ ସିବିଆଇକୁ କ୍ରାଇମ୍‌ବ୍ରାଞ୍ଚ ସହାୟତା କରିବ। ଏଥିସହ ସନ୍ଧ୍ୟାରେ ସିବିଆଇର ତଦନ୍ତକାରୀ ଅଧିକାରୀ ବି.ସାମଲ କ୍ରାଇମ୍‌ବ୍ରାଞ୍ଚର ତଦନ୍ତକାରୀ ଅଧିକାରୀ ରତ୍ନପ୍ରଭା ଶତପଥୀଙ୍କ ସହ ମାମଲା ସମ୍ପର୍କରେ ଆଲୋଚନା କରିଛନ୍ତି। ଘଟଣାରେ କେଉଁମାନଙ୍କ ମୁଖ୍ୟ ଭୂମିକା ରହିଥିଲା, କିଏ କିଏ ଏହା ପଛରେ ଅଛନ୍ତି, ସବୁ କିଛି ସିବିଆଇ ପଚାରି ବୁଝିଥିଲା। ଶୁକ୍ରବାର ସିବିଆଇର ଏକ ଟିମ୍ ବ୍ରହ୍ମପୁରର ଗୋଲନ୍ଥରା ଥାନାକୁ ଯାଇ ମଧ୍ୟ ଛାନ୍‌ଭିନ କରିବ ବୋଲି ଜଣାପଡ଼ିଛି। ଆଗାମି ଦିନରେ ସିବିଆଇ ଶଙ୍କର ପୃଷ୍ଟି, ମୁନା ମହାନ୍ତିଙ୍କ ସମେତ ଏକାଧିକ ଲୋକଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରିବା ସହ ଗିରଫ ହୋଇ ଜାମିନରେ ଥିବା ଆଶାୟୀ ପରୀକ୍ଷାର୍ଥୀଙ୍କୁ ମଧ୍ୟ ସିବିଆଇ ଜେରା କରିବ ବୋଲି ସୂଚନା ମିଳିଛି। ଅନ୍ୟପଟେ ଗୁରୁବାର ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ୨ ପରୀକ୍ଷାର୍ଥୀ ବରଗଡ଼ର ଶେଖର ସାହୁ ଏବଂ କଳାହାଣ୍ଡିର ପ୍ରକାଶ ସାହୁଙ୍କୁ ଜାମିନ ପ୍ରଦାନ କରିଛନ୍ତି। ସେହିପରି ବିଶ୍ୱରଞ୍ଜନ ବେହେରା ଓରଫ ତଫିମ୍ ଅହମ୍ମଦ ଖାନ୍‌ଙ୍କ ଜାମିନ ଆବେଦନ ଖାରଜ ହୋଇଯାଇଛି। ଆସନ୍ତା ୨୦ରେ ଶଙ୍କର ପୃଷ୍ଟି, ଅରବିନ୍ଦ ଦାସ ଓ ସୁରେଶ ନାୟକଙ୍କ ଜାମିନ ଆବେଦନର ଶୁଣାଣି ହେବାର ଅଛି।

ସିବିଆଇ ଏବେ ମାମଲାର ତଦନ୍ତ ଆରମ୍ଭ କରିଥିବାରୁ ଏହି ର୍‌ୟାକେଟରେ ସମ୍ପୃକ୍ତ ଥିବା ବଡ଼ ବଡ଼ ଅଫିସରଙ୍କ ଛାତି ଧଡ଼ ଧଡ଼ ହେଲାଣି। କାରଣ ସେମାନେ ଶଙ୍କର ଏବଂ ମୁନାଙ୍କୁ ପରୋକ୍ଷରେ ଜାଲିଆତି କରିବାରେ ସହଯୋଗ କରିଛନ୍ତି। ବିଶେଷକରି ଓପିଆର୍‌ବି ଏବଂ ପୋଲିସ ବିଭାଗର କେତେଜଣ ଅଧିକାରୀଙ୍କ ହାତ ମଧ୍ୟ ରହିଥିବା ବିଶେଷସୂତ୍ରରୁ ଜଣାପଡ଼ିଛି। କ୍ରାଇମ୍‌ବ୍ରାଞ୍ଚ ତଦନ୍ତ କରୁଥିବାରୁ ସେମାନଙ୍କ ପାଖରେ ପହଞ୍ଚି ପାରୁ ନ ଥିଲା। ହେଲେ ଏବେ ତଦନ୍ତ ଭାର ସିବିଆଇ ନେବାରୁ ଏହି ବଡ଼ବାବୁମାନେ ଫସିବେ ବୋଲି କୁହାଯାଉଛି। ସେମାନଙ୍କ ଲିଙ୍କ୍ ଆସିବା ପରେ ସିବିଆଇ ଅଫିସକୁ ଡକାଯାଇ ଜେରା କରାଯିବ ବୋଲି ସୂଚନା ମିଳିଛି।

## ଶଙ୍କର ପୃଷ୍ଟିଙ୍କ ସମେତ ୩ ଜଣଙ୍କ ଜାମିନ ଶୁଣାଣି ଘୁଞ୍ଚିଲା

**୨ ଦଲାଲଙ୍କ ଜାମିନ ଖାରଜ**

ବ୍ରହ୍ମପୁର,୧୩।୧୧(ସୁବାସ ଚନ୍ଦ୍ର ପାଢ଼ୀ)

ପୋଲିସ ଏସ୍ଆଇ ନିଯୁକ୍ତି ପରୀକ୍ଷା ଜାଲିଆତି ମାମଲାର ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟି, ସିଲିକନ ଟେକ୍ ଲାବ ସଂସ୍ଥାର ମୁଖ୍ୟ ସୁରେଶ ଚନ୍ଦ୍ର ନାୟକ ଓ ଦଲାଲ୍ ଅରବିନ୍ଦ ଦାସଙ୍କ ଜାମିନ ଆବେଦନର ଶୁଣାଣି ଘୁଞ୍ଚିଛି। ଆସନ୍ତା ୨୦ ତାରିଖରେ ଏହାର ଶୁଣାଣି ପାଇଁ କୋର୍ଟ ପକ୍ଷରୁ ଦିନ ଧାର୍ଯ୍ୟ ହୋଇଛି। ଅନ୍ୟପକ୍ଷରେ ଗୁରୁବାର ଭିଜିଲାନ୍ସ ଜଜ୍ ଜ୍ଞାନେନ୍ଦ୍ର କୁମାର ବାରିକ ୨ ଦଲାଲ ବିଶ୍ୱରଞ୍ଜନ ବେହେରା ଓ ତଫିମ ଅହମ୍ମଦ ଖାନ୍‌ଙ୍କ ଜାମିନ ଖାରଜ କରିଦେଇଥିବା ପବ୍ଲିକ ପ୍ରସିକ୍ୟୁଟର ବିଶ୍ୱଜିତ ବରାଳ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ଶଙ୍କର ଓ ସୁରେଶଙ୍କ ଲାଏ ଡିଟେକ୍ସନ ଟେଷ୍ଟ ପାଇଁ ବ୍ରହ୍ମପୁର ଜେଏମ୍ଏଫସି (ଗ୍ରାମାଞ୍ଚଳ)ରେ କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ଆବେଦନ ହୋଇଥିଲା। କୌଣସି କାରଣରୁ ତଦନ୍ତ ଅଧିକାରୀ(ଆଇଓ) କୋର୍ଟରେ ଉପସ୍ଥିତ ହୋଇ ନ ଥିବାରୁ ଏହାର ଶୁଣାଣି ହୋଇପାରିନାହିଁ। ତଦନ୍ତ ଅଧିକାରୀ କୋର୍ଟରେ ଉପସ୍ଥିତ ହେବା ପରେ ଏହାର ଶୁଣାଣି ହେବ ବୋଲି ଜଣାପଡିଛି। ଏସ୍ଆଇ ପରୀକ୍ଷା ଜାଲିଆତି ଘଟଣାରେ ସିଲିକନ ଟେକ୍ ଲାବ ସଂସ୍ଥାର ମୁଖ୍ୟ ସୁରେଶଙ୍କୁ ଗିରଫ କରି ଲଗାତାର ଜେରା କରିଥିଲା। ପରବର୍ତ୍ତୀ ସମୟରେ ଶଙ୍କରଙ୍କୁ ଗିରଫ କରିଥିଲା। ଉଭୟଙ୍କୁ ମୁହାଁମୁହିଁ ଜେରା ପରେ ଗୋଟିଏ ଦିନରେ ଅର୍ଥାତ୍ ଗତ ୪ ତାରିଖରେ କୋର୍ଟ ଚାଲାଣ କରାଯାଇଥିଲା। ଏହାପରେ କ୍ରାଇମ୍‌ବ୍ରାଞ୍ଚ ପୁଣି ଶଙ୍କର ଏବଂ ପୂର୍ବରୁ ବାଲେଶ୍ୱରରୁ ଗିରଫ ହୋଇଥିବା ଦଲାଲ ଅରବିନ୍ଦଙ୍କୁ ୫ ତାରିଖରେ ରିମାଣ୍ଡରେ ନେଇ ଜେରା ପରେ ୮ ତାରିଖରେ କୋର୍ଟ ହାଜର କରି ଜେଲ ପଠାଇଥିଲା। ସେହିଦିନ ହିଁ ଶଙ୍କର ଓ ସୁରେଶଙ୍କ ଲାଏ ଡିଟେକ୍ସନ ଟେଷ୍ଟ କରିବାକୁ ଆବେଦନ ହୋଇଥିଲା। ତଦନ୍ତ ଅଧିକାରୀ କୋର୍ଟରେ ଅନୁପସ୍ଥିତ ରହୁଥିବାରୁ ଏହାର ଶୁଣାଣି ବିଳମ୍ବ ହେଉଛି।

## କୋର୍ଟରେ ପୀଡ଼ିତାଙ୍କ ବୟାନ ରେକର୍ଡ

**ନାବାଳିକାଙ୍କୁ ସେକ୍ସ ର୍‌ୟାକେଟରେ ସାମିଲ ଘଟଣା**

ଭୁବନେଶ୍ୱର,୧୩।୧୧(ତ୍ରିନାଥ ମହାନ୍ତି)

ରାଜଧାନୀରେ ଚାକିରି କରାଇ ଦେବାକୁ କହି ନାବାଳିକାଙ୍କୁ ସେକ୍ସ ର୍‌ୟାକେଟ୍‌ରେ ସାମିଲ କରିବା ଘଟଣାରେ ଅଦାଲତରେ ବିଏନ୍ଏସ୍ଏସ୍ ଧାରା ୧୮୩ରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଛି। ଅପରପକ୍ଷରେ ପୋଲିସ ଗୁରୁବାର ୟୁନିଟ୍-୪ରେ ଥିବା ହୋଟେଲକୁ ଯାଇ ସିସିଟିଭି ଯାଞ୍ଚ କରିବା ସହ ରେଜିଷ୍ଟର ତନାଘନା କରିଛି। ଏହି ଘଟଣାରେ ଗିରଫ ହୋଇଥିବା ମହେନ୍ଦ୍ର ପାତ୍ର ପୂର୍ବରୁ ମଧ୍ୟ ସେହି ହୋଟେଲକୁ ଯିବାଆସିବା କରୁଥିବା ପ୍ରାଥମିକ ଅନୁସନ୍ଧାନରୁ ପୋଲିସ ଜାଣିବାକୁ ପାଇଛି। ସେହିପରି ଦୀର୍ଘବର୍ଷ ଧରି ଉକ୍ତ ହୋଟେଲ ଚାଲିଥିଲେ ମଧ୍ୟ ଏହାର ମାଲିକ 'ସରାଇ' ଆପ୍‌ରେ ରେଜିଷ୍ଟ୍ରେଶନ କରି ନ ଥିବା ପୋଲିସ ତଦନ୍ତ ସମୟରେ ଜାଣିବାକୁ ପାଇଛି।

ମିଳିଥିବା ସୂଚନାନୁସାରେ, ବରମୁଣ୍ଡାସ୍ଥିତ ଦାଦାଙ୍କ ଘରେ ରହୁଥିବା ଢେଙ୍କାନାଳ ଅଞ୍ଚଳର ନାବାଳିକା ଜଣେ ସ୍ତ୍ରୀ ଲୋକ ମାଧ୍ୟମରେ ମହେନ୍ଦ୍ରଙ୍କ ସଂସ୍ପର୍ଶରେ ଆସିଥିଲେ। ମହେନ୍ଦ୍ର ତାଙ୍କୁ ଚାକିରି ଆଳ ଦେଖାଇ ମଙ୍ଗଳବାର ୟୁନିଟ ୪ସ୍ଥିତ ହୋଟେଲ ଆରାଧା ରେସିଡେନ୍ସିକୁ ନେଇ ଆସିଥିଲେ। କିଛି ସମୟ ପରେ ମହେନ୍ଦ୍ର ଆଉଜଣେ ବ୍ୟକ୍ତିଙ୍କୁ ସେଠାକୁ ଆଣି ନାବାଳିକାଙ୍କ ସହ ଅନୈତିକ କାର୍ଯ୍ୟ କରିବାକୁ ବାଧ କରିଥିଲେ। ନାବାଳିକା ଜଣକ ରାଜି ନ ହେବା ସହ ଘଟଣା ବିଷୟରେ ପୁରୁଷ ବନ୍ଧୁଙ୍କୁ ଜଣାଇଥିଲେ। ପୁରୁଷବନ୍ଧୁ ଜଣକ ପୋଲିସକୁ ଜଣାଇବା ପରେ ଖାରବେଳ ନଗର ଥାନା ହୋଟେଲରୁ ନାବାଳିକାଙ୍କୁ ଉଦ୍ଧାର କରିବା ସହ ପରବର୍ତ୍ତୀ ସମୟରେ ମହେନ୍ଦ୍ରକୁ ଗିରଫ କରିଥିଲା। ଅନ୍ୟପଟରେ ହେଟେଲ ମ୍ୟାନେଜର କହିଛନ୍ତି ଯେ, ମହେନ୍ଦ୍ର ଅନେକ ଥର ସାଙ୍ଗ ସହ ହୋଟେଲକୁ ଆସି ରହିଛନ୍ତି। ଦୁଇଦିନ ତଳେ ସେ ଝିଅକୁ ଧରିଆସିଥିଲେ। ତାଙ୍କ ସମ୍ପର୍କୀୟ ଭାଇ ଚାକିରି କରାଇ ଦେବାକୁ ଆଣିଥିବା କହିଥିଲେ ବୋଲି ମ୍ୟାନେଜର କହିଛନ୍ତି।

## ପୂର୍ବତନ ପାକ୍ସ ସମ୍ପାଦକ ଗିରଫ

**ଅର୍ଥ ଆତ୍ମସାତ୍ ମାମଲା**

ବଲାଙ୍ଗୀର,୧୩।୧୧
(ବୀରେନ୍ଦ୍ର କୁମାର ଝାଙ୍କର)



କୁଶଧ୍ୱଜ ସାହୁ

ଅର୍ଥ ଆତ୍ମସାତ୍ ଏବଂ ସମବାୟ ସମିତି ପାଣ୍ଠି ହେରଫେର ମାମଲାରେ ବଲାଙ୍ଗୀର ଜିଲା ପାଟଣାଗଡ଼ ଥାନା ପଣ୍ଡାମୁଣ୍ଡା ପ୍ରାଥମିକ ସମବାୟ ସମିତି (ପାକ୍ସ) ସମ୍ପାଦକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ କୁଶଧ୍ୱଜ ସାହୁଙ୍କୁ ଭିଜିଲାନ୍ସ ଟିମ୍ ଗୁରୁବାର ଗିରଫ କରିଛି। ପୂର୍ବତନ ସମ୍ପାଦକ ସାହୁ ୮ ଲକ୍ଷ ୩୪ ହଜାର ୪ ୮୯ ଟଙ୍କାର ସରକାରୀ ଅର୍ଥ ଆତ୍ମସାତ୍ କରିଥିବା ଭିଜିଲାନ୍ସ ବିଭାଗ ପକ୍ଷରୁ କୁହାଯାଇଛି। ୨୦୧୭-୧୮ ଆର୍ଥିକ ବର୍ଷର ଏହି ଦୁର୍ନୀତି ହୋଇଥିବା କୁହାଯାଇଛି। ତାଙ୍କ ବିରୋଧରେ ଭିଜିଲାନ୍ସ ବିଭାଗ ପକ୍ଷରୁ ସମ୍ବଲପୁର ଭିଜିଲାନ୍ସ ଥାନାରେ ଏକ ମାମଲା (୨୪/୨୫) ରୁଜୁ କରାଯାଇଥିଲା। ଭିଜିଲାନ୍ସ ଟିମ୍ ଗୁରୁବାର ତାଙ୍କୁ ଗିରଫ କରି ବଲାଙ୍ଗୀର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ କୋର୍ଟକୁ ଚାଲାଣ କରିଥିବା ଜଣାଯାଇଛି।

## ଭିଜିଲାନ୍ସ ଜାଲରେ ଆର୍‌ଡବ୍ଲ୍ୟୁଏସ୍ଏସ୍‌ର ବରିଷ୍ଠ କିରାଣି

**୨୦ ହଜାର ଟଙ୍କା ଲାଞ୍ଚ ନେବାବେଳେ ଧରାପଡ଼ିଲେ**

ଭବାନୀପାଟଣା,୧୩।୧୧
(ଉତ୍ତମ କୁମାର ଦାଶ)



ଧରାପଡିଥିବା ବରିଷ୍ଠ କିରାଣି ଟି. ଭେଙ୍କଟଗିରି ରାଓ।

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଆର୍‌ଡବ୍ଲ୍ୟୁଏସ୍ଏସ୍ ଡିଭିଜନର ବରିଷ୍ଠ କିରାଣି ଟି. ଭେଙ୍କଟଗିରି ରାଓ ଗୁରୁବାର ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ତାଙ୍କ ସରକାରୀ କ୍ୱାର୍ଟର୍ସରେ ପେନ୍‌ସନ୍ ସୁବିଧା ବୃଦ୍ଧି ପାଇଁ ଫାଇଲ ପ୍ରକ୍ରିୟାକରଣ କରିବାକୁ ସେହି କାର୍ଯ୍ୟାଳୟର ଜଣେ ଅବସରପ୍ରାପ୍ତ କର୍ମଚାରୀ (ଅଭିଯୋଗକାରୀ)ଙ୍କଠାରୁ ୨୦ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ଭିଜିଲାନ୍ସ ଗିରଫ ହୋଇଛନ୍ତି। ପ୍ରକାଶ ଯେ, ୩୧।୦୩।୨୦୨୪ରେ ଅଭିଯୋଗକାରୀ ଅବସର ଗ୍ରହଣ କରିଥିଲେ। ସେବେଠାରୁ ସେ କିରାଣି ରାଓଙ୍କୁ ତାଙ୍କର ପେନ୍‌ସନ କାଗଜପତ୍ର ପ୍ରସ୍ତୁତ କରିବାକୁ ଅନୁରୋଧ କରିଆସୁଥିଲେ। ବାରମ୍ବାର ଅନୁରୋଧ ପରେ ମଧ୍ୟ ସେ ଫାଇଲ ପ୍ରକ୍ରିୟାକରଣ କରୁ ନ ଥିଲେ। ଏଥିପାଇଁ ସେ ୨୦ ହଜାର ଟଙ୍କା ଲାଞ୍ଚ ଦେବାକୁ ବାଧ କରୁଥିଲେ। ଅଭିଯୋଗକାରୀ ରାଓ ତାଙ୍କୁ ହଇରାଣ କରୁଥିବା ନେଇଁ ସେ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କୁ ରିପୋର୍ଟ କରିଥିଲେ। ଏହା ପରେ ଭିଜିଲାନ୍ସର ଏକ ଟିମ୍ ଗୁରୁବାର ପୂର୍ବ ଯୋଜନା ଅନୁଯାୟୀ ସେଠାରେ ପହଞ୍ଚିଥିଲେ। ହେଲେ ଭିଜିଲାନ୍ସକୁ ଦେଖି ଅଭିଯୁକ୍ତ ରାଓ ତାଙ୍କ କ୍ୱାର୍ଟର୍ସର ଝରକା ଆଡେ ଲାଞ୍ଚ ଟଙ୍କା ଫିଙ୍ଗିବାକୁ ଉଦ୍ୟମ କରୁଥିବା ସମୟରେ ଭିଜିଲାନ୍ସ ହାତରେ ଧରାପ ଅନ୍ୟପକ୍ଷରେ ଅଭିଯୁକ୍ତ କିରାଣୀ ଭିଜିଲାନ୍ସ ଧରା ପଡିବା ପରେ ତାଙ୍କ ଅଫିସ ସମେତ ବଲାଙ୍ଗୀର, ବ୍ରହ୍ମପୁରରେ ଭିଜିଲାନ୍ସ ବିଭାଗ ଏକକାଳୀନ ଚଢ଼ାଉ କରି ତଦନ୍ତ ଜାରି ରଖିଛି। ଏ ନେଇଁ ଭିଜିଲାନ୍ସ ବିଭାଗ ଏକ ମାମଲା ନଂ (୩୪/୨୦୨୫) ରୁଜୁ କରି ସନ୍ଧ୍ୟାରେ ଅଭିଯୁକ୍ତ ରାଓଙ୍କୁ କୋର୍ଟ ଚାଲାଣ କରିଛି।

## ନର୍ସଙ୍କୁ ଅସଦାଚରଣ ସହ ମରଣାନ୍ତକ ଆକ୍ରମଣ

**ଭୋଜି ଖାଇ ଫେରୁଥିବାବେଳେ ଭଉଣୀ, ଭାଇଙ୍କୁ ପିଟିଲେ**

ଭୁବନେଶ୍ୱର,୧୩।୧୧(ତ୍ରିନାଥ ମହାନ୍ତି)

ରାଜଧାନୀରେ ମହିଳାମାନେ ଅସୁରକ୍ଷିତ ହୋଇପଡ଼ିଛନ୍ତି। ସେମାନେ ରାତି କ'ଣ ଦିନରେ ବି ସୁରକ୍ଷିତ ନୁହନ୍ତି। ସହରରେ ପ୍ରତିଦିନ ମହିଳାଙ୍କ ପ୍ରତି ନିର୍ଯାତନା ସାମ୍ନାକୁ ଆସୁଛି। ମଙ୍ଗଳବାର ରାତିରେ ଜଣେ ମହିଳା ନର୍ସଙ୍କୁ ମଞ୍ଚେଶ୍ୱରଥାନା ପାଣ୍ଡରା ଛକରେ ଅସଦାଚରଣ କରାଯିବା ସହ ମରଣାନ୍ତକ ଆକ୍ରମଣ କରାଯାଇଛି। କେବଳ ନର୍ସ ନୁହେଁ, ସାଥିରେ ଥିବା ତାଙ୍କ ଭାଇଙ୍କୁ ମଧ୍ୟ ଅଭିଯୁକ୍ତମାନେ ଆକ୍ରମଣ କରିଛନ୍ତି। ଆକ୍ରମଣରେ ଭାଇ ଭଉଣୀ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ଏହି ଆକ୍ରମଣ ପଛରେ କ୍ରିଷ୍ଣା ଏବଂ ରୋହିତଙ୍କ ସମ୍ପୃକ୍ତି ରହିଥିବା ପୀଡ଼ିତା କହିଛନ୍ତି।

ଅଭିଯୋଗ ଅନୁସାରେ, ଘଟଣା ରାତି ସାଢେ ୧୧ଟାରେ ନର୍ସ ଏବଂ ତାଙ୍କ ଭାଇ ଭୋଜି ଖାଇ ଫେରୁଥିଲେ। ଏହି ସମୟରେ ପାଣ୍ଡରା ଛକରେ ଅଭିଯୁକ୍ତମାନେ ମଦ ପିଇ ହୋ ହାଲ୍ଲା କରୁଥିଲେ। ସେହି ବାଟଦେଇ ନର୍ସ ଏବଂ ତାଙ୍କ ଭାଇ ଯିବା ସମୟରେ ଅଭିଯୁକ୍ତମାନେ କମେଣ୍ଟ ମାରିବା ସହ ଅଶ୍ଳୀଳ ଇଙ୍ଗୀତ କରିଥିଲେ। ଏହାପରେ ସେମାନେ ଯୁବତୀଙ୍କୁ ଘେରି ଯାଇ ଅସଦାଚରଣ କରିବା ସହ କାଠ ଫାଳିଆ ଏବଂ ଲୁହାରଡ଼ରେ ଆକ୍ରମଣ କରିଥିଲେ। ନର୍ସଙ୍କ ଭାଇ ଅଭିଯୁକ୍ତଙ୍କୁ ଅଟକାଇଥିଲେ ମଧ୍ୟ ସେମାନେ ତାଙ୍କୁ ଆକ୍ରମଣ କରି ଲହୁଲୁହାଣ କରି ଦେଇଥିଲେ।

DSPL - 352

Handlooms, Textiles & Handicrafts Department Government of Odisha & Film Heritage Foundation (FHF) in association with International Federation of Film Archives (FIAF) Organise

**Film Preservation and Restoration Workshop India-2025**




Event Schdule

Inaugurated by
SRI MOHAN CHARAN MAJHI
HON'BLE CHIEF MINISTER OF ODISHA
ON 12TH NOVEMBER 2025

SCHEDULE OF HERITAGE FILMS TO BE SCREENED :

14TH NOV 2025
Film Screening : "MEGHE DHAKA TARA (The cloud capped star)"
Time - 06:30PM, Venue: Keshari Talkies

15TH NOV 2025
Film Screening : "SUSMAN"
(Susman is a Film based on our traditional weaving heritage)
Time - 05:00PM, Venue: Kalabhoomi Amphitheather
Film Screening : "DEAD MAN"
Time- 06:30 PM, Venue : Keshari Talkies

16TH NOV 2025
Film Screening : "MANTHAN"
(Manthan is a Film based on Diary Cooperative movement in India)
Time - 05:00PM, Venue: Kalabhoomi Amphitheather
Film Screening : "KANAKALATA"
Time- 06:30 PM, Venue : Keshari Talkies

17TH NOV 2025
Repeat Show : "MAYA MIRIGA"
Time- 06:30 PM, Venue : Keshari Talkies

18TH NOV 2025
Film Screening : "A HISTORY OF VIOLENCE"
Time- 06:30 PM, Venue : Keshari Talkies

Cultural Performances at
Open Air Amphitheather, kalabhoomi
Time : 04:30 PM - Date :14th & 18th Nov 2025

19TH NOV 2025
Closing Ceremony
Time - 05:00 PM, Venue : Kalabhoomi
Chief Guest:
SRI KANAK VARDHAN SINGH DEO
Hon'ble Deputy Chief Minister of Odisha

OIPR-

## ସଂକ୍ଷେପରେ

### ବିଏମ୍‌ସି ପକ୍ଷରୁ ସ୍ୱାସ୍ଥ୍ୟ ଭିତ୍ତିଭୂମିର ସମୀକ୍ଷା

ଭୁବନେଶ୍ୱର, ୧୩।୧୧ (ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ସ୍ୱାସ୍ଥ୍ୟ ସମିତି ତଥା ସହର ସମନ୍ୱୟ କମିଟି ବୈଠକ ଗୁରୁବାର ବିଏମ୍‌ସି ମୁଖ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଏମ୍‌ସି କମିଶନର ଚଞ୍ଚଳ ରାଣା ଅଧ୍ୟକ୍ଷତା କରିଥିବାବେଳେ ଓପିଡି, ଆଇପିଡି, ସଂସ୍ଥାଗତ ପ୍ରସବ, ଟିକାକରଣ କଭରେଜ ଏବଂ ପରିବାର ନିୟୋଜନ ସେବା ଭଳି ପ୍ରମୁଖ ସ୍ୱାସ୍ଥ୍ୟ ଭିତ୍ତିଭୂମିଗୁଡ଼ିକର ବ୍ୟାପକ ସମୀକ୍ଷା କରାଯାଇଥିଲା। ବିଭିନ୍ନ କାର୍ଯ୍ୟକ୍ରମ ଅଧୀନରେ ବେସାମରିକ କାର୍ଯ୍ୟ ଏବଂ ଭିତ୍ତିଭୂମି ବିକାଶ ପ୍ରକଳ୍ପର ଅଗ୍ରଗତି ଉପରେ ଆଲୋଚନା କରାଯାଇଥିଲା। ସହରାଞ୍ଚଳରେ ସ୍ୱାସ୍ଥ୍ୟସେବା ପ୍ରଦାନକୁ ଆହୁରି ସୁଦୃଢ଼ କରିବା ପାଇଁ ସମୀକ୍ଷା କରାଯିବା ସହ ଫଳାଫଳ ଆଧାରରେ ଏକ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ କମିଶନର କୈଳାସ ଚନ୍ଦ୍ର ଦାସଙ୍କ ସହ ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ, ଏଡିୟୁପିଏଚ୍‌ଓ, ଡେପୁଟି କମିଶନର ଲ୍ୟାଣ୍ଡ, ସିପିଏମ୍ (ୟୁ.ଏଚ), ସମସ୍ତ ୟୁସିଏଚ୍‌ସିର ସୁପରିଣ୍ଟେଣ୍ଡେଣ୍ଟ, ଆର୍ ଆଣ୍ଡ ବି, ଶିକ୍ଷା, ଡବ୍ଲ୍ୟୁ ଆଣ୍ଡ୍ ସିଡି ବିଭାଗ, ପିଏସ୍‌ଆଇ ଇଣ୍ଡିଆ ଏବଂ ଡବ୍ଲ୍ୟୁଏଚ୍‌ଓର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

### ଚନ୍ଦ୍ରଶେଖରଙ୍କୁ 'ଅକ୍ଷୟ ସାହିତ୍ୟ', ପ୍ରେମାନନ୍ଦଙ୍କୁ 'ଅକ୍ଷୟ ସଙ୍ଗୀତ ସମ୍ମାନ' ମିଳିବ

ଭୁବନେଶ୍ୱର, ୧୩।୧୧ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଶା ସିନେକ୍ରିଟିକ୍ ଆସୋସିଏଶନ୍ ଏବଂ ସଂସ୍କୃତି ଓ ସଂସ୍କୃତି ପକ୍ଷରୁ ଆସନ୍ତା ୧୭ରେ ରାଜ୍ୟସ୍ତରୀୟ ଅକ୍ଷୟ ମହାନ୍ତିଙ୍କ ୨୩ତମ ଶ୍ରାଦ୍ଧ ଦିବସ ରବୀନ୍ଦ୍ର ମଣ୍ଡପରେ ହେବ। ଏହି ଅବସରରେ ସନ୍ଧ୍ୟା କାର୍ଯ୍ୟକ୍ରମରେ ପୁରସ୍କାର ପ୍ରଦାନ ଓ ସଙ୍ଗୀତଭିତ୍ତିକ 'ସ୍ମୃତି ତୁମେ ଅକ୍ଷୟ' କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଉତ୍ସବରେ ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ. ଚନ୍ଦ୍ରଶେଖର ହୋତାଙ୍କୁ 'ଅକ୍ଷୟ ସାହିତ୍ୟ ସମ୍ମାନ' ଓ ସଙ୍ଗୀତଜ୍ଞ ପ୍ରେମାନନ୍ଦଙ୍କୁ 'ଅକ୍ଷୟ ସଙ୍ଗୀତ ସମ୍ମାନ' ପ୍ରଦାନ କରାଯିବ। ଏହି ଅବସରରେ ଚିରସବୁଜ ଅକ୍ଷୟ ମହାନ୍ତିଙ୍କ ସ୍ମୃତି ଉଦ୍ଦେଶ୍ୟରେ ତାଙ୍କ ଗୀତଗୁଡ଼ିକୁ ନେଇ ଅକ୍ଷୟ ସଙ୍ଗୀତ ସନ୍ଧ୍ୟା 'ସ୍ମୃତି ତୁମେ ଅକ୍ଷୟ' ପରିବେଷଣ ହେବ। ଏଥିରେ ପ୍ରତିଷ୍ଠିତ କଣ୍ଠଶିଳ୍ପୀ ସୌରଭ ନାୟକ, ବିଚିତ୍ରାନନ୍ଦ ଦେଓ, ଶୁଭେନ୍ଦ୍ର ନାୟକ, ସିଦ୍ଧାନ୍ତ ଶତପଥୀ, ସୁଧାଂଶୁ ଜେନା, ଆଦ୍ୟାଶା ଦାସ, ଛନ୍ଦା ମିଶ୍ର, ପ୍ରତିଭା ପ୍ରଧାନ, ଦେବାଂଶୀ ନାୟକ, ତମନ୍ନା ତ୍ରିପାଠୀ ପ୍ରମୁଖ ସଙ୍ଗୀତ ପରିବେଷଣ କରିବେ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।

### ଟାଇଲ୍ ମିସ୍ତ୍ରିଙ୍କୁ ହତ୍ୟା ଘଟଣା: ପଶ୍ଚିମବଙ୍ଗରୁ ଅଭିଯୁକ୍ତ ଗିରଫ

ପୁରୀ, ୧୩।୧୧ (ଅଜିତ୍ କୁମାର ମହାନ୍ତି)

ପେଣ୍ଠକଟା ମେରାଇନ ଥାନା ଅନ୍ତର୍ଗତ ସନାତନ ବିହାର ଫେଜ-୨ ଅଞ୍ଚଳରେ ଜଣେ ଟାଇଲ୍ ମିସ୍ତ୍ରୀଙ୍କୁ ହତ୍ୟା ଘଟଣାରେ ଗୁରୁବାର ପୋଲିସ ଅଭିଯୁକ୍ତ ମୁସାରଫଙ୍କୁ ଗିରଫ କରିଛି। ଏସପି ପ୍ରତୀକ ସିଂଙ୍କ ସୂଚନା ମୁତାବକ, ପଶ୍ଚିମବଙ୍ଗ ମେଦିନୀପୁରର ଶେଖ୍ ନୋରା ଆଲମ୍(୩୫) ଓ ତାଙ୍କର ସାଥୀମାନେ ଉପରୋକ୍ତ ଅଞ୍ଚଳରେ କିଛି ମାସ ହେବ ରହି କାମ କରୁଥିଲେ। ତେବେ ଆଲାମଙ୍କ ସହିତ ଲେବର ମୁସାରଫଙ୍କ କୌଣସି କାରଣକୁ ନେଇ ପାଟିତୁଣ୍ଡ ହୋଇଥିଲା। ଫଳରେ ମୁଶାରଫ ଏନେଇ ଆଲାମଙ୍କୁ ହତ୍ୟା କରିଥିଲେ।

# ସାଇନ୍ସ ସିଟି ପ୍ରସ୍ତାବିତ ସ୍ଥାନ ଅନୁଧ୍ୟାନ କଲେ ମନ୍ତ୍ରୀ

ଭୁବନେଶ୍ୱର, ୧୩।୧୧ (ସୁଚିସ୍ମିତା ସାହୁ)


ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ପ୍ରସ୍ତାବିତ ସ୍ଥଳରେ ନକ୍ସା ଅନୁଧ୍ୟାନ କରୁଛନ୍ତି। (ଫଟୋ- ମନୋରଞ୍ଜନ ମିଶ୍ର)

ଭୁବନେଶ୍ୱରରେ ହେବ ସାଇନ୍ସ ସିଟି। ପୂର୍ବ ଭାରତରେ ବୈଜ୍ଞାନିକ ଅଧ୍ୟୟନ ଓ ଉଦ୍ଭାବନକୁ ପ୍ରୋତ୍ସାହନ ଦେବା। ଯୁବପିଢ଼ିଙ୍କ ମଧ୍ୟରେ ବିଜ୍ଞାନ ପ୍ରତି ଆଗ୍ରହ ସୃଷ୍ଟି କରିବା ଲକ୍ଷ୍ୟରେ ରାଜ୍ୟ ସରକାର ସାଇନ୍ସ ସିଟି କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ସାଇନ୍ସ ସିଟି ୧୦୦ ଏକର ପରିମିତି ସ୍ଥାନରେ ନିର୍ମାଣ କରାଯିବ। ଉକ୍ତ ସାଇନ୍ସ ସିଟି ନିର୍ମାଣ ଅଗ୍ରଗତି ନିମନ୍ତେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଭୁବନେଶ୍ୱରର ପ୍ରସ୍ତାବିତ ସ୍ଥାନ ବୁଲି ଦେଖିଛନ୍ତି। ଭୁବନେଶ୍ୱର ତହସିଲ ଅନ୍ତର୍ଗତ ହରିପୁର ଓ ଭଗବତୀପୁର ମୌଜାର ଦୁଇଟି ସ୍ଥାନକୁ ମନ୍ତ୍ରୀ ପାତ୍ର ବୁଲି ଦେଖିବା ସହ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହି ଦୁଇଟି ସ୍ଥାନ ମଧ୍ୟରୁ କୌଣସି ଗୋଟିଏ ସ୍ଥାନରେ ହିଁ ସାଇନ୍ସ ସିଟି ନିର୍ମାଣ କରିବାର ପ୍ରସ୍ତାବ ରହିବ।

ଏହି ଅବସରରେ ଭୁବନେଶ୍ୱର ଉପଜିଲାପାଳ ଡଃ ମନୋରଞ୍ଜନ ସାହୁ ଓ ଭୁବନେଶ୍ୱର ତହସିଲଦାର ସମ୍ପୃକ୍ତ ସ୍ଥାନର ନକ୍ସା ଦେଖାଇବା ସହ ଅବସ୍ଥିତି ସମ୍ପର୍କରେ ଅବଗତ କରାଇଥିଲେ । ରାଜ୍ୟରେ ସାଇନ୍ସ ସିଟି ନିର୍ମାଣ ପୂର୍ବରୁ ମନ୍ତ୍ରୀ ପାତ୍ରଙ୍କ ନେତୃତ୍ୱରେ ଉଚ୍ଚସ୍ତରୀୟ ଦଳ କୋଲକାତା, ଅହମଦାବାଦ ଓ ବିହାରର ପାଟନାସ୍ଥିତ ସାଇନ୍ସ ସିଟି ପରିଦର୍ଶନ କରି ବିଜ୍ଞାନ କେନ୍ଦ୍ର ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ସବିଶେଷ ଆଲୋଚନା କରି ନିର୍ମାଣଶୈଳୀ ବାବଦରେ ଅବଗତ ହୋଇଛନ୍ତି।

# 'ଯୁଗଳବନ୍ଦୀ'ରେ ଓଡ଼ିଶୀନୃତ୍ୟ

ଭୁବନେଶ୍ୱର, ୧୩। ୧୧ (ସୌମ୍ୟରଞ୍ଜନ ରାଉତ)




ଓଡ଼ିଶୀ ନୃତ୍ୟାନୁଷ୍ଠାନ 'ମୋକ୍ଷ' ପକ୍ଷରୁ ଗୁରୁବାର ସୂଚନା ଭବନରେ 'ଯୁଗଳବନ୍ଦୀ'ର ୧୬ତମ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ଗୁରୁ ନିରଞ୍ଜନ ରାଉତ, ଗୁରୁ ଗଜେନ୍ଦ୍ର କୁମାର ପଣ୍ଡା, ଗୁରୁ ଡ. ମନୋରଞ୍ଜନ ପ୍ରଧାନ, ଗୁରୁ ମିନତୀ ପ୍ରଧାନ, ଓଡ଼ିଶୀ ନୃତ୍ୟଶିଳ୍ପୀ ମୀନାକ୍ଷୀ ମିଶ୍ର, ୱେଲ୍‌ନେସ୍ କୋଚ୍ ହୋଲିଷ୍ଟିକ୍ ହିଲିଂ ଏବଂ ଅନୁଷ୍ଠାନର ସମ୍ପାଦକ ଡ. ସୁଜାତା ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ କାର୍ଯ୍ୟକ୍ରମରେ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଶିଳ୍ପୀ ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ କରିଥିଲେ। ନୃତ୍ୟଶିଳ୍ପୀମାନେ ମଙ୍ଗଳାଚରଣ, ଗଣେଶ ବନ୍ଦନା, ସ୍ଥାୟୀ, ପଲ୍ଲବୀ, ଅଭିନୟ, ଦେବୀ ସ୍ତୁତି, ଦଶାବତାର ଇତ୍ୟାଦି ପରିବେଷଣ କରିଥିଲେ। ଚନ୍ଦନ ନାୟକ, ରାଜଶ୍ରୀ ପ୍ରିୟଦର୍ଶିନୀ, ଶୋଭନା ମିଶ୍ର ଓ ରତ୍ନା ମହାନ୍ତି ମଞ୍ଚ ପରିଚାଳନା କରିଥିଲେ।

# 'ଓଡ଼ିଆ ଅସ୍ମିତା, ନୌବାଣିଜ୍ୟ ପରମ୍ପରା' ଶୀର୍ଷକ ଆଲୋଚନାଚକ୍ର


ଆଲୋଚନା ଚକ୍ରରେ ଯୋଗଦେଇଥିବା ଅତିଥି।

ଭୁବନେଶ୍ୱର, ୧୩।୧୧ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଆଜିର ସୃଜନୀର ମିଳିତ ଆନୁକୂଲ୍ୟରେ ରାଜ୍ୟ ସଂଗ୍ରହାଳୟ ସଭାକକ୍ଷରେ ଗୁରୁବାର 'ଓଡ଼ିଆ ଅସ୍ମିତା ଓ ନୌବାଣିଜ୍ୟ ପରମ୍ପରା' ଶୀର୍ଷକ ଆଲୋଚନାଚକ୍ର ତଥା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୃଜନୀର ପ୍ରତିଷ୍ଠାତ୍ରୀ ସୁଜାତା ନନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଜଷ୍ଟିସ ଡି.ପି. ଚୌଧୁରୀ, ପ୍ରତ୍ନତତ୍ତ୍ୱବିତ୍ ଡ. ଡି.ବି. ଗଡ଼ନାୟକ, ଇତିହାସବିତ୍ ଡ. ସୁନୀଲ କୁମାର ପଟ୍ଟନାୟକ ଏବଂ ସଂଗ୍ରହାଳୟର ଅଧୀକ୍ଷକ ଡ. ଭାରତୀ ପାଲ୍ ପ୍ରମୁଖ ଯୋଗଦେଇଥିଲେ। ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ ଓଡ଼ିଆ ଅସ୍ମିତା ଓ ନୌବାଣିଜ୍ୟର ଐତିହ୍ୟ ପରସ୍ପର ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ସାଧବ ପୁଅମାନଙ୍କ କାହାଣୀ ଗପ ନୁହେଁ, ଆମ ଇତିହାସର କଥା। ପିଲାଙ୍କୁ ଓଡ଼ିଶାର ଇତିହାସ ତଥା ଭାଷା ସାହିତ୍ୟ ପ୍ରତି ଆଗ୍ରହୀ କରିବାକୁ ହେଲେ ସେମାନଙ୍କ ପ୍ରତିଭାର ବିକାଶ ପାଇଁ ମା', ବାପା ତଥା ଅଭିଭାବକମାନେ ଧ୍ୟାନଦେବା ଆବଶ୍ୟକ ବୋଲି ଅତିଥିମାନେ ମତ ରଖିଥିଲେ। ପରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ଅନ୍ତିମ ପର୍ବରେ ନୃତ୍ୟ ପରିବେଷିତ ହୋଇଥିଲା। ଶେଷରେ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଲିଭାଙ୍କ ସଂଯୋଜନାରେ ଏହି ସମାରୋହ ସଂଗ୍ରହାଳୟ ଅଧୀକ୍ଷକ ଡ. ପାଲଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବାବେଳେ ସୃଜନୀର ନିର୍ଦ୍ଦେଶିକା ସୁଜାତା ନନ୍ଦ ପରିଚାଳନା କରିଥିଲେ।

# ୧୭ ପାଇଲେ 'ଓମେନ୍ ଏକ୍ସିଲେନ୍ସି ଆୱାର୍ଡ'



ଅତିଥିଙ୍କ ଗହଣରେ 'ଓମେନ୍ ଏକ୍ସିଲେନ୍ସି ଆୱାର୍ଡ'ରେ ସମ୍ମାନିତ ମହିଳାମାନେ।

ଭୁବନେଶ୍ୱର, ୧୩।୧୧ (ସୌମ୍ୟରଞ୍ଜନ ରାଉତ)

ମାସ୍ ଇଭେଣ୍ଟ ପକ୍ଷରୁ 'ଓମେନ୍ ଏକ୍ସିଲେନ୍ସି ଆୱାର୍ଡ' ପ୍ରଦାନ କାର୍ଯ୍ୟକ୍ରମ ଗୁରୁବାର ବୁଦ୍ଧ ମନ୍ଦିର ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ 'ଓମେନ୍ ଏକ୍ସିଲେନ୍ସି ଆୱାର୍ଡ' ପ୍ରଦାନ କରାଯାଇଥିଲା। ମୀର୍ ଅହମ୍ମଦ ଅଲ୍ଲୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ପାଇକ ଆଖଡ଼ା ମହାସଂଘର ସଭାପତି ଡ. ପ୍ରକାଶ ଶ୍ରୀଚନ୍ଦନ, ପୂର୍ବତନ ବିଧାୟକ ଦିଲୀପ ଶ୍ରୀଚନ୍ଦନ, ଅଭିନେତା ଜୀବନ ପଣ୍ଡା, ଅଙ୍କୁର ଫାଉଣ୍ଡେଶନର ଅଧ୍ୟକ୍ଷା ଚିନ୍ମୟୀ ପଣ୍ଡା, ସାମାଜିକ କର୍ମୀ ସଙ୍ଗୀତା ଦାସ ଏବଂ ନୀଳିମା ଦାସ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଚଳଚ୍ଚିତ୍ର ଅଭିନେତ୍ରୀ ଦେବଯାନୀ ଦେଘରିଆ, ତକ୍ଷଶିଳା ସ୍କୁଲର ପ୍ରତିଷ୍ଠାତା ସିକ୍ତା ଦାସ, ଉଦ୍ୟୋଗୀ ମାନସୀ ଜେନା, ମୋଟିଭେଶନାଲ୍ ସ୍ପିକର ଡ. ଜ୍ୟୋସ୍ନାରାଣୀ ନାୟକ, ଧରିତ୍ରୀ ଖବରଦାତା ବନ୍ଦନା ସେଠୀ, ଅଭିନେତ୍ରୀ ସୋଫିଆ ଆଲମ୍, ଫ୍ୟାଶନ ଡିଜାଇନର ରୋମି ଦାସ, ସାମାଜିକ କର୍ମୀ ସସ୍ମିତା ନାୟକ, ମାନବାଧିକାର କର୍ମୀ ମନୀଷା ଦାସ ପଟ୍ଟନାୟକ, ଅଭିନେତ୍ରୀ ସୁରଭି ପ୍ରିୟଦର୍ଶିନୀ, ମୁଦ୍ରାୟଣ ଫାଉଣ୍ଡେଶନର ଅଧ୍ୟକ୍ଷା ଲୋପାମୁଦ୍ରା ମହାନ୍ତି, ସାମାଜିକକର୍ମୀ ଲକ୍ଷ୍ମୀପ୍ରିୟା ପ୍ରଧାନ, ୱାନ ଷ୍ଟେପ୍ ପ୍ରି-ସ୍କୁଲର ଅଧ୍ୟକ୍ଷା ସୁଶ୍ରୀସ୍ମିତ ଜେନା, ଆର୍କିଟେକ ଶ୍ରୁତି ସୋମେନ, ସାମାଜିକକର୍ମୀ ପଦ୍ମିନୀ ପରିଡ଼ା, ପିଙ୍କି ମହାପାତ୍ର ଏବଂ ମଡେଲ ଜୟଶ୍ରୀ ମିଶ୍ରଙ୍କୁ 'ଓମେନ୍ ଏକ୍ସିଲେନ୍ସି ଆୱାର୍ଡ'ରେ ସମ୍ମାନିତ କରାଯାଇଥିଲା। ମାନସ ରଞ୍ଜନ ସାହୁ ଏବଂ ଅନ୍ୟ କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଅଦିନିଆ ରଥଯାତ୍ରା ବନ୍ଦ କରାଯାଉ: ଓଡ଼ିଆ ଅସ୍ମିତା ପରିଷଦ

ଭୁବନେଶ୍ୱର, ୧୩।୧୧ (ସୌମ୍ୟରଞ୍ଜନ ରାଉତ)

ଇସ୍କନ୍ ପକ୍ଷରୁ ତାଇୱାନ୍‌ର ତାଇପେଇରେ ଆସନ୍ତା ୨୩ ତାରିଖରେ ହେବାକୁ ଥିବା ଅଦିନିଆ ରଥଯାତ୍ରାକୁ ନେଇ କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ମନରେ ଗଭୀର ଅସନ୍ତୋଷ ଦେଖାଦେଇଛି। ଇସ୍କନ୍ ବାରମ୍ବାର ଜଗନ୍ନାଥ ସଂସ୍କୃତିକୁ ଅପମାନ ଦେଇ ତଥା ଓଡ଼ିଶା ସରକାର, ଗଜପତି ମହାରାଜା ଦିବ୍ୟସିଂହ ଦେବ ଏବଂ ପୁରୀ ଶଙ୍କରାଚାର୍ଯ୍ୟଙ୍କୁ ବେଖାତିର୍ କରି ଅଦିନିଆ ରଥଯାତ୍ରା କରୁଛି। ଏହା ଜଗନ୍ନାଥ ସଂସ୍କୃତି ଏବଂ ଓଡ଼ିଆ ଅସ୍ମିତା ପ୍ରତି ଆହ୍ୱାନ ସୃଷ୍ଟି କରିଛି ବୋଲି ଓଡ଼ିଆ ଅସ୍ମିତା ପରିଷଦ ଅଭିଯୋଗ କରିଛି। ଓଡ଼ିଶା ସରକାର ତୁରନ୍ତ ଇସ୍କନ୍‌ର ଏହି ଅଦିନିଆ ରଥଯାତ୍ରା ବନ୍ଦ କରିବାକୁ ପଦକ୍ଷେପ ନେବା ପାଇଁ ଓଡ଼ିଆ ଅସ୍ମିତା ପରିଷଦର ଆବାହକ ରବି ବେହେରା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖି ଦାବି କରିଛନ୍ତି। ଆବଶ୍ୟକ ହେଲେ ଭାରତ ସରକାରଙ୍କ ସହ ଯୋଗାଯୋଗ କରି ଓଡ଼ିଶା ସରକାର ତ୍ୱରିତ ପଦକ୍ଷେପ ନେବାକୁ ପରିଷଦର ଆବାହକ ବେହେରା ଦାବି କରିଛନ୍ତି।

# ଏସ୍‌ସିଏସ୍‌ଟିଆର୍‌ଟିଆଇରେ ଜନଜାତି ଗୌରବ ବର୍ଷ ପାଳିତ




ଭୁବନେଶ୍ୱର, ୧୩।୧୧ (ସୁଚିସ୍ମିତା ସାହୁ)

ଜନଜାତୀୟ ଗୌରବ ବର୍ଷ ପାଳନ ଅବସରରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ(ଏସ୍‌ସିଏସ୍‌ଟି ଆରଟିଆଇ)ଠାରେ ଗୁରୁବାର ପାରମ୍ପରିକ ପରଜା ଓ ଧୁରୁଆ ନୃତ୍ୟ ପରିବେଷଣ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଏସ୍‌ସିଏସ୍‌ଟିଆର୍‌ଟିଆଇ ନିର୍ଦ୍ଦେଶକ ସୁଧାକର ଶବର ଏବଂ ଉପନିର୍ଦ୍ଦେଶକ ସନ୍ତୋଷ କୁମାରଙ୍କ ସହିତ ପ୍ରତିଷ୍ଠାନର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଶହେରୁ ଅଧିକ ପରିଦର୍ଶକ ଏବଂ ପ୍ରାୟ ୨ଶହରୁ ଅଧିକ ସ୍କୁଲ ଛାତ୍ରୀଛାତ୍ର ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ କୋରାପୁଟରୁ ଆସିଥିବା ପରଜା ଏବଂ ଧୁରୁଆ ନୃତ୍ୟ କଳାକାରଙ୍କୁ ସମ୍ମାନିତ କରାଯାଇଥିଲା।

# ରଡ୍ ବୋଝେଇ ପିକ୍‌ଅପ୍ ସହ ଡ୍ରାଇଭରଙ୍କୁ ଅପହରଣ କରି ଲୁଟ୍

## ୨ ଅଭିଯୁକ୍ତ ଗିରଫ, ଏକାଧିକ ଫେରାର

ଭୁବନେଶ୍ୱର, ୧୩।୧୧ (ସତ୍ୟଜିତ ରାଉତ)

ଖାରପଡ଼ା ଫ୍ଲାଏ ଓଭରବ୍ରିଜ୍ ନିକଟରୁ ରଡ୍ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ସହ ଡ୍ରାଇଭରଙ୍କୁ ଅପହରଣ କରି ଲୁଟ୍ ଅଭିଯୋଗରେ ଲକ୍ଷ୍ମୀସାଗର ଥାନା ପୋଲିସ ଦୁଇଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବାଲିପାଟଣା ଥାନା ଅଞ୍ଚଳର ସୱାର ଶାହ (୨୯) ଓ ସୟତ ଅବଦୁଲ ସାମିନ୍ (୨୨)। ଅଭିଯୁକ୍ତଦ୍ୱୟଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ସମ୍ପୃକ୍ତ ଥିବା ଅନ୍ୟ ଫେରାର ସହଯୋଗୀମାନଙ୍କୁ ଧରିବାକୁ ପ୍ରୟାସ ଚାଲିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନା ଅନୁଯାୟୀ, ବୁଧବାର ଅପରାହ୍ନ ପ୍ରାୟ ୨ଟା ୩୦ରେ ପିକଅପ୍ ଭ୍ୟାନ୍‌ର ଡ୍ରାଇଭର ନରେନ୍ଦ୍ର ସାମଲ ଖାରପଡ଼ା ଫ୍ଲାଏଓଭର ବ୍ରିଜ୍ ନିକଟରେ ଗାଡ଼ି ରଖି ନିକଟସ୍ଥ ଶୌଚାଳୟକୁ ଯାଉଥିବାବେଳେ ୪ରୁ ୫ଜଣ ଦୁର୍ବୃତ୍ତ ତାଙ୍କୁ ହଠାତ୍ ଆକ୍ରମଣ କରିଥିଲେ। ସେମାନେ ନରେନ୍ଦ୍ରଙ୍କ ଠାରୁ ୧୨ହଜାର ଟଙ୍କା ଏବଂ ମୋବାଇଲ୍ ଫୋନ୍ ଛଡ଼ାଇ ନେଇଥିଲେ। ଦୁର୍ବୃତ୍ତମାନେ ପ୍ରାୟ ୩ ଟନ ଲୁହାରଡ୍ ବୋଝେଇ ହୋଇଥିବା ଉକ୍ତ ପିକଅପ୍ ଗାଡ଼ି ସହିତ ନରେନ୍ଦ୍ରଙ୍କୁ ଅପହରଣ କରିନେଇଥିଲେ। ନରେନ୍ଦ୍ରଙ୍କୁ ଅଭିଯୁକ୍ତମାନେ ନୂଆଗାଁ ପେଟ୍ରୋଲ ପମ୍ପ ନିକଟରେ ଛାଡ଼ିଦେଇ ଗାଡ଼ି ନେଇ ପଳାଇ ଯାଇଥିଲେ। ଏନେଇ ମାଲିକ ପ୍ରସନ୍ନ କୁମାର ସାହୁ ଏତଲା ଦେବା ପରେ ଲକ୍ଷ୍ମୀସାଗର ଥାନା ପୋଲିସ ଏକ ମାମଲା (ନଂ.୬୦୪/୨୦୨୫) ରୁଜୁ କରି ତଦନ୍ତ କରିଥିଲା। ଚୋରି ହୋଇଥିବା ଗାଡ଼ିର ଜିପିଏସ୍ ଟ୍ରାକିଂ ଆଧାରରେ ବାଲିପାଟଣା ଥାନା ଅନ୍ତର୍ଗତ ସୋମନା ପ୍ରଧାନ ଗ୍ରାମ ଅଞ୍ଚଳରେ ଏହା ଥିବା ପୋଲିସ ଜାଣିବାକୁ ପାଇଥିଲା। ପୋଲିସ ଟିମ୍ ସେଠାରେ ଚଢ଼ାଉ କରି ଅଭିଯୁକ୍ତ ସୱାର ଓ ସୟତଙ୍କୁ ଗିରଫ କରିବା ସହ ଗାଡ଼ି ଏବଂ ରଡ୍ ଜବତ କରିଥିଲା।

# ଟିପିସିଓଡିଏଲ୍‌ର ଅତ୍ୟାଧୁନିକ କଷ୍ଟମର କେୟାର ସେଣ୍ଟର ଉଦ୍‌ଘାଟିତ

ଭୁବନେଶ୍ୱର, ୧୩।୧୧ (ଅନୁରାଧା ମହାରଣା)



ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍), ଭୁବନେଶ୍ୱରର ପାୱର ହାଉସ କଲୋନି ନିକଟରେ ଏହାର ଭୁବନେଶ୍ୱର ସିଟି ଡିଷ୍ଟ୍ରିବ୍ୟୁଶନ ଡିଭିଜନ-୧ (ବିସିଡିଡି-୧) ମଡେଲ ଗ୍ରାହକ ସେବା କେନ୍ଦ୍ର ଉଦ୍‌ଘାଟନ କରିଛି। ଏହି ଉନ୍ନତ ସୁବିଧା ଭୁବନେଶ୍ୱରର ୪ ଲକ୍ଷରୁ ଅଧିକ ଉପଭୋକ୍ତାଙ୍କୁ ଗୋଟିଏ ସ୍ଥାନରେ ସବୁ ସମସ୍ୟାର ସମାଧାନ ପ୍ରଦାନ କରିବା ସହ ସେବା ଅନୁରୋଧ, ବିଲିଂ ସମ୍ବନ୍ଧୀୟ ପ୍ରଶ୍ନ, ଅଭିଯୋଗର ଶୀଘ୍ର ଏବଂ ଦକ୍ଷ ସମାଧାନ ସୁନିଶ୍ଚିତ କରିବାକୁ ଲକ୍ଷ୍ୟ ରଖିଛି। ଏଠାରେ ଡିଜିଟାଲ କିଓସ୍କ, ସ୍ୱୟଂ-ସେବା ବିକଳ୍ପ, ଏକ ଉତ୍ସର୍ଗୀକୃତ ଧାଡ଼ି ପରିଚାଳନା ପ୍ରଣାଳୀ, ବାସ୍ତବ-ସମୟ ମତାମତର ବ୍ୟବସ୍ଥା ରହିଛି। ସମସ୍ୟାର ଶୀଘ୍ର ସମାଧାନ ପାଇଁ ଏକ ସମ୍ମିଳନୀ କକ୍ଷ ଏବଂ ଗ୍ରାହକଙ୍କ ସୁବିଧା ପାଇଁ ପର୍ଯ୍ୟାପ୍ତ ପାର୍କିଂ ବ୍ୟବସ୍ଥା ମଧ୍ୟ କରାଯାଇଛି। ଏହି ସେଣ୍ଟର ଗ୍ରାହକ ସମ୍ପର୍କ ଓ ସଚେତନତାର ଏକ ମୁଖ୍ୟକେନ୍ଦ୍ର ଭାବେ କାମ କରିବ। ଏଠାରେ ଡିଜିଟାଲ ପେମେଣ୍ଟ, ସ୍ମାର୍ଟ ମିଟରିଂ ଓ ସ୍ୱୟଂସେବା ପ୍ଲାଟ୍‌ଫର୍ମକୁ ପ୍ରୋତ୍ସାହନ ଦିଆଯିବ, ଯାହା ଟିପିସିଓଡିଏଲ୍‌ର ଭରସାଯୋଗ୍ୟ, ସ୍ୱଚ୍ଛ ଏବଂ ଗ୍ରାହକାଭିମୁଖୀ ବିଦ୍ୟୁତ୍ ବିତରଣ ସେବା ଦେବାର ଦୃଷ୍ଟିକୋଣକୁ ପ୍ରତିଫଳିତକରେ। ଉଦ୍‌ଘାଟନ ଉତ୍ସବରେ ଟାଟା ପାୱାରର ସିଏଚ୍‌ଆର୍‌ଓ ଏବଂ ସଷ୍ଟେନେବିଲିଟି ଓ ସିଏସ୍‌ଆର୍ ମୁଖ୍ୟ ହିମଲ ତିୱାରୀ କହିଛନ୍ତି, ଭୁବନେଶ୍ୱରର ଏହି ନୂଆ ମଡେଲ ଗ୍ରାହକ ସେବା କେନ୍ଦ୍ର ସରଳ, ସ୍ୱଚ୍ଛ ଏବଂ ପ୍ରଯୁକ୍ତିବିଦ୍ୟା-ଚାଳିତ ସେବା ଅଭିଜ୍ଞତା ପ୍ରଦାନ କରିବା ପାଇଁ ଟିପିସିଓଡିଏଲ୍‌ର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଏହି ଅବସରରେ ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ ସିଂହ କହିଛନ୍ତି, ଉକ୍ତ ଆଧୁନିକ କେନ୍ଦ୍ରଟି ଗ୍ରାହକଙ୍କୁ ସୁବିଧା, ସ୍ୱଚ୍ଛତା ଓ ବିଶ୍ୱାସ ଦେବା ପାଇଁ ତିଆରି କରାଯାଇଛି। ଓଡ଼ିଶାର ଡିଜିଟାଲ ଏବଂ ଗ୍ରାହକକୈନ୍ଦ୍ରିକ ବିଦ୍ୟୁତ୍ ସେବା ଦେବାର ଲକ୍ଷ୍ୟ ସହିତ ସମନ୍ୱିତ ହୋଇ ଟିପିସିଓଡିଏଲ୍ ଗ୍ରାହକଙ୍କୁ ସରଳ ଓ ଦ୍ରୁତସେବା ଦେବାର ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରିଛି।

# ଡିସେମ୍ବର ୨୩ରୁ 'ଓଡ଼ିଶାର ପାରମ୍ପରିକ ଖାଦ୍ୟ ମହୋତ୍ସବ'

## ୩୦ ଜିଲାର ପ୍ରସିଦ୍ଧ ଖାଦ୍ୟ ପରମ୍ପରା ପ୍ରଦର୍ଶନ ହେବ

ଭୁବନେଶ୍ୱର, ୧୩।୧୧ (ସୌମ୍ୟରଞ୍ଜନ ରାଉତ)


ପ୍ରସ୍ତୁତି ବୈଠକରେ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ, ସଜ୍ଜନ କୁମାର ଶର୍ମା ଏବଂ ଅନ୍ୟ ବ୍ୟକ୍ତିବିଶେଷ।

ବିଶ୍ୱ ଓଡ଼ିଆ ପରିବାର ଏବଂ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଆସନ୍ତା ଡିସେମ୍ବର ୨୩ରୁ ୨୯ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରର ପ୍ରଦର୍ଶନୀ ପଡ଼ିଆରେ 'ଓଡ଼ିଶାର ପାରମ୍ପରିକ ଖାଦ୍ୟ ମହୋତ୍ସବ'ର ଆୟୋଜନ ହେବ। ଏ ନେଇ ପ୍ରଥମ ପ୍ରସ୍ତୁତି ବୈଠକ ଗୁରୁବାର ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି।

କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ। ଓଡ଼ିଶାର ସମୃଦ୍ଧ ସଂସ୍କୃତିର ପ୍ରଚାର ଓ ପ୍ରସାର ଏହି ମହୋତ୍ସବ ଆୟୋଜନର ମୁଖ୍ୟ ଆଭିମୁଖ୍ୟ ବୋଲି ସେ କହିଥିଲେ। ଏହି ମହୋତ୍ସବରେ ଓଡ଼ିଶାର ପାରମ୍ପରିକ ପରିବେଷଣ କଳା, ଚିତ୍ରକଳା ଓ ସଂପାନ ମାଧ୍ୟମରେ ଓଡ଼ିଆ ଖାଦ୍ୟ ପରମ୍ପରାର ବିଶେଷତ୍ୱକୁ ପ୍ରଦର୍ଶନ କରାଯିବ ବୋଲି କୁଳପତି ସୂଚନା ଦେଇଥିଲେ। ବିଶ୍ୱ ଓ ପରିବାରର ଅଧ୍ୟକ୍ଷ ସଜ୍ଜନ କୁମାର ଶର୍ମା ବୈଠକରେ ଯୋଗଦେଇ ଆମ ପାରମ୍ପରିକ ଖାଦ୍ୟର ମୌଳିକତା ଓ ଏହାର ସାଂସ୍କୃତିକ ମୂଲ୍ୟବୋଧ ଉପରେ ଆଲୋକପାତ କରିଥିଲେ। ଏହି ମହୋତ୍ସବରେ ଓଡ଼ିଶାର ସମସ୍ତ ୩୦ଟି ଜିଲାର ପ୍ରସିଦ୍ଧ ଖାଦ୍ୟ ପରମ୍ପରାକୁ ପ୍ରଦର୍ଶନ କରାଯିବା ସହ ବହୁ ବିରଳ ଖାଦ୍ୟ ସାମଗ୍ରୀ ସମ୍ପର୍କରେ ଯୁବପିଢ଼ିଙ୍କୁ ସଚେତନ କରାଯିବ ବୋଲି ସେ କହିଥିଲେ। ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ସହ ଅନୁବନ୍ଧିତ ୩୬ଟି ପର୍ଯ୍ୟଟନ ଓ ହୋଟେଲ ପରିଚାଳନା ମହାବିଦ୍ୟାଳୟ ଏଥିରେ ପ୍ରତ୍ୟକ୍ଷ ଭାବେ ଭାଗନେବେ ବୋଲି କୁଳସଚିବ ଅନାମିକା ଅଧିକାରୀ ସୂଚନା ଦେଇଥିଲେ। ଏହି ମହୋତ୍ସବକୁ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରିମଣ୍ଡଳର ସଦସ୍ୟଙ୍କୁ ଆମନ୍ତ୍ରଣ କରାଯିବ। ୩୬ଟି ପର୍ଯ୍ୟଟନ ଓ ହୋଟେଲ ପରିଚାଳନା ମହାବିଦ୍ୟାଳୟର ଅଧ୍ୟକ୍ଷମାନେ ଏହି ପ୍ରସ୍ତୁତି ବୈଠକରେ ଯୋଗଦେଇ ଏହି ପାରମ୍ପରିକ ଖାଦ୍ୟ ମହୋତ୍ସବ ପ୍ରଦର୍ଶନୀର ସଫଳତା ନିମନ୍ତେ ଆବଶ୍ୟକ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ଧରଣୀଧର ରଣା ଧନ୍ୟବାଦ ଦେଇଥିଲେ।

# ଅସ୍ତିତ୍ୱ ହରାଉଛି ଗଡ଼ଖୋର୍ଦ୍ଧା, ପାଣ୍ଡବଘରା

**ଖୋର୍ଦ୍ଧା, ୧୩।୧୧ (ପ୍ରଭାତ ପାଣିଗ୍ରାହୀ)**



ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଖୋର୍ଦ୍ଧାର ଅନେକ ଐତିହ୍ୟ କୀର୍ତ୍ତିରାଜି ଧ୍ୱଂସାଭିମୁଖୀ ହେବାକୁ ବସିଛି। ଏହିକ୍ରମରେ ଐତିହ୍ୟ ଗଡ଼ଖୋର୍ଦ୍ଧା ଏବଂ ବରୁଣେଇ ପାହାଡ଼ ଶୀର୍ଷରେ ଥିବା ପାଣ୍ଡବଘରା ଗୁମ୍ଫା ଅସ୍ତିତ୍ୱ ହରାଇବାକୁ ବସିଲାଣି। ତୁରନ୍ତ ଏହାର ସଂରକ୍ଷଣ କରାଯିବାର ଆବଶ୍ୟକତା ରହିଛି ବୋଲି ଗବେଷକ ଓ ବୁଦ୍ଧିଜୀବୀ ମତ ଦିଅନ୍ତି।

ଗବେଷକ ଗୋପାଳ ଦାସ କହିଛନ୍ତି ଯେ, ପାଣ୍ଡବଘରା ଗୁମ୍ଫାରେ ତୃତୀୟ-ଚତୁର୍ଥ ଶତାବ୍ଦୀର ଓଡ଼ିଆ ଲିପି, ବୌଦ୍ଧ ଧର୍ମାବଲମ୍ବୀଙ୍କ ରହଣିସ୍ଥଳ ଅଧୁନା ଧ୍ୱଂସାଭିମୁଖୀ। ଏଠାରେ ଦୁଇହଜାର ବର୍ଷ ତଳର ଓଡ଼ିଆରେ ଲେଖାଯାଇଥିବା ଶିଳାଲେଖ, ବୌଦ୍ଧ କୀର୍ତ୍ତି ରହିଛି। ୧୮୩୬ରେ ବ୍ରିଟିଶ ଗବେଷକ ମାରଖାମ କିଟୋ ଏବଂ ୧୮୭୬ରେ ବିଖ୍ୟାତ ପ୍ରତ୍ନତତ୍ତ୍ୱବିତ୍ ସାର୍ ଆଲେକଜାଣ୍ଡାର କନିଙ୍ଗହାମ୍‌ଙ୍କ ସହଯୋଗୀ ଜେ.ଡି. ବେଗଲର୍ ଏହି ଲିପି ସମ୍ପର୍କରେ କୋଲକାତାରୁ ପ୍ରକାଶିତ 'ଏସିଆଟିକ ଜର୍ନାଲ'ରେ ପ୍ରକାଶ କରିଥିଲେ। ସେହିପରି ନରଣଗଡ଼ ସନ୍ନିକଟ ଭୋଗପୁର ପାହାଡ଼ରେ ପ୍ରାଚୀନ ଲିପି ଖୋଦିତ ଗୁମ୍ଫା ରହିଛି। ଖୁବ୍‌ଶୀଘ୍ର ଏହାର ସଂରକ୍ଷଣ ନ କଲେ ପ୍ରାଚୀନ ଓଡ଼ିଆ ଲିପିର କ୍ରମବିକଶିତ ପ୍ରାମାଣିକ ତଥ୍ୟ ନଷ୍ଟ ହୋଇଯିବ। ବୀରଭୂମି ଖୋର୍ଦ୍ଧାରେ ସହସ୍ର ବର୍ଷ ଧରି ଅସଂଖ୍ୟ ଯୁଦ୍ଧରେ ବୀରଗତିପ୍ରାପ୍ତ ଶହୀଦଙ୍କ ସ୍ମୃତିରେ ସ୍ଥାପିତ ବୀରଶିଳା ବାଜପୁର, କାଇପଦର, ଖୁଦୁପୁର ଆଦି ସ୍ଥାନରେ ରହିଛି। ଖୋର୍ଦ୍ଧା ଜିଲା ପ୍ରଶାସନ ସଂସ୍କୃତି ଭବନ ପରିସରସ୍ଥ ସଂଗ୍ରହାଳୟକୁ ଏଗୁଡ଼ିକୁ ନ ଆଣିଲେ ବିଲୁପ୍ତ ହୋଇଯିବ। ଭାଗବତ ଟୁଙ୍ଗି ଗାଦିରେ ଥିବା ତାଳପତ୍ର ପୋଥି ସଂରକ୍ଷଣ ପାଇଁ ମଧ୍ୟ ସଚେତନତା ଜରୁରୀ। ସେହିପରି ଗବେଷକ ସତ୍ୟବାଦୀ ବଳିୟାରସିଂ କହିଛନ୍ତି, ବରୁଣେଇ ପାହାଡ଼ରେ ଖୋର୍ଦ୍ଧା ରାଜାଙ୍କ ଇଷ୍ଟଦେବୀ ମା' ବରୁଣେଇ, କରୁଣେଇ ବିଜେ କରିଛନ୍ତି। କୁହାଯାଏ, ଏହି ପାହାଡ଼ ଉପରୁ ଶ୍ରୀମନ୍ଦିର ନୀଳଚକ୍ର ଦୃଶ୍ୟମାନ ହୁଏ। ଔଷଧୀୟ ଗୁଳ୍ମରେ ପାହାଡ଼ ପରିପୂର୍ଣ୍ଣ। ହେଲେ ଏହି ଐତିହ୍ୟ ପାହାଡ଼ର ସଂରକ୍ଷଣ ପାଇଁ ସରକାରଙ୍କ ପକ୍ଷରୁ କୌଣସି ଯୋଜନା ନାହିଁ। ପାହାଡ଼ ଉପରକୁ ରୋପ ୱେ ଏବଂ ପାହାଡ଼ ଉପରେ ପାଇକ ବିଦ୍ରୋହର ମୁଖ୍ୟ ନାୟକ ଜୟୀ ରାଜଗୁରୁ ଏବଂ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରାଗଲେ ଅନ୍ତର୍ଜାତୀୟ ସ୍ତରରେ ଏହାର ଗୌରବ ବୃଦ୍ଧି ପାଇବ। ସେହିପରି କଳିଙ୍ଗ ପାଇକ ସଙ୍ଗଠନ ସମ୍ପାଦକ କୃଷ୍ଣଚନ୍ଦ୍ର ଶ୍ରୀଚନ୍ଦନ କହିଛନ୍ତି, ଅତୀତର ସ୍ମୃତିକୁ ସାଉଁଟି ରଖିଥିବା ଖୋର୍ଦ୍ଧାଗଡ଼ ଏବେ ଭଗ୍ନ ଅବସ୍ଥାରେ ରହିଛି। ଏଠାରୁ ଦିନେ ପାଇକ ବୀରମାନେ ଇଂରେଜଙ୍କ ବିରୋଧରେ ସଂଗ୍ରାମ ଆରମ୍ଭ କରିଥିଲେ। ପାଇକଙ୍କ ଅସୀମ ବୀରତ୍ୱର ସ୍ମୃତିକୁ ସାଇତି ରଖିଥିବା ଖୋର୍ଦ୍ଧାଗଡ଼ର ପୁନରୁଦ୍ଧାର ନ ହେଲେ ବିଲୁପ୍ତ ହୋଇଯିବ। ଗବେଷକ ପ୍ରଫେସର ନାରାୟଣ ରାଓ କହିଛନ୍ତି, ଖୋର୍ଦ୍ଧାଗଡ଼ର ପୁନରୁଦ୍ଧାର କରାଗଲେ ରାଣୀ ପୋଖରୀ ସମେତ ବହୁ କୀର୍ତ୍ତିରାଜି ସଂରକ୍ଷଣ ହୋଇପାରିବ। ପାଇକ ବିଦ୍ରୋହର ସମସ୍ତ ସ୍ମୃତି ଖୋର୍ଦ୍ଧାଗଡ଼ ସହ ଜଡ଼ିତ। ଏହାର ପୁନରୁଦ୍ଧାର ଜରୁରୀ। ସାମାଜିକ କର୍ମୀ ସନ୍ତୋଷ ହରିଚନ୍ଦନ କହିଛନ୍ତି, ରାଜ୍ୟର ଲବ୍ଧ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ମଧ୍ୟରୁ ଖୋର୍ଦ୍ଧାର ବିଜେବି ହାଇସ୍କୁଲ ଅନ୍ୟତମ। ସ୍ୱାଧୀନତା ସଂଗ୍ରାମ ଆନ୍ଦୋଳନରେ ଏହି ବିଦ୍ୟାଳୟର ଛାତ୍ର ଅଂଶଗ୍ରହଣ କରିଥିଲେ। ଅତୀତରେ ବହୁ ଜନନାୟକ, ରାଜନୀତିଜ୍ଞ, ପ୍ରଶାସନିକ ଅଧିକାରୀ, ସାହିତ୍ୟିକ ଏହି ବିଦ୍ୟାଳୟରେ ପାଠ ପଢି ଏହାର ଗୌରବକୁ ବୃଦ୍ଧି କରିଛନ୍ତି। ଏହି ଶିକ୍ଷାନୁଷ୍ଠାନକୁ ଜାତୀୟ କିମ୍ବା ଐତିହ୍ୟ ବିଦ୍ୟାଳୟ ମାନ୍ୟତା ପାଇଁ ବାରମ୍ବାର ଦାବି ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉନାହିଁ। ସାମାଜିକ କର୍ମୀ ଅଭିମନ୍ୟୁ ଘଟୁଆଳ କହିଛନ୍ତି, ୨୦୧୯ ଡିସେମ୍ବର ୮ରେ ବରୁଣେଇ ପାହାଡ଼ ପାଦଦେଶରେ ପାଇକ ସ୍ମାରକୀ ନିର୍ମାଣ ପାଇଁ ତତ୍କାଳୀନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶିଳାନ୍ୟାସ କରିଥିଲେ। ୫ବର୍ଷ ବିତିବାକୁ ବସିଲାଣି, ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ରାଜ୍ୟ ସରକାରଙ୍କ ଆନ୍ତରିକତା ଓ ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ କାମ ଆଗେଇପାରୁନାହିଁ। ତେଣୁ ଐତିହ୍ୟକୁ ଅଣଦେଖା କରାଯାଉଛି।

## ଶ୍ରୀହଟ୍ଟନାଥଙ୍କ ମହାକାଳ ବେଶ



**ଖୋର୍ଦ୍ଧା, ୧୩।୧୧ (ପ୍ରଭାତ ପାଣିଗ୍ରାହୀ)**

ବେଗୁନିଆ ବ୍ଲକ୍ ଅତ୍ରି ସ୍ଥିତ ଏକାଦଶରୁଦ୍ର ଶ୍ରୀହଟ୍ଟକେଶ୍ୱର ମହାକାଳ ବେଶରେ ଦର୍ଶନ ଦେଉଛନ୍ତି। ହଟ୍ଟନାଥଙ୍କ ଏହି ଦିବ୍ୟ ଦର୍ଶନ ପାଇଁ ଭକ୍ତଙ୍କ ସୁଅ ଛୁଟିବାରେ ଲାଗିଛି। ଅତ୍ରି ଉଷ୍ଣ ପ୍ରସ୍ରବଣ ବୁଲିବାକୁ ଆସୁଥିବା ଭକ୍ତମାନେ ଅପରାହ୍ନରେ ହଟ୍ଟକେଶ୍ୱରଙ୍କ ମହାକାଳ ବେଶ ଦର୍ଶନ କରିଛନ୍ତି ବୋଲି ବରିଷ୍ଠ ସେବାୟତ ଦିଲୀପ ପଣ୍ଡା ସୂଚନା ଦେଇଛନ୍ତି। ଅଢ଼େଇ କୁଇଣ୍ଟାଲ ଅଷ୍ଟଧାତୁରେ ନିର୍ମାଣ ହୋଇଛି ହଟ୍ଟନାଥଙ୍କ ବେଶ ସହ ବିଶାଳ ନାଗ ମୂର୍ତ୍ତି, ତ୍ରିଶୂଳ, ଡମ୍ବରୁ ଓ ଛତ୍ରୀ। ବାଲକାଟୀର ଅଭିଜ୍ଞ କାରିଗରଙ୍କ ଦ୍ୱାରା ଏହା ନିର୍ମାଣ କରାଯାଇଛି। ଏଥିରୁ ୧୦କିଲୋ ଅଷ୍ଟଧାତୁରେ ମହାକାଳଙ୍କ ରୂପ ପ୍ରସ୍ତୁତ ହୋଇଥିବା ବେଳେ ଦେଢ଼ କୁଇଣ୍ଟାଲର ନାଗ ମୂର୍ତ୍ତି, ୪୦ କେଜି ଓଜନର ତ୍ରିଶୂଳ ଓ ଡମ୍ବରୁ ଏବଂ ୪୦କେଜିର ଛତ୍ରି ପ୍ରସ୍ତୁତ ହୋଇଛି।

ସ୍ଥାନୀୟ ଓଗାଳପୁର ଅଞ୍ଚଳର ସାମାଜିକ କର୍ମୀ ପୂର୍ଣ୍ଣ ଚନ୍ଦ୍ର ବିଶ୍ୱାଳ ଏହି ଦିବ୍ୟ ସାମଗ୍ରୀ ପ୍ରଦାନ କରିଛନ୍ତି। ପୂର୍ଣ୍ଣ ଚନ୍ଦ୍ରଙ୍କୁ ଘରେ ନାଗ ସାପ ଦେଖାଯିବା ସହ ହଟ୍ଟନାଥ ମହାଦେବଙ୍କ ସ୍ୱପ୍ନାଦେଶ ହୋଇଥିଲା। ହଟ୍ଟନାଥଙ୍କ ଆଦେଶକ୍ରମେ ଏହି ସାମଗ୍ରୀ ଦାନ କରିବାକୁ ମନସ୍ଥ କରିଥିଲେ ବୋଲି ସେ କହିଛନ୍ତି। ବରିଷ୍ଠ ସେବାୟତ ତଥା ଟ୍ରଷ୍ଟ ବୋର୍ଡ ସଦସ୍ୟ ରଞ୍ଜନ ମହାପାତ୍ର କୁହନ୍ତି, ମଧ୍ୟାହ୍ନରେ ଧୂପ ହେବା ପରେ ଠାକୁରଙ୍କ କିଛି ସମୟ ପହୁଡ଼ ହୋଇଥାଏ। ପହୁଡ ଖୋଲିବା ପରେ ଠାକୁରଙ୍କ ଅବକାଶ ନୀତି ପରେ ସନ୍ଧ୍ୟା ପର୍ଯ୍ୟନ୍ତ ବଡ଼ସିଂହାର ବେଶରେ ଦର୍ଶନ ଦେଇଥାନ୍ତି ହଟ୍ଟନାଥ। ଠାକୁରଙ୍କ ନିକଟରେ ବଡ଼ସିଂହାର ଭୋଗ ଲାଗି ହୋଇଥାଏ।

### ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼

ଏହି ସମୟରେ ଦେବ ଦୁର୍ଲ୍ଲଭ ବେଶ ହୋଇଥାଏ। ବରିଷ୍ଠ ସେବାୟତ ତ୍ରିଲୋଚନ ପଣ୍ଡା କୁହନ୍ତି, ଭକ୍ତଙ୍କୁ ଆଉ ମହାକାଳଙ୍କ ଦର୍ଶନ ପାଇଁ ଉଜ୍ଜୟନୀ ଯିବାକୁ ପଡିବ ନାହିଁ। ଏଠାରେ ମହାଦେବ ହଟ୍ଟନାଥ ମହାକାଳେଶ୍ୱର ବେଶରେ ଦର୍ଶନ ଦେଉଛନ୍ତି। ଏହି ବେଶ ସମ୍ପର୍କରେ ପ୍ରଚାରିତ ହେବା ପରେ ଓଡ଼ିଶାରୁ ଭକ୍ତଙ୍କ ସୁଅ ଛୁଟୁଛି। ସେହିପରି ସେବାୟତ ଦିଲୀପ ପଣ୍ଡା ପୀଠର ଐତିହ୍ୟ ସମ୍ପର୍କରେ କହିଛନ୍ତି ଯେ, ଏହା ଏକ ପ୍ରାଚୀନ ଶୈବପୀଠ। ଏଠାରେ ଏଗାରଟି ଲିଙ୍ଗ ପୂଜା ପାଉଛନ୍ତି। ତେଣୁ ଏହାଙ୍କୁ ଏକାଦଶ ରୁଦ୍ର ବୋଲି କୁହାଯାଏ। ମହାଦେବଙ୍କ ବଡ଼ ଉତ୍ସବ ହେଉଛି ମକର ମେଳା। ମକର ସଂକ୍ରାନ୍ତି ଆଡ଼ମ୍ବରରେ ପାଳିତ ହୋଇଥାଏ। ଅକ୍ଷୟ ତୃତୀୟାଠାରୁ ଉତ୍କଳ ଭଉଁରୀ ପର୍ଯ୍ୟନ୍ତ ଠାକୁର ଚନ୍ଦନ ପୋଖରୀରେ ଚାପ ଖେଳନ୍ତି। ଦୋଳ ପୂର୍ଣ୍ଣମୀ ଦିନ ଓ ପୂର୍ବରୁ ତିନିଦିନ ବ୍ୟାପୀ ବିଭିନ୍ନ ଗ୍ରାମକୁ ଆଡ଼ମ୍ବରରେ ବୁଲି ଭୋଗ ଖାଇବାକୁ ଯାଇଥାନ୍ତି। ହଟ୍ଟକେଶ୍ୱରଙ୍କ ଅପାର ମହିମା ରହିଛି। ହଟ୍ଟନାଥଙ୍କ ମହିମା ଭକ୍ତଙ୍କୁ ଏଠାକୁ ଟାଣି ଆଣେ। ପ୍ରତିବର୍ଷ ମକର ସଂକ୍ରାନ୍ତି ସମୟରେ ଅପୁତ୍ରକ ନାରୀମାନେ ହଟ୍ଟନାଥଙ୍କ ନିକଟରେ ସଙ୍କଳ୍ପ କରି ତା'ପରଦିନ ଅତ୍ରି (ଉଷ୍ଣ ପ୍ରସ୍ରବଣ)ରେ ଦହଲରୁ ମିଳିଥିବା ଗୁଆ ଭକ୍ଷଣ କଲେ, ସନ୍ତାନ ଲାଭ କରିଥାନ୍ତି ବୋଲି ଲୋକ ବିଶ୍ୱାସ ରହିଛି। ଯିଏ ଏଠାକୁ ଆସିଛି, ତାହାର ମନସ୍କାମନା ପୂର୍ଣ୍ଣ ହୋଇଛି। ମକର ସଂକ୍ରାନ୍ତିରେ ଏଠାରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥାଏ ବୋଲି ସେ କହିଛନ୍ତି।

# ଜବରଦଖଲ ମୁକ୍ତକଲା ତହସିଲ ପ୍ରଶାସନ

**ବାଘମାରୀ, ୧୩।୧୧ (ମିହିର ରଞ୍ଜନ ମହାପାତ୍ର)**

ବେଗୁନିଆ ତହସିଲ ପୋଡ଼ାଡିହ ପଞ୍ଚାୟତ ଅନ୍ତର୍ଗତ ତୁଳସୀପୁର ବଜାରରୁ ବଡ଼ତୁଳସୀପୁର ଗ୍ରାମର ମୁଖ୍ୟରାସ୍ତାକୁ କେତେଜଣ ଦୋକାନୀ କ୍ୟାବିନ ଏବଂ ଆଜ୍‌ବେଷ୍ଟସ ଘର କରି ଦୀର୍ଘ ବର୍ଷ ହେବ ଜବରଦଖଲ କରିଆସୁଥିଲେ। ଏନେଇ ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ପରେ ବେଗୁନିଆ ତହସିଲ ପକ୍ଷରୁ ସମ୍ପୃକ୍ତ ଜବରଦଖଲକାରୀଙ୍କୁ ନୋଟିସ କରାଯାଇଥିଲା। ଦୁଇଜଣ ମାଲିକ କ୍ୟାବିନ ଉଠାଇ ନେଇଥିବାବେଳେ ଅନ୍ୟ ଦୁଇ ଦୋକାନ ଘର ମାଲିକ ନୋଟିସକୁ ହେୟଜ୍ଞାନ କରିଥିଲେ। ତହସିଲ ପକ୍ଷରୁ ପୁଣି ନୋଟିସ କରାଯାଇ ପୂର୍ବ ପ୍ରସ୍ତୁତି ମୁତାବକ ଗୁରୁବାର ଅତିରିକ୍ତ ତହସିଲଦାର ମୃତ୍ୟୁଞ୍ଜୟ ବରାଳ, କୁରାଡ଼ିଲୋ ରାଜସ୍ୱ ନିରୀକ୍ଷକ ଦୀପକ ବଳିୟାରସିଂହ ଏବଂ ବାଘମାରୀ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ଜେସିବି ମେଶିନ ସହାୟତାରେ ଦୁଇ ଘରକୁ ଭଙ୍ଗାଯାଇ ଜବରଦଖଲ ମୁକ୍ତ କରାଯାଇଛି।



ଜେସିବି ମେଶିନ୍ ସାହାଯ୍ୟରେ ଜବରଦଖଲ ଉଚ୍ଛେଦ କରାଯାଉଛି।

# ସାଇବର ଠକେଇ ରୋକିବାକୁ ସଚେତନତା ପଦଯାତ୍ରା



ବୋଲଗଡ଼ ପରମାନନ୍ଦ କଲେଜଠାରୁ ବାହାରିଥିବା ସଚେତନତା ପଦଯାତ୍ରା।

**ବୋଲଗଡ଼, ୧୩।୧୧ (ଦେବବ୍ରତ ହୋତା)**

ଖୋର୍ଦ୍ଧା ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶ ଏବଂ ବୋଲଗଡ଼ ଥାନା ନିରୀକ୍ଷିକା ସ୍ନିଗ୍ଧାମୟୀ ବରାଳଙ୍କ ଆବାହକତ୍ୱରେ ସାଇବର ସୁରକ୍ଷା ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଗୁରୁବାର ବୋଲଗଡ଼ ପରମାନନ୍ଦ କଲେଜ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ସାଇବର ଥାନା ନିରୀକ୍ଷିକା ସୁଚିତ୍ରା ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୋଲଗଡ଼ ଉନ୍ନୟନ ପରିଷଦ ସଭାପତି ଗୋପୀନାଥ ଖାଡଙ୍ଗା, କଲେଜ ଅଧ୍ୟକ୍ଷ ପ୍ରଦୀପ ଦାସ, ବ୍ୟଙ୍ଗକବି ବ୍ରଜବନ୍ଧୁ ସୁବୁଦ୍ଧି ପ୍ରମୁଖ ଏହି ଅଭିଯାନ ସମ୍ପର୍କରେ ଆଲୋଚନା କରିଥିଲେ। ଡିଜିଟାଲ ଆରେଷ୍ଟ, ନିବେଶ ଟ୍ରେଡ଼ିଂ, ନକଲି ଋଣ, ଓଟିପି, ଚାକିରି, ପାର୍ଶଲ ଆଦି ମାଧ୍ୟମରେ ଠକେଇ ହେଉଥିବା ନେଇ ସମସ୍ତଙ୍କୁ ଅବଗତ କରାଇବା ସହ ଇଣ୍ଟରନେଟ ବ୍ୟବହାରରେ ସତର୍କତା ଅବଲମ୍ବନ ଦ୍ୱାରା ଏହି ଠକେଇରୁ ବର୍ତ୍ତି ହେବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ଅଧ୍ୟାପିକା ଅଧ୍ୟାପକ, ଶିକ୍ଷକ, ଖବରଦାତା ଏବଂ ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ। ଭଏସ୍ ଅଫ୍ ମିଡିଆ ଜିଲା ସଭାପତି ଧନେଶ୍ୱର ବିଧାର ସଭା କାର୍ଯ୍ୟ ସଞ୍ଚାଳନ କରିଥିଲେ। ଇନ୍‌ସ୍ପେକ୍ଟର ଲିଲି ପାଢ଼ୀ, ଏସ୍‌ଆଇ ହାଡୁବନ୍ଧୁ ଦାସ, ଏଏସ୍‌ଆଇ ଯଶୋଦା ଦେଈ, ଉମାଶଙ୍କର ନାୟକ, ପ୍ରସନ୍ନ କୁମାର ଦଳାଇଙ୍କ ସମେତ ଖୋର୍ଦ୍ଧାରୁ ଆସିଥିବା ଅନେକ ପୋଲିସ କର୍ମଚାରୀ ସହାୟତା କରିଥିଲେ। ସଙ୍ଗୀତଜ୍ଞ ଅବିନାଶ ସୁବୁଦ୍ଧି ଓ ଅନ୍ୟମାନେ ସଚେତନତା ସଙ୍ଗୀତ ଗାନ କରିଥିବା ବେଳେ ଦାସକାଠିଆ ଓ ଚକୁଳିଆ ପଣ୍ଡା ଗୀତ ମାଧ୍ୟମରେ କଳାକାରମାନେ ସଚେତନତା ବାର୍ତ୍ତା ବାଣ୍ଟିଥିଲେ। ଏହି ଅବସରରେ ନୀରିକ୍ଷିକା ଜେନା ପ୍ରଶ୍ନୋତ୍ତର ମାଧ୍ୟମରେ ଠିକ୍ ଉତ୍ତରଦାତା ୧୦ଜଣ ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରିଥିଲେ। ଏହି ଅଭିଯାନର ମାସ୍କଟ ସଚେତନତା ଲିଫ୍ଲେଟ ବଣ୍ଟନ କରିଥିଲା। ଅଧ୍ୟାପିକା ରୂପାଲି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରେ ସମସ୍ତେ ସଚେତନତା ଶୋଭାଯାତ୍ରାରେ ସ୍ଲୋଗାନ ଦେଇ ପ୍ଲାକାର୍ଡ ଧରି ବଜାର ପରିକ୍ରମା କରିଥିଲେ। ଶେଷରେ ବୋଲଗଡ଼ ଥାନା ସମ୍ମୁଖରେ ପଥପ୍ରାନ୍ତ ନାଟକ ପରିବେଷଣ ଦ୍ୱାରା ସଚେତନତା କରାଯାଇଥିଲା।

# ୧୫ରେ ଏକତା ମାର୍ଚ୍ଚ ପଦଯାତ୍ରା, ଜନଜାତୀୟ ଗୌରବ ଦିବସ

**ଖୋର୍ଦ୍ଧା, ୧୩।୧୧ (ପ୍ରଭାତ ପାଣିଗ୍ରାହୀ)**



ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମ ଶତବାର୍ଷିକୀ ପାଳନ ଅବସରରେ ଗତ ଅକ୍ଟୋବର ୩୧ରୁ ଏକ ମାସ ବ୍ୟାପୀ ଏକତା ମାର୍ଚ୍ଚ ପଦଯାତ୍ରା ଭାରତ ସରକାରଙ୍କ ପକ୍ଷରୁ ଆୟୋଜନ କରାଯାଉଛି। ପ୍ରତ୍ୟେକ ସଂସଦୀୟ କ୍ଷେତ୍ରର ୩ଟି ନିର୍ବାଚନମଣ୍ଡଳୀରେ ଏହା ଆୟୋଜନ କରାଯିବ। ଏନେଇ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଖୋର୍ଦ୍ଧା ସହରରେ ଆସନ୍ତା ୧୫ ତାରିଖରେ ଏହି ପଦଯାତ୍ରା ଆୟୋଜନ କରାଯିବା ନେଇ ସ୍ଥିର କରାଯାଇଛି। ଏନେଇ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁଙ୍କ ଅଧ୍ୟକ୍ଷତାରେ ଏକତା ଓ ସଂହତି ରାଲି ଏବଂ ଜନଜାତୀୟ ଗୌରବ ଦିବସ-୨୦୨୫ ପାଳନ ଉପଲକ୍ଷେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଦେଶର ଏକତା, ଅଖଣ୍ଡତା ବଜାୟ ରଖିବା ପାଇଁ ଏକତା ଜରୁରୀ। ଆଧୁନିକ ଭାରତ ନିର୍ମାଣର ନିର୍ମାତା, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କୁ ମନେପକାଇବା ତଥା ବିକଶିତ ଭାରତ ନିର୍ମାଣ ଭିଜନକୁ ସାକାର ରୂପ ଦେବା ନେଇ ଆସନ୍ତା ୧୫ ତାରିଖରେ ବିଶାଳ ପଦଯାତ୍ରା କରାଯିବ। ଏଥିରେ ବିଦ୍ୟାଳୟ, ମହାବିଦ୍ୟାଳୟ, ଜନପ୍ରତିନିଧି, ଯୁବ ସମାଜ ଏବଂ ସମସ୍ତ ବର୍ଗର ଜନସାଧାରଣଙ୍କୁ ସାମିଲ କରାଯିବ। ବିଜେବି ହାଇସ୍କୁଲଠାରୁ ସକାଳ ୮ଟାରେ ଏକ ବିରାଟ ପଦଯାତ୍ରା ବାହାରି ନଗର ପରିକ୍ରମା କରି ସେଠାରେ ସମାପ୍ତ ହେବ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆମ୍ବୁଲାନ୍ସ ଟିମ୍, ପୋଲିସ ପ୍ରଶାସନ ପକ୍ଷରୁ ଆଇନଶୃଙ୍ଖଳା ଓ ଟ୍ରାଫିକ୍ ବ୍ୟବସ୍ଥା ପରିଚାଳନାଜନିତ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ମହାବିଦ୍ୟାଳୟ ଛାତ ଉପରୁ ବିଦ୍ୟୁତ୍ ତାର ହଟାଯାଉ



ମହାବିଦ୍ୟାଳୟ ଛାତ ଉପରେ ଯାଇଥିବା ବିଦ୍ୟୁତ୍ ତାର।

**ବେଗୁନିଆ, ୧୩।୧୧ (ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ଼ ରମାମଣି ମହାବିଦ୍ୟାଳୟ ଶ୍ରେଣୀଗୃହ ଛାତ ଉପର ଦେଇ ୩୩କେଭି ବିଦ୍ୟୁତ୍ ସରବରାହ କେବୁଲ ତାର ଟଣା ହୋଇଛି। ଫଳରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏକପ୍ରକାର ଭୟର ବାତାବରଣ ସୃଷ୍ଟି ହୋଇଛି। ଏହି ବିଦ୍ୟୁତ୍ ତାର ଯୋଗୁ କେତେବେଳେ ଯେ' ଅଘଟଣ ନ ଘଟିବ କହିହେବ ନାହିଁ। ଛାତ୍ରୀଛାତ୍ରଙ୍କ ସୁରକ୍ଷା ଦୃଷ୍ଟିରୁ କେବୁଲ ତାର ସ୍ଥାନାନ୍ତର ପାଇଁ କଲେଜ କର୍ତ୍ତୃପକ୍ଷ ସ୍ଥାନୀୟ ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କୁ ଅବଗତ କରାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଏପରିକି ମହାବିଦ୍ୟାଳୟ ପରିସରରେ ଥିବା ଖେଳପଡ଼ିଆରେ ଥିବା ଦୁଇଟି ଖୁଣ୍ଟ ବାଧକ ସାଜୁଥିବାରୁ ଛାତ୍ରୀଛାତ୍ରମାନେ ବିଭିନ୍ନ ଖେଳରୁ ବଞ୍ଚିତ ହେଉଛନ୍ତି। ତୁରନ୍ତ ବିଦ୍ୟୁତ୍ ବିଭାଗ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବା ସହ କଲେଜ ପରିସରରୁ କେବୁଲ ତାର ଓ ଖୁଣ୍ଟ ହଟାଇବାକୁ ଛାତ୍ରୀଛାତ୍ରମାନେ ଦାବି କରିଛନ୍ତି।

# ସେମିରେ ଗେହ୍ଲା କ୍ଲବ୍ ବୌଦ୍ଧ

**ଯାଁଳା, ୧୩।୧୧ (ବୁଲା ବାରିକ)**

### ରାଜ୍ୟସ୍ତରୀୟ ଶବର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ

ଖୋର୍ଦ୍ଧା ଜିଲା ଶବର କ୍ରୀଡ଼ା ସଂଘ ଆନୁକୂଲ୍ୟରେ ରାଧାଚରଣପୁର ଖେଳପଡ଼ିଆରେ ଚାଲିଥିବା ୨୭ତମ ରାଜ୍ୟସ୍ତରୀୟ ଶବର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଗୁରୁବାର ଫ୍ରେଣ୍ଡ୍‌ସ ପାରାଡାଇଜ ଜଟଣୀ ଏବଂ ଗେହ୍ଲା କ୍ଲବ୍ ବୌଦ୍ଧ ମଧ୍ୟରେ ମ୍ୟାଚ୍ ହୋଇଥିଲା। ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ ପ୍ରଥମାର୍ଦ୍ଧରେ ଉଭୟ ଦଳ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଦ୍ୱିତୀୟାର୍ଦ୍ଧରେ ଉଭୟ ଦଳ ପରସ୍ପରକୁ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ତେବେ ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଦଳ କେହି କାହାରିକୁ ଆଉ ଗୋଲ ଦେଇପାରି ନ ଥିଲେ। ଫଳରେ ଟାଇବ୍ରେକରରେ ଫ୍ରେଣ୍ଡ୍‌ସ ପାରାଡାଇଜକୁ ୪-୧ ଗୋଲରେ ହରାଇ ଗେହ୍ଲା କ୍ଲବ୍ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ସାଇରାମ କିସକୁ, ବିଦେଶୀ ନାଏକ, ଶେଖାବତ୍ ଖାଁ ଏବଂ ବଟକୃଷ୍ଣ ନାୟକ ମ୍ୟାଚ୍ ପରିଚାଳନା କରିଥିଲେ। ଶୁକ୍ରବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ପପୁଲାର କ୍ଲବ ଢେଙ୍କାନାଳ ଏବଂ ଗେହ୍ଲା କ୍ଲବ୍ ବୌଦ୍ଧ ମଧ୍ୟରେ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

# ମତ୍ସ୍ୟ, ପ୍ରାଣିସମ୍ପଦ ଓ କୃଷି ବିକାଶରେ ରାଷ୍ଟ୍ରର ବିକାଶ ହୁଏ

### ଟାଙ୍ଗୀ ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା

**ଟାଙ୍ଗୀ, ୧୩।୧୧ (ରଘୁନାଥ ସାହୁ)**



ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳାରେ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଏବଂ ଅନ୍ୟ ଅତିଥିମାନେ।

ଟାଙ୍ଗୀ ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା ଟାଙ୍ଗୀ ପ୍ରାଣୀ ଚିକିତ୍ସାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଯୋଗଦେଇ ଗୋପୂଜନ ପୂର୍ବକ ମେଳାକୁ ଉଦ୍‌ଘାଟନ କରିଥିଲେ। ବ୍ଲକ୍ ପ୍ରାଣୀ ଚିକିତ୍ସକ ଡା. ଚନ୍ଦ୍ରମଣି ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ମାନିତ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷା ରିସ୍ମା ମାନ୍ଧାତା, ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସଦାଶିବ ମହାପାତ୍ର, ବିଡିଓ ରୁମାନା ଜାଫ୍ରି, ବ୍ଲକ ଉପାଧ୍ୟକ୍ଷ ଦୁର୍ଗା ପ୍ରସାଦ ନାଥଶର୍ମା, ଟାଙ୍ଗୀ ସରପଞ୍ଚ କିଶୋର କୁମାର ବେହେରା, ସହକାରୀ ଜିଲା ମତ୍ସ୍ୟ ଅଧିକାରୀ ଲିପ୍ସା ନାୟକ ପ୍ରମୁଖ ଯୋଗଦେଇ ମତ୍ସ୍ୟ, ପ୍ରାଣିସମ୍ପଦ ଓ କୃଷିର ବିକାଶରେ ରାଷ୍ଟ୍ରର ବିକାଶ ହୋଇଥାଏ ବୋଲି ମନ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଟାଙ୍ଗୀ ବ୍ଲକ୍ ଅନ୍ତର୍ଗତ ୨୬ ପଞ୍ଚାୟତର ୫୨୦ଜଣ ଚାଷୀ ଉପସ୍ଥିତ ଥିଲେ। କମାଗୁରୁ ପଞ୍ଚାୟତ ଦୁଧିଆଝରର ଉଷାରାଣୀ ଜେନାଙ୍କୁ କାମଧେନୁ ଯୋଜନାରେ, କୁହୁଡ଼ି ଗୋପାଳ ପ୍ରସାଦର ରିନା ସିଂଙ୍କୁ ଘୁଷୁରି ଚାଷ, ବୁଲୁ ପ୍ରଧାନଙ୍କୁ ଛେଳିଚାଷ, ରାଧାମାଧବ ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ପଞ୍ଚାୟତ ପୋଖରୀ, ଓଳସିଂର ସସ୍ମିତା ପାଇକରାୟଙ୍କୁ ବ୍ରୟଲର କୁକୁଡ଼ା ଚାଷ, ରତନପୁରର ମୃତ୍ୟୁଞ୍ଜୟ ପ୍ରଧାନଙ୍କୁ ମାଛ ଯାଆଁଳ ଚାଷ, କୁଞ୍ଜୁରୀର ବିଭୂତି ଭୂଷଣ ପ୍ରଧାନଙ୍କୁ ମତ୍ସ୍ୟ ପୋଖରୀ ଯୋଜନା, ନିରାକାରପୁରର ପ୍ରତିମା ବିବିଙ୍କୁ କୁଣ୍ଡରେ ମାଛ ଚାଷ ଯୋଜନାରେ ୧ ହଜାର ଟଙ୍କା ଲେଖାଏ ସହିତ ମାନପତ୍ର, ଉତ୍ତରୀୟ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ସେହିପରି ୨୦ଜଣ ମତ୍ସ୍ୟ ଓ ପ୍ରାଣିସମ୍ପଦ ଚାଷୀଙ୍କୁ ଯୋଜନାର କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ଦ୍ୱିତୀୟ ଅଧିବେଶନରେ କୃଷି ବିଜ୍ଞାନ କେନ୍ଦ୍ର ବିଶେଷଜ୍ଞ ଡା. ତପନ ପଲାଇ ଏବଂ ଓୟୁଏଟି ଆସିଷ୍ଟାଣ୍ଟ ପ୍ରଫେସର ଡା. ଶୁଭାଶିଷ ସାହୁ ଯୋଗଦେଇ ଚାଷୀଙ୍କୁ ଉନ୍ନତ ଜ୍ଞାନକୌଶଳ ପ୍ରଦାନ କରିବା ସହ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ। କାର୍ଯ୍ୟକ୍ରମକୁ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସକ ଡା. ଅର୍ଚ୍ଚନା ଷଡ଼ଙ୍ଗୀ ସଂଯୋଜନା କରିଥିଲେ। ସହକାରୀ ମତ୍ସ୍ୟ ଅଧିକାରୀ ସୁରେଶ ଚନ୍ଦ୍ର କାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାଣୀ ଚିକିତ୍ସକ ଡା. ଅଳକା ବଳିୟାରସିଂହ, ଡା. ଚିନ୍ମୟୀ ମିଶ୍ର, ଡା. ପ୍ରିୟଙ୍କା ପ୍ରିୟମ୍ବଦା ପ୍ରିୟଦର୍ଶିନୀଙ୍କ ସମେତ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ମିଲେଟ ମିଶନ, ଓର୍ମାସ, ମହିଳା ସ୍ୱୟଂସହାୟକ ଗୋଷ୍ଠୀ, କୃଷିବିଭାଗ, ଉଦ୍ୟାନ ବିଭାଗ, ମତ୍ସ୍ୟ ବିଭାଗ, ପ୍ରାଣିସମ୍ପଦ ବିଭାଗର ଷ୍ଟଲ୍ ଖୋଲାଯାଇଥିଲା। ଚାଷୀମାନେ ଏହି ଷ୍ଟଲ୍ ବୁଲି ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ବୁଝିଥିଲେ।

**୧୫ରୁ ପୁରୀରେ ଭାରତୀୟ ସାହିତ୍ୟ ଉତ୍ସବ**

ପୁରୀ,(ଅଜିତ୍ କୁମାର ମହାନ୍ତି)-ଭାରତୀୟ ସାହିତ୍ୟ ଉତ୍ସବ ୧୫ ଓ ୧୬ ନଭେମ୍ବର ଦୁଇ ଦିନ ଧରି ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମରେ ଦେଶର ୨୬ଟି ଭାଷାରୁ ଶତାଧିକ ଲେଖକ, ସମ୍ପାଦକ, ଅନୁବାଦକ, ଗବେଷକ, ସାହିତ୍ୟ କର୍ମୀ ଓ ସଂଗଠକ ଯୋଗଦେବେ। ଅର୍ଥର୍ସ ଗିଲ୍ଡ ଅଫ ଇଣ୍ଡିଆର ମହାସଚିବ ପ୍ରଫେସର ଶିବଶଙ୍କର ଅବସ୍ଥି, ଉତ୍ତର ପୂର୍ବାଞ୍ଚଳ ପରିଷଦର ନିର୍ଦ୍ଦେଶକ ମାନସ ରଂଜନ ମହାପାତ୍ର ତଥା ଦୂର ଦର୍ଶନର ପୂର୍ବତନ ଉପ ମହାନିର୍ଦ୍ଦେଶକ ଉଦୟନାଥ ନାୟକଙ୍କ ପରିଚାଳନାରେ ଏହି ଉତ୍ସବ ଅନୁଷ୍ଠିତ ହେଉଛି। ଅର୍ଥର୍ସ ଗିଲ୍ଡ ଅଫ ଇଣ୍ଡିଆର ଉପାଧ୍ୟକ୍ଷ ଡକ୍ଟର ମୁକେଶ କୁମାର ଅଗ୍ରୱାଲ, ଓଡ଼ିଆ ଭାଷା ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ କୈଳାସ ଚନ୍ଦ୍ର ଟିକାୟତରାୟ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୩।୧୧।୨୦୨୫

| | |
|---|---|
| ୮,୩୧,୬୮୯ ଟଙ୍କା | |
| ସୁନା | ୩.୬୫୦ ଗ୍ରାମ୍ |
| ରୁପା | ୩୯ ଗ୍ରାମ୍ |

## ସଂକ୍ଷେପରେ

### ଖରାଟିଆ ଧାନ ଫସଲ ପାଇଁ ଚାଷୀ ତତ୍ପର

କଣାସ,୧୩।୧୧(ବିଭୂତି ଭୂଷଣ ତ୍ରିପାଠୀ)
କଣାସ ବ୍ଲକ ଏକ ଖାଲୁଆ ଅଞ୍ଚଳଭାବେ ପରିଚିତ।ପ୍ରତ୍ୟେକବର୍ଷବନ୍ୟା ଓବର୍ଷା ଜଳରେ ବ୍ୟାହତ ହୋଇ ଗୋପୀନାଥପୁର, କାଦୁଆ, ବଡାଲ, ଦୋଛିଆଁ, ଗଡଖାରଦ, ଦେଇପୁର, ଗଡିଶାଗୋଦା, ଯାମଳଗୋଦା, ଆଳିବାଡ, ପଞ୍ଚାୟତର ଚାଷୀମାନେ ଶାରଦ ଧାନ ଫସଲ ହରାଇ ରବି ଋତୁରେ ଖରାଟିଆ ଧାନ ଫସଲ କରି ପରିବାର ପ୍ରତିପୋଷଣ କରନ୍ତି। ଚଳିତ ବର୍ଷ ଚାଷୀମାନେ ଶାରଦ ଧାନ ଫସଲ ହରାଇବା ପରେ ଖରାଟିଆ ଧାନ ଫସଲ କରାଇବା ପାଇଁ ତତ୍ପର ହୋଇଉଠିଛନ୍ତି। ଚାଷୀମାନେ ବର୍ତ୍ତମାନ ଜମିରେ ଜୋର୍‌ଦାର ଚାଷକାର୍ଯ୍ୟ ଆରମ୍ଭ କରିଛନ୍ତି। ଚାଷୀଙ୍କ ଆବଶ୍ୟକତା ଅନୁଯାୟୀ ବିହନ ମିଳୁ ନ ଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଚାଷୀଙ୍କ ଆବଶ୍ୟକତା ଅନୁଯାୟୀ ବିହନ ଯୋଗାଇଦେବା ପାଇଁ ଚାଷୀମାନଙ୍କ ପକ୍ଷରୁ ଦାବି ହେଉଛି।

### ଭାର୍ଗବୀ ନଦୀବନ୍ଧର ଉନ୍ନତୀକରଣ କରାଯିବ

ବଳଙ୍ଗା,୧୩।୧୧(କେଦାରେଶ୍ୱର ନନ୍ଦ)
ନିମାପଡ଼ା ଭାର୍ଗବୀ ନଦୀବନ୍ଧ ଉନ୍ନତୀକରଣ ପାଇଁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଗୁରୁବାର ବାମପାର୍ଶ୍ୱରେ ଶିଳାନ୍ୟାସ କରିଛନ୍ତି। ଓଡ଼ିଶା ସରକାରଙ୍କ ଜଳସମ୍ପଦ ବିଭାଗ ପକ୍ଷରୁ ଭାର୍ଗବୀ ନଦୀ ବନ୍ଧ ଉନ୍ନତୀକରଣ, ନଦୀ ବନ୍ଧର ପଥର ପ୍ୟାକିଙ୍ଗ ୩୮ କିଲୋମିଟରଠାରୁ ୩୫ କି.ମି. ପର୍ଯ୍ୟନ୍ତ କାର୍ଯ୍ୟ କରାଯିବ। ନଦୀବନ୍ଧର ସୁଦୃଢ଼ୀକରଣ ଫଳରେ କେନାଲ ବନ୍ଧ ରାସ୍ତାରେ ଗମନାଗମନ ସୁଗମ ହୋଇପାରିବ। ଏହି କାର୍ଯ୍ୟ ପାଇଁ ୬କୋଟି ୪ଲକ୍ଷ ଟଙ୍କା ଖର୍ଚ୍ଚ ଅଟକଳ କରାଯାଇଥିବା ବିଭାଗୀୟ ଅଧିକାରୀ ପ୍ରକାଶ କରିଛନ୍ତି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ନିମାପଡ଼ା ଜଳସମ୍ପଦ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ପ୍ରୀତମ ଚେତନ ପୋଥାଲ, ବଳଙ୍ଗା ଜଳସମ୍ପଦ ଉପଖଣ୍ଡ ଭାରପ୍ରାପ୍ତ ଅଧିକାରୀ ଅଜୟ କୁମାର ପ୍ରଧାନ, ସାମାଜିକ କର୍ମୀ ଶ୍ୟାମସୁନ୍ଦର ନାୟକ, ଏମ୍‌ପିଙ୍କ ପ୍ରତିନିଧି ମୀନଲତା ମହାନ୍ତି, ପୁରୀ ଜିଲା କୃଷକ ମୋର୍ଚ୍ଚା ଉପସଭାପତି ଅର୍ଜୁନ ବରାଳ, ସରୋଜ କୁମାର ସାହୁ, ରତ୍ନାକର ମିଶ୍ର, ପ୍ରଭାକର ନାୟକଙ୍କ ସମେତ ବଳଙ୍ଗା ଅଞ୍ଚଳର ସମସ୍ତ ଜନସାଧାରଣ ଉପସ୍ଥିତ ଥିଲେ।

### ଟାଇଲ୍ ମିସ୍ତ୍ରୀଙ୍କୁ ହତ୍ୟା ଘଟଣା: ପଶ୍ଚିମବଙ୍ଗରୁ ଅଭିଯୁକ୍ତ ଗିରଫ

ପୁରୀ,୧୩।୧୧(ଅଜିତ୍ କୁମାର ମହାନ୍ତି)
ପେଣ୍ଠକଟା ମେରାଇନ ଥାନା ଅନ୍ତର୍ଗତ ସନାତନ ବିହାର ଫେଜ-୨ ଅଞ୍ଚଳରେ ଜଣେ ଟାଇଲ୍ ମିସ୍ତ୍ରୀଙ୍କୁ ହତ୍ୟା ଏବଂ ଅନ୍ୟ ଜଣଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ଗୁରୁବାର ପୋଲିସ ଅଭିଯୁକ୍ତ ମୁସାରଫଙ୍କୁ ଗିରଫ କରିଛି।ଏସପି ପ୍ରତୀକ ସିଂଙ୍କ ସୂଚନା ମୁତାବକ, ପଶ୍ଚିମବଙ୍ଗ ମେଦିନୀପୁରର ଶେଖ୍ ନୋରା ଆଲମ୍(୩୫) ଏବଂ ତାଙ୍କର ସାଥୀମାନେ ଉପରୋକ୍ତ ଅଞ୍ଚଳରେ କିଛି ମାସ ହେବ ରହି କାମ କରି ଆସୁଥିଲେ। ତେବେ ଆଲାମଙ୍କ ସହିତ ଲେବର ମୁସାରଫଙ୍କ କୌଣସି କାରଣକୁ ନେଇ ପାଟିତୁଣ୍ଡ ହୋଇଥିଲା। ମୁଶାରଫ ଏନେଇ ଆଲାମଙ୍କୁ ହତ୍ୟା କରିବା ସହ ନିକଟରେ ଶୋଇଥିବା ଶେଖ୍ ଫିର୍ଦୋଷଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏନେଇ ଥାନରେ ଏକ ମାମଲା (ନଂ.୧୦୫/୨୫)ରୁଜୁ ହୋଇଛି। ପୁରୀର ଏକ ପୋଲିସ ଟମ୍ ପଶ୍ଚିମବଙ୍ଗ ଯାଇ ସେଠାରୁ ଅଭିଯୁକ୍ତ ମୁସାରଫଙ୍କୁ ଗିରଫ କରିଥିଲା। ତେବେ ଏହି ଘଟଣାର ଅଧିକ ତଦନ୍ତ ଜାରି ରହିଛି ବୋଲି ଏସ୍‌ପି ସିଂ କହିଛନ୍ତି।

# ରାଜସ୍ୱ ବିଭାଗର ଯୋଜନା ଉପରେ ସମୀକ୍ଷା କଲେ ମନ୍ତ୍ରୀ

ପୁରୀ,୧୩।୧୧(ଅଜିତ୍ କୁମାର ମହାନ୍ତି)



ବୈଠକରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସମେତ ଅନ୍ୟ ଅଧିକାରୀମାନେ ।

ସର୍କିଟ ହାଉସ୍ ଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ରାଜସ୍ୱ ବିଭାଗର ସମସ୍ତ ସରକାରୀ ଯୋଜନା ଉପରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାର ମୋଟ ୧୧ଟି ତହସିଲ୍ ଏବଂ ୧୨୨ଟି ଆର୍‌ଆଇ ଅଫିସ୍‌ର ରାଜସ୍ୱ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରି ସମସ୍ତ ତହସିଲ ଓ ଆର ଆଇ ଅଫିସ୍ 'ବାୟୋମେଟ୍ରିକ୍ ଉପସ୍ଥାନ' ଓ ଓସାସ୍ ଫାଇଲ୍ ଉପରେ ସମୀକ୍ଷା କରିଥିଲେ। ବିଭିନ୍ନ ସରକାରୀ ଯୋଜନାରେ ବସୁନ୍ଧରା ଯୋଜନା' ଅନ୍ତ୍ୟୋଦୟ ଯୋଜନା ଉପରେ ତର୍ଜମା କରିବା ସହିତ ଜମିଜମା ରେକର୍ଡ ଉପରେ କେଉଁ ବ୍ୟକ୍ତି ଲିଜ୍ ନେଇଛନ୍ତି ବା କେତେ ଜବରଦଖଲ କେଶ୍ ପଡ଼ିରହିଛି ତାହା ତର୍ଜମା କରିଥିଲେ। ସମସ୍ତ ସରକାରୀ ଜମି ଯେପରି ଜବରଦଖଲମୁକ୍ତ କରାଯିବ, ତାହା ଉପରେ କଡ଼ା ପଦକ୍ଷେପ ନେବାକୁ ସମସ୍ତ ତହସିଲ୍‌ଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ବୈଠକରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଉପସ୍ଥିତିରେ ଜିଲାର ବିଭିନ୍ନ ପ୍ରକାର ଜମିଜମା ଉପରେ ଗୁରୁତ୍ୱ ଦେଇଥିଲେ। ମନ୍ତ୍ରୀ ପୁନର୍ବାର ୩ ମାସ ପରେ ଆଉଥରେ ରିଭ୍ୟୁ କରିବେ ବୋଲି କହିଛନ୍ତି। ଯେଉଁ ତହସିଲ୍‌ର ଲ୍ୟାଣ୍ଡ ରେକର୍ଡ, ଜାତି ପ୍ରମାଣପତ୍ର, ଜବରଦଖଲ ମୋକଦ୍ଦମା ଫଇସଲା କରିବା ସହିତ ଆଗାମୀ ୩ ମାସ ଭିତରେ ସମସ୍ତ ସରକାରୀ ଯୋଜନାଗୁଡ଼ିକୁ ସଫଳ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜମିପଟ୍ଟା ସଂଶୋଧନ ପାଇଁ ଆସୁଥିବା ବ୍ୟକ୍ତିମାନେ କିଭଳି ଏକ ନିର୍ଦ୍ଦିଷ୍ଟ ସମୟ ଅବଧି ମଧ୍ୟରେ ନିଜ ଜମିଜମା ସମସ୍ୟାର ସମାଧାନ ସହିତ ପଟ୍ଟା ସଂଶୋଧନ କରାଇପାରିବେ ସେନେଇ ଲୋକଙ୍କୁ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ ଯୋଗାଇ ଦେବାକୁ ରାଜସ୍ୱ ମନ୍ତ୍ରୀ ଜିଲାପାଳ ଏବଂ ସମସ୍ତ ରାଜସ୍ୱ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ଜମିଜମା ବନ୍ଦୋବସ୍ତ ଆଇନରେ ବ୍ୟାପକ ତ୍ରୁଟିଥିବାରୁ ଦୀର୍ଘ ବର୍ଷ ହେବ ଲୋକମାନେ ଜମିପଟ୍ଟା ସଂଶୋଧନ କରି ନ ପାରି ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ତେଣୁ ଏହାର ସରଳୀକରଣ ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଖୁବ୍‌ଶୀଘ୍ର ଓଡ଼ିଶା ରାଜସ୍ୱ ଆଇନରେ ସଂଶୋଧନ କରାଯାଇ ଗୋଟିଏ ରାଜସ୍ୱ ଆଇନ ଓଡ଼ିଶାରେ ଲାଗୁ କରାଯିବ। ଓଡ଼ିଶା ଗଭର୍ମେଣ୍ଟ ଲ୍ୟାଣ୍ଡ ମ୍ୟାନେଜମେଣ୍ଟ ଆକ୍ଟ ଖୁବଶୀଘ୍ର ଆସିବ। ସେହିପରି ଓଡ଼ିଶା ସର୍ଭେ ସେଟେଲମେଣ୍ଟ ଆକ୍ଟରେ ମଧ୍ୟ ଖୁବ୍‌ଶୀଘ୍ର ସଂଶୋଧନ ଅଣାଯିବ। ଏହି ଆଇନ ସଂଶୋଧନ ପରେ ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ଜନଜାତି ବର୍ଗର ଲୋକମାନେ ମଧ୍ୟ ଜମିଜମା ସମସ୍ୟାକୁ ନେଇ ହେଉଥିବା ଅସୁବିଧା ଦୂର ହେବ। ଏନେଇ ତହସିଲଦାରଙ୍କୁ ସ୍ୱତନ୍ତ୍ର କ୍ଷମତା ପ୍ରଦାନ କରାଯାଇଛି। ସେହିପରି ପୁରୀ ସହରରେ ଦୀର୍ଘ ଦିନ ଧରି ଲାଗି ରହିଥିବା ଜମିଜମା ସମସ୍ୟାର ସମାଧାନ ପାଇଁ ମଧ୍ୟ ରାଜ୍ୟ ସରକାର ଉଦ୍ୟମ କରୁଛନ୍ତି। ପୁରୀ ସହରରେ ଥିବା ଜମିଜମା ସମସ୍ୟାର ସମାଧାନ ପାଇଁ ସମସ୍ତ ବିଭାଗ ସହିତ ଆଲୋଚନା ଜାରି ରହିଛି। ସହରର ଜମିଜମା ସମ୍ପର୍କିତ ଏକ ସବିଶେଷ ରିପୋର୍ଟ ଡିସେମ୍ବର ଶେଷ ସୁଦ୍ଧା ଜିଲାପାଳ ପ୍ରଦାନ କରିବାକୁ କୁହାଯାଇଛି। ରାଜସ୍ୱ ବିଭାଗର କାର୍ଯ୍ୟକୁ ଅଧିକ ସରଳୀକରଣ କରିବା ପାଇଁ ଟେକ୍ନୋଲୋଜିର ସାହାର୍ଯ୍ୟ ନିଆଯାଇ ମୋବାଇଲ୍ ଆପ ମାଧ୍ୟମରେ ସମସ୍ତ କାର୍ଯ୍ୟ ଏବେ କରାଯାଉଛି ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ବୈଠକରେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଶରତଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତଚନ୍ଦ୍ର ବେହେରା, ଅତିରିକ୍ତ ଜିଲାପାଳ (ପ୍ରୋଟକଲ) ନୀଳମାଧବ ଭୋଇ, ଉପଜିଲାପାଳ ରାଜକିଶୋର ଜେନା, ଡେପୁଟି କଲେକ୍ଟର ସହଦେବ ସାହୁ, ସମସ୍ତ ତହସିଲଦାର୍ ଓ ଜିଲାସ୍ତରୀୟ ଅଧିକାରୀଙ୍କ ସମେତ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରଦୀପ୍ତ କୁମାର ସେନାପତି ଉପସ୍ଥିତ ଥିଲେ।

# ୧୦ ବର୍ଷରେ ପ୍ରିୟବ୍ରତ ଧରିଛନ୍ତି ୮ ହଜାର ସାପ

ଗୋପ,୧୩।୧୧(ଭାରତୀ ଭୂଷଣ ଉପାଧ୍ୟାୟ)



ପ୍ରିୟବ୍ରତ ସ୍ୱାଇଁ

ରାତି ହେଉ ବା ଦିନ ଯିଏ ଯେଉଁ ସମୟରେ ଡାକିଲା ଆମ ଘରେ ସାପ ପଶିଛି ସଙ୍ଗେ ସଙ୍ଗେ ପହଞ୍ଚି ଯାଆନ୍ତି ଗୋପ ବ୍ଲକ ଅନ୍ତର୍ଗତ ଡଭାର ଗ୍ରାମର ପ୍ରିୟବ୍ରତ ସ୍ୱାଇଁ (୩୧)। ଯେଉଁ ଜାତି ପ୍ରଜାତିର ସାପ ହେଇଥିଲେ ମଧ୍ୟ ପ୍ରିୟବ୍ରତ ତାଙ୍କ ଧରିବା ଢଙ୍ଗରେ କାବୁ କରିନିଅନ୍ତି ସାପକୁ। ୧୫ ବୟସରୁ ସେ ସାପ ଧରୁଥିବା ବେଳେ ଦୀର୍ଘ ୧୦ ବର୍ଷ ମଧ୍ୟରେ ପ୍ରାୟ ୮ହଜାର ସାପ ଧରିଥିବା କହିଛନ୍ତି ପ୍ରିୟବ୍ରତ। କାହିଁକି ଓ କେମିତି ସାପ ଧରିବା କଥା ପଚାରିବାରେ ପ୍ରିୟବ୍ରତ କୁହନ୍ତି ସେମିତି କିଛି ନାହିଁ। ଗାଁ ନିକଟରେ ଧନୁଆ ନଦୀ ଯାଇଥିବା ବେଳେ ଅଧିକ ମାତ୍ରାରେ ବେଣା ଜଙ୍ଗଲ ରହିଥିଲା। ଏପରିକି ଧନୁଆ ନଦୀରେ ବନ୍ୟାଜଳ ଆସିଲେ ବିଷାକ୍ତ ତମ୍ପ ସାପ ବୁଲିଥାନ୍ତି। ଆଉ ମଧ୍ୟ ଏହି ବିଷାକ୍ତ ସାପ କାମୁଡ଼ାରେ ଆମ ଅଞ୍ଚଳ ସହିତ ଅନ୍ୟ ଅଞ୍ଚଳର ଲୋକଙ୍କର ମୃତ୍ୟୁ ଘଟିଥାଏ। ଏହି କଥା ଶୁଣିବା ପରେ ମୋ ମନରେ ସାପ ଧରିବା ସହିତ ଲୋକଙ୍କର ଜୀବନ ବଞ୍ଚାଇବା ଲାଗି ୨୦୧୪ ମସିହାରୁ ସାପ ଧରିଥିଲି। ନୂଆ ନୂଆ ସାପ ଧରିବା ବେଳେ ଡର ଲାଗୁଥିଲା। ଏବେ କିନ୍ତୁ ଆଉ ଡର ଭୟ ନାହିଁ ବୋଲି କହିଛନ୍ତି ଯୁବ ସାପ ଧରାଳି ପ୍ରିୟବ୍ରତ। ୧୧ ବର୍ଷ ଭିତରେ ଗୋପ ବ୍ଲକ ସହିତ ଜିଲାର ଯେ କୌଣସି ସ୍ଥାନରୁ ମୋ ନିକଟକୁ ଘରେ ସାପ ପଶିଛି ବୋଲି ଫୋନ ଆସିଥାଏ, ମୁଁ ସେଠାରେ ପହଞ୍ଚି ସାପକୁ ଧରିଥାଏ। ପ୍ରତ୍ୟେକ ଦିନ ୩/୪ ଗୋଟି ନାଗ, ତମ୍ପ, ଅନ୍ୟାନ୍ୟ ବିଷାକ୍ତ ସାପ ଧରିବା ସହ କୋଣାର୍କ ନିକଟସ୍ଥ ବାଲୁଖଣ୍ଡ ଅଭୟାରଣ୍ୟରେ ଛାଡ଼ିଥାଏ। ଟଙ୍କା ଲାଗି ଜୀବନକୁ ବାଜି ଲଗାଉଥିବା ପଚାରିଲେ ପ୍ରିୟବ୍ରତ କୁହନ୍ତି, ପେଟ ପାଟଣା ସମସ୍ତଙ୍କର ଅଛି। ସେଥିପାଇଁ ମୁଁ ସାପ ଧରୁନାହିଁ ବୋଲି କହିଥିବା ବେଳେ ଅନେକ ଲୋକଙ୍କର ସର୍ପ ଦଂଶନରୁ ଜୀବନ ବଞ୍ଚେଇପାରୁଛି ବୋଲି ସେ କହିଛନ୍ତି।

## ଶିକ୍ଷା କ୍ଷେତ୍ରରେ ସ୍ୱର୍ଣ୍ଣ ପଦକ ହାସଲ କରି ଗୌରବ ଆଣିଲେ ଦୀପଶିଖା

ପିପିଲି,୧୩।୧୧ (ଦୁର୍ଗା ମାଧବ ମିଶ୍ର)





ବିଭିନ୍ନ ସମୟରେ ଅନେକ ପ୍ରତିଭାଧାରୀ ପିପିଲି ପାଇଁ ଗୌରବ ଆଣି ଦେଇଥିବା ବେଳେ ବୁଧବାର ଦୀପଶିଖା ଦାସ ଶିକ୍ଷାକ୍ଷେତ୍ରରେ ସ୍ୱର୍ଣ୍ଣ ପଦକ ହାସଲ କରି ଚାନ୍ଦୁଆନଗରୀ ପିପିଲି ପାଇଁ ଗୌରବ ଆଣିଦେଇଛନ୍ତି। ପ୍ରକାଶଥାଉ କି, ଗୁରୁବାର ରାଉରକେଲାସ୍ଥିତ ନେତାଜୀ ସୁଭାଷ ପ୍ରେକ୍ଷାଳୟରେ ଆୟୋଜିତ ରାଜ୍ୟସ୍ତରୀୟ ବିଜୁ ପଟ୍ଟନାୟକ ବୈଷୟିକ ବିଦ୍ୟାଳୟ ୧୨ତମ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଭୁବନେଶ୍ୱରସ୍ଥିତ ଟ୍ରାଇଡେଣ୍ଟ ଏକାଡେମୀର ଛାତ୍ରୀ ଦୀପଶିଖା ଦାସ ଏମ୍‌ସିଏରେ ସର୍ବୋଚ୍ଚ ନମ୍ବର ରଖି ଓଡ଼ିଶା ଟପ୍ପର ଏମ୍‌ସିଏ ଛାତ୍ରୀ ଭାବେ ରାଜ୍ୟପାଳଙ୍କ ହାତରୁ ମାନପତ୍ର ସହ ସ୍ୱର୍ଣ୍ଣ ପଦକ ଗ୍ରହଣ କରିଛନ୍ତି। ଏହାକୁ ନେଇ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଏବଂ ସଂଗଠନର କର୍ମକର୍ତ୍ତାମାନେ ତାଙ୍କ ବାସଭବନରେ ଶୁଭେଚ୍ଛା ଜଣାଇଛନ୍ତି। ଦୀପଶିଖା ପିପିଲି ହାଟଛକସ୍ଥିତ ସୁଧୀର ଚନ୍ଦ୍ର ଦାସ ଏବଂ ଶିକ୍ଷୟିତ୍ରୀ ସୁନିତା ଦାସଙ୍କ କନିଷ୍ଠା କନ୍ୟା ଅଟନ୍ତି।





ପୁରୀ ମୁକ୍ତାକାଶ ରଙ୍ଗମଞ୍ଚରେ ଅନୁଷ୍ଠିତ 'ହୃଦୟରେ କଳାକାର' କାର୍ଯ୍ୟକ୍ରମରେ ଅତିଥିମାନେ ଅନୁଷ୍ଠାନର ମୁଖପତ୍ରକୁ ଉନ୍ମୋଚନ କରୁଛନ୍ତି ।

## ପିପିଲିରେ ଧାନମଣ୍ଡିର ଭିତ୍ତିପ୍ରସ୍ତର ସ୍ଥାପନ

ପିପିଲି,୧୩।୧୧(ଦୁର୍ଗା ମାଧବ ମିଶ୍ର)
ପିପିଲି ବ୍ଲକରେ ଥିବା ସେବା ସମବାୟ ସମିତିଗୁଡ଼ିକରେ ଚାଷୀଙ୍କ ଧାନକୁ ମଣ୍ଡିରେ ସୁରକ୍ଷିତ ରଖିବା ଏବଂ ସେମାନଙ୍କୁ ମୌଳିକ ସୁବିଧା ସୁଯୋଗ ଯୋଗାଇଦେବା ଉଦ୍ଦେଶ୍ୟରେ ଗୁରୁବାର ପିପିଲି ବ୍ଲକରେ ପ୍ରଥମ ପର୍ଯ୍ୟାୟରେ ୬ଟି ସେବା ସମବାୟ ସମିତିରେ ଡେଲାଙ୍ଗ-ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଖଳାଗୁଡ଼ିକ ନିର୍ମାଣ ଟେଣ୍ଡର୍ ପ୍ରକ୍ରିୟାରେ କରାଯିବ। ଭିତ୍ତିପ୍ରସ୍ତର ଫଳକରେ ପ୍ରତ୍ୟେକ ଖଳା ପାଇଁ ଆସିଥିବା ଅନୁଦାନ ରାଶିର ସୂଚନା ନାହିଁ। ସୂଚନାଯୋଗ୍ୟ, ପ୍ରତ୍ୟେକ ଖଳା ୭୫ ଫୁଟ୍‌ରେ ୭୫ ଫୁଟ୍ ସୀମା ମଧ୍ୟରେ ନିର୍ମାଣ କରାଯିବ। ପ୍ରତି ଖଳାରେ ଚାଷୀ ଧାନ ଶୁଖାଇବା, ଧାନ ସୁରକ୍ଷିତ ରଖିବା ପାଇଁ ଛାତ ଖଳା ନିର୍ମାଣ କରାଯିବା ସହ ୨ଟି ଶୌଚାଳୟ ଏବଂ ବିଶ୍ରାମ ପାଇଁ ରେଷ୍ଟଶେଡ ନିର୍ମାଣ, ଖଳାର ଚାରିପୋଖ ପାଚେରି ନିର୍ମାଣ କରାଯିବ। ଏଥିନିମନ୍ତେ ପ୍ରତି ଖଳାକୁ ୬୫ ଲକ୍ଷ ଟଙ୍କା ଅନୁଦାନର ଟେଣ୍ଡର କରାଯାଇଛି। ପିପିଲି ବ୍ଲକର ରୂପଦେଇପୁର, ଟେଇଶିପୁର, ମଙ୍ଗଳପୁର, ପୂବାଶାସନ, ପାଣିଦୋଳ ଏବଂ ପିପିଲି ପୌରାଞ୍ଚଳ ଏହି ୬ଟି ସେବା ସମବାୟ ସମିତିର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥଲା।

## ଓଡ଼ିଶା ଗସ୍ତରେ ଆସିଥିଲେ ଜାପାନ ସରକାରଙ୍କ ବିଧାୟକ ପ୍ରତିନିଧିମଣ୍ଡଳୀ

ପୁରୀ,୧୩।୧୧(ଅଜିତ୍ କୁମାର ମହାନ୍ତି)
ଜାପାନର ତୋତରି ସରକାରଙ୍କର ଏକ ୬ ଜଣିଆ ବିଧାୟକ ପ୍ରତିନିଧିମଣ୍ଡଳୀଙ୍କ ସହିତ ୪ଜଣ ବରିଷ୍ଠ ଅଧିକାରୀ ଓ ତୋତରି ସରକାରଙ୍କ ବାଣିଜ୍ୟ ପରାମର୍ଶଦାତା ତଥା ପୁରୀ ସିଟି ଆମ୍ବାସଡର୍ କୁନା ଦାଶ ଓଡ଼ିଶା ଗସ୍ତରେ ଆସି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସହ ସଚିବାଳୟ ଠାରେ ସାକ୍ଷାତ ଆଲୋଚନା କରିଛନ୍ତି। ବୈଠକରେ ପାରସ୍ପରିକ ସହଯୋଗିତା ବଢ଼ାଇବା ଉପରେ ଗୁରୁତ୍ୱରୋପ କରାଯାଇଥିଲା। ଓଡ଼ିଶାର କଳା, ସଂସ୍କୃତି, ଶିକ୍ଷା, ପର୍ଯ୍ୟଟନ ଓ ଶିଳ୍ପର ବିକାଶ ହେବା ସହିତ ଓଡ଼ିଶାର ବେକାର ଯୁବତୀ ଯୁବକମାନଙ୍କୁ କିଭଳି ଜାପାନରେ ନିଯୁକ୍ତି ମିଳିପାରିବ, ସେ ନେଇ ଆଲୋଚନା କରାଯାଇଛି। ଭୁବନେଶ୍ୱରରେ ଥିବା ବିଶ୍ୱ ଦକ୍ଷତା କେନ୍ଦ୍ର ବୁଲି ଦେଖିବା ସହ ସେଠାରେ ଥିବା ଅଧିକାରୀଙ୍କ ଠାରୁ ଦକ୍ଷତା କେନ୍ଦ୍ର ସମ୍ପର୍କରେ ଆଲୋଚନା କରିଥଲେ। ସେଠାରୁ ସିଧାସଳଖ ପୁରୀ ଗସ୍ତରେ ଆସି ସ୍ଥାନୀୟ ସର୍କିଟ ହାଉସଠାରେ ପହଞ୍ଚ ଥିଲେ। ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ସମେତ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ସ୍ୱାଗତ କରିଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ଶରତ କୁମାର ବେହେରା, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲା ପର୍ଯ୍ୟଟନ ଅଧିକାରୀ, ସଂସ୍କୃତି ଅଧିକାରୀଙ୍କ ସମେତ ସମସ୍ତ ଜିଲା ପ୍ରଶାସନିକ ଅଧିକାରୀ ମାନେ ଉପସ୍ଥିତ ଥିଲେ। ପରେ ପ୍ରତିନିଧି ମଣ୍ଡଳୀ ଚନ୍ଦ୍ରଶେଖର ଏକାଡେମୀ ବୁଲି ଖୁସିବ୍ୟକ୍ତ କରିଥିଲେ।

## ଶ୍ରୀଜଗନ୍ନାଥ ଓପନ ୟୁନିଟ୍‌ର ପ୍ରଥମ ବାର୍ଷିକ ଉତ୍ସବ

ପୁରୀ,୧୩।୧୧(ଅଜିତ୍ କୁମାର ମହାନ୍ତି)
ଓଡ଼ିଶା ଭାରତ ସ୍କାଉଟ ଆଣ୍ଡ ଗାଇଡ୍ ସଂସ୍ଥା ଦ୍ୱାରା ଅନୁବନ୍ଧିତ ପୁରୀର ଶ୍ରୀଜଗନ୍ନାଥ ଓପନ ୟୁନିଟ୍‌ର ପ୍ରଥମ ବାର୍ଷିକ ଉତ୍ସବ ତଥା ୭୬ତମ ଫାଉଣ୍ଡେଶନ ଦିବସ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ ଉପସ୍ଥିତ ଥିଲେ। ଏଥିସହ ଜିଲା ଶିକ୍ଷାଧିକାରୀ ଏବଂ ସ୍କାଉଟ୍ ଗାଇଡ୍‌ର ଜିଲା ମୁଖ୍ୟ ଅଧିକାରୀ ଦୀପକ କୁମାର ପାଢ଼ୀ, ଜିଲା କମିଶନର ରମେଶ ଚନ୍ଦ୍ର ପଣ୍ଡା ଓ ଜିଲା ଉପାଧ୍ୟକ୍ଷ ରଘୁନାଥ ବେହେରା, ଜିଲା କମିଶନର ଗାଇଡ୍ ରୂପଶ୍ରୀ ଛୋଟରାୟ, ଡିଓସି ମନୋରମ ଷଡ଼ଙ୍ଗୀ, ଡିଓସି ସ୍କାଉଟ୍ ଦେବାଶିଷ ମିଶ୍ର, ଡିଓସି ଗାଇଡ୍ ମିନାକ୍ଷୀ ମିଶ୍ର, ଭଗବାନ ପଢ଼ିଆରୀ, ପ୍ରବୀଣ ମହାନ୍ତି, ଶ୍ରୀକ୍ଷେତ୍ର ଓପନ ୟୁନିଟ୍‌ର ରୋଭର ଲିଡର୍ ରାଜେନ୍ଦ୍ର ନାରାୟଣ ହରିଚନ୍ଦନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ସ୍କାଉଟ୍, ଗାଇଡ୍ସ ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ଅବସରରେ ବହୁ ସ୍ୱେଚ୍ଛାସେବୀଙ୍କୁ ସମ୍ମାନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶ୍ରୀଜଗନ୍ନାଥ ଓପନ ୟୁନିଟ୍‌ର ୟୁନିଟ୍ ଲିଡର ପ୍ରଶାନ୍ତ କୁମାର ମୁଦୁଲି ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରେଖା ମାନସିଂହ, କରିନା ସାମନ୍ତରାୟ, କୁଇନା ମାନସିଂହ, ହେମାଲିନ୍ ମହାରଣା ଓ ପ୍ରହ୍ଲାଦ ଖୁଣ୍ଟିଆ, ସୂର୍ଯ୍ୟ ନାରାୟଣ ମହାପାତ୍ର, ରାଜ ପଟ୍ଟନାୟକ, ଶ୍ରୀନିବାସ ମୁଦୁଲି, ଶୁଭମ୍ ନନ୍ଦ, ବିଶ୍ୱରଞ୍ଜନ ସ୍ୱାଇଁ, ସବ୍ୟସାଚୀ ଦାସ, ଶୁଭଙ୍କର ସାହୁ, ଜ୍ୟୋତିରଞ୍ଜନ ମହାରଣା, ସସ୍ମିତା ରାଉତରାୟ, ସରସ୍ୱତୀ ଦାସ, ପ୍ରଭାସିନୀ ତ୍ରିପାଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଗୋଚର ଜମି ଜବରଦଖଲ କରି ସରକାରୀ ପ୍ରକଳ୍ପ ପାଇଁ ମସୁଧା

- ସଙ୍କଟରେ ଗୋସମ୍ପଦ, ଜୀବିକା ହରାଇବେ ୨୦୦ରୁ ଊର୍ଦ୍ଧ୍ୱ ଗୋଚାଷୀ
- ଜିଲାପାଳ ଦୃଷ୍ଟିଦେବାକୁ ଦାବି କଲେ ବରିମୁଣ୍ଡବାସୀ

କୋଣାର୍କ,୧୩।୧୧(ଜ୍ୟୋତିରାଜ ମହାନ୍ତି)
ଗୋପ ବ୍ଲକ ଅଧୀନସ୍ଥ ବଉଲାଙ୍ଗ ପଞ୍ଚାୟତର ବରିମୁଣ୍ଡ ଗ୍ରାମରେ ମୁଷ୍ଟିମେୟ ଗୋଷ୍ଠୀ ସରକାରୀ ପ୍ରକଳ୍ପ ବାହାନାରେ ଗୋଚର ଜମି ଜବରଦଖଲ କରିବା ଯୋଗୁଁ ଗ୍ରାମର ଗୋସମ୍ପଦ ପ୍ରତି ସଙ୍କଟ ସୃଷ୍ଟି କରିଥିଲା ବେଳେ ୨୦୦ରୁ ଊର୍ଦ୍ଧ୍ୱ ଗୋଚାଷୀ ଜୀବନ ଜୀବିକା ପ୍ରଭାବିତ ହେବା ଭଳି ଗୁରୁତର ପରିସ୍ଥିତି ସୃଷ୍ଟି ହୋଇଛି।

ପ୍ରକାଶ ଯେ, ଗୋପ ବ୍ଲକ ଅଧୀନସ୍ଥ ବଉଲାଙ୍ଗ ପଞ୍ଚାୟତର ବରିମୁଣ୍ଡ ଗ୍ରାମରେ ୨୦୦ରୁ ଊର୍ଦ୍ଧ୍ୱ ପରିବାରର ୧୨୦୦ରୁ ଊର୍ଦ୍ଧ୍ୱ ଗୋପାଳନ କରି ଜୀବନ ଯାପନ କରୁଥିବା ବେଳେ ମୁଷ୍ଟିମେୟ ଗୋଷ୍ଠୀ ସରକାରୀ ପ୍ରକଳ୍ପ ବାହାନାରେ ଗୋଚାରଣ ଭୂମିକୁ ଜବରଦଖଲ କରିବା ଯୋଗୁ ଗୋରୁମାନଙ୍କୁ ଘାସ ମିଳୁ ନ ଥିଲା ବେଳେ ସେମାନଙ୍କ ଖାଦ୍ୟ ସଙ୍କଟ ଉଗ୍ରରୂପ ଧାରଣ କରିଥିବା ଦେଖିବାକୁ ମିଳିଛି। ବର୍ତ୍ତମାନ ସମୟରେ ଗୋଖାଦ୍ୟ ମୂଲ୍ୟ ବୃଦ୍ଧି ପାଇଥିବାରୁ ଏହି ଚାରଣ ଭୂମି ଜବରଦଖଲ ପରେ ଗୋରୁମାନେ ଖାଦ୍ୟ ନ ପାଇବା ଯୋଗୁ ଗୋଚାଷୀଙ୍କ ମହଲରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ବଉଲାଙ୍ଗ ପଞ୍ଚାୟତ ଅଧୀନସ୍ଥ ବରିମୁଣ୍ଡ ରାଜସ୍ୱ ନିରୀକ୍ଷକ ସର୍କଲ ଅଧୀନରେ ଥିବା ବରିମୁଣ୍ଡ ଗ୍ରାମର ଖାତା ନଂ - ୩୩୦, ପ୍ଲଟ ନଂ-୬୪, ୬୫ ଓ ୫୯ରେ ରହିଥିବା ଗୋଚର ଜମିକୁ କିଛି ମୁଷ୍ଟିମେୟ ଗୋଷ୍ଠୀ ସରକାରୀ ପ୍ରକଳ୍ପ ବାହାନାରେ ଗୋଚର ଜମି ଜବରଦଖଲ କରିବା ଯୋଗୁ ସଙ୍କଟ ମଧ୍ୟରେ ଗୋସମ୍ପଦ ରହିଥିବା ଦେଖିବାକୁ ମିଳିଛି। ବରିମୁଣ୍ଡ ଗ୍ରାମରେ ଗୋଚର ଜମି ଜବରଦଖଲ ଉଚ୍ଛେଦ କରି ଗୋସମ୍ପଦ ସୁରକ୍ଷା ପାଇଁ ଥିବା ଗୋଚର ଜମି ସଂରକ୍ଷିତ ରଖିବାକୁ ବରିମୁଣ୍ଡ ଗ୍ରାମର ଦିବ୍ୟସିଂହ ସ୍ୱାଇଁ, କମଳକାନ୍ତ ବେହୁରା, କେଦାର ଚନ୍ଦ୍ର ପ୍ରଧାନ, ସୂର୍ଯ୍ୟକାନ୍ତ ସ୍ୱାଇଁ, ଅଶୋକ ବେହେରା ଓ ଅଜୟ କୁମାର ସ୍ୱାଇଁଙ୍କ ସମେତ ଶତାଧିକ ବ୍ୟକ୍ତି ଗୋପ ତହସିଲଦାର, ବିଡିଓ ଓ ଥାନାଧିକାରୀ ପ୍ରମୁଖଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଗୋଚର ଜମିରୁ ଜବରଦଖଲ ଉଚ୍ଛେଦ କରା ନ ଗଲେ ଗୋସମ୍ପଦର ସୁରକ୍ଷା, ଶତାଧିକ ଗୋଚାଷୀ ନ୍ୟାୟ ପାଇଁ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ମତ୍ସ୍ୟଚାଷୀ, ପ୍ରାଣିସମ୍ପଦର ବିକାଶକୁ ପ୍ରୋତ୍ସାହନ

**ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା**

କାକଟପୁର/ଅସ୍ତରଙ୍ଗ,୧୩।୧୧ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା)





ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳାରେ ଜଗତ୍‌ସିଂହପୁର ଏମ୍‌ପି ବିଭୁ ପ୍ରସାଦ ତରାଇଙ୍କ ସମେତ ଅନ୍ୟ ଅତିଥିମାନେ ।

ଅସ୍ତରଙ୍ଗ ବ୍ଲକ ପରିସରରେ ଗୁରୁବାର ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଡ. ପ୍ରଫୁଲ୍ଲ କୁମାର ସିଅଳଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଜଗତ୍‌ସିଂହପୁର ଏମ୍‌ପି ବିଭୁ ପ୍ରସାଦ ତରାଇ ମେଳାକୁ ଉଦ୍‌ଘାଟନ କରିବା ସହ ଏହା ମତ୍ସ୍ୟ ଓ ପ୍ରାଣୀ ସମ୍ପଦର ଅଭିବୃଦ୍ଧି ଓ ରାଜ୍ୟର ଚାଷୀଙ୍କ ସମୃଦ୍ଧିକୁ ଦୃଷ୍ଟିରେ ରଖି କରାଯାଇଛି ବୋଲି କହିଛନ୍ତି। ଏଥିସହ ମାନବ ଜାତିର ବିକାଶରେ ମତ୍ସ୍ୟ ଓ ପ୍ରାଣିସମ୍ପଦର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ଚାଷୀମାନଙ୍କ ଆର୍ଥିକ ଅଭିବୃଦ୍ଧିର ଉନ୍ନତି ହେଲେ ରାଜ୍ୟ ସ୍ୱାବଲମ୍ବୀ ହେବା ସହ ବେରୋଜଗାର ହଟିପାରିବ ବୋଲି ମୁଖ୍ୟବକ୍ତା ପଞ୍ଚାୟତ ସମିତି ଅଧକ୍ଷା ଆରତୀ ନାଏକ ମତବ୍ୟକ୍ତ କରିଛନ୍ତି।

ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ସସ୍ମିତା ବେହେରା, ବ୍ଲକ ଉପାଧ୍ୟକ୍ଷ ଦୃଜୟ ମିଶ୍ର, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ଶରତ କୁମାର ବେହେରା, ଜିଲା ମତ୍ସ୍ୟ ଅଧିକାରୀ ଅଜୟ କୁମାର ବସ୍ତିଆ, ଜଗତସିଂହପୁର ଏମ୍‌ପିଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ଦିବାକର ଛାଟୋଇ, ଓଡ଼ିଶା ପାରମ୍ପରିକ ମତ୍ସ୍ୟଜୀବୀ ସଂଘ ସଭାପତି ପ୍ରସନ୍ନ ବେହେରା, ପ୍ରାଣୀ ଚିକିତ୍ସା ଅଧିକାରିଣୀ ଡ. ଶୁଭଶ୍ରୀ ପ୍ରଧାନ, ଅତିରିକ୍ତ ପ୍ରାଣୀ ଚିକିତ୍ସାଧିକାରୀ ଡ. ରାଜେଶ ମହାପାତ୍ର, ସହକାରୀ ମତ୍ସ୍ୟ ଅଧିକାରୀ ସତ୍ୟବ୍ରତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା, ଘର ଅଗଣାରେ କୁକୁଡ଼ା ଓ ବତକ ପାଳନ, ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ସମ୍ପର୍କରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଅତିଥିମାନେ ପ୍ରାଣିସମ୍ପଦ ବିକାଶ ବିଭାଗର ୪ଟି ଷ୍ଟଲ, ମତ୍ସ୍ୟବିଭାଗର ୩ଟି ଷ୍ଟଲ, ସରିପୁର ଅଗରବତୀ କ୍ଲଷ୍ଟର ତରଫରୁ ଅଗରବତୀ, ଫିନାଇଲି ଷ୍ଟଲ, ପରିଦର୍ଶନ କରିଥିଲେ। ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ୪ଜଣ ଓ ମତ୍ସ୍ୟ ବିଭାଗ ପକ୍ଷରୁ ୪ଜଣ ସଫଳ ଚାଷୀଙ୍କୁ ପୁରସ୍କାର ରାଶି ପ୍ରଦାନ ସହ ଆର୍ଥିକ ସହାୟତା ବାବଦରେ ଦିଲ୍ଲୀପ କୁମାର ବେହେରାଙ୍କୁ ୯୦ହଜାର ଟଙ୍କା, ସଖି ମଲ୍ଲିକଙ୍କୁ ୧ଲକ୍ଷ ୬୧ହଜାର ୨ଶହ ୮୦ଟଙ୍କା ଅର୍ଥରାଶି ଚେକ ଆକାରରେ ପ୍ରଦାନ କରାଯାଇଥିଲା।ଏହା ଶହ ମତ୍ସ୍ୟବିଭାଗ ତରଫରୁ ୧୦ଜଣଙ୍କୁ ଲାଇଫ୍ ଜ୍ୟାକେଟ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପରିଚାଳନାରେ ବ୍ଲକ ସହକାରୀ ମତ୍ସ୍ୟ ଅଧିକାରୀ ଅଭିଶେକ ସେଠୀ, ପ୍ରାଣୀ ବିଭାଗ ଟେକ୍ନିସିଆନ ଉପେନ୍ଦ୍ର ପଣ୍ଡା, ପୋଗ୍ରାମ ଆସିଷ୍ଟାଣ୍ଟ ସୁମନ କୁମାର ଜେନାଙ୍କ ସମେତ ପ୍ରାଣୀ ସମ୍ପଦ ଓ ମତ୍ସ୍ୟ ବିଭାଗର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

**ସଂକ୍ଷେପରେ**

## ଦୁର୍ଘଟଣାରେ ଆହତ ଯୁବ ବ୍ୟବସାୟୀଙ୍କ ମୃତ୍ୟୁ

ବ୍ରାହ୍ମଣଝରିଲୋ, ୧୩।୧୧

କଟକ ସଦର ଥାନା ଅନ୍ତର୍ଗତ କୋରକରା ପଞ୍ଚାୟତସ୍ଥିତ ତରେଇ ସାହିଠାରେ ଗତ ୬ତାରିଖରେ ୨ବାଇକ୍ ମୁହାଁମୁହିଁ ଘଟଣାରେ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଥିବା ବିଶିପଦା ଗ୍ରାମର ପ୍ରଫୁଲ୍ଲ ନାୟକ(୪୫)ଙ୍କ ଗୁରୁବାର ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣାରେ ବିରିଡ଼ି ଥାନା ଅଞ୍ଚଳର ସୁମନ ଭୋଇଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ଦୁଇ ଜଣ ଗୁରୁତର ହୋଇଥିଲେ। ଗୁରୁତରଙ୍କ ମଧ୍ୟରୁ ପ୍ରଫୁଲ୍ଲଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ପ୍ରଥମେ କଟକ ବଡ଼ ମେଡିକାଲକୁ ନିଆଯାଇଥିଲା। ପରେ ସେଠାରୁ ଅଶ୍ୱିନୀ ଏବଂ ପରେ ନୀଳାଚଳ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଦୀର୍ଘ ସାତଦିନ ଜୀବନ ମୃତ୍ୟୁ ସହିତ ସଂଘର୍ଷ କରି ଶେଷରେ ଡାକ୍ତର ତାଙ୍କୁ ଗୁରୁବାର ମୃତ ଘୋଷଣା କରିଥିଲେ। ପ୍ରଫୁଲ୍ଲ କିଛିଦିନ ହେବ ଚାଷୀମାନଙ୍କଠାରୁ ଦୁଗ୍ଧ ସଂଗ୍ରହ କରି ଏକ ବ୍ୟବସାୟ ଆରମ୍ଭ କରିଥିଲେ। ତାଙ୍କର ମୃତ୍ୟୁ ଖବର ସ୍ଥାନୀୟ ଅଞ୍ଚଳରେ ଏକ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

## କନ୍ଦରପୁର ବଜାର କମିଟି ସଭାପତିଙ୍କ ପରଲୋକ

କଟକ ସଦର, ୧୩।୧୧ (ସୁଶାନ୍ତ କୁମାର ଜେନା)

କନ୍ଦରପୁର ବଜାର କମିଟି ସଭାପତି ସ୍ମୃତି ରଞ୍ଜନ ପ୍ରଧାନ(୫୬)ଙ୍କ ହୃଦ୍‌ଘାତରେ ବୁଧବାର ରାତିରେ ପରଲୋକ ହୋଇଯାଇଛି। ଏହି ଖବର ପ୍ରଚାରିତ ହେବା ମାତ୍ରେ ବହୁ ଲୋକ ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବଜାର କମିଟିର ଉପ ସଭାପତି କାଳନ୍ଦୀ ସ୍ୱାଇଁ, ସମ୍ପାଦକ ଅଜୟ କୁମାର ପ୍ରଧାନ, କୋଷାଧ୍ୟକ୍ଷ ବଦ୍ରି ନାଥ ସାହୁ ପ୍ରମୁଖ ସ୍ୱର୍ଗତ ପ୍ରଧାନଙ୍କ ପାର୍ଥିବ ଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏକମାତ୍ର ପୁତ୍ର ସୁଜିତ୍ ପ୍ରଧାନ ମୁଖାଗ୍ନି ଦେଇଥିଲେ।

## ଶିଳ୍ପପତି ଫକୀରମୋହନ ଦାସଙ୍କ ପରଲୋକ

କଟକ, ୧୩।୧୧ (କାର୍ତ୍ତିକ ସାହୁ)

କଟକ ମହାନଦୀ ବିହାର ନିବାସୀ ଶିଳ୍ପପତି ଫକୀରମୋହନ ଦାସ(୭୯)ଙ୍କ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ତାଙ୍କ ପୁତ୍ର ଶାନ୍ତଳ ପ୍ରସାଦ ଦାସ ମୁଖାଗ୍ନି



ଦେଇଛନ୍ତି। ସେ ସତୁରି ଦଶକରେ ରେଭେନ୍‌ଶା ମହାବିଦ୍ୟାଳୟରୁ ନିଜ ରାଜନୈତିକ ଜୀବନ ଆରମ୍ଭ କରି ଜନ୍ମସ୍ଥାନ ରାଜନଗର ନିର୍ବାଚନ ମଣ୍ଡଳୀରେ ସକ୍ରିୟ ରାଜନୀତିରେ ଯୋଗ ଦେଇଥିଲେ। ପରବର୍ତ୍ତୀ ଜୀବନରେ ରାଜନୀତିରୁ ଅବ୍ୟାହତ ନେଇ ଜଗତପୁରସ୍ଥିତ ଶିଳ୍ପାଞ୍ଚଳରେ ଏକ ଶିଳ୍ପ ପ୍ରତିଷ୍ଠା କରିଥିଲେ। ସେଥିରୁ ଯଥାସମ୍ଭବ ସଂଗୃହୀତ ସମ୍ବଳରେ ବହୁ ଶିକ୍ଷାନୁଷ୍ଠାନକୁ ସହାୟତା କରି ଆସୁଥିଲେ। କଟକସ୍ଥିତ ସତ୍ୟସାଇ ସେବାନୁଷ୍ଠାନରେ ତାଙ୍କର ସେବା ଓ ସହଯୋଗ ପାଇଁ ସେ ସମସ୍ତଙ୍କ ପ୍ରିୟଭାଜନ ହୋଇପାରିଥିଲେ।

# ଶ୍ରମ ଆଇନ ସଂଶୋଧନ ପ୍ରତିବାଦରେ ବିକ୍ଷୋଭ

କଟକ, ୧୩।୧୧ (କାର୍ତ୍ତିକ ସାହୁ)



ବିଭିନ୍ନ ଦାବି ନେଇ କେନ୍ଦ୍ରୀୟ ସଙ୍ଗଠନ ପକ୍ଷରୁ ଜିଲାପାଳ ଅଫିସ ନିକଟରେ ବିକ୍ଷୋଭ।

ରାଜ୍ୟ ସରକାର ଗତ ସେପ୍ଟେମ୍ବର ୨୯ ତାରିଖରେ କାରଖାନା ଓ ବାଣିଜ୍ୟିକ ପ୍ରତିଷ୍ଠାନର ମାଲିକମାନଙ୍କ ସ୍ୱାର୍ଥରେ ଏବଂ ଶ୍ରମିକମାନଙ୍କ ଅଧିକ ରୋଜଗାର ବୃଦ୍ଧି ବାହାନାରେ ଶ୍ରମ ଆଇନକୁ ସଂଶୋଧନ କରିଛନ୍ତି। କେନ୍ଦ୍ରୀୟ ଟ୍ରେଡ ୟୁନିଅନଗୁଡ଼ିକର ମିଳିତ ମଞ୍ଚ ପକ୍ଷରୁ ଏହାକୁ ବିରୋଧ କରି ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଓଡ଼ିଶା କାରଖାନା ଆଇନ ୧୯୪୮ ଏବଂ ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ଆଇନ ୧୯୫୬କୁ ଶ୍ରମିକମାନଙ୍କ ବିରୋଧରେ ସଂଶୋଧନ କରାଯାଇ ଶ୍ରମିକ ବିରୋଧୀ ନୀତି ରାଜ୍ୟ ସରକାରଙ୍କ କ୍ୟାବିନେଟ ଅନୁମୋଦନ କରିଛି ବୋଲି ମିଳିତ ମଞ୍ଚ ଅଭିଯୋଗ କରିଛି। ଏଥିସହ ଦୈନିକ କାର୍ଯ୍ୟ ନିର୍ଘଣ୍ଟ ୧୦ଘଣ୍ଟାକୁ ବଢ଼ାଇବା ଏବଂ ମହିଳା ଶ୍ରମିକଙ୍କ ରାତ୍ରିକାଳୀନ କାମ କରିବା କଟକଣା ହଟାଇବା ଆଦି ସରକାରଙ୍କ ଶ୍ରମିକ ବିରୋଧୀ ନିଷ୍ପତ୍ତିକୁ ପ୍ରତ୍ୟାହାର କରିବାକୁ ମଧ୍ୟ ଦାବି କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜିଲାପାଳଙ୍କ ଜରିଆରେ ଦିଆଯାଇଛି। ମିଳିତ ମଞ୍ଚ ପକ୍ଷରୁ କିଶୋର ଜେନା, ରବି ନାରାୟଣ ମଲ୍ଲିକ, ରାଜକିଶୋର ମଲ୍ଲିକ, ମନୋରଞ୍ଜନ ମହାରଣା, ଖଗେଶ୍ୱର ସେଠୀ, କେଶବ ଚନ୍ଦ୍ର ଷଡ଼ଙ୍ଗୀ, ସୁଶାନ୍ତ ସାମଲ, ଅମରେନ୍ଦ୍ର ମହାନ୍ତି, ବଦ୍ରିନାରାୟଣ ଦାସ, ସୌଭାଗ୍ୟ ସାମଲ, ଅଭୟ ସ୍ୱାଇଁ, ବିନୋଦ ବେହେରା, ପ୍ରତାପ ମହାପାତ୍ର, ହରିହର ମହାନ୍ତି, ପ୍ରିୟଦର୍ଶନ ପାଭେଲ, ତ୍ରୈଲୋକ୍ୟ ନାଥ, ବିଶ୍ୱଜିତ ସାହୁ, ରବୀନ୍ଦ୍ର ରାଉତରାୟ ପ୍ରମୁଖ ବିକ୍ଷୋଭରେ ସାମିଲ ହୋଇଥିଲେ।

# ଘର ଆଗରେ ଯୁବକଙ୍କୁ ମାଡ଼ ଘଟଣା: ଫାଣ୍ଡି ଅଧିକାରୀ ନିଲମ୍ବିତ

ମାହାଙ୍ଗା, ୧୩।୧୧ (ଅଜୟ କୁମାର ମହାନ୍ତି)


ନିଲମ୍ବିତ ଫାଣ୍ଡି ଅଧିକାରୀ ମନୋଜ ବେହେରା।

କଟକ ଜିଲା ମାହାଙ୍ଗା ଥାନା ଅନ୍ତର୍ଗତ କୁମୁଡ଼ା ଜୟପୁର ଫାଣ୍ଡି ଅଧିକାରୀ ସମସରପୁର ଗ୍ରାମ ପ୍ରଧାନସାହିର ଦେବବ୍ରତ ପ୍ରଧାନଙ୍କୁ ୧୦ ତାରିଖ ରାତିରେ ଘରୁ ଡାକିନେଇ ନିର୍ଦ୍ଦୟ ପିଟିବା ଘଟଣାରେ ଗୁରୁବାର କାର୍ଯ୍ୟାନୁଷ୍ଠାନ ନିଆଯାଇଛି। କଟକ ଗ୍ରାମାଞ୍ଚଳ ଏସ୍‌ପି ବିନିତ୍ ଅଗ୍ରୱାଲଙ୍କ ଚିଠି(ନଂ. ୨୯୮୮/୧୩।୧୧।୨୫) ଅନୁଯାୟୀ ଫାଣ୍ଡି ଅଧିକାରୀ ମନୋଜ ବେହେରାଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ଏହି ସମୟରେ ବେହେରା କଟକ ରିଜର୍ଭ ଇନ୍ସପେକ୍ଟରଙ୍କୁ ରିପୋର୍ଟ କରିବେ ବୋଲି ଚିଠିରେ ଉଲ୍ଲେଖ ରହିଛି।

ସୂଚନାଯୋଗ୍ୟ, ଘରକୁ ଲଗାଇ ପାଇଖାନା ନିର୍ମାଣକୁ ନେଇ ଗତ ୧୦ ତାରିଖରେ ଦେବବ୍ରତଙ୍କ ସହ ତାଙ୍କ ବଡ଼ବୋଉଙ୍କ ଝଗଡ଼ା ହୋଇଥିଲା। ଏହି ଘଟଣାରେ ଫାଣ୍ଡି ଅଧିକାରୀ ମନୋଜ ସଦଳବଳ ଆସି ଦେବବ୍ରତଙ୍କୁ ଘରୁ ଡାକିନେଇ ମାଡ଼ ମାରିବା ସହ ମୋବାଇଲ୍ ଓ ପକେଟରୁ ୭୦୦ ଟଙ୍କା ନେଇଯାଇଥିଲେ। ଦେବଦତ୍ତ ମାହାଙ୍ଗାସ୍ଥିତ ଜଗନ୍ନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେବା ପରେ ଡିଜିଙ୍କ ନିକଟରେ ଅଭିଯୋଗ କରିଥିଲେ। ଏ ବିଷୟରେ ଡିଜି କଟକ ଗ୍ରାମାଞ୍ଚଳ ଏସ୍‌ପିଙ୍କୁ ଅବଗତ କରାଇଥିଲେ। ଗ୍ରାମାଞ୍ଚଳ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ କଟକ ହେଡ୍ କ୍ୱାର୍ଟର୍ସରୁ ଡିଏସ୍‌ପି ଅର୍ଚ୍ଚନା ଦେବୀ ଜୟପୁର ଫାଣ୍ଡି ଓ ସମସରପୁର ଗ୍ରାମରେ ପହଞ୍ଚି ସବିଶେଷ ତଦନ୍ତ କରିଥିଲେ। ଏହାର ରିପୋର୍ଟ ଗ୍ରାମାଞ୍ଚଳ ଏସ୍‌ପିଙ୍କୁ ପ୍ରଦାନ କରିଥିଲେ। ଉକ୍ତ ରିପୋର୍ଟ ଆଧାରରେ ମନୋଜଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

# 'ମସଲା ମଣିଷ ଡ. ଶରତ ସାହୁ ଥିଲେ ପ୍ରେରଣାର ଉତ୍ସ'


ଶରତ ସାହୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ବୁଧବାର ଏକାଦଶାହ ଅବସରରେ 'ସ୍ମୃତିରେ ଶରତ'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

କଟକ, ୧୩।୧୧ (କାର୍ତ୍ତିକ ସାହୁ)

**'ସ୍ମୃତିରେ ଶରତ' ଉନ୍ମୋଚିତ**

ଓଡ଼ିଶାର ଘରେ ଘରେ ମସଲା ମଣିଷ ଭାବେ ପରିଚିତ 'ରୁଚି' ମସଲା କମ୍ପାନୀର ପ୍ରତିଷ୍ଠାତା ଡକ୍ଟର ଶରତ କୁମାର ସାହୁଙ୍କ ଏକାଦଶାହ ବୟାଳିଶ ମୌଜାସ୍ଥିତ ଯଶୋଦା ଗାର୍ଡେନ୍‌ଠାରେ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଯୋଗଦେଇ ଡ. ସାହୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ତାଙ୍କ ଦିବଂଗତ ଆତ୍ମାର ସଦ୍‌ଗତି କାମନା ସହ ସ୍ମୃତିଚାରଣ କରି ଉଦ୍‌ଯୋଗୀ ମଣିଷ ଡକ୍ଟର ସାହୁ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ଥିଲେ ବୋଲି ବିଶିଷ୍ଟ ବ୍ୟକ୍ତିମାନେ ମତପ୍ରକାଶ କରିଥିଲେ। କଟକ ମହାନଗର ନିଗମର ମେୟର ସୁବାସ ସିଂହ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସଞ୍ଜୟ କୁମାର ନାୟକ, ହକି ଇଣ୍ଡିଆର ଅଧ୍ୟକ୍ଷ ଦିଲ୍ଲୀପ ତିର୍କୀ, ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ, ବିଧାୟକ ଆକାଶ ଦାସ ନାୟକ, ବିଧାୟିକା ସୋଫିଆ ଫିର୍ଦ୍ଦୋସ, ପୂର୍ବତନ ମନ୍ତ୍ରୀ ଅମର ଶତପଥୀ, ଶିଳ୍ପୋଦ୍ୟୋଗୀ ମହିମାନନ୍ଦ ମିଶ୍ର, ଆୟକର ବିଭାଗର ପୂର୍ବତନ ମହାନିର୍ଦ୍ଦେଶକ ବିଧୁଭୂଷଣ ମହାନ୍ତି, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ପୂର୍ବତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ, ପୂର୍ବତନ ବିଧାୟକ ମହମ୍ମଦ ମୋକିମ୍, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଯୋଗ ଦେଇଥିଲେ। ସେହିପରି ବରିଷ୍ଠ ଆଇନଜୀବୀ ଧରଣୀଧର ନାୟକ, ଆକାଶବାଣୀର ପୂର୍ବତନ ନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ସାମଲ, ଚଳଚ୍ଚିତ୍ର ପ୍ରଯୋଜକ ଅକ୍ଷୟ ପରିଜା, ବାପୁ ଲେଙ୍କା, ଶିକ୍ଷାବିତ୍ ବିନୋଦ ଦାଶ, ପ୍ରଭୁ ଚରଣ ମହାନ୍ତି, ମନୋଜ ଦାଶ, ଏସ୍‌ସିବି ଡିଏଭି ପରିଚାଳନା କମିଟିର ସଭାପତି ରବୀନ୍ଦ୍ର ନାଥ ମହାନ୍ତି, ପଣ୍ଡିତ ମାତୃପ୍ରସାଦ ମିଶ୍ର, ସାମାଜିକ କର୍ମୀ ଡ. ରଞ୍ଜନ ବିଶ୍ୱାଳ, ପ୍ରଫେସର ଜୟନ୍ତ ପଣ୍ଡା, ପ୍ରଫେସର ଆରିଆ ପାଣିଗ୍ରାହୀ, ସାମାଜିକ କର୍ମୀ ନୟନ କିଶୋର ମହାନ୍ତି, ପ୍ରଶାସକ ପ୍ରଦୀପ କୁମାର ସେଠୀ, ପୋଲିସ ଏସ୍‌ସିପି ଅମିତାଭ ମହାପାତ୍ର, କୃଷ୍ଣଚନ୍ଦ୍ର ସେଠୀ ପ୍ରମୁଖ ଯୋଗଦେଇ ଡ. ସାହୁଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ 'ସ୍ମୃତିରେ ଶରତ' ପୁସ୍ତକ ଉନ୍ମୋଚିତ ହୋଇଥିଲା।

ଶିଳ୍ପୋଦ୍ୟୋଗୀ ଶରତଙ୍କ ସ୍ମୃତିରେ ଆୟୋଜିତ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ସୁବାସ ଦାସ, ରବୀନ୍ଦ୍ର ନାରାୟଣ ଦାସ, ପ୍ରିୟଙ୍କା ସ୍ୱାଇଁ, ନିଶିପ୍ରଭା ପାଣି, ବିଭୁ ନନ୍ଦ ପ୍ରମୁଖ ଭଜନ ପରିବେଷଣ କରିଥିଲେ। ମଧ୍ୟାହ୍ନରେ 'ରୁଚି' ପରିବାର ପକ୍ଷରୁ ଓସିଆ ମଣ୍ଡପରେ ଆୟୋଜିତ ସ୍ମୃତି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମକୁ ମୁଖ୍ୟ ମହାପ୍ରବନ୍ଧକ ମହେନ୍ଦ୍ର ଷଡ଼ଙ୍ଗୀ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶୁଭାରମ୍ଭ କରିଥିଲେ। ଏଥିରେ ରୁଚି ପରିବାରର ସମସ୍ତ ସଦସ୍ୟ ଯୋଗ ଦେଇଥିଲେ। ଡ. ସାହୁଙ୍କ ପୁତ୍ର ଅରବିନ୍ଦ ସାହୁ, ପୁତ୍ରବଧୂ ସଲିନା ସାହୁ, କନ୍ୟା ରଶ୍ମୀ ସାହୁ, ଜାମାତା ପ୍ରକାଶ କୁମାର ସାହୁ ପ୍ରମୁଖ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଇଂ ସାତ୍ତ୍ୱିକ ସ୍ୱାଇଁ, ଉଲ୍ଲାସ ଚନ୍ଦ୍ର ବେଉରା, ଶୁଭେନ୍ଦୁ କୁମାର ଭୂୟାଁ, ଲକ୍ଷ୍ମୀଧର ସାହୁ, ସନ୍ତୋଷ ପାଢ଼ୀ, ଶ୍ରୀକାନ୍ତ ମହାପାତ୍ର, ଅକ୍ଷୟ ପଣ୍ଡା, ଭାସ୍କର ସୂତାର, ମକରଧ୍ୱଜ ରାଉତ, ନିଶିକାନ୍ତ ଜେନା, ଚିତ୍ତରଂଜନ ତ୍ରିପାଠୀ, ମଧୁସ୍ମିତା ବାରିକ ପ୍ରମୁଖ ସହଯୋଗ କରିଥିଲେ।

## ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗରେ ଯୁବକ ଗିରଫ

କଟକ ସଦର, ୧୩।୧୧ (ସୁଶାନ୍ତ କୁମାର ଜେନା)

କିଶନନଗର ଥାନା ଅନ୍ତର୍ଗତ କିଶୋର ନଗର ଗ୍ରାମର ଜଣେ ନାବାଳିକାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ପୋଲିସ ଗୁରୁବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ସେହି ଗ୍ରାମର ସୁମନ୍ତ ସାହୁ(୨୧)। ପୋଲିସ ସୂତ୍ରରୁ ମିଳିଥିବା ସୂଚନାନୁସାରେ, ଗତ ୮ତାରିଖ କାର୍ତ୍ତିକେଶ୍ୱର ଭସାଣି ସମୟରେ ସୁମନ୍ତ ଉକ୍ତ ନାବାଳିକାଙ୍କୁ ଟଣା ଓଟରା କରିଥିଲେ। ଏନେଇ ନାବାଳିକାଙ୍କ ପରିବାରର ଲୋକେ ପୋଲିସ ନିକଟରେ ଅଭିଯୋଗ କରିବା ପରେ ଥାନାରେ ଏକ ମାମଲା (ନଂ.୩୦୫/୨୫) ରୁଜୁ ହୋଇଥିଲା।

## ବାଇକ୍ ଛଡ଼ାଇ ନମ୍ବର ବଦଳାଇବା ପଡ଼ିଲା ମହାଙ୍ଗା

ବାରଙ୍ଗ, ୧୩।୧୧ (ଲିଙ୍ଗରାଜ ରାଉତ)

**ଧରା ହେଲେ ନାତି, ଅଜା ଓ ମଉସା**

ବାଇକ୍ ଛଡ଼ାଇ ନେବା ଏବଂ ନମ୍ବର ବଦଳାଇବା ଅଭିଯୋଗରେ ନନ୍ଦନକାନନ ଥାନା ପୋଲିସ ୩ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଉକ୍ତ ଥାନା ଅଧୀନ ରଘୁନାଥପୁର ଗ୍ରାମ ଶିଖରଚଣ୍ଡୀ ସାହିର ପ୍ରଫୁଲ୍ଲ ରାଉତ, ନାତି ଆନନ୍ଦ ରାଉତ ଏବଂ ଅନ୍ୟ ଜଣେ ମେଣ୍ଢାଶାଳ ଫାଣ୍ଡି ଅଞ୍ଚଳର ମଉସା ସବ୍ୟସାଚୀ ବରାଳ। ଏନେଇ ପୋଲିସ ଏକ ମାମଲା (ନଂ. ୨୯୬/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଦଶପଲ୍ଲାର ରଞ୍ଜନ କୁମାର ନାୟକ ନନ୍ଦନକାନନ ବସଷ୍ଟାଣ୍ଡରେ ଥିବା ଆନନ୍ଦଙ୍କ ହୋଟେଲରେ ରୋଷେୟା ଭାବେ କାମ କରୁଥିଲେ। ଚୁକ୍ତି ମୁତାବକ ମାସିକ ଦରମା ଠିକ୍ ଭାବେ ନ ଦେବାରୁ ଆନନ୍ଦ ଏବଂ ରଞ୍ଜନଙ୍କ ମଧ୍ୟରେ ବିବାଦ ଦେଖାଦେଇଥିଲା। ରଞ୍ଜନ ବାରମ୍ବାର ତାଙ୍କ ବକେୟା ଟଙ୍କା ଆନନ୍ଦଙ୍କୁ ମାଗୁଥିଲେ। ମାତ୍ର ଆନନ୍ଦ ଜାତିଆଣ ଆକ୍ଷେପ କରି ରଞ୍ଜନଙ୍କୁ ଲୋକଙ୍କ ଆଗରେ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରୁଥିଲେ। ଏପରିକି ରଞ୍ଜନଙ୍କୁ ଆନନ୍ଦ ଏବଂ ତାଙ୍କ ପରିବାର ଲୋକ ମିଶି ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ରଞ୍ଜନ ଜୀବନ ବଞ୍ଚାଇବାକୁ ଯାଇ ରାତିରେ ଲୁଚି ନିଜ ବାଇକ ନେଇ ପଳାଉଥିବାବେଳେ ଆନନ୍ଦ ପୁଣି ମାଡ଼ ମାରିବା ସହ ତାଙ୍କ ବାଇକ ଛଡ଼ାଇ ରଖିଥିଲେ। ରଞ୍ଜନ ଓକିଲଙ୍କ ସହାୟତାରେ ଏନେଇ ନନ୍ଦନକାନନ ଥାନାରେ ଅଭିଯୋଗ କରିଥିଲେ। ଏସିପି ବିଶ୍ୱଜିତ ମନବୋଧ ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ଆନନ୍ଦ ଉକ୍ତ ବାଇକ୍‌ର ନମ୍ବର ବଦଳାଇ ଚଳାଉଥିବାବେଳେ ପୋଲିସ ପାଟ୍ରୋଲିଂ ବେଳେ ଗାଡ଼ିକୁ ଜବତ କରିଛି।

# ଭଗତପୁର କାର୍ତ୍ତିକେଶ୍ୱର ମହୋତ୍ସବ ଉଦ୍‌ଯାପିତ



ବିଭିନ୍ନ ମେଢ଼ର କର୍ମକର୍ତ୍ତାଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

ମଙ୍ଗୁଳି-ଜଗତପୁର, ୧୩।୧୧ (ମାନସ ସାମଲ)

**ଭସାଣିରେ ସାମିଲ ହେଲେ ୧୨ ମେଢ଼**

ଟାଙ୍ଗୀ-ଚୌଦ୍ୱାର ବ୍ଲକ କନ୍ହେଇପୁର ପଞ୍ଚାୟତ ଭଗତପୁର ଗ୍ରାମରେ ଆୟୋଜିତ ତ୍ରିଦିବସୀୟ କାର୍ତ୍ତିକେଶ୍ୱର ମହୋତ୍ସବ ଓ ଭସାଣି ଯାତ୍ରା ଉଦ୍‌ଯାପିତ ହୋଇଯାଇଛି। ଭସାଣି ଯାତ୍ରାରେ ସ୍ଥାନୀୟ ଅଞ୍ଚଳର ୧୨ ମେଢ଼ ସାମିଲ ହୋଇଥିଲେ। ନିର୍ଦ୍ଧାରିତ ସମୟ ଅନୁଯାୟୀ ଶୋଭାଯାତ୍ରାରେ ଯାଇ ନିକଟସ୍ଥ ଏକ ପୋଖରିରେ ମେଢ଼ ବିସର୍ଜନ ହୋଇଥିଲା। ୩ଦିନ ଧରି ଅନୁଷ୍ଠିତ ଏହି ମେଳଣ ଯାତ୍ରାରେ ପ୍ରବଳ ଜନଗହଳି ପରିଲକ୍ଷିତ ହୋଇଥିଲା। ତେବେ କନମିରାଠାରେ ହରିବାବାଙ୍କ ଦ୍ୱାରା ପୂଜା ପାଇଥିବା ଶ୍ରୀନୃସିଂହଙ୍କ ପ୍ରତିମା ଭସାଣିରେ ଭାଗ ନେଇଥିଲେ ହେଁ ଯାତ୍ରା ପଡ଼ିଆକୁ ବିଜେ ନ କରିବା ଘଟଣା ଆଲୋଚନାର ବିଷୟବସ୍ତୁ ପାଲଟିଥିଲା। ଏହି ଅବସରରେ ଆୟୋଜିତ ମହୋତ୍ସବକୁ ଅତିଥି ଭାବେ ଟାଙ୍ଗୀ ସାଲେପୁର ବରିଷ୍ଠ ଭାଜପା ନେତା ହିମାଂଶୁ ମହାନ୍ତି, ଟେଟ୍ରାହେଡ୍ରନ୍ ଗ୍ରୁପ୍ ଅଫ୍ ଇନଷ୍ଟିଟ୍ୟୁଶନ ଅଧ୍ୟକ୍ଷ ତ୍ରିଦେବ ବେହେରା ଓ ସ୍ଥାନୀୟ ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇ ସମସ୍ତ ମେଢ଼ ମାଲିକଙ୍କୁ ସମ୍ବର୍ଦ୍ଧିତ କରିବା ସହ ଉତ୍ସାହିତ କରିଥିଲେ। ସେହିପରି ଟାଙ୍ଗୀ- ସାଲେପୁରର ବିଭିନ୍ନ ସଂଗଠନ ଓ ନେତୃମଣ୍ଡଳୀ ସମ୍ବର୍ଦ୍ଧିତ କରିଥିଲେ।

# ଶ୍ରେଷ୍ଠ କାହାଣୀ ପାଇଁ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ସମ୍ବର୍ଦ୍ଧିତ

କଟକ, ୧୩।୧୧ (କାର୍ତ୍ତିକ ସାହୁ)

ଐତିହାସିକ ବାଲିଯାତ୍ରା କଟକର କଟକ-ଇନ୍-କଟକ ମଞ୍ଚରେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ମନନଶୀଳ ନାଟକ 'ସକାଳର ଅପେକ୍ଷାରେ' ଶ୍ରେଷ୍ଠ କାହାଣୀ ନିମନ୍ତେ ଜୁରି ପୁରସ୍କାର ପାଇଥିଲା। ଏହି ନାଟକକୁ ବାଲିଯାତ୍ରାରେ ମଞ୍ଚାସୀନ ନିମନ୍ତେ ପ୍ରଶାସନ ସ୍ୱତନ୍ତ୍ର ଭାବରେ ନିମନ୍ତ୍ରଣ କରିଥିଲା। ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ଗଣମାଧ୍ୟମ ଯୋଗାଯୋଗ ପରିଚାଳକ ହିତାଂଶୁ ଶେଖର ମହାନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନାଟକ ମଞ୍ଚସ୍ଥ ହୋଇଥିଲା। ଅରୁଣ ମିଶ୍ର ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ। ରିତେଶ ନାୟକ ନାଟକ ରଚନା କରିଥିବାବେଳେ ଶୁଭଶ୍ରୀ ଶୁଭାକାଂକ୍ଷା ଦାଶ ନିର୍ଦ୍ଦେଶନା ଓ ଆମ୍ରନ ଦାଶ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ତାଙ୍କୁ ଚିନ୍ମୟୀ ଓ ଜନ୍ ଆଇଜାକ ସହଯୋଗ କରିଥିଲେ। ଅଭିନୟରେ ଶୁଭମ୍, କରନ, ମାନସୀ, ଖ୍ୟାତି, ସ୍ମୃତି, ନିୟତି, ଅନିନ୍ଦିତା, ଅନ୍ତର୍ଯ୍ୟାମୀ, ଶଙ୍କର, ଦେବରଞ୍ଜନ, ସନ୍ଦୀପ, ସୁମିତ ପ୍ରମୁଖ ନିଜ ନିଜ ଛାପ ଛାଡ଼ିବାରେ ସକ୍ଷମ ହୋଇଥିଲେ। ବାଙ୍କୀ ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ବିଶ୍ୱାଳ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ପ୍ରତିନିଧି ହିତାଂଶୁ ଶେଖର ମହାନ୍ତଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିବା ସହ ନାଟକରେ ଅଭିନୟ କରିଥିବା ସମସ୍ତ କଳାକାରଙ୍କୁ ପ୍ରମାଣପତ୍ର ପ୍ରଦାନ କରି ସମ୍ମାନିତ କରିଥିଲେ। ଏହି ସଫଳତା ପାଇଁ ବିଶ୍ୱବିଦ୍ୟାଳୟର କୁଳାଧ୍ୟକ୍ଷା ପ୍ରଫେସର ରଜିତା କୁଲକର୍ଣ୍ଣୀ, କୁଳପତି ପ୍ରଫେସର ତେଜପ୍ରତାପ, କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ, କାର୍ଯ୍ୟନିର୍ବାହୀ କୁଳସଚିବ ଅନିଲ କୁମାର ଶର୍ମା, ବିଦ୍ୟାର୍ଥୀ କଲ୍ୟାଣ ବିଭାଗ ଡିନ୍ ଜୟପ୍ରକାଶ ଭଞ୍ଜ, ମ୍ୟାନେଜମେଣ୍ଟ ବିଭାଗ ଡିନ୍ ବିପ୍ଲବ ବିଶ୍ୱାଳ, ଲୋକସମ୍ପର୍କ ପରିଚାଳିକା ସୋନାଲି ଦାସ, ସହକାରୀ ପ୍ରାଧ୍ୟାପିକା ବନ୍ଦିତା ରାୟ ପ୍ରମୁଖ ନାଟକ ଦଳକୁ ଅଭିନନ୍ଦନ ଜଣାଇଥିଲେ।


ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ମଞ୍ଚସ୍ଥ 'ସକାଳର ଅପେକ୍ଷାରେ' ଶ୍ରେଷ୍ଠ କାହାଣୀକୁ ପୁରସ୍କୃତ କରାଯାଉଛି।

# ଫକୀରପଡ଼ାରେ ଏନ୍‌ଏଚ୍‌ଏଆଇ କ୍ୟାମେରା ଲାଗିବାକୁ ବିରୋଧ

କଟକ ସଦର, ୧୩।୧୧ (ସୁଶାନ୍ତ କୁମାର ଜେନା)


ଫକୀରପଡ଼ାଠାରେ ରାସ୍ତାରେ ଲଗାଯାଇଥିବା କ୍ୟାମେରା।

କଟକ-ପାରାଦୀପ ରାସ୍ତାର ଫକୀରପଡ଼ା ଗ୍ରାମରେ ଜାତୀୟ ରାଜପଥ ପ୍ରାଧିକରଣ ଓ ପରିବହନ ବିଭାଗ ମିଳିତ ଉଦ୍ୟମରେ କ୍ୟାମେରା ଲଗାଯାଇଛି। ଦ୍ରୁତ ଗତିରେ ଗାଡ଼ିଚାଳନା, ବିନା ହେଲ୍‌ମେଟରେ ଯାତାୟାତ କରୁଥିବା ଲୋକମାନଙ୍କ ଉପରେ ଜରିମାନା କରିବା ଏହି କ୍ୟାମେରାର ଉଦ୍ଦେଶ୍ୟ ବୋଲି ବିଭାଗୀୟ କର୍ତ୍ତୃପକ୍ଷ କହିଛନ୍ତି। ତେବେ ଫକୀରପଡ଼ା ଗ୍ରାମଟି ରାସ୍ତାର ଉଭୟ ପାର୍ଶ୍ୱରେ ରହିଛି। ଯଦି ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତି ବିନା ହେଲ୍‌ମେଟରେ ବାଇକ୍ ଦ୍ୱାରା ରାସ୍ତାର ଏପଟ ପାର୍ଶ୍ୱରୁ ସେପଟ ପାର୍ଶ୍ୱକୁ ଯାଉଛି, ତା'ହେଲେ କ୍ୟାମେରାରେ ଟ୍ରାପ୍ ହୋଇ ସଙ୍ଗେ ସଙ୍ଗେ ଚାଲାଣ କଟିଯାଉଛି ଏବଂ ଏ ସମ୍ପର୍କିତ ମେସେଜ୍ ମୋବାଇଲ୍ ଫୋନ୍‌କୁ ଆସିଯାଉଛି। ଏଭଳି ବ୍ୟବସ୍ଥାକୁ ୟୁନିୟନ ଫର କଟକ ସଦର ଡେଭଲପମେଣ୍ଟର ସଭାପତି ମନୋଜ କୁମାର ନାୟକ ବିରୋଧ କରିବା ସହିତ ଗୁରୁବାର ରାଜ୍ୟ ପରିବହନ କମିଶନର ଅମିତାଭ ଠାକୁରଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି। ରାସ୍ତାର ଖୋଲା ସ୍ଥାନରେ କ୍ୟାମେରା ଲଗାଯାଇଥିଲେ ଲୋକଙ୍କ କୌଣସି ଆପତ୍ତି ରହି ନ ଥାନ୍ତା ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। କ୍ୟାମେରା ଲାଗିଥିବା ସ୍ଥାନରେ ଏକ ଶିକ୍ଷାନୁଷ୍ଠାନ, ବ୍ୟବସାୟିକ କେନ୍ଦ୍ର ରହିଛି। ସୂଚନାଯୋଗ୍ୟ, ୭ ବର୍ଷ ତଳେ ଏହି ଫକୀରପଡ଼ା ଗ୍ରାମରେ ଟୋଲ୍‌ଗେଟ ଖୋଲାଯାଇଥିଲା। ଲୋକଙ୍କ ବିରୋଧ ଯୋଗୁଁ ସରକାର ଏହା ସ୍ଥାନାନ୍ତର କରିଥିଲେ। ଉକ୍ତ ଟୋଲ୍‌ଗେଟକୁ ଅଲାରପୁର ମୌଜାର ଏକ ଖୋଲା ସ୍ଥାନକୁ ଉଠାଇ ନିଆଯାଇଥିଲା। ସେହିପରି ରାମକୁମାରପୁର ମୌଜାରେ ମଧ୍ୟ ଜନବସତି ନିକଟରେ ଅନ୍ୟ ଏକ କ୍ୟାମେରା ଲାଗିଛି। ଏନେଇ ଫକିରପଡ଼ା ଗ୍ରାମର ସସ୍ମିତା ଜେନାଙ୍କ କହିବା ହେଲା, ଗତ ସପ୍ତାହରେ ସେ ଗ୍ରାମର ଗୋଟିଏ ପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱକୁ ରାସ୍ତା ପାର ହୋଇ ସ୍କୁଟିରେ ଟ୍ୟୁଶନକୁ ଯାଉଥିବାବେଳେ ତାଙ୍କର ୧ହଜାର ଟଙ୍କାର ଚାଲାଣ କଟିଥିଲା। ଜନବସତି ଅଞ୍ଚଳରେ ରାସ୍ତାରେ କ୍ୟାମେରା ଲଗା ନ ଯାଇ ଖାଲି ସ୍ଥାନରେ କ୍ୟାମେରା ଲଗାଇବା ଉଚିତ ବୋଲି ସସ୍ମିତା କହିଛନ୍ତି।

## ସଂକ୍ଷେପରେ

### ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା

କଳାପଥର,୧୩।୧୧(ଗଙ୍ଗାଧର ସାହୁ): ବାଙ୍କୀ କେନ୍ଦୁପାଳୀ ପଞ୍ଚାୟତ କାର୍ଯ୍ୟାଳୟଠାରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ପ୍ରାଣୀ ଚିକିତ୍ସା ଅଧିକାରୀ ଶ୍ରୀନିବାସ ଆଚାରୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଯୋଗଦେଇ ଏହି ମେଳାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ବକ୍ତାଭାବେ ଡା. ଶିଶିର କୁମାର ସାହୁ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଉପମତ୍ସ୍ୟ ନିର୍ଦ୍ଦେଶିକା କଟକ ଜୋନ୍ ବବିତା ମହନ୍ତ ଯୋଗଦେଇ ଚାଷୀଙ୍କୁ ସରକାରଙ୍କ ଯୋଜନା ବିଷୟରେ ବୁଝାଇଥିଲେ। ସାଂସଦଙ୍କ ପ୍ରତିନିଧି ଜୟନ୍ତ କୁମାର ବେଉରା ଉପସ୍ଥିତ ଥିଲେ। ପ୍ରତ୍ୟେକ ପଞ୍ଚାୟତରୁ ଯୋଗଦାନ କରିଥିବା ଚାଷୀଙ୍କ ମଧ୍ୟରୁ ୮ଜଣ ଉତ୍କୃଷ୍ଟ ଚାଷୀଙ୍କୁ ସମ୍ବର୍ଦ୍ଧିତ ଓ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ବିଭାଗ ପକ୍ଷରୁ ୧୨ଟି ଷ୍ଟଲ୍ ଖୋଲାଯାଇଥିଲା। ଶେଷରେ ସହକାରୀ ମତ୍ସ୍ୟ ଅଧିକାରୀ ସ୍ମୃତିଶ୍ରିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଅବସରପ୍ରାପ୍ତ ଶିକ୍ଷକ ଦୀନକୃଷ୍ଣଙ୍କ ପରଲୋକ

ବେଗୁନିଆ,୧୩।୧୧
(ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର): ଅବସରପ୍ରାପ୍ତ ଶିକ୍ଷକ ଦୀନକୃଷ୍ଣ ପଣ୍ଡାଙ୍କ ବେଗୁନିଆ ସଦର ମହକୁମାସ୍ଥିତ ବାସଭବନରେ ଗୁରୁବାର ପରଲୋକ ହୋଇଯାଇଛି। ତାଙ୍କୁ ୬୫ବର୍ଷ ହୋଇଥିଲା। ପ୍ରାତଃରେ ଠାକୁରଙ୍କ ପୂଜାପାଠ କରୁଥିବା ବେଳେ ସେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ଚିକିତ୍ସା ପାଇଁ ପରିବାରବର୍ଗ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦୀନକୃଷ୍ଣ ଜଣେ ଆଦର୍ଶ ଶିକ୍ଷକ ସହିତ ଅଧ୍ୟାତ୍ମବାଦୀ, ପରୋପକାରୀ, ବନ୍ଧୁବତ୍ସଳ ଭାବେ ପରିଚୟ ସୃଷ୍ଟି କରିଥିଲେ। ସ୍ୱାମୀ ନିଗମାନନ୍ଦ ପରମହଂସ ସରସ୍ୱତୀ ଦେବଙ୍କ ଭକ୍ତ ସହ ବେଗୁନିଆ ନୀଳାଚଳ ସାରସ୍ୱତ ସଂଘର କର୍ମକର୍ତ୍ତା ଥିଲେ। ତାଙ୍କ ମୃତଶରୀରକୁ ସଂକୀର୍ତ୍ତନ ସହ ପ୍ରଥମେ ଜୟଗୁରୁ ଆଶ୍ରମ, ବେଗୁନିଆ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ନିଜ ଜନ୍ମଭୂମି ଚକପଦା ଗ୍ରାମ ପରିକ୍ରମା କରାଯିବା ପରେ ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଥିଲା। ପୁଅ ସନ୍ତୋଷ କୁମାର ମୁଖାଗ୍ନି ଦେଇଥିଲେ। ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ, ଶିକ୍ଷାବିତ୍ ଯୋଗେଶ୍ୱର ସୁନ୍ଦରାୟ, କବୟିତ୍ରୀ ମାନସୀ ଦାସ, ସବିତା ରାୟ, ଗ୍ରାମ କମିଟି ସଭାପତି ମାୟାଧର ମାର୍ଥା, ସାମାଜିକ କର୍ମୀ ମନମୋହନ ପଣ୍ଡା, ସୁରେନ୍ଦ୍ର ନାଥ ପଣ୍ଡା, ରାମଚନ୍ଦ୍ର ସାହୁ ପ୍ରମୁଖ ତାଙ୍କ ଶେଷଦର୍ଶନ କରିଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ସାଇନ୍ସ ସିଟି ପ୍ରସ୍ତାବିତ ସ୍ଥାନ ଅନୁଧ୍ୟାନକଲେ ମନ୍ତ୍ରୀ

ଭୁବନେଶ୍ୱର,୧୩।୧୧(ସୁସ୍ମିତା ସାହୁ)



ଭୁବନେଶ୍ୱରରେ ହେବ ସାଇନ୍ସ ସିଟି। ପୂର୍ବ ଭାରତରେ ବୈଜ୍ଞାନିକ ଅଧ୍ୟୟନ ଓ ଉଦ୍ଭାବନକୁ ପ୍ରୋତ୍ସାହନ ଦେବା। ଯୁବପିଢ଼ିଙ୍କ ମଧ୍ୟରେ ବିଜ୍ଞାନ ପ୍ରତି ଆଗ୍ରହ ସୃଷ୍ଟି କରିବା ଲକ୍ଷ୍ୟରେ ରାଜ୍ୟ ସରକାର ସାଇନ୍ସ ସିଟି କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ସାଇନ୍ସ ସିଟି ୧୦୦ ଏକର ପରିମିତ ସ୍ଥାନରେ ନିର୍ମାଣ କରାଯିବ। ଉକ୍ତ ସାଇନ୍ସ ସିଟି ନିର୍ମାଣ ଅଗ୍ରଗତି ନିମନ୍ତେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଭୁବନେଶ୍ୱରରେ ପ୍ରସ୍ତାବିତ ସ୍ଥାନ ବୁଲି ଦେଖିଛନ୍ତି। ଭୁବନେଶ୍ୱର ତହସିଲ ଅନ୍ତର୍ଗତ ହରିପୁର ଓ ଭଗବତୀପୁର ମୌଜାର ଦୁଇଟି ସ୍ଥାନକୁ ମନ୍ତ୍ରୀ ପାତ୍ର ବୁଲି ଦେଖିବା ସହ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହି ଦୁଇଟି ସ୍ଥାନ ମଧ୍ୟରୁ କୌଣସି ଗୋଟିଏ ସ୍ଥାନରେ ହିଁ ସାଇନ୍ସ ସିଟି ନିର୍ମାଣ କରିବାର ପ୍ରସ୍ତାବ ରହିବ। ଏହି ଅବସରରେ ଭୁବନେଶ୍ୱର ଉପଜିଲାପାଳ ଡଃ ମନୋରଞ୍ଜନ ସାହୁ ଓ ଭୁବନେଶ୍ୱର ତହସିଲଦାର ସମ୍ପୃକ୍ତ ସ୍ଥାନର ନକ୍ସା ଦେଖାଇବା ସହ ଅବସ୍ଥିତି ସମ୍ପର୍କରେ ଅବଗତ କରାଇଥିଲେ । ରାଜ୍ୟରେ ସାଇନ୍ସ ସିଟି ନିର୍ମାଣ ପୂର୍ବରୁ ମନ୍ତ୍ରୀ ପାତ୍ରଙ୍କ ନେତୃତ୍ୱରେ ଉଚ୍ଚସ୍ତରୀୟ ଦଳ କୋଲକାତା, ଅହମଦାବାଦ ଓ ବିହାରର ପାଟନାସ୍ଥିତ ସାଇନ୍ସ ସିଟି ପରିଦର୍ଶନ କରି ବିଜ୍ଞାନ କେନ୍ଦ୍ର ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ସବିଶେଷ ଆଲୋଚନା କରି ନିର୍ମାଣଶୈଳୀ ବାବଦରେ ଅବଗତ ହୋଇଛନ୍ତି।

# ଅଦିନିଆ ରଥଯାତ୍ରା ବନ୍ଦ କରାଯାଉ

ଭୁବନେଶ୍ୱର,୧୩।୧୧
(ସୌମ୍ୟରଞ୍ଜନ ରାଉତ)

ଇସ୍କନ୍ ପକ୍ଷରୁ ତାଇୱାନ୍‌ର ତାଇପେଇରେ ଆସନ୍ତା ୨୩ ତାରିଖରେ ହେବାକୁ ଥିବା ଅଦିନିଆ ରଥଯାତ୍ରାକୁ ନେଇ କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ମନରେ ଗଭୀର ଅସନ୍ତୋଷ ଦେଖାଦେଇଛି। ଇସ୍କନ୍ ବାରମ୍ବାର ଜଗନ୍ନାଥ ସଂସ୍କୃତିକୁ ଅପମାନ ଦେଇ ତଥା ଓଡ଼ିଶା ସରକାର, ଗଜପତି ମହାରାଜା ଦିବ୍ୟସିଂହ ଦେବ ଏବଂ ପୁରୀ ଶଙ୍କରାଚାର୍ଯ୍ୟଙ୍କୁ ବେଖାତିର୍ କରି ଅଦିନିଆ ରଥଯାତ୍ରା କରୁଛି। ଏହା ଜଗନ୍ନାଥ ସଂସ୍କୃତି ଏବଂ ଓଡ଼ିଆ ଅସ୍ମିତା ପ୍ରତି ଆହ୍ୱାନ ସୃଷ୍ଟି କରିଛି ବୋଲି ଓଡ଼ିଆ ଅସ୍ମିତା ପରିଷଦ ଅଭିଯୋଗ କରିଛି। ଓଡ଼ିଶା ସରକାର ତୁରନ୍ତ ଇସ୍କନ୍‌ର ଏହି ଅଦିନିଆ ରଥଯାତ୍ରା ବନ୍ଦ କରିବାକୁ ପଦକ୍ଷେପ ନେବା ପାଇଁ ଓଡ଼ିଆ ଅସ୍ମିତା ପରିଷଦର ଆବାହକ ରବି ବେହେରା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖି ଦାବି କରିଛନ୍ତି। ଆବଶ୍ୟକ ହେଲେ ଭାରତ ସରକାରଙ୍କ ସହ ଯୋଗାଯୋଗ କରି ଓଡ଼ିଶା ସରକାର ତ୍ୱରିତ ପଦକ୍ଷେପ ନେବାକୁ ପରିଷଦର ଆବାହକ ବେହେରା ଦାବି କରିଛନ୍ତି।

# ‘ଓଡ଼ିଆ ଅସ୍ମିତା, ନୌବାଣିଜ୍ୟ ପରମ୍ପରା’ ଶୀର୍ଷକ ଆଲୋଚନାଚକ୍ର



ଭୁବନେଶ୍ୱର,୧୩।୧୧(ସୌମ୍ୟରଞ୍ଜନ ରାଉତ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଆଜିର ସୃଜନୀର ମିଳିତ ଆନୁକୂଲ୍ୟରେ ରାଜ୍ୟ ସଂଗ୍ରହାଳୟ ସଭାକକ୍ଷରେ ଗୁରୁବାର ‘ଓଡ଼ିଆ ଅସ୍ମିତା ଓ ନୌବାଣିଜ୍ୟ ପରମ୍ପରା’ ଶୀର୍ଷକ ଆଲୋଚନାଚକ୍ର ତଥା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୃଜନୀର ପ୍ରତିଷ୍ଠାତ୍ରୀ ସୁଜାତା ନନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଜଷ୍ଟିସ ଡି.ପି. ଚୌଧୁରୀ, ପ୍ରତ୍ନତତ୍ତ୍ୱବିତ୍ ଡ. ଡି.ବି. ଗଡ଼ନାୟକ, ଇତିହାସବିତ୍ ଡ. ସୁନୀଲ କୁମାର ପଟ୍ଟନାୟକ ଏବଂ ସଂଗ୍ରହାଳୟର ଅଧୀକ୍ଷକ ଡ. ଭାରତୀ ପାଲ୍ ପ୍ରମୁଖ ଯୋଗଦେଇଥିଲେ। ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ ଓଡ଼ିଆ ଅସ୍ମିତା ଓ ନୌବାଣିଜ୍ୟର ଐତିହ୍ୟ ପରସ୍ପର ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ସାଧବ ପୁଅମାନଙ୍କ କାହାଣୀ ଗପ ନୁହେଁ, ଆମ ଇତିହାସର କଥା। ପିଲାଙ୍କୁ ଓଡ଼ିଶାର ଇତିହାସ ତଥା ଭାଷା ସାହିତ୍ୟ ପ୍ରତି ଆଗ୍ରହୀ କରିବାକୁ ହେଲେ ସେମାନଙ୍କ ପ୍ରତିଭାର ବିକାଶ ପାଇଁ ମା’, ବାପା ତଥା ଅଭିଭାବକମାନେ ଧ୍ୟାନଦେବା ଆବଶ୍ୟକ ବୋଲି ଅତିଥିମାନେ ମତ ରଖିଥିଲେ। ପରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ଅନ୍ତିମ ପର୍ବରେ ନୃତ୍ୟ ପରିବେଷିତ ହୋଇଥିଲା। ଶେଷରେ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ଶିକ୍ଷାବିତ୍ ଦୀନବନ୍ଧୁ ମାର୍ଥାଙ୍କ ସ୍ମୃତିଚାରଣ

ଖୋର୍ଦ୍ଧା,୩।୧୧(ପ୍ରଭାତ ପାଣିଗ୍ରାହୀ)

ତାପଙ୍ଗ ଦଳବେହେରା ସ୍ମୃତି ପରିଷଦର ଉପଦେଷ୍ଟା ତଥା ଶିକ୍ଷାବିତ୍ ଦୀନବନ୍ଧୁ ମାର୍ଥାଙ୍କ ବିୟୋଗରେ ସ୍ମୃତିଚାରଣ ସଭା ସ୍ମୃତି ପରିଷଦର କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ମାର୍ଥା ପ୍ରଥମେ ତାପଙ୍ଗ ହାଇସ୍କୁଲରେ ଶିକ୍ଷକତା ଆରମ୍ଭ କରି ପରେ ଖୋର୍ଦ୍ଧା ବିଜେବି ହାଇସ୍କୁଲ ପରେ ପଦୋନ୍ନତି ପାଇ ଖୋର୍ଦ୍ଧା ସରକାରୀ ବାଳିକା ହାଇସ୍କୁଲ ପ୍ରଧାନଶିକ୍ଷକ ପଦରୁ ଅବସର ନେଇଥିଲେ। ଜଣେ ଦକ୍ଷ ଗଣିତ ଶିକ୍ଷକ ଓ ସଙ୍ଗଠକ ଭାବେ ପରିଚିତ ଥିଲେ। କଳିଙ୍ଗ ପାଇକ ସଙ୍ଗଠନର ସଭାପତି ଭୀମସେନ ପ୍ରଧାନ, ସତ୍ୟବାଦୀ ବଳିୟାରସିଂହ, ପୂର୍ବତନ ପ୍ରଧାନଶିକ୍ଷକ ବାମଦେବ ରାୟସିଂହ, ପଣ୍ଡିତ ହାଡ଼ିବନ୍ଧୁ ପଣ୍ଡା, ଦୈତାରୀ ମାର୍ଥା, ଦଳବେହେରା ସ୍ମୃତି ପରିଷଦର ସମ୍ପାଦକ ସଂଗ୍ରାମ କେଶରୀ ଜଗଦେବ ପ୍ରମୁଖ ସଭାରେ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ପୂର୍ଣ୍ଣଚନ୍ଦ୍ର ଦାସ, କୁମର ବରିସଲ, ଦେବଶ୍ରୀ ମାର୍ଥା, ଶୁଭଶ୍ରୀ ମାର୍ଥା, ଲକ୍ଷ୍ମୀଧର ପଲେଇ, ଅଞ୍ଜନ କୁମାର ମାର୍ଥା, ରଞ୍ଜନ କୁମାର ପ୍ରଧାନ, ଦୀପକ କୁମାର ଜୟସିଂହ, ସୁନୀଲ କୁମାର ବୈରୀଗଞ୍ଜନ, ପ୍ରସନ୍ନ କୁମାର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଅଞ୍ଜନ ବଳିୟାରସିଂହ ଧନ୍ୟବାଦ ଦେଇଥିଲେ।

# ଡିସେମ୍ବର ୨୩ରୁ ‘ଓଡ଼ିଶାର ପାରମ୍ପରିକ ଖାଦ୍ୟ ମହୋତ୍ସବ’



ଭୁବନେଶ୍ୱର,୧୩।୧୧(ସୌମ୍ୟରଞ୍ଜନ ରାଉତ)

■ ୩୦ ଜିଲାର ପ୍ରସିଦ୍ଧ ଖାଦ୍ୟ ପରମ୍ପରା ପ୍ରଦର୍ଶନ ହେବ

ବିଶ୍ୱ ଓଡ଼ିଆ ପରିବାର ଏବଂ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଆସନ୍ତା ଡିସେମ୍ବର ୨୩ରୁ ୨୯ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରର ପ୍ରଦର୍ଶନୀ ପଡ଼ିଆରେ ‘ଓଡ଼ିଶାର ପାରମ୍ପରିକ ଖାଦ୍ୟ ମହୋତ୍ସବ’ର ଆୟୋଜନ ହେବ। ଏ ନେଇ ପ୍ରଥମ ପ୍ରସ୍ତୁତି ବୈଠକ ଗୁରୁବାର ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ। ଓଡ଼ିଶାର ସମୃଦ୍ଧ ସଂସ୍କୃତିର ପ୍ରଚାର ଓ ପ୍ରସାର ଏହି ମହୋତ୍ସବ ଆୟୋଜନର ମୁଖ୍ୟ ଆଭିମୁଖ୍ୟ ବୋଲି ସେ କହିଥିଲେ। ଏହି ମହୋତ୍ସବରେ ଓଡ଼ିଶାର ପାରମ୍ପରିକ ପରିବେଷଣ କଳା, ଚିତ୍ରକଳା ଓ ସଂପାନ ମାଧ୍ୟମରେ ଓଡ଼ିଆ ଖାଦ୍ୟ ପରମ୍ପରାର ବିଶେଷତ୍ୱକୁ ପ୍ରଦର୍ଶନ କରାଯିବ ବୋଲି କୁଳପତି ସୂଚନା ଦେଇଥିଲେ। ବିଶ୍ୱ ଓ ପରିବାରର ଅଧ୍ୟକ୍ଷ ସଜ୍ଜନ କୁମାର ଶର୍ମା ବୈଠକରେ ଯୋଗଦେଇ ଆମ ପାରମ୍ପରିକ ଖାଦ୍ୟର ମୌଳିକତା ଓ ଏହାର ସାଂସ୍କୃତିକ ମୂଲ୍ୟବୋଧ ଉପରେ ଆଲୋକପାତ କରିଥିଲେ। ଏହି ମହୋତ୍ସବରେ ଓଡ଼ିଶାର ସମସ୍ତ ୩୦ଟି ଜିଲାର ପ୍ରସିଦ୍ଧ ଖାଦ୍ୟ ପରମ୍ପରାକୁ ପ୍ରଦର୍ଶନ କରାଯିବା ସହ ବହୁ ବିରଳ ଖାଦ୍ୟ ସାମଗ୍ରୀ ସମ୍ପର୍କରେ ଯୁବପିଢ଼ିଙ୍କୁ ସଚେତନ କରାଯିବ ବୋଲି ସେ କହିଥିଲେ। ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ସହ ଅନୁବନ୍ଧିତ ୩୬ଟି ପର୍ଯ୍ୟଟନ ଓ ହୋଟେଲ ପରିଚାଳନା ମହାବିଦ୍ୟାଳୟ ଏଥିରେ ପ୍ରତ୍ୟକ୍ଷ ଭାବେ ଭାଗନେବେ ବୋଲି କୁଳସଚିବ ଅନାମିକା ଅଧିକାରୀ ସୂଚନା ଦେଇଥିଲେ। ଏହି ମହୋତ୍ସବକୁ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରିମଣ୍ଡଳର ସଦସ୍ୟଙ୍କୁ ଆମନ୍ତ୍ରଣ କରାଯିବ। ୩୬ଟି ପର୍ଯ୍ୟଟନ ଓ ହୋଟେଲ ପରିଚାଳନା ମହାବିଦ୍ୟାଳୟର ଅଧ୍ୟକ୍ଷମାନେ ଏହି ପ୍ରସ୍ତୁତି ବୈଠକରେ ଯୋଗଦେଇ ଏହି ପାରମ୍ପରିକ ଖାଦ୍ୟ ମହୋତ୍ସବ ପ୍ରଦର୍ଶନୀର ସଫଳତା ନିମନ୍ତେ ଆବଶ୍ୟକ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ଧରଣୀଧର ରଣା ଧନ୍ୟବାଦ ଦେଇଥିଲେ।

# ପିକଅପ୍ ସହ ଡ୍ରାଇଭରଙ୍କୁ ଅପହରଣ କରି ଲୁଟ୍

**୨ ଅଭିଯୁକ୍ତ ଗିରଫ, ଏକାଧିକ ଫେରାର**

ଭୁବନେଶ୍ୱର,୧୩।୧୧(ସତ୍ୟଜିତ ରାଉତ): ଖାରପଡ଼ା ଫ୍ଲାଏ ଓଭରବ୍ରିଜ୍ ନିକଟରୁ ରଡ୍ ବୋଝେଇ ପିକଅପ୍ ଭ୍ୟାନ୍ ସହ ଡ୍ରାଇଭରଙ୍କୁ ଅପହରଣ କରି ଲୁଟ୍ ଅଭିଯୋଗରେ ଲକ୍ଷ୍ମୀସାଗର ଥାନା ପୋଲିସ ଦୁଇଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବାଲିପାଟଣା ଥାନା ଅଞ୍ଚଳର ସୱାର ଶାହ (୨୯) ଓ ସୟଦ ଅବଦୁଲ ସାମିନ୍ (୨୨)। ଅଭିଯୁକ୍ତଦ୍ୱୟଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ସମ୍ପୃକ୍ତ ଥିବା ଅନ୍ୟ ଫେରାର ସହଯୋଗୀମାନଙ୍କୁ ଧରିବାକୁ ପ୍ରୟାସ ଚାଲିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନା ଅନୁଯାୟୀ, ବୁଧବାର ଅପରାହ୍ନ ପ୍ରାୟ ୨ଟା ୩୦ରେ ପିକଅପ୍ ଭ୍ୟାନ୍‌ର ଡ୍ରାଇଭର ନରେନ୍ଦ୍ର ସାମଲ ଖାରପଡ଼ା ଫ୍ଲାଏଓଭର ବ୍ରିଜ୍ ନିକଟରେ ଗାଡ଼ି ରଖି ନିକଟସ୍ଥ ଶୌଚାଳୟକୁ ଯାଉଥିବାବେଳେ ୪ରୁ ୫ଜଣ ଦୁର୍ବୃତ୍ତ ତାଙ୍କୁ ହଠାତ୍ ଆକ୍ରମଣ କରିଥିଲେ। ସେମାନେ ନରେନ୍ଦ୍ରଙ୍କ ଠାରୁ ୧୨ହଜାର ଟଙ୍କା ଏବଂ ମୋବାଇଲ୍ ଫୋନ୍ ଛଡ଼ାଇ ନେଇଥିଲେ। ଦୁର୍ବୃତ୍ତମାନେ ପ୍ରାୟ ୩ ଟନ ଲୁହାରଡ୍ ବୋଝେଇ ହୋଇଥିବା ଉକ୍ତ ପିକଅପ୍ ଗାଡ଼ି ସହିତ ନରେନ୍ଦ୍ରଙ୍କୁ ଅପହରଣ କରିନେଇଥିଲେ। ନରେନ୍ଦ୍ରଙ୍କୁ ଅଭିଯୁକ୍ତମାନେ ନୂଆଗାଁ ପେଟ୍ରୋଲ ପମ୍ପ ନିକଟରେ ଛାଡ଼ିଦେଇ ଗାଡ଼ି ନେଇ ପଳାଇ ଯାଇଥିଲେ। ଏନେଇ ମାଲିକ ପ୍ରସନ୍ନ କୁମାର ସାହୁ ଏତଲା ଦେବା ପରେ ଲକ୍ଷ୍ମୀସାଗର ଥାନା ପୋଲିସ ଏକ ମାମଲା (ନଂ.୬୦୪/୨୦୨୫) ରୁଜୁ କରି ତଦନ୍ତ କରିଥିଲା।


## ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ., ଖୋର୍ଦ୍ଧା

Regn. No. 95 PU Dt.22.03.1912, RBI Licence No. RPCD/BBSR/15/2011-12 Dt.02.05.2012
Ph.: 06755-220209/220203, E-mail ID: khordhaccbank@gmail.com, ceo@khordhaccbank.com

ରିଜର୍ଭ ବ୍ୟାଙ୍କ ଦ୍ୱାରା ଲାଇସେନ୍ସ ପ୍ରାପ୍ତ — ରାଜ୍ୟର ୧୧୩ବର୍ଷର ଅଗ୍ରଣୀ ବ୍ୟାଙ୍କ

**ବ୍ୟାଙ୍କରେ ଉପଲବ୍ଧ ସୁବିଧା ଓ ସୁଯୋଗ**

୧. CBS ମାଧ୍ୟମରେ ୧୮ଗୋଟି ଶାଖା, ୩ଗୋଟି ସମ୍ପ୍ରସାରିତ ଶାଖା ଓ ସହବନ୍ଧିତ ୧୫୭ଗୋଟି ପ୍ରାଥମିକ କୃଷି ସମବାୟ ସମିତି ଦ୍ୱାରା କୃଷି ଓ କୃଷକର ଉନ୍ନତି ସହ ବିଭିନ୍ନ ପ୍ରକାର ବ୍ୟାଙ୍କିଙ୍ଗ ସେବା ପ୍ରଦାନ। ୨. ଠିକ୍ ସମୟରେ ୧,୦୦,୦୦୦ ଟଙ୍କା ପର୍ଯ୍ୟନ୍ତ କୃଷି ଋଣ ପରିଶୋଧ କଲେ କୌଣସି ସୁଧ ଦେବାକୁ ପଡ଼ିନଥାଏ ଓ ୧,୦୦,୦୦୧ଟଙ୍କାରୁ ୩ଲକ୍ଷ ଟଙ୍କା ଋଣ ଉପରେ ଶତକଡ଼ା ୨ ପ୍ରତିଶତ ହାରରେ ସୁଧ ଦେବାକୁ ପଡ଼େ। ଏତଦ୍‌ବ୍ୟତୀତ "ବଳରାମ ଯୋଜନା" ମାଧ୍ୟମରେ ଭାଗଚାଷୀ ଓ ଭୂମିହୀନ ଚାଷୀଙ୍କୁ ଋଣ ଯୋଗାଇ ଦେବାର ବ୍ୟବସ୍ଥା। ୩. ବୁଣାକାରମାନଙ୍କୁ "ବଳିଆ ଯୋଜନା" ମାଧ୍ୟମରେ ଋଣ ପ୍ରଦାନର ବ୍ୟବସ୍ଥା ଉପଲବ୍ଧ। ୪. କୃଷକମାନଙ୍କ ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା, ଦୁର୍ଘଟଣାଜନିତ ବୀମା ଓ ଜୀବନ ବୀମା ଉପଲବ୍ଧ ଅଟେ। ୫. ସରକାରୀ ମୂଲ୍ୟରେ ସମିତିମାନଙ୍କ ଜରିଆରେ କୃଷକମାନଙ୍କ ପାଇଁ ବିହନ, ରାସାୟନିକ ସାର, ଜୈବିକ ସାର ଓ କୀଟନାଶକ ଔଷଧ ଯୋଗାଣ ବ୍ୟବସ୍ଥା। ୬. କୃଷି ଆନୁଷଙ୍ଗିକ ମିଆଦୀ ଋଣ ଯଥା ଗାଈ, ଛେଳି, ମେଣ୍ଢା ପାଳନ, କୃଷି ଯନ୍ତ୍ରପାତି, ପୋଖରୀ ଖୋଳା, ମାଛ ଚାଷ, ଫଳ, ଛତୁ ଚାଷ, ପାନବରଜ ଓ ଜଳସେଚନ ନିମିତ୍ତ ଋଣର କିସ୍ତି ଠିକ୍ ସମୟରେ ପରିଶୋଧ କଲେ ଶତକଡ଼ା ୩ଟଙ୍କା ସୁଧ ରିହାତି ବ୍ୟବସ୍ଥା ରହିଛି। ୭. ସମସ୍ତ ପ୍ରକାର ବ୍ୟବସାୟିକ ଭିତ୍ତିକ ଋଣ, ଗୃହ ନିର୍ମାଣ ଓ ଉପକରଣ କ୍ରୟ ଋଣ ଓ ସମ୍ପତ୍ତି ବନ୍ଧକ ଋଣ ଅତି କମ୍ ସୁଧରେ ଉପଲବ୍ଧ। ୮. ୨ ଚକିଆ ଓ ୪ ଚକିଆ ଯାନ ପାଇଁ ଅତି ସହଜ, ସରଳୀକୃତ କମ୍ ସୁଧରେ ଋଣ ଉପଲବ୍ଧ। ୯. ସ୍ୱର୍ଣ୍ଣ ବନ୍ଧକ ଋଣ ଅନ୍ୟ ବ୍ୟାଙ୍କ ତୁଳନାରେ ସ୍ୱଳ୍ପ ସୁଧ ଶତକଡ଼ା ବାର୍ଷିକ ୮.୧ ହାରରେ ପ୍ରଦାନ କରାଯାଏ। ୧୦. ମିଶନ ଶକ୍ତି ମାଧ୍ୟମରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଠିକ୍ ସମୟରେ ଋଣ ପରିଶୋଧ କଲେ ୫,୦୦,୦୦୦ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ପ୍ରଦାନ କରାଯାଏ। ୧୧. ଆର୍ଥିକ ସ୍ୱାବଲମ୍ବନ ପାଇଁ କ୍ଷୁଦ୍ର ବ୍ୟବସାୟ ଋଣ ୧,୦୦,୦୦୦/- ଟଙ୍କା ପର୍ଯ୍ୟନ୍ତ ବିନା ବନ୍ଧକରେ ଉପଲବ୍ଧ। ୧୨. IMPS, NEFT, RTGS, AEPS, PoS, CTS, Clearing ସମେତ ATM ଓ RuPay କାର୍ଡ଼ ମାଧ୍ୟମରେ ଉନ୍ନତ ବ୍ୟାଙ୍କିଙ୍ଗ ସେବା ଦିଆଯାଏ ଏବଂ ସମିତିମାନଙ୍କର Micro ATM ମାଧ୍ୟମରେ କୃଷକମାନଙ୍କ ପାଇଁ ଟଙ୍କା ଉଠାଣ କରିବାର ସୁବିଧା ଉପଲବ୍ଧ ଅଛି। ୧୩. Safe Deposit Locker ସଦର ଶାଖା, ଖୋର୍ଦ୍ଧା ମହିଳା ଶାଖା ଓ ଭୁବନେଶ୍ୱର ମହିଳା ଶାଖାଠାରେ ଉପଲବ୍ଧ ଅଛି। ୧୪. ସର୍ବନିମ୍ନ ସହାୟକ ମୂଲ୍ୟ (MSP)ରେ ସମିତିମାନଙ୍କ ଜରିଆରେ ଧାନ, ଚିନାବାଦାମ ଓ ମୁଗ ଆଦି ଫସଲ କ୍ରୟ କରିବାର ସୁବିଧା ଓ ଚାଷୀମାନଙ୍କୁ ସିଧାସଳଖ ବ୍ୟାଙ୍କର ସଞ୍ଚୟ ଖାତାରେ ଟଙ୍କା ପୈଠ କରାଯାଇଥାଏ। ୧୫. ମିଆଦୀ ଜମା (Fixed Deposit) ଓ ସଞ୍ଚୟ ଜମା (Saving Deposit) ଉପରେ ଅନ୍ୟାନ୍ୟ ବାଣିଜ୍ୟିକ ଓ ଗ୍ରାମ୍ୟ ବ୍ୟାଙ୍କଠାରୁ ଅଧିକ ସୁଧ ଦେବା ସହିତ ଜମା ରାଶି ବୀମା ଦ୍ୱାରା ସୁରକ୍ଷିତ (DICGC) ଓ ବରିଷ୍ଠ ନାଗରିକମାନଙ୍କ ପାଇଁ ମିଆଦୀ ଜମା ଉପରେ ୦.୫ ପ୍ରତିଶତ ଅଧିକ ସୁଧ ପ୍ରଦାନ କରାଯାଏ।

ଅଧିକ ବିବରଣୀ ନିମନ୍ତେ ନିକଟସ୍ଥ ଶାଖା/ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ

ଶ୍ରୀ ସାରଥୀ ଶତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ.
ଶ୍ରୀଯୁକ୍ତ ଅଭିଷେକ ସିଂହ ସାମନ୍ତ, ସଭାପତି, ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ.



Government of Jharkhand
**Department of School Education and Literacy**
(Jharkhand Education Project Council, Ranchi)
J.S.C.A. Stadium Road, Sector.-III, Dhurwa, Ranchi-834004
Phone:0651-2444501, E-Mail: jepcranchi1@gmail.com

**e-Procurement Notice(2nd Call)**

JEPC invites Separate Technical & Financial Bids through e-procurement method from eligible and interested contractors for Constructions of 100 Bedded Hostel for PM-JANMAN at Garhwa District of Palamu Division of Jharkhand Interested and eligible bidders are requested to submit their proposal latest by 28.11.2025 at 2.00 PM.

The details of tender document can be seen and applied through website https://jharkhandtenders.gov.in only.

PR 365794 Jharkhand Education Project Council (25-26)_D

Sd/- State Project Director, Jharkhand Education Project Council

Ref. No.: JEPC/CIV/03/1638/2025/4652 — Ranchi, Date :- 10.11.2025



**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, DEOGARH**
**TENDER CALL NOTICE**

No.5358/C.S — Dt.10.11.2025

**No.E-498** : Sealed tenders are invited from registered firms / dealers / agencies for supply of Drugs, consumables, Laboratory reagent & BCL Items for Deogarh District for the year 2025-26. The details, term and condition, guidelines etc. including tender paper format can be downloaded from the district website i.e **www.deogarh.nic.in** or collected from central store. DHH, Deogarh in the official hour by depositing tender paper cost of Rs.5000/- (Non-refundable) in shape of DD in favour of RKS. DHH. Deogarh payable at SBI, Deogarh. The tenders in the prescribed format along with all relevant documents should reach the office of the undersigned by 25/11/2025 by 5.00 PM. through Regd. Post/speed post/courier only and the same will be opened on date- 27.11.2025 at 11.00 AM. The undersigned reserves the right to cancel, accept or reject any or all tenders without assigning any reason thereof.

OIPR- — Sd./-CDM & PHO, Deogarh



**OFFICE OF THE CHIEF DISTRICT MEDICAL AND PUBLIC HEALTH OFFICER : PURI (DISTRICT TB CELL, PURI)**
Notice No. 420/NTEP/Dated. 06.11.2025
**SHORT TENDER NOTICE**

**No.E-503** : Sealed Tenders in prescribed format are invited for supply of additional nutritional support among consented TB patient for PMTBMBA Programme under NTEP.

The Bidders should submit in two separate sealed packets i.e. one for Technical Bid and another for Financial Bid to be superscripted on the cover of the packets separately. The details list, specification, eligibility criteria and Tender Terms and Conditions may be downloaded from District website puri.odisha.gov.in

The sealed Tender will be received through Speed Post, Reg. Post & Courier only on or before 24.11.2025 till 5 P.M. by CDM&PHO, Puri, and the said tender will be opened on 25.11.2025 at 12 Noon in presence of bidders or their authorized representatives in the office of CDM&PHO, Puri and absence of any of them will not be bar to open the Bid. Tenders received incomplete or after the scheduled date & time shall be rejected.

Rate should be quoted for each item in F.O.R destination including all incidental charges, GST.

The undersigned has reserve right to reject any or all tenders without assigning any reason thereof. All legal disputes if any relating to the quotations are subject to Jurisdiction in the Court of District Judge situated at Puri, Odisha only.

OIPR- — Sd./- Chief District Medical & Public Health Officer, Puri



**NOTICE INVITING BID**
**Odisha State Medical Corporation Limited (OSMCL)**
In front of Ram Mandir, Convent Square, Unit-III, Bhubaneswar-751 001
Tel. : (0674) 2380950, Website : www.osmcl.nic.in,
Email : drugs-osmcl@od.gov.in

Bid Ref. No. : OSMCL/2025-26/DRUGS-DHS-ACD-RE-TENDER/07 — Date : 12.11.2025

**No.CAD-2273** : Online Bids through e-Tender portal (https://tendersodisha.gov.in) are invited from eligible bidders for Supply of Anti-Cancer Drugs (Re-Tender) for the year 2025-26 as per the particulars mentioned below :

| Sl. No. | Particulars | Date and time | |
|---|---|---|---|
| 1. | Date & time of release of bid | 12.11.2025, 3.00 P.M. | |
| 2. | Date & time for submission of queries by E-Mail to Id drugs-osmcl@od.gov.in | 15.11.2025, up to 5:00 P.M. | |
| 3. | Date & time of Online bid submission | Start Date & Time: 18.11.2025, 3.00 P.M. | End Date & Time: 08.12.2025, 6.00 P.M. |
| 4. | Date & time for submission of Tender Documents, Tender Document Fee and EMD amount as per section-IV of tender document | Start Date & Time: 09.12.2025, 10.00 A.M. | End Date & Time: 16.12.2025, 11.00 A.M. |
| 5. | Date & time of online Technical bid opening | 16.12.2025, 11:30 A.M. | |
| 6. | Date of opening of Price Bid | To be informed to the qualified bidders | |

The bid document with all information relating to the bidding process including cost of bid document, EMDs, Prequalification criteria and terms & conditions are available in the websites : www.osmcl.nic.in and https://tendersodisha.gov.in. The Authority reserves the right to accept / reject any part thereof or all the bids without assigning any reason thereof. All notices will be published in the OSMCL website www.osmcl.nic.in. Hence the bidders are requested to visit OSMCL website www.osmcl.nic.in time to time for any published notice against the tender.

OIPR- — Sd./- Managing Director, OSMC Ltd., Odisha



ଓଡ଼ିଶା ସରକାର
**ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ସମ୍ବଲପୁର**
E-Mail: serwcirclesbp@yahoo.com
Office Order No. 4102 — Dated: 12.11.2025

**1st Corrigendum Bid Identification No. Road Tender Online RWCSBP-20/2025-26**

No. O-1431: Following modifications are hereby made to the notice inviting tender vide this office Bid ID No. Road tender Online RWCSBP-20/2025-26.

1. The availability of tender online for bidding may be read as 24.11.2025 from 11.00 A.M. to 09.12.2025 upto 5.00 P.M. instead of from 03.11.2025 from 11.00 A.M. to 17.11.2025 upto 5.00 P.M.
2. The last date & time for seeking clarification may be read as 06.12.2025 upto 5.00 P.M. instead of 15.11.2025 upto 5.00 P.M.
3. The date & time of technical opening bid may be read as 10.12.2025 at 11.00 A.M. instead of 18.11.2025 at 11.00 A.M.

All other terms and condition remain unchanged.

OIPR- — Sd./- Chief Construction Engineer, R.W. Circle, Sambalpur



**ODISHA HYDRO POWER CORPORATION LTD.** (OHPC)
(A Gold Rated State PSU)
O/o. Sr. General Manager, Rengali Hydro Electric Project, Rengali
P.O.: Rengali Dam Site, Dist.: Angul (Odisha), PIN - 759105
Tel.: 06760-266031, Email: sgmel500@gmail.com
No. OHPC/RHEP/TW/WKS-III/20/8266 — Dated: 12.11.2025

**ବିଜ୍ଞପ୍ତି**

No. CAD-2288: ଏତଦ୍ୱାରା ରେଙ୍ଗାଳି ଡ୍ୟାମ୍ ସାଇଟ୍, ଅନୁଗୋଳର ସମସ୍ତ Non-OHPC ବିଦ୍ୟୁତ୍ ଉପଭୋକ୍ତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ସ୍ଥାନୀୟ ବିଦ୍ୟୁତ୍ ବଣ୍ଟନ ଭାର ବିଦ୍ୟୁତ୍ ବିତରଣ କମ୍ପାନୀ Tata Power (TPCODL)କୁ ହସ୍ତାନ୍ତରହେବା ପ୍ରକ୍ରିୟା ଚାଲୁ ରହିଛି, ଯାହାକି ଅତି ଶୀଘ୍ର ସମ୍ପୂର୍ଣ୍ଣ ହେବ। ତେଣୁ ଆପଣମାନଙ୍କୁ ସବିଶେଷ ଅନୁରୋଧ ଯେ, ଆପଣମାନେ ଯଥାଶୀଘ୍ର ରେଙ୍ଗାଳିସ୍ଥିତ ପୁରାତନ ନବୋଦୟ ବିଦ୍ୟାଳୟ ପରିସରରେ ଥିବା ଟି.ପି.ସି.ଓ.ଡି.ଏଲ୍. କ୍ୟାମ୍ପ ଅଫିସ୍‌ରେ ଯୋଗାଯୋଗ କରି ଉପଭୋକ୍ତା ହେବା ପାଇଁ ଆବଶ୍ୟକୀୟ ନଥିପତ୍ର (Document) ଦେଇ ଆବେଦନ କରନ୍ତୁ। ନଚେତ୍ ପରବର୍ତ୍ତୀ ସମୟରେ ବିଦ୍ୟୁତ୍ ବିଚ୍ଛିନ୍ନ ହେଲେ ରେଙ୍ଗାଳି ଜଳବିଦ୍ୟୁତ୍ ପ୍ରକଳ୍ପ (OHPC Ltd.) କର୍ତ୍ତୃପକ୍ଷ, ରେଙ୍ଗାଳି ଡ୍ୟାମ୍ ସାଇଟ୍, ଅନୁଗୋଳ ଦାୟୀ ରହିବେ ନାହିଁ।

OIPR- — ସ୍ୱା./- ବରିଷ୍ଠ ସାଧାରଣ ପରିଚାଳକ, ରେଙ୍ଗାଳି ଜଳବିଦ୍ୟୁତ୍ ପ୍ରକଳ୍ପ



**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, MALKANGIRI (MEDICAL WINGS)**

R.F.P No. : 12691/25-Diet DHH-38-(B) — Date : 07.11.2025

**REQUEST FOR PROPOSAL (R.F.P) FOR OUTSOURCING OF DIET SERVICES FOR INDOOR PATIENTS OF D.H.H, MALKANGIRI**

**No.E-502** : Sealed R.F.Ps are invited from the eligible reputed registered Company / Firm / Society / Trust or SHG / SHG Federation for outsourcing of Diet Services for indoor patients of D.H.H, Malkangiri on annual contract basis. The details, Term & condition Guideline etc. including R.F.P format can be downloaded from the district web site www.malkangiri.nic.in. The R.F.P in the prescribed format along with all relevant documents should be reached in the office of the D.M.O(M.S)-cum- Superintendent, D.H.H, Malkangiri by 01/12/2025, TIME - 5:00 P.M. through Regd. Post / Speed Post only. No other mode is allowed. The envelope should duly super scribed on top of Envelope as sealed cover **"PROPOSAL FOR SUPPLY OF DIET FOR INDOOR PATIENTS OF D.H.H, MALKANGIRI"**. Last date of submission 01/12/2005 at 5:00 P.M. The same will open on 02/12/2025, 11:00 A.M. at 05th floor Conference hall, DHH, Malkangiri. The undersigned reserves the right to reject any or all the quotations without assigning any reason thereof.

OIPR- — Sd./- Dolamani Pradhan, Chief District Medical & Public Health Officer, Malkangiri



**कार्यपालक अभियंता का कार्यालय**
**पथ निर्माण विभाग, पथ प्रमण्डल, रामगढ़।**
रामगढ़ थाना के सामने, थाना चौक/गांधी चौक, रामगढ़ कैन्ट,
जिला–रामगढ़, झारखण्ड– 829122, ई-मेल–eercdramgarh-jhr@nic.in

" **सूचना** "

एतद् द्वारा सूचित किया जाता है कि पथ प्रमण्डल, रामगढ़ अन्तर्गत एस०बी०डी० आधारित अल्पकालीन ई–निविदा आमंत्रण सूचना का प्रसंग संख्या–RCD/RAMGARH/1064/2025-26 दिनांक–29.10.2025 का P.R. No.- 365006Road(25-26)*D द्वारा आमंत्रित अल्पकालीन ई–निविदा में निम्न प्रकार संशोधित किया जाता है:–

| क्रमांक | विवरणी | पूर्व में आमंत्रित तिथि | संशोधन की तिथि |
|---|---|---|---|
| 1. | वेबसाईट पर निविदा प्रकाशित होने की तिथि एवं समय | 14.11.2025 10:30 बजे पूर्वाह्न | 20.11.2025 10:30 बजे पूर्वाह्न |
| 2. | निविदा प्राप्ति की अंतिम तिथि एवं समय | 22.11.2025 12:00 बजे दिन तक | 26.11.2025 12:00 बजे दिन तक |

शेष यथावत रहेंगे।

कार्यपालक अभियंता, पथ निर्माण विभाग, पथ प्रमण्डल, रामगढ़।

PR 365903 (Road) 25-26 (D)

## ସଂକ୍ଷେପରେ

### ବାଇକ୍ ଛଡ଼ାଇ ନମ୍ବର ବଦଳାଇବା ପଡ଼ିଲା ମହଙ୍ଗା
### ଧରା ହେଲେ ନାତି, ଅଜା ଓ ମଉସା

ବାରଙ୍ଗ, ୧୩।୧୧ (ଲିଙ୍ଗରାଜ ରାଉତ): ବାଇକ୍ ଛଡ଼ାଇ ନେବା ଏବଂ ନମ୍ବର ବଦଳାଇବା ଅଭିଯୋଗରେ ନନ୍ଦନକାନନ ଥାନା ପୋଲିସ ୩ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଉକ୍ତ ଥାନା ଅଧୀନ ରଘୁନାଥପୁର ଗ୍ରାମ ଶିଖରଚଣ୍ଡୀ ସାହିର ପ୍ରଫୁଲ୍ଲ ରାଉତ, ନାତି ଆନନ୍ଦ ରାଉତ ଏବଂ ଅନ୍ୟ ଜଣେ ମେଣ୍ଢାଶାଳ ଫାଣ୍ଡି ଅଞ୍ଚଳର ମଉସା ସବ୍ୟସାଚୀ ବରାଳ। ଏନେଇ ପୋଲିସ ଏକ ମାମଲା (ନଂ. ୨୯୬/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ଦଶପଲ୍ଲାର ରଞ୍ଜନ କୁମାର ନାୟକ ନନ୍ଦନକାନନ ବସଷ୍ଟାଣ୍ଡରେ ଥିବା ଆନନ୍ଦଙ୍କ ହୋଟେଲରେ ରୋଷେୟା ଭାବେ କାମ କରୁଥିଲେ। ଚୁକ୍ତି ମୁତାବକ ମାସିକ ଦରମା ଠିକ ଭାବେ ନ ଦେବାରୁ ଆନନ୍ଦ ଏବଂ ରଞ୍ଜନଙ୍କ ମଧ୍ୟରେ ବିବାଦ ଦେଖାଦେଇଥିଲା। ରଞ୍ଜନ ବାରମ୍ବାର ତାଙ୍କ ବକେୟା ଟଙ୍କା ଆନନ୍ଦଙ୍କୁ ମାଗୁଥିଲେ। ମାତ୍ର ଆନନ୍ଦ ଜାତିଆଣ ଆକ୍ଷେପ କରି ରଞ୍ଜନଙ୍କୁ ଲୋକଙ୍କ ଆଗରେ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରୁଥିଲେ। ବାରମ୍ବାର ଟଙ୍କା ମାଗିବାକୁ ନେଇ ରଞ୍ଜନଙ୍କୁ ଆନନ୍ଦ ଏବଂ ତାଙ୍କ ପରିବାର ଲୋକ ମିଶି ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ରଞ୍ଜନ ଜୀବନ ବଞ୍ଚାଇବାକୁ ଯାଇ ରାତିରେ ଲୁଚି ନିଜ ବାଇକ ନେଇ ପଳାଉଥିବାବେଳେ ଆନନ୍ଦ ପୁଣି ମାଡ଼ ମାରିବା ସହ ତାଙ୍କ ବାଇକ୍ ଛଡାଇ ରଖିଥିଲେ। ରଞ୍ଜନ ରାତାରାତି ଲିଫ୍ଟ ମାଗି ଘରକୁ ପଳାଇଥିଲେ। ପରେ ଓକିଲଙ୍କ ସହାୟତାରେ ଆସି ନନ୍ଦନକାନନ ଥାନାରେ ଅଭିଯୋଗ କରିଥିଲେ। ଏସିପି ବିଶ୍ୱଜିତ ମନବୋଧ ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ଆନନ୍ଦ ଉକ୍ତ ବାଇକର ନମ୍ବର ବଦଳାଇ ଚଳାଉଥିବାବେଳେ ପୋଲିସ ପାଟ୍ରୋଲିଂ ବେଳେ ଗାଡ଼ିକୁ ଜବତ କରିଛି।

### କୁଆଖାଇ ନଦୀ କୂଳ ସଫା କଲେ 'ଲାଞ୍ଛୋ' ଟିମ୍

ଭୁବନେଶ୍ୱର, ୧୩।୧୧ (ସୌମ୍ୟରଞ୍ଜନ ରାଉତ)– ସତ୍ୟନାରାୟଣ ସିନେ ପ୍ରଡକ୍ସନ୍ ପକ୍ଷରୁ ଏକ ସାମାଜିକ ବାର୍ତ୍ତା ନେଇ ଓଡ଼ିଆ ଚଳଚ୍ଚିତ୍ର 'ଲାଞ୍ଛୋ' ଚଳଚ୍ଚିତ୍ର ପ୍ରସ୍ତୁତି ହେଉଛି। ପ୍ରକୃତି ରକ୍ଷା ପାଇଁ ଜଣେ ପ୍ରକୃତିର ସନ୍ତାନ ବା ମାଟିର ମଣିଷ କେଉଁ ପର୍ଯ୍ୟାୟକୁ ଯାଇପାରେ ତାର ନଜର୍ ଏଥିରେ ଦେଖିବାକୁ ମିଳିବ। ଏଥିରେ ରହିଥିବା ବାର୍ତ୍ତା ନେଇ ଚଳଚ୍ଚିତ୍ର ଟିମ୍ ପକ୍ଷରୁ କୁଆଖାଇ ନଦୀ କୂଳରେ ପ୍ରଦୂଷିତ ହୋଇଥିବା ସ୍ଥାନକୁ ସଫା କରି ଦେଖାଇଛନ୍ତି। ଏଥିରେ ସମ୍ପୂର୍ଣ୍ଣ ଟିମ୍ ନଦୀ ସଫେଇ କରିଛନ୍ତି। ଅତିଥି ଭାବେ ପରିବେଶବିତ୍ ଜେ.କେ. ପାଣିଗ୍ରାହୀ, ରୋଟାରି କ୍ଲବ ସଭାପତି ଯଜ୍ଞାଶିଷ ମହାପାତ୍ର ଯୋଗଦେଇଥିଲେ। ନିର୍ଦ୍ଦେଶକଙ୍କ ସମେତ ସିନେ ପ୍ରଡ଼କ୍ସନର ସମସ୍ତ କଳାକାର ଓ ସଦସ୍ୟମାନେ ଉପସ୍ଥିତ ରହି ନଦୀ ସଫା କରିଥିଲେ।

### ଶ୍ରୀଜୀଉଙ୍କ ହେଲା ବଡ଼ ମହାସ୍ନାନ

ପୁରୀ, ୧୩।୧୧ (ଅଜିତ୍ କୁମାର ମହାନ୍ତି) ଗୁରୁବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବଡ଼ମହାସ୍ନାନ ନୀତି ହୋଇଛି। ଫଳରେ ନୀତି ବିଳମ୍ବ ପରିଲକ୍ଷିତ ହୋଇଥିଲା। ମଧ୍ୟାହ୍ନ ଧୂପ ପରେ ଭିତରକାଠ ଦର୍ଶନ ଶେଷ ବେଳକୁ ବାହାର କାଠ ଭିତର ପଟ ଠାରୁ ରକ୍ତ ଟୋପା ଜୟବିଜୟ ଦ୍ୱାର ଭିତର ପାହାଚ ପର୍ଯ୍ୟନ୍ତ ପଡ଼ିଥିବା ଦୃଷ୍ଟିଗୋଚର ହେବାରୁ ବଡ଼ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଥିଲା। ରକ୍ତ ଛିଟା ପଡ଼ିଥିବା ଦେଖିବା ପରେ ଭକ୍ତମାନଙ୍କ ଦର୍ଶନ ବନ୍ଦ କରଯାଇଥିଲା। ପରେ ଦ୍ୱାର ବନ୍ଦ କରାଯାଇ ବଡ଼ ମହାସ୍ନାନ ପାଇଁ ନୀତି ଆରମ୍ଭ କରାଯାଇଥିଲା। ମହାପ୍ରଭୁଙ୍କ ବଡ଼ ମହାସ୍ନାନ କରାଯିବା ସହ ସିଂହାସନ, ଭିତରକାଠ ଧୂଆ ହୋଇ ଚୂନପାଣି ପଡ଼ିଥିଲା । ମହାପ୍ରଭୁଙ୍କ ବଡ ମହାସ୍ନାନ ପାଇଁ ମହାପ୍ରଭୁଙ୍କ ଅନ୍ୟାନ୍ୟ ନୀତିରେ ବିଳମ୍ବ ହୋଇଥିଲା। ମହାସ୍ନାନ ନୀତି ପରେ ଦର୍ଶନ ପୁନଃର୍ବାର ଆରମ୍ଭ ହୋଇଥିଲା।

# 'ଭାରତକୁ କୋହିନୁର ଫେରାଇ ଅଣାଯାଉ'

## ଜାତିସଂଘ ମହାସଚିବଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ପୁରୀ, ୧୩।୧୧ (ଅଜିତ୍ କୁମାର ମହାନ୍ତି) ଭାରତରେ ବ୍ରିଟିଶ ଶାସନ ସମୟରେ ଇଂରେଜମାନେ ଭାରତର କୋହିନୁର ହୀରାକୁ ଇଂଲଣ୍ଡକୁ ନେଇ ଯାଇଥିଲେ। ଉକ୍ତ ହୀରା ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଦାନ କରାଯାଇଥିବାରୁ ଉକ୍ତ ହୀରାକୁ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଦିଆଯାଉ ବୋଲି ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଦାବି ହୋଇଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନାହିଁ। ଏନେଇ ସେନା ପକ୍ଷରୁ ଆନ୍ତର୍ଜାତିକ କୋର୍ଟରେ ମଧ୍ୟ ମାମଲା ରୁଜୁ କରାଯାଇଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ଶ୍ରୀଜଗନ୍ନାଥ ସେନାର ଆବାହକ ଆଇନଜୀବୀ ପ୍ରିୟଦର୍ଶନ ପଟ୍ଟନାୟକ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର କୋହିନୁର୍ ହୀରା ଇଂଲଣ୍ଡରୁ ଫେରାଇ ଆଣିବାକୁ ସୁଇଜର୍‌ଲ୍ୟାଣ୍ଡ ଜେନେଭାରେ ଜାତିସଂଘ ମୁଖ୍ୟାଳୟରେ ଜାତିସଂଘ ମହାସଚିବଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ପଟ୍ଟନାୟକ ଦାବିପତ୍ରରେ ଉଲେଖ କରିଛନ୍ତି କି ଭାରତର ପଞ୍ଜାବର ପ୍ରସିଦ୍ଧ ରାଜା ରଣଜିତ ସିଂହ ଯୁଦ୍ଧରେ ବିଜୟୀ ହେବା ପରେ ଅନେକ ମୂଲ୍ୟବାନ ବଂଶ ହାସଲ କରିଥିଲେ। ଯେଉଁଥିରେ ବିଶ୍ୱ ପ୍ରସିଦ୍ଧ 'କୋହିନୁର ହୀରା' ମଧ୍ୟ ଅନ୍ତର୍ଭୁକ୍ତ ଥିଲା। ସେ ୧୮୩୯ ମସିହାରେ ତାଙ୍କ ମୃତ୍ୟୁପୂର୍ବରୁ ଏକ 'ଇଚ୍ଛାପତ୍ର' ମାଧ୍ୟମରେ ପୁରୀର ହିନ୍ଦୁ ଦେବତା ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଏହି 'କୋହିନୁର ହୀରା' ଦାନ କରିଥିଲେ। ତାଙ୍କର ରାଜନୈତିକ ଏଜେଣ୍ଟ ଏବଂ ପେସୱାରର କମିଶନରଙ୍କ ଦ୍ୱାରା 'ଇଚ୍ଛାପତ୍ର' ଏବଂ (ଶେଷ ଇଚ୍ଛା) ଲିଖିତ ଭାବରେ ପ୍ରକାଶ କରାଯାଇଥିଲା। ଭାରତରେ ଥିବା ତତ୍କାଳୀନ ବ୍ରିଟିଶ ଅଧିକାରୀ ଏହି ଲେଖା (ଇଚ୍ଛାପତ୍ର)କୁ ସ୍ୱୀକାର କରିଥିଲେ। ଦୁର୍ଭାଗ୍ୟଜନକ ଯେ ରାଜା ରଣଜିତଙ୍କ ଶେଷ ଇଚ୍ଛାକୁ ସମ୍ମାନ ନ ଦେଇ 'କୋହିନୁର ହୀରା' ଛଡ଼ାଇ ନିଆଯାଇଥିଲା । ତତ୍କାଳୀନ 'ରାଣୀ' ଏବଂ ଭାରତରେ ନିୟୋଜିତ ବ୍ରିଟିଶ ସରକାରଙ୍କ ଦ୍ୱାରା କରାଯାଇଥିବା ଏହି ପ୍ରତାରଣାମୂଳକ / ଅବୈଧ କାର୍ଯ୍ୟ ବିଶ୍ୱରେ ରହୁଥିବା ୧୩୦ କୋଟିରୁ ଅଧିକ ହିନ୍ଦୁଙ୍କ ଧାର୍ମିକ ଭାବନା ଏବଂ ଭାବନାକୁ ପ୍ରଭାବିତ କରେ। ତେଣୁ ୧୪ ଜୁଲାଇ ୨୦୨୫ରେ ଯୁକ୍ତରାଜ୍ୟ ସରକାରଙ୍କ ବିରୁଦ୍ଧରେ ଦି ହେଗ୍ (ନେଦରଲାଣ୍ଡ)ସ୍ଥିତ ଅନ୍ତର୍ଜାତୀୟ ନ୍ୟାୟାଳୟରେ ବ୍ୟକ୍ତିଗତ ଭାବରେ ଏକ ମାମଲା ଦାୟର କରାଯାଇଛି । କୋହିନୁର ହୀରାକୁ ଭାରତର ପୁରୀ, ଓଡ଼ିଶାର ଜଗନ୍ନାଥ ମନ୍ଦିରକୁ ହସ୍ତାନ୍ତର କରିବା ପାଇଁ ବ୍ରିଟେନ ସରକାରଙ୍କୁ ନିର୍ଦ୍ଦେଶ ଦେବା ପାଇଁ ପ୍ରାର୍ଥନା କରାଯାଇଛି। କିନ୍ତୁ ଦୁର୍ଭାଗ୍ୟବଶତଃ ମାମଲାଟି ଏପର୍ଯ୍ୟନ୍ତ ଗ୍ରହଣ କରାଯାଇ ନାହିଁ ଏବଂ ବ୍ରିଟେନ ସରକାର)ଙ୍କୁ ନୋଟିସ ଜାରି କରାଯାଇ ନାହିଁ। ତେଣୁ କୋହିନୁର ହୀରାକୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ହସ୍ତାନ୍ତର କରିବା ପାଇଁ ୟୁକେ ସରକାରଙ୍କୁ ଉପଯୁକ୍ତ ନିର୍ଦ୍ଦେଶ ପ୍ରଦାନ କରନ୍ତୁ କିମ୍ବା ଅନ୍ୟ କୌଣସି ବିକଳ୍ପ ଭାବରେ ନ୍ୟାୟ ପାଇବା ପାଇଁ ମୋତେ ଆଇ.ସି.ଜେ.ରେ ଏହି ପ୍ରସଙ୍ଗ ଉଠାଇବାକୁ ଅନୁମତି ଦିଅନ୍ତୁ ବୋଲି ପଟ୍ଟନାୟକ ତାଙ୍କ ଦାବିପତ୍ରରେ ଉଲେଖ କରିଛନ୍ତି।

# ଏକତା ପଦଯାତ୍ରାରେ ସାମିଲ ୬୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର


ଏକତା ପଦଯାତ୍ରାରେ ସାମିଲ ହୋଇଥିବା ଛାତ୍ରୀଛାତ୍ର।

ବାଲିଅନ୍ତା, ୧୩। ୧୧ (ନୀଳମାଧବ ସାହୁ)

ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜନ୍ମବାର୍ଷିକ ପୂର୍ତ୍ତି ଅବସରରେ ବାଲିଅନ୍ତା ବ୍ଲକ ପ୍ରଶାସନ ପକ୍ଷରୁ ଗୁରୁବାର ଏକ ବିରାଟ ଏକତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ବିଦ୍ୟାଳୟର ପ୍ରାୟ ୬୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇଥିଲେ। ପଦଯାତ୍ରା ବାଲିଅନ୍ତା ବ୍ଲକ ଅଧୀନ ଜୟଦେବ ପୀଠ ନିକଟସ୍ଥ ଜୟଦେବ ଉପ୍ରା ବିଦ୍ୟାଳୟ ପରିସରରୁ ଆରମ୍ଭ ହୋଇ ଆପଟସାହି ଗ୍ରାମ୍ୟ ବ୍ୟାଙ୍କ ଛକ, ପ୍ରତାପରୁଦ୍ରପୁର ଶାସନ ଓ ବଜାର ଛକ ପରିକ୍ରମା କରି ଜୟଦେବ ଉଚ୍ଚ ବିଦ୍ୟାଳୟ ନିକଟ ପାଲା ମଣ୍ଡପରେ ଶେଷ ହୋଇଥିଲା। ପୂର୍ବତନ ମନ୍ତ୍ରୀ ତଥା ଭାଜପା ବରିଷ୍ଠ ନେତା ଅରବିନ୍ଦ ଢାଲି, ଭୁବନେଶ୍ୱର ସାଙ୍ଗଠନିକ ଜିଲା ଭାଜପାର ସଭାପତି ନିରଞ୍ଜନ ମିଶ୍ର ଓ ଭୁବନେଶ୍ୱର ମଧ୍ୟ ଭାଜପା ନେତା ଜଗନ୍ନାଥ ପ୍ରଧାନ, ଭୁବନେଶ୍ୱର ଉପଜିଲାପାଳ ମନୋରଞ୍ଜନ ସାହୁ, ବିଡିଓ ରଶ୍ମିତା ନାଥ, ତହସିଲଦାର ଲିଲନ ପ୍ରସାଦ ସାହୁଙ୍କ ସମେତ ବହୁ କର୍ମଚାରୀ ଓ ସ୍ୱେଚ୍ଛାସେବୀ ଏହି ଏକତା ପଦଯାତ୍ରାରେ ସାମିଲ ହୋଇଥିଲେ। ଅତିଥିମାନେ ଭାରତ ଭୂଖଣ୍ଡକୁ ଏକତା କରିବା ଦିଗରେ ବଲ୍ଲଭ ଭାଇ ପଟେଲଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ। ୫୬୨ଟି ରାଜରାଜୁଡା ଭୂଖଣ୍ଡକୁ ଏକାଠି କରି ଭାରତବର୍ଷକୁ ଗୋଟିଏ ଭୂଖଣ୍ଡର ମାନ୍ୟତା ଦେବା ପଟେଲଙ୍କ ନେତୃତ୍ୱରେ ସମ୍ଭବ ହୋଇପାରିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶ୍ରୀ ଜୟଦେବ ଗୋଟିପୁଅ ନୃତ୍ୟ, ଓଡ଼ିଶୀ ନୃତ୍ୟ ପ୍ରତିଷ୍ଠାନ, ଶୁଭଶ୍ରୀ କଳା ନିକେତନ ଓ ନୀଳଶୈଳ ନୃତାଞ୍ଜଳି ଅନୁଷ୍ଠାନ କଳାକାରଙ୍କ ଦ୍ୱାରା ଦେଶାତ୍ମବୋଧ ସଙ୍ଗୀତ ପରିବେଷଣ କରାଯାଇଥିଲା।

# ଘର ଆଗରେ ଯୁବକଙ୍କୁ ମାଡ଼ ଘଟଣା: ଫାଣ୍ଡି ଅଧିକାରୀ ନିଲମ୍ବିତ

ମାହାଙ୍ଗା, ୧୩।୧୧
(ଅଜୟ କୁମାର ମହାନ୍ତି )

କଟକ ଜିଲା ମାହାଙ୍ଗା ଥାନା ଅନ୍ତର୍ଗତ କୁମୁଡ଼ା ଜୟପୁର ଫାଣ୍ଡି ଅଧିକାରୀ ସମସରପୁର ଗ୍ରାମ ପ୍ରଧାନସାହିର ଦେବବ୍ରତ ପ୍ରଧାନଙ୍କୁ ୧୦ ତାରିଖ ରାତିରେ ଘରୁ ଡାକିନେଇ ନିର୍ଧୁମ୍ ପିଟିବା ଘଟଣାରେ ଗୁରୁବାର କାର୍ଯ୍ୟାନୁଷ୍ଠାନ ନିଆଯାଇଛି। କଟକ ଗ୍ରାମାଞ୍ଚଳ ଏସ୍‌ପି ବିନିତ୍ ଅଗ୍ରୱାଲଙ୍କ ଚିଠି(ନଂ. ୨୯୮/୧୩।୧୧।୨୫) ଅନୁଯାୟୀ ଫାଣ୍ଡି ଅଧିକାରୀ ମନୋଜ ବେହେରାଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ଏହି ସମୟରେ ବେହେରା କଟକ ରିଜର୍ଭ ଇନ୍ସପେକ୍ଟରଙ୍କୁ ରିପୋର୍ଟ କରିବେ ବୋଲି ଚିଠିରେ ଉଲ୍ଲେଖ ରହିଛି। ସୂଚନାଯୋଗ୍ୟ, ଘରକୁ ଲଗାଇ ପାଇଖାନା ନିର୍ମାଣକୁ ନେଇ ଗତ ୧୦ ତାରିଖରେ ଦେବବ୍ରତଙ୍କ ସହ ତାଙ୍କ ବଡ଼ବୋଉଙ୍କ ଝଗଡ଼ା ହୋଇଥିଲା। ଏହି ଘଟଣାରେ ଫାଣ୍ଡି ଅଧିକାରୀ ମନୋଜ ସଦଳବଳ ଆସି ଦେବବ୍ରତଙ୍କୁ ଘରୁ ଡାକି ନେଇ ମାଡ଼ ମାରିବା ସହ ମୋବାଇଲ୍ ଓ ପକେଟରୁ ୭୦୦ ଟଙ୍କା ନେଇଯାଇଥିଲେ। ମଙ୍ଗଳବାର ଫାଣ୍ଡିକୁ ଆସି ମୋବାଇଲ୍ ଓ ଟଙ୍କା ନେଇଯିବାକୁ କହିଥିଲେ। ଦେବବ୍ରତ ଫାଣ୍ଡିକୁ ଗଲାପରେ ମଧ୍ୟ ମନୋଜ କେବଳ ମୋବାଇଲ୍


ମନୋଜ ବେହେରା

ଦେଇଥିଲେ, ମାତ୍ର ଟଙ୍କା ଫେରସ୍ତ କରି ନ ଥିଲେ। ଅପରପକ୍ଷେ ପୋଲିସର ଅତ୍ୟଧିକ ମାଡ଼ ଯୋଗୁ ଦେବବ୍ରତଙ୍କ ବାମହାତ, ପିଠି ଓ ଗୋଡ଼ରେ ଭୀଷଣ ଯନ୍ତ୍ରଣା ହୋଇଥିଲା। ଏନେଇ ମାହାଙ୍ଗାସ୍ଥିତ ଜଗନ୍ନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେବା ପରେ ଡିଜିଙ୍କ ନିକଟରେ ଅଭିଯୋଗ କରିଥିଲେ। ଏ ବିଷୟରେ ଡିଜି କଟକ ଗ୍ରାମାଞ୍ଚଳ ଏସ୍‌ପିଙ୍କୁ ଅବଗତ କରାଇଥିଲେ। ଗ୍ରାମାଞ୍ଚଳ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ କଟକ ହେଡ୍ କ୍ୱାର୍ଟର୍ସରୁ ଡିଏସ୍‌ପି ଅର୍ଚ୍ଚନା ଦେବୀ ଜୟପୁର ଫାଣ୍ଡି ଓ ସମସରପୁର ଗ୍ରାମରେ ପହଞ୍ଚି ସବିଶେଷ ତଦନ୍ତ କରିଥିଲେ। ଏହାର ରିପୋର୍ଟ ଗ୍ରାମାଞ୍ଚଳ ଏସ୍‌ପିଙ୍କୁ ପ୍ରଦାନ କରିଥିଲେ। ଉକ୍ତ ରିପୋର୍ଟ ଆଧାରରେ ମନୋଜଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

# ଘର ମାଲିକାନାକୁ ନେଇ ୨ ଗୋଷ୍ଠୀ ମୁହାଁମୁହିଁ

## ପିସିଆର୍ ପହଞ୍ଚିବା ପରେ ପୋଲିସକୁ ପିଟିଲେ

ଭୁବନେଶ୍ୱର, ୧୩।୧୧(ତ୍ରିନାଥ ମହାନ୍ତି):– ଘର ମାଲିକାନାକୁ ନେଇ ତୁମୁଳକାଣ୍ଡ ଘଟିଛି। ଖବର ପାଇ ପିସିଆର ଭ୍ୟାନ୍ ଘଟଣା ସ୍ଥଳରେ ପହଞ୍ଚିଥିଲେ ମଧ୍ୟ ଅଭିଯୁକ୍ତମାନେ ପୋଲିସ କର୍ମଚାରୀଙ୍କୁ ଆକ୍ରମଣ କରିଛନ୍ତି। ଏଭଳି ଘଟଣା ଭରତପୁର ଥାନା ରମଣୀ ବସ୍ତିରେ ଗୁରୁବାର ଦେଖିବାକୁ ମିଳିଛି। ପୋଲିସ ଉପରକୁ ଆକ୍ରମଣ କରିଥିବା ୫ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ସୂଚନା ଅନୁସାରେ, ରମଣୀବସ୍ତିରେ ଏକ ଘର ମାଲିକାନାକୁ ନେଇ ଗଣ୍ଡଗୋଳ ହୋଇଥିଲା। ଗୋଟିଏ ଗୋଷ୍ଠୀ ଉକ୍ତ ଘରର ମାଲିକାନାକୁ ନେଇ ଦାବି କରିଥିବାବେଳେ ଅନ୍ୟଗୋଷ୍ଠୀ ମଧ୍ୟ ସମାନ ଦାବି କରିଥିଲେ। ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ଖବରପାଇ ଘଟଣା ସ୍ଥଳରେ ପୋଲିସ ପହଞ୍ଚିଥିଲା। ଉଭୟ ଗୋଷ୍ଠୀଙ୍କୁ ଅଟକାଇବା ସହ ଥାନାକୁ ଯାଇ ସମାଧାନ କରିବାକୁ ପୋଲିସ କହିଥିଲା। ହେଲେ


ଆହତ ପୋଲିସ କର୍ମଚାରୀ।

ଦୁଇଗୋଷ୍ଠୀ ହଠାତ୍ ପୋଲିସ ଉପରକୁ ଆକ୍ରମଣ କରିବା ସହ ଗାଡ଼ି ଭଙ୍ଗାରୁଜା କରିଥିବା ଜଣାପଡ଼ିଛି।

# ବାଇକ୍ ଚାଳକଙ୍କୁ ଆକ୍ରମଣ: ପିକ୍‌ଅପ୍ ଭ୍ୟାନ୍ ଜବତ, ଚାଳକ ଗିରଫ

ବାରଙ୍ଗ, ୧୩।୧୧ (ଲିଙ୍ଗରାଜ ରାଉତ)

ଦ୍ରୁତ ଗାଡ଼ି ଚାଳନାକୁ ବିରୋଧ କରିବାରୁ ବାଇକ୍ ଚାଳକଙ୍କଠାରୁ ୧୦ହଜାର ଟଙ୍କା ଲୁଟି ନେବା ସହ ଦୁର୍ବ୍ୟବହାର କରି ମାଡ଼ ମାରିବା ଅଭିଯୋଗରେ ପୋଲିସ ପିକ୍‌ଭ୍ୟାନ୍ ଚାଳକଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ପିକ୍‌ଭ୍ୟାନ୍ ଚାଳକ ହେଲେ ମେଣ୍ଢାଶାଳ ଗ୍ରାମର ସୂର୍ଯ୍ୟକାନ୍ତ ସାମନ୍ତରାୟ ଓରଫ ସୁକାନ୍ତ। ଏଥିସହ ପୋଲିସ ତାଙ୍କ ନିକଟରୁ ପିକ୍‌ଅପ ଭ୍ୟାନଟିକୁ ଜବତ କରିଛି। ଏହି ଅଭିଯୋଗରେ ବାରଙ୍ଗ ଥାନା ଆଇଆଇସି ସମିତା ମିଶ୍ର ମାମଲା (ନଂ.୫୧୧/୨୫)ରୁଜୁକରିତଦନ୍ତଆରମ୍ଭକରିଛନ୍ତି।

ସୂଚନା ଅନୁଯାୟୀ, ଅଭିଯୋଗକାରୀ ଲୋକେଶ ଗୌରବ ମହାରଣା ବୁଧବାର ଦିନ ଦ୍ୱିପ୍ରହରରେ ତାଙ୍କ ପରିବାର ସହ କୌଣସି କାର୍ଯ୍ୟରେ ସୁନ୍ଦରପୁର, ପଥରଗାଡ଼ିଆ ଅଭିମୁଖେ ଯାଉଥିଲେ। ରାସ୍ତାରେ ପଟ୍ଟନାୟକ ଢାବା ପେଟ୍ରୋଲ ପମ୍ପ ନିକଟରେ ତେଲ ଭରିବା ପାଇଁ ଅଟକିଥିଲେ। ଏହି ସମୟରେ ଏକ ପିକ୍‌ଅପ୍ ଭ୍ୟାନ ଦ୍ରୁତ ଗତିରେ ଆସି ତାଙ୍କ ଗାଡ଼ି ସମ୍ମୁଖରେ ଅଟକି ଯାଇଥିଲା। ଫଳରେ ଦୁର୍ଘଟଣାରୁ ଅଳ୍ପକେ ରକ୍ଷା ପାଇଯାଇଥିଲା। ପରେ ଲୋକେଶ ଏବଂ ପେଟ୍ରୋଲ ପମ୍ପ କର୍ମଚାରୀମାନେ ଭ୍ୟାନ୍ ଚାଳକ(ସୂର୍ଯ୍ୟକାନ୍ତ)ଙ୍କ ଏହି ଅସାବଧାନ ଚାଳନାକୁ ବିରୋଧ କରିଥିଲେ। ହେଲେ ସୂର୍ଯ୍ୟକାନ୍ତ ସମସ୍ତଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ମାତ୍ର ଲୋକେଶ ପରିବାର ସହ ରହିଥିବାରୁ ଝଗଡ଼ା ଏଡାଇ ସେଠାରୁ ଚାଲିଯାଇଥିଲେ। କିନ୍ତୁ ସୂର୍ଯ୍ୟକାନ୍ତ ସେମାନଙ୍କ ପଛେ ପଛେ ଯାଇ ପଥରଗାଡ଼ିଆ ଛକ ନିକଟରେ ଲୋକେଶଙ୍କ ଗାଡ଼ିକୁ ଅଟକାଇଥିଲେ। ଏହାପରେ ସୂର୍ଯ୍ୟକାନ୍ତ ଓ ତାଙ୍କ ସହଯୋଗୀ ଲୋକେଶଙ୍କ ବାଇକ୍ ଚାବି ଛଡ଼ାଇ ନେବା ସହ ଜୋରଜବରଦସ୍ତି ୧୦ ହଜାର ଟଙ୍କା ଦେବାକୁ ଦାବି କରିଥିଲେ। ଲୋକେଶ ପ୍ରତିବାଦ କରିବାରୁ ସୂର୍ଯ୍ୟକାନ୍ତ ତାଙ୍କୁ ମୁଥ ମାରି ଆକ୍ରମଣ କରିବା ସହ ତାଙ୍କ ମୋବାଇଲ ଓ ତାଙ୍କ ସ୍ତ୍ରୀଙ୍କ ପର୍ସ ଛଡ଼ାଇଥିଲେ। ସେଠାରେ ହୋହଲ୍ଲା ଶୁଣି ନିକଟସ୍ଥ ଗାଡ଼ି ଚାଳକମାନେ ଦୌଡ଼ି ଆସିଥିଲେ। ଫଳରେ ସୂର୍ଯ୍ୟକାନ୍ତ ଓ ତାଙ୍କ ସହଯୋଗୀ ଘଟଣାସ୍ଥଳରୁ ଖସି ପଳାଇଥିଲେ ବୋଲି ଲୋକେଶ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି।

**Government of Jharkhand**
**Department of School Education and Literacy**
**(Jharkhand Education Project Council, Ranchi)**
**J.S.C.A. Stadium Road, Sector.-III, Dhurwa, Ranchi-834004**
**Phone:0651-2444501, E-Mail: jepcranchi1@gmail.com**

**e-Procurement Notice(2nd Call)**

JEPC invites Separate Technical & Financial Bids through e-procurement method from eligible and interested contractors for Constructions of 100 Bedded Hostel for PM-JANMAN at Garhwa District of Palamu Division of Jharkhand Interested and eligible bidders are requested to submit their proposal latest by 28.11.2025 at 2.00 PM.

The details of tender document can be seen and applied through website https://jharkhandtenders.gov.in only.

PR 365794 Jharkhand Education Project Council (25-26)_D

Sd/-
State Project Director
Jharkhand Education Project Council

Ref. No.: JEPC/CIV/03/1638/2025/4652 Ranchi, Date :- 10.11.2025

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, DEOGARH**
**TENDER CALL NOTICE**

No.5358/C.S Dt.10.11.2025

**No.E-498** : Sealed tenders are invited from registered firms / dealers / agencies for supply of Drugs, consumables, Laboratory reagent & BCL Items for Deogarh District for the year 2025-26. The details, term and condition, guidelines etc. including tender paper format can be downloaded from the district website i.e **www.deogarh.nic.in** or collected from central store. DHH, Deogarh in the official hour by depositing tender paper cost of Rs.5000/- (Non-refundable) in shape of DD in favour of RKS. DHH. Deogarh payable at SBI, Deogarh. The tenders in the prescribed format along with all relevant documents should reach the office of the undersigned by 25/11/2025 by 5.00 PM. through Regd. Post/speed post/courier only and the same will be opened on date- 27.11.2025 at 11.00 AM. The undersigned reserves the right to cancel, accept or reject any or all tenders without assigning any reason thereof.

Sd./-CDM & PHO
Deogarh

OIPR-

**OFFICE OF THE CHIEF DISTRICT MEDICAL AND PUBLIC HEALTH OFFICER : PURI (DISTRICT TB CELL, PURI)**

Notice No. 420/NTEP/Dated. 06.11.2025

**SHORT TENDER NOTICE**

**No.E-503** : Sealed Tenders in prescribed format are invited for supply of additional nutritional support among consented TB patient for PMTBMBA Programme under NTEP.

The Bidders should submit in two separate sealed packets i.e. one for Technical Bid and another for Financial Bid to be superscripted on the cover of the packets separately. The details list, specification, eligibility criteria and Tender Terms and Conditions may be downloaded from District website puri.odisha.gov.in

The sealed Tender will be received through Speed Post, Reg. Post & Courier only on or before 24.11.2025 till 5 P.M. by CDM&PHO, Puri, and the said tender will be opened on 25.11.2025 at 12 Noon in presence of bidders or their authorized representatives in the office of CDM&PHO, Puri and absence of any of them will not be bar to open the Bid. Tenders received incomplete or after the scheduled date & time shall be rejected.

Rate should be quoted for each item in F.O.R destination including all incidental charges, GST.

| 2. | निविदा प्राप्ति की अंतिम तिथि एवं समय | 22.11.2025 12:00 बजे दिन तक | 26.11.2025 12:00 बजे दिन तक |

शेष यथावत रहेंगे।

कार्यपालक अभियंता, पथ निर्माण विभाग, पथ प्रमण्डल, रामगढ़।

PR 365903 (Road) 25-26 (D)

**ଜନ୍ମଦିନର ଶୁଭେଚ୍ଛା**

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଡିସେମ୍ବର ୨୨ରୁ ଯୁକ୍ତ୨ ଇଣ୍ଟରନାଲ ପରୀକ୍ଷା

**ଭୁବନେଶ୍ୱର,୧୩।୧୧(ଶୁଚିସ୍ମିତା ସାହୁ)**

ଯୁକ୍ତ୨ ଇଣ୍ଟରନାଲ୍ ପରୀକ୍ଷା ଆସନ୍ତା ଡିସେମ୍ବର ୨୨ରୁ ଆରମ୍ଭ ହୋଇ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍ଇ) ପ୍ରସ୍ତୁତି ଆରମ୍ଭ କରିଛି। ଇଣ୍ଟରନାଲ୍ ବା ପ୍ରୋଜେକ୍ଟ ପରୀକ୍ଷାକୁ ସୁଚାରୁଭାବେ କରିବା ପାଇଁ ସିଏଚ୍ଏସ୍ଇ ପକ୍ଷରୁ ଗୁରୁବାର ମାର୍ଗଦର୍ଶିକା ଜାରି କରାଯାଇଛି। କେବଳ ରେଗୁଲାର୍ ପରୀକ୍ଷାର୍ଥୀମାନେ ଇଣ୍ଟରନାଲ୍ ବା ପ୍ରୋଜେକ୍ଟ ପରୀକ୍ଷା ଦେଇପାରିବେ। ପରୀକ୍ଷାର୍ଥୀମାନେ ମୋଟ୍ ୨୦ ମାର୍କରୁ ୬ ଏବଂ ୧୦ ମାର୍କରୁ ୩ ମାର୍କ ରଖିଲେ ଇଣ୍ଟରନାଲ ବା ପ୍ରୋଜେକ୍ଟରେ ପାସ୍ କରିପାରିବେ। ଯେଉଁ ଛାତ୍ରୀଛାତ୍ରମାନେ ପ୍ରଥମ ସ୍ଲଟ୍ ବା ଡିସେମ୍ବର ୨୨ରୁ ୩୧ ମଧ୍ୟରେ ପରୀକ୍ଷା ଦେଇ ନ ପାରିବେ, ସେମାନଙ୍କୁ ଆଉ ଗୋଟିଏ ସୁଯୋଗ ଦିଆଯିବ। ସେମାନେ ଜାନୁଆରୀ ୨ରୁ ୧୫ ତାରିଖ ମଧ୍ୟରେ ପରୀକ୍ଷା ଦେଇପାରିବେ। ଏକ୍ସ-ରେଗୁଲାର୍ ପିଲାଙ୍କୁ ଏହି ପରୀକ୍ଷା ଦେବାକୁ ପଡ଼ିବ ନାହିଁ। ପରୀକ୍ଷାରେ ଅନୁପସ୍ଥିତ ରହୁଥିବା ଛାତ୍ରୀଛାତ୍ରଙ୍କୁ ଫେଲ୍ ଭାବେ ଘୋଷଣା କରାଯିବ। ପରୀକ୍ଷାର ପ୍ରଶ୍ନପତ୍ର ପାଟର୍ନ ମଧ୍ୟ ସିଏଚ୍ଏସ୍ଇ ପକ୍ଷରୁ ଜାରି କରାଯାଇଛି। ମୋଟ୍ ୨୦ ନମ୍ବର ଇଣ୍ଟରନାଲ୍ ପରୀକ୍ଷା ଥିବା ବିଷୟରେ ୫ଟି ଏକ ମାର୍କର ପ୍ରଶ୍ନପତ୍ର ଆସିବ। ସେହିପରି ତିନୋଟି ଲେଖାଏ ୨ ମାର୍କ ଓ ୩ ମାର୍କର ପ୍ରଶ୍ନ ଆସିବ। ଅନୁରୂପ ଭାବେ ମୋଟ୍ ୧୦ ନମ୍ବର ଥିବା ବିଷୟରେ ୫ଟି ଏକ ମାର୍କ, ଗୋଟିଏ ଲେଖାଏ ୨ ଓ ୩ ମାର୍କ ବିଶିଷ୍ଟ ପ୍ରଶ୍ନପତ୍ର ଆସିବ ବୋଲି ସିଏଚ୍ଏସ୍ଇ ପକ୍ଷରୁ ସୂଚନା ଦିଆଯାଇଛି।

# କେବଳ କାର୍ଯ୍ୟକ୍ରମରେ ସୀମିତ ନ ରହୁ

## ଆଜି ଶିଶୁ ଦିବସ

**ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଜନ୍ମ ଦିବସ ନଭେମ୍ବର ୧୪କୁ ଶିଶୁ ଦିବସ ଭାବେ ପାଳନ କରାଯାଏ। କୁନି କୁନି ପିଲାଙ୍କ ପ୍ରତି ତାଙ୍କର ଥିଲା ଅସୀମ ଶ୍ରଦ୍ଧା। ତେଣୁ ଚାଚା ନେହେରୁଙ୍କ ଜନ୍ମଦିବସରେ ଶିଶୁ ଦିବସର ଆୟୋଜନ କରାଯିବା ନେଇ ସର୍ବସମ୍ମତରେ ନିଷ୍ପତ୍ତି ହୋଇଥିଲା। ଶିଶୁ ଦିବସ ଅବସରରେ ସ୍କୁଲରେ ସାଂସ୍କୃତିକ କାର୍ଯ୍ୟକ୍ରମ, ମେଳା ଏବଂ ପ୍ରତିଯୋଗିତା କରାଯାଇଥାଏ। ମାତ୍ର ଏହି ଦିବସକୁ କେବଳ କାର୍ଯ୍ୟକ୍ରମରେ ସୀମିତ ନ ରଖି ପିଲାମାନଙ୍କୁ ସୁନାଗରିକ ହେବା ଲାଗି ଆବଶ୍ୟକ ମାର୍ଗପ୍ରଦର୍ଶନ କରିବା ଜରୁରୀ ବୋଲି ମତ ପ୍ରକାଶ ପାଉଛି। ଏହି ଅବସରରେ ଏଠାରେ କେତେକ ବିଦ୍ୟାର୍ଥୀ, ଶିକ୍ଷକ, ଅଭିଭାବକଙ୍କ ମତାମତକୁ ନେଇ ଉପସ୍ଥାପନା...**

– ରିପୋର୍ଟ: ଶୁଚିସ୍ମିତା ସାହୁ, ଭୁବନେଶ୍ୱର

### ଶିଶୁଙ୍କ ସୁରକ୍ଷା ନେଇ ସରକାର ଚିନ୍ତା କରନ୍ତୁ



ଶିଶୁମାନେ ଦେଉଛନ୍ତି ଦେଶର ଭବିଷ୍ୟତ। ଚାହା ନେହେରୁଙ୍କ ଜନ୍ମ ଦିନ ବୋଲି କହି ଶିଶୁ ଦିବସ କେବଳ ବିଦ୍ୟାଳୟଗୁଡ଼ିକରେ ପାଳନ କରିଦେଲେ ହେବ ନାହିଁ, ଶିଶୁଙ୍କ ସୁରକ୍ଷା ନେଇ ଚିନ୍ତା କରିବା ମଧ୍ୟ ଦରକାର। ଦେଶ ହେଉ କି ରାଜ୍ୟ, ସବୁଠି ଶିଶୁକନ୍ୟାମାନେ ଆଜି ଅସୁରକ୍ଷିତ। ସ୍କୁଲ ଠାରୁ ଆରମ୍ଭ କରି ଘର ପର୍ଯ୍ୟନ୍ତ ପିଲାମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଶିଶୁ କିଶୋରଙ୍କ ସୁରକ୍ଷା ପ୍ରତି ସରକାର ଚିନ୍ତା କରିବାର ଆବଶ୍ୟକତା ରହିଛି।

**– ଟ୍ୱିଙ୍କିଲ ସୁନା, ଛାତ୍ରୀ, ସରକାରୀ ହାଇସ୍କୁଲ, ରିଶିଡ଼ା, ମାଲକାନଗିରି**

### ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ପରିଶ୍ରମ ଜରୁରୀ



ବର୍ତ୍ତମାନର ପିଲାମାନେ ପାଠପଢ଼ା ପ୍ରତି ଅଧିକ ଧ୍ୟାନ ଦେଉନାହାନ୍ତି। ସେମାନେ ମୋବାଇଲ ଫୋନ ପ୍ରତି ଆକୃଷ୍ଟ ହେଉଛନ୍ତି। ପିଲାମାନେ ଫୋନ୍‌ରେ କ'ଣ ଦେଖୁଛନ୍ତି, ସେଥିପ୍ରତି ଅଭିଭାବକମାନେ ଦୃଷ୍ଟି ହେବା ଦରକାର। ସେହିପରି ପିଲାଙ୍କୁ କ୍ରୀଡ଼ା, ଯୋଗ ଓ ଶାରିରୀକ ପରିଶ୍ରମ କରିବା ଦିଗରେ ଧ୍ୟାନ ଦେବାକୁ ପଡ଼ିବ। ମନକୁ ସ୍ଥିର ରଖି ଧୈର୍ଯ୍ୟର ସହ ନିଜ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ କଠୋର ପରିଶ୍ରମ କରିବାକୁ ହେବ। ଚାଚା ନେହେରୁଙ୍କ ପରି ଆମକୁ ଦେଶପ୍ରେମୀ ଓ ଦୂରଦର୍ଶୀ ହେବାର ଆବଶ୍ୟକତା ରହିଛି।

**– ଆୟୁଷୀ ମହାରଣା, ଛାତ୍ରୀ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଗୋବିନ୍ଦପୁର,କଟକ**

### ମୋବାଇଲ ଫୋନ ପାଇଁ ପାଠପଢ଼ା ପ୍ରତି ଆଗ୍ରହ କମୁଛି



ସରକାରୀ ବିଦ୍ୟାଳୟରେ ଅଧିକାଂଶ ବସ୍ତି ପିଲାମାନେ ପାଠପଢୁଛନ୍ତି। ସେଥିରୁ ବହୁ ପିଲା ବିଦ୍ୟାଳୟ ଆସୁଛନ୍ତି ସତ ହେଲେ ପାଠପଢ଼ିବା ପ୍ରତି ଆଗ୍ରହୀ ହେଉନାହାନ୍ତି। ମୋବାଇଲ ଫୋନର ବ୍ୟବହାର ପ୍ରତି ଅଧିକ ସେମାନଙ୍କର ଆଗ୍ରହ ବଢୁଛି। ଏଥିପାଇଁ ଅଭିଭାବକମାନେ ପିଲାଙ୍କ ପ୍ରତି ଯତ୍ନବାନ ହେବା ସହିତ ସେମାନଙ୍କୁ କାର୍ଯ୍ୟକଳାପକୁ ନଜର ରଖନ୍ତୁ। ସରକାରଙ୍କ ପକ୍ଷରୁ ବିଭିନ୍ନ ସୁବିଧା ସୁଯୋଗ ଦିଆଯାଉଥିବାବେଳେ ଘରେ ପିଲାଙ୍କ ପାଠପଢ଼ା ପ୍ରତି ଧ୍ୟାନ ଦେବା ଆବଶ୍ୟକ।

**–ପ୍ରମୋଦ କୁମାର ଦାଶ, ପ୍ରଧାନ ଶିକ୍ଷକ, ୟୁନିଟ-୧ ସରକାରୀ ହାଇସ୍କୁଲ, ଭୁବନେଶ୍ୱର**

### ଶିଶୁ ଦିବସରେ ଚକୋଲେଟ, ଉପହାର ଦେବାର ଟ୍ରେଣ୍ଡ ଚାଲିଛି



ଶିଶୁ ଦିବସ କେବଳ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସୀମିତ ନ ରହୁ। ବର୍ତ୍ତମାନ ପିଲାମାନଙ୍କୁ ଚକୋଲେଟ ଓ ଉପହାର ଆଦି ବାଣ୍ଟିବା କିମ୍ବା ବେସାହାରା ଶିଶୁଙ୍କୁ କିଛି ଦାନ କରିବା ଏବେକାର ଟ୍ରେଣ୍ଡ ପାଲଟିଛି। ଯାହା ପ୍ରକୃତରେ ଶିଶୁ ଦିବସର ମହତ୍ୱକୁ କମ କରି ଦେଉଛି। ତେଣୁ ଦେଶର ଆଗାମୀ ଭବିଷ୍ୟତ ଶିଶୁଙ୍କୁ ଆମେ ଏଭଳି ଗଢ଼ିବା ଦରକାର, ଯେଭଳି ସେମାନେ ନିଜ ପରିବାର ସହ ଦେଶର ବିକାଶ ପାଇଁ ନିଜକୁ ସମର୍ପିତ କରିବେ।

**–ସୁରତ କୁମାର ସାହୁ, ଅଭିଭାବକ, ଭୁବନେଶ୍ୱର**

# Classified Everyday

**0674-2580101, 9692975378**



## REAL ESTATE

### SALE

ସ୍ଥିତିବାନ ପ୍ଲଟ୍ ଧଉଳି, ବାଳକାଟି ବଜାର, ଗୁଡ଼ିଆ ପୋଖରି ପାଖରେ ମିଳୁଛି- 8249776268. ଧ-୭୬୩୦୪

**ଭୁବନେଶ୍ୱର ନଖରାଛକ, ଉତ୍ତରାଛକ, ସୁନ୍ଦରପଦା, କଟକ ମହାନଦୀ ବିହାରରେ ଘରବାରି ପ୍ଲଟ୍,** 2/3 BHK Flat/ Duplex ଅଛି- 8327785834. D-06

**Khordha Municipality ଏରିଆରେ ୨ଏକର ଜାଗା ପିଚୁ ରାସ୍ତାକୁ ଲାଗି ବିକ୍ରିହେବ।** -7008634668 ଧ-୦୮

**Apartment sale near Sum Hospital, Bhubaneswar @4500/- Sqft. - 9777433701.** D-09

ଭୁବନେଶ୍ୱର ଜଟଣୀଗେଟରୁ ଅଳ୍ପ ଦୂରତାରେ 1500 Sqft. ପ୍ଲଟ୍ 6,75,000/ରେ ବିକ୍ରିହେବ- 9776974912. D- 10

ଭୁବନେଶ୍ୱର ଗ୍ୟାରେଜ୍‌ଛକ ନିକଟରେ ୩୦ ଫୁଟ ରାସ୍ତା ଥାଇ ଘରବାଡ଼ି ଫ୍ଲଟ ବିକ୍ରି ହେବ- 9178660666. ଧ-୨୫୫୫



## FOR RENT

1st FLOOR 3BEDROOM, DRAWING ROOM, DINING HALL, KITCHEN, PUJA ROOM, TWO TOILETS, BALCONY, FAMILY HOLDERS FOR RESIDENTIAL PURPOSE ONLY. RENT= Rs. 13,000/- PER MONTH. GARAGE CHAWK, BHUBANESWAR. CONTACT: 9090111010. D-76080

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।**



## Healthcare

The massage felt totally professional! & comfortable at all times- 7978109255. D-211

Full body massage by odia therapist in homely atmosphere. 9078618337. D-2566

## AFFIDAVIT

By virtue of an affidavit sworn before the Executive Magistrate, Berhampur, Ganjam, I, Rudrayu Patro, aged 45, son of Prasad Chandra Patro,Resident of Village/ P.O- Brajanagar 2nd Lane, Ext., Berhampur, Dist.- Ganjam,Odisha, vide affidavit No.- A-1653 dated 13.11.2025, do hereby declare that in my passport bearing No.- Z3219967, my name is mentioned as RUDRAYOU PATRO instead of RUDRAYU PATRO. From 13.11.25 now onwards I will be known as RUDRAYU PATRO for all future purpose. D-2570

Affidavit (For major) By virtue of an affidavit sworn in before the Executive Magistrate, Nabarangpur, Dist.- Nabarangpur. I, Atti Padmabati, At/ P.O.- Ichhabatiguda under P.O./P.S./Dist.- Nabarangpur, PIN- 764 059, Odisha. Declare by this affidavit No.- 1003 dated 12.11.2025. I have changed my name from K.S.Padmavati to Atti Padmabati. Henceforth, I shall be known as Atti Padmabati for all future purposes both official and domestic. D-2563

**ପାଠକଙ୍କ ପାଇଁ ସୂଚନା**

 କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before the court of the Executive Magistrate, Tangi, 13.05.2024, I, Dutibahan Majhi, S/o.- Sanatan Majhi, Bhagabatipada, P.O./P.S.- Nirakarapur, Dist.- Khurda, 752015 declare that I have corrected my name from Jutia Majhi to Dutibahan Majhi. Henceforth, I shall be known as Dutibahan Majhi for all purposes. D-2552

By virtue of an affidavit sworn before the court of the Executive Magistrate, Kanas, 09.04.2025, I, Mina Rautaray, W/o.- Bikram Rautaray, At- Sanajagannathpur, P.O.- Nandigoda, Dist.- Puri declare that my marriage before name Minati Pradhan, At- Abhayapur, P.O.- Birakesaripur, P.S- Gadisagoda, Dist.- Puri. Henceforth, Mina Rautaray and Minati Pradhan is same and one person for all purposes. D-2564

By this affidavit sworn before the Executive Magistrate, Jharsuguda No.- 8087, date- 13.11.25, I, Pramananda Meher, S/o.- Nilamber Meher, At- Ranakata, P.O.- Chandanimal, P.S.- Brajrajnagar, Dist.- Jharsuguda declare that my name has been wrongly mentioned as Dayanidhi Meher instead of Pramananda Meher in my postal life insurance policy. That both the names relates to same and one person. D-2565

By virtue of an affidavit sworn before Notary Public, Borigumma, dated- 18.11.2025, I, RINKI RANI PARIDA(New Name) Address: At- Pallal Saf Fathamunda, for Phyamsundarpur, P.S.- Tihidi, Dist .- Bhadrak, Odisha, 755119 declare that have changed my name from RINKIRANI PALLAI (Old Name) to RINKI RANE Kaina (New Name) Henceforth, I shall be known as RINKI RANI PARIDA (New Name for all purposes. D-2567

## LEGAL NOTICE

Letter No.- 1822
Dated- 09.10.2025

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର- ୪, ଶ୍ରୀ ପ୍ରଦୀପ କୁମାର ନାୟକ, (ଭା.ପ୍ର.ସେ.), ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା,
ଓ.ଏସ୍.ଏସ୍. କେସ୍ ନମ୍ବର- ୮୬୯/୨୦୨୪
(ଦେୱାନୀ କାର୍ଯ୍ୟ ବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)

କଳିଙ୍ଗ କେଶରୀ ରଥ ...... ବାଦୀ
ବନାମ
ତହସିଲଦାର, ଜଟଣୀ ଓ ଅନ୍ୟମାନେ ...ପ୍ରତିବାଦୀ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:
ପ୍ରତିବାଦୀ ନଂ.୩- ଜୟଗୁନ ବିବି, ସ୍ୱାମୀ- ଅବଦୁଲ ହମିଦ ଖାଁ, ଗ୍ରାମ- ବେଣାପଞ୍ଜରୀ, ପୋଷ୍ଟ- ତିରିମାଲ୍ ଥାନା- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା, ୭୫୨୦୫୦।

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ(ମାନେ) ନିମ୍ନୋକ୍ତ ଜମିର ହାଲ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ୍ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର- ୪ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜିକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର- ୪, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା୧୭।୧୧।୨୦୨୫ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ
ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଜଟଣୀ, ଥାନା- ଜଟଣୀ, ମୌଜା ମଙ୍ଗରାଜପୁର। ସାବକ: ଖାତା ନମ୍ବର- ୫୫, ପ୍ଲଟ୍ ନମ୍ବର- ୫୮୦(ଅଂଶ), କିସମ- ଶାରଦ ଦୁଇ, ରକବା- ଏ୦.୬୦୫ ଡେସିମିଲ (ସମ୍ପୂର୍ଣ୍ଣ), ସ୍ୱତ୍ୱ- ସ୍ଥିତିବାନ। ହାଲ: ଖାତା ନମ୍ବର- ୯୧, ପ୍ଲଟ୍ ନମ୍ବର- ୭୨୯, କିସମ- ଶାରଦ ଅଣଜଳସେଚିତ ଦୁଇ, ରକବା- ଏ୦.୬୦୫ ଡେସିମିଲ (ସମ୍ପୂର୍ଣ୍ଣ), ସ୍ୱତ୍ୱ- ସ୍ଥିତିବାନ।

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କରି କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜାଲସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ ।

ତା:
ଭୁବନେଶ୍ୱର
ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା/- କୋର୍ଟ ଅଫିସର
ଧ-୨୩୫୯

Letter No.- 1825
Dated- 09.10.2025

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର- ୪, ଶ୍ରୀ ପ୍ରଦୀପ କୁମାର ନାୟକ, (ଭା.ପ୍ର.ସେ.), ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା,
ଓ.ଏସ୍.ଏସ୍. କେସ୍ ନମ୍ବର- ୮୬୮/୨୦୨୪
(ଦେୱାନୀ କାର୍ଯ୍ୟ ବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)

କଳିଙ୍ଗ କେଶରୀ ରଥ ........ ବାଦୀ
ବନାମ
ତହସିଲଦାର, ଜଟଣୀ ଓ ଅନ୍ୟମାନେ .......ପ୍ରତିବାଦୀ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:
ପ୍ରତିବାଦୀ ନଂ.୩- ସେକ୍ ସଲାଉଦ୍ଦିନ, ପିତା- ସ୍ୱର୍ଗତ ସେକ୍ ଅନିମୁଦ୍ଦିନ ରହମାନ, ମାତା - ସ୍ୱର୍ଗତ ସାଫିରାନ ବିବି, ଗ୍ରାମ- ଶଙ୍କରପୁର, ପୋଷ୍ଟ/ଥାନା/ଜିଲ୍ଲା - ଭଦ୍ରକ, ୭୫୬୧୦୦।

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ(ମାନେ) ନିମ୍ନୋକ୍ତ ଜମିର ହାଲ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ୍ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର- ୪ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜିକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର- ୪, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା୧୭।୧୧।୨୦୨୫ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ
ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଜଟଣୀ, ଥାନା- ଜଟଣୀ, ମୌଜା ମଙ୍ଗରାଜପୁର। ସାବକ: ଖାତା ନମ୍ବର- ୧୬୭, ପ୍ଲଟ୍ ନମ୍ବର- ୫୮୭(ଅଂଶ), କିସମ- ଶାରଦ ଦୁଇ, ରକବା- ଏ୦.୫୭୫ ଡେସିମିଲରୁ ଏ୦.୧୯୧.୭ ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ। ହାଲ: ଖାତା ନମ୍ବର- ୨୯୮, ପ୍ଲଟ୍ ନମ୍ବର- ୭୪୧, କିସମ- ଶାରଦ ଅଣଜଳସେଚିତ ଦୁଇ, ରକବା- ଏ୦.୨୧୫ ଡେସିମିଲରୁ ଏ୦.୧୯୧.୭ ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ।

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କରି କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜାଲସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ ।

ତା:
ଭୁବନେଶ୍ୱର
ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା/- କୋର୍ଟ ଅଫିସର
ଧ-୨୩୬୦

Letter No.- 1823
Dated- 09.10.2025

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର- ୪, ଶ୍ରୀ ପ୍ରଦୀପ କୁମାର ନାୟକ, (ଭା.ପ୍ର.ସେ.), ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା,
ଓ.ଏସ୍.ଏସ୍. କେସ୍ ନମ୍ବର- ୮୬୭/୨୦୨୪
(ଦେୱାନୀ କାର୍ଯ୍ୟ ବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)

କଳିଙ୍ଗ କେଶରୀ ରଥ ........ ବାଦୀ
ବନାମ
ତହସିଲଦାର, ଜଟଣୀ ଓ ଅନ୍ୟମାନେ .......ପ୍ରତିବାଦୀ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:
ପ୍ରତିବାଦୀ ନଂ.୩- ବିଶି ଦାସ, ପିତା- ସ୍ୱର୍ଗତ କହ୍ନେଇ ଦାସ, ଗ୍ରାମ- ବେଣାପଞ୍ଜରୀ, ପୋଷ୍ଟ- ତିରିମାଲ୍ ଥାନା- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା, ୭୫୨୦୫୦।

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ(ମାନେ) ନିମ୍ନୋକ୍ତ ଜମିର ହାଲ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ୍ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର- ୪ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜିକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର- ୪, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା୧୭।୧୧।୨୦୨୫ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ
ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଜଟଣୀ, ଥାନା- ଜଟଣୀ, ମୌଜା ମଙ୍ଗରାଜପୁର। ସାବକ: ଖାତା ନମ୍ବର- ୨୦୭, ପ୍ଲଟ୍ ନମ୍ବର- ୫୮୪(ସମ୍ପୂର୍ଣ୍ଣ), କିସମ- ଶାରଦ ଦୁଇ, ରକବା- ଏ୦.୩୬୦ ଡେସିମିଲ, ସ୍ୱତ୍ୱ- ଦଖଲ ସ୍ୱତ୍ୱ ବିଶିଷ୍ଟ। ହାଲ: ଖାତା ନମ୍ବର- ୨୦୦, ପ୍ଲଟ୍ ନମ୍ବର- ୭୩୫, କିସମ- ଶାରଦ ଅଣଜଳସେଚିତ ଦୁଇ, ରକବା- ଏ୦.୩୬୦ ଡେସିମିଲ(ସମ୍ପୂର୍ଣ୍ଣ), ସ୍ୱତ୍ୱ- ସ୍ଥିତିବାନ।

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କରି କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜାଲସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ ।

ତା:
ଭୁବନେଶ୍ୱର
ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା/- କୋର୍ଟ ଅଫିସର
ଧ-୨୩୬୧

Letter No.- 1824
Dated- 09.10.2025

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର- ୪, ଶ୍ରୀ ପ୍ରଦୀପ କୁମାର ନାୟକ, (ଭା.ପ୍ର.ସେ.), ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା,
ଓ.ଏସ୍.ଏସ୍. କେସ୍ ନମ୍ବର- ୮୬୬/୨୦୨୪
(ଦେୱାନୀ କାର୍ଯ୍ୟ ବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)

କଳିଙ୍ଗ କେଶରୀ ରଥ ........ ବାଦୀ
ବନାମ
ତହସିଲଦାର, ଜଟଣୀ ଓ ଅନ୍ୟମାନେ .......ପ୍ରତିବାଦୀ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:
ପ୍ରତିବାଦୀ ନଂ.୩- ଜୟଗୁନ ବିବି, ସ୍ୱାମୀ- ଅବଦୁଲ ହମିଦ ଖାଁ, ଗ୍ରାମ- ବେଣାପଞ୍ଜରୀ, ପୋଷ୍ଟ- ତିରିମାଲ୍ ଥାନା- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା।

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ(ମାନେ) ନିମ୍ନୋକ୍ତ ଜମିର ହାଲ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ୍ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର- ୪ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜିକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର- ୪, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା୧୭।୧୧।୨୦୨୫ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ
ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଜଟଣୀ, ଥାନା- ଜଟଣୀ, ମୌଜା ମଙ୍ଗରାଜପୁର। ସାବକ: ଖାତା ନମ୍ବର- ୧୮୫, ପ୍ଲଟ୍ ନମ୍ବର- ୪୪୨(ଅଂଶ), କିସମ- ଶାରଦ ଦୁଇ, ରକବା- ଏ୦.୪୫୦ ଡେସିମିଲରୁ ଏ୦.୨୨୫ ଡେସିମିଲ(ଦକ୍ଷିଣ ପାର୍ଶ୍ୱରୁ), ସ୍ୱତ୍ୱ- ସ୍ଥିତିବାନ। ହାଲ: ଖାତା ନମ୍ବର- ୯୧, ପ୍ଲଟ୍ ନମ୍ବର- ୫୬୧, କିସମ- ଶାରଦ ଅଣଜଳସେଚିତ ଦୁଇ, ରକବା- ଏ୦.୨୨୫ ଡେସିମିଲ(ସମ୍ପୂର୍ଣ୍ଣ), ସ୍ୱତ୍ୱ- ସ୍ଥିତିବାନ।

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କରି କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜାଲସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ ।

ତା:
ଭୁବନେଶ୍ୱର
ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା/- କୋର୍ଟ ଅଫିସର
ଧ-୨୩୬୨

# ‘ପିଲାମାନେ ଆତ୍ମବିଶ୍ୱାସ ସହ ଆଗକୁ ବଢ଼ିବା ଉଚିତ’

ଭୁବନେଶ୍ୱର,୧୩।୧୧(ସୁଚିସ୍ମିତା ସାହୁ)



କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ଅନ୍ୟ ଅତିଥି।

## ରାଜ୍ୟସ୍ତରୀୟ ଶିଶୁ କ୍ରୀଡ଼ା ମହୋତ୍ସବ ‘ଉତ୍ସାହ’ ଉଦ୍‌ଘାଟିତ

ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି ଆନୁକୁଲ୍ୟରେ ରାଜ୍ୟସ୍ତରୀୟ ଶିଶୁ କ୍ରୀଡ଼ା ମହୋତ୍ସବ ‘ଉତ୍ସାହ’ ଗୁରୁବାର କଳିଙ୍ଗ ଷ୍ଟାଡିୟମରେ ଶୁଭାରମ୍ଭ ହୋଇଯାଇଛି। ଏହି ମହୋତ୍ସବକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉଦ୍‌ଘାଟନ କରି ଓଡ଼ିଶାର ବର୍ଦ୍ଧିତ କ୍ରୀଡ଼ା ସଂସ୍କୃତି ଓ ଭିତ୍ତିଭୂମିକୁ ପ୍ରଶଂସା କରିବା ସହ ଯୁବପିଢ଼ିଙ୍କ ପାଇଁ ଏହା ଗର୍ବ ଏବଂ ପ୍ରେରଣାର ଉତ୍ସ ବୋଲି କହିଥିଲେ। ପ୍ରତ୍ୟେକ ପିଲା ଖେଳିବା, ସ୍ୱପ୍ନ ଦେଖିବା ଏବଂ ଆତ୍ମବିଶ୍ୱାସ ସହ ଆଗକୁ ବଢ଼ିବା ଉଚିତ। ଏନେଇ ସମସ୍ତ ପ୍ରକାରର ସହଯୋଗ ରାଜ୍ୟ ସରକାରଙ୍କ ପକ୍ଷରୁ କରାଯାଉଛି ବୋଲି ସେ କହିଥିଲେ।

ପଞ୍ଚାୟତିରାଜ ଓ ପାନୀୟଜଳ ଯୋଗାଣ ମନ୍ତ୍ରୀ ରବିନାରାୟଣ ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରତ୍ୟେକ ଜିଲାର ପିଲାଙ୍କ ପାଇଁ ଏପରି ଏକ ସ୍ପନ୍ଦନଶୀଳ ଏବଂ ଅନ୍ତର୍ଭୁକ୍ତିମୂଳକ ପ୍ଲାଟଫର୍ମ ସୃଷ୍ଟି କରିଥିବାରୁ ବିଭାଗକୁ ପ୍ରଶଂସା କରିଥିଲେ। ତୃଣମୂଳସ୍ତରର ପ୍ରତିଭାକୁ ପ୍ରୋତ୍ସାହିତ କରିବା ଏବଂ ପ୍ରତ୍ୟେକ ପିଲାଙ୍କୁ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ ପାଇଁ ସୁଯୋଗ ଦେବା ଉପରେ ସେ ଆଲୋକପାତ କରିଥିଲେ। ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷା ବବିତା ପାତ୍ର ଯୋଗଦେଇ ପିଲାଙ୍କ ଶାରୀରକ ସୁସ୍ଥତା ନିମନ୍ତେ କ୍ରୀଡ଼ା ଏକ ଉତ୍ତମ ମାଧ୍ୟମ ବୋଲି କହିଥିଲେ। ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ସଚିବ ଶୁଭା ଶର୍ମା ସ୍ୱାଗତ ଭାଷଣ ଦେଇ ବିଭାଗର ସାମଗ୍ରିକ ଦୃଷ୍ଟିକୋଣ – ଯତ୍ନ, ସୁରକ୍ଷା, ସୃଜନଶୀଳତା ଏବଂ ଶାରୀରିକ ସୁସ୍ଥତାକୁ ମିଶ୍ରଣ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ସମନ୍ୱିତ ଶିଶୁ ବିକାଶ ସେବା ଏବଂ ସମାଜ କଲ୍ୟାଣ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ଧନ୍ୟବାଦ ଦେଇଥିଲେ। ମହୋତ୍ସବରେ ୩୦ଟି ଜିଲାର ବିଭିନ୍ନ ଶିଶୁ ଯତ୍ନ ଅନୁଷ୍ଠାନର ୬୦୦ରୁ ଅଧିକ ପିଲା ସାମିଲ ହୋଇଛନ୍ତି। ମହୋତ୍ସବରେ ୧୦୦ ମିଟର ଓ ୨୦୦ ମିଟର ଦୌଡ଼, ଲମ୍ବଡିଆଁ, ରିଲେ ଦୌଡ଼, ଫୁଟବଲ, ଚେସ୍, କ୍ୟାରମ ଆଦି ପ୍ରତିଯୋଗିତାରେ ଶିଶୁମାନେ ଭାଗନେଇ ନିଜ କ୍ରୀଡ଼ା ନୈପୁଣ୍ୟ ପ୍ରଦର୍ଶନ କରିବେ। ଏଥିମଧ୍ୟରେ ଦଳଗତ ଖେଳୁଆଡ଼ ମନୋବୃତ୍ତି ସହ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଏବଂ ମନୋରଞ୍ଜନକାରୀ ଖେଳ ଅନ୍ତର୍ଭୁକ୍ତ ରହିଛି।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ କାଜଲ


@ ସୂର୍ଯ୍ୟକାନ୍ତ


@ ଉମେଶ


@ ପ୍ରକାଶ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


ଆଦିବାସୀ ପ୍ରଦର୍ଶନୀ ପଡ଼ିଆରେ ସ୍ୱାଭିମାନ ପକ୍ଷରୁ ଆୟୋଜିତ ଆନ୍ତର୍ଜାତିକ ଶିଶୁ ମହୋତ୍ସବ ‘ଅଞ୍ଜଳି’ର ୨୫ତମ ରୌପ୍ୟ ଜୟନ୍ତୀର ଦ୍ୱିତୀୟ ଦିନରେ ଗୁରୁବାର ପରିବେଷିତ ନାଟକର ଏକ ଦୃଶ୍ୟ। (ଫଟୋ: ବିକାଶ ନାୟକ)

# ପୁଣି ଅଦିନିଆ ରଥଯାତ୍ରା ଆୟୋଜନ କଲା ଇସ୍କନ

ପୁରୀ,୧୩।୧୧(ଅଜିତ୍ କୁମାର ମହାନ୍ତି)

ପୁଣି ଜଗନ୍ନାଥ ସଂସ୍କୃତିକୁ କୁଠାରଘାତ କରିଛି ଇସ୍କନ। ବାରମ୍ବାର ବାରଣ ସତ୍ତ୍ୱେ ଇସ୍କନ ପକ୍ଷରୁ ଅଦିନିଆ ରଥଯାତ୍ରା ଆୟୋଜନ କରାଯାଇଛି। ଏହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକଶ ପାଇଛି। ଇସ୍କନର ଏପରି କାର୍ଯ୍ୟକୁ ସେବାୟତମାନେ ବିରୋଧ କରିବା ସହ ଶ୍ରୀମନ୍ଦିର ପ୍ରଶାସନ ଓ ସରକାରଙ୍କ ଇସ୍କନ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି। ଆସନ୍ତା ୨୩ତାରିଖ ରବିବାର ଇସ୍କନ ପକ୍ଷରୁ ଅଦିନିଆ ରଥଯାତ୍ରା ଆୟୋଜନ କରାଯାଇଛି। ତାଇୱାନର ଜିମେଣ୍ଟିଙ୍ଗ ଏମଆରଟି ଏକଜିଟ୍ ୬ରେ ଆୟୋଜିତ ହେବାକୁ ଯାଉଛି ଏହି ଅଦିନିଆ ରଥଯାତ୍ରା। ଆୟୋଜିତ ହେବାକୁ ଥିବା ଏହି ଅଦିନିଆ ରଥଯାତ୍ରାରେ ଯୋଗ ଦେବାପାଇଁ ଇସ୍କନ ଅନୁଗାମୀ ଏବଂ ଜଗନ୍ନାଥପ୍ରେମୀଙ୍କୁ ଅନ୍‌ଲାଇନ ମାଧ୍ୟମରେ ସୂଚନା ଦିଆଯାଇଛି।

ଏହି ଘଟଣାକୁ ନେଇ ପୁରୀରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଇସ୍କନ ଏପରି ବାରମ୍ବାର ନିୟମ ବାହାରେ କାର୍ଯ୍ୟ କରୁଥିବାକୁ ଜଗନ୍ନାଥ ପ୍ରେମୀ ଓ ସେବାୟତଙ୍କ ମନରେ କ୍ଷୋଭ ପ୍ରକାଶ ପାଇଛି। ଇସ୍କନ ପକ୍ଷରୁ ଅଦିନିଆ ରଥଯାତ୍ରା ଆୟୋଜନ କରିବା ଘଟଣାକୁ ନାପସନ୍ଦ କରି ପୂର୍ବରୁ ଗଜପତି ମହାରାଜ ଇସ୍କନକୁ ଜଣାଇବା ପରେ ମଧ୍ୟ ଇସ୍କନ ଏପରି କାର୍ଯ୍ୟରୁ ବିରତି ରହୁନାହିଁ। ଏନେଇ ଜଣେ ଭକ୍ତ କହିଛନ୍ତି, ମତବ୍ୟକ୍ତ କରି କହିଛନ୍ତି, ଅଦିନିଆ ରଥଯାତ୍ରା ଆୟୋଜନ ସମ୍ପୂର୍ଣ୍ଣ ଭୁଲ। ମହାପ୍ରଭୁଙ୍କ ପରମ୍ପରା ଓ ତିଥିକୁ ଆମକୁ ପାଳନ କରିବାକୁ ପଡ଼ିବ। ଏନେଇ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ତଥା ବରିଷ୍ଠ ସେବାୟତ ମଧୁସୂଦନ ସିଂହାରୀ କହିଛନ୍ତି, ଇସ୍କନ ପକ୍ଷରୁ ମହାପ୍ରଭୁଙ୍କ ସଂସ୍କୃତିକୁ କୁଠାରାଘାତ କରାଯାଉଛି। ଏନେଇ ପୂର୍ବରୁ ପରିଚାଳନା କମିଟିରେ ଇସ୍କନ ପକ୍ଷରୁ କରାଯାଉଥିବା ଅଦିନିଆ ରଥଯାତ୍ରା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ଅଞ୍ଚଳରେ ଦାବି ହୋଇଛି।

# ମନଛୁଇଁଲା ‘ମିଥିକା ଲ୍ୟାଣ୍ଡ’, ସାଂସ୍କୃତିକ କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୩।୧୧(ସୁଚିସ୍ମିତା ସାହୁ)

## ଅଞ୍ଜଳିର ଦ୍ୱିତୀୟ ସନ୍ଧ୍ୟା

ଆଦିବାସୀ ପ୍ରଦର୍ଶନୀ ପଡିଆରେ ସ୍ୱାଭିମାନ ପକ୍ଷରୁ ଆୟୋଜିତ ଆନ୍ତର୍ଜାତିକ ଶିଶୁ ମହୋତ୍ସବ ‘ଅଞ୍ଜଳି’ର ରୌପ୍ୟ ଜୟନ୍ତୀର ଦ୍ୱିତୀୟ ଦିନରେ ଗୁରୁବାର ରହସ୍ୟମୟ ‘ମିଥିକା ଲ୍ୟାଣ୍ଡ’ ଉନ୍ମୋଚିତ ହୋଇଯାଇଛି। କ୍ରିୟାଯୋଗ ଇଣ୍ଟରନ୍ୟାଶନାଲର ଗୁରୁ ଏଚ୍.ଏଚ୍. ପରମହଂସ ପ୍ରଜ୍ଞାନନ୍ଦ ଜୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ମିଥିକା ଲ୍ୟାଣ୍ଡ ମାଧ୍ୟମରେ ପୌରାଣିକ କଥାରେ ବର୍ଣ୍ଣିତ ବିଶ୍ୱ ବ୍ରହ୍ମାଣ୍ଡର ଶେଷ ନାଗ ପୃଥିବୀକୁ ଧରି ରଖିଥିବା କଳ୍ପନାକୁ ଜୀବନ୍ତ କରିଛି।

କାର୍ଯ୍ୟକ୍ରମରେ ସ୍ୱାଭିମାନର ପ୍ରତିଷ୍ଠାତା ଡା. ଶ୍ରୁତି ମହାପାତ୍ର, ସାମାଜିକକର୍ମୀ ସ୍ୱାଧୀନ ଖଟୁଆ, ନ୍ୟାଶନାଲ ଗ୍ୟାଲେରି ଅଫ୍ ମଡର୍ନ ଆର୍ଟର ପୂର୍ବତନ ନିର୍ଦ୍ଦେଶକ ଜେନେରାଲ ପଦ୍ମଶ୍ରୀ ଅଦ୍ୱୈତ ଚରଣ ଗଡ଼ନାୟକ, କିଟ୍ ବିଶ୍ୱବିଦ୍ୟାଳୟ ଆର୍ଟ ଏକାଡେମୀର ନିର୍ଦ୍ଦେଶକ ଜେନେରାଲ ଡା. ପଦ୍ମା ମହାନ୍ତି, ପରିବେଶ ଓ ଜଳବାୟୁ ମନ୍ତ୍ରଣାଳୟର ଡେପୁଟି ଇନ୍ସପେକ୍ଟର ଜେନେରାଲ ଅଫ ଫରେଷ୍ଟ (ସେଣ୍ଟ୍ରାଲ) ସ୍ୱାମୀ ଶୁଦ୍ଧାନନ୍ଦ ଗିରି, ଓଡ଼ିଶୀ ନୃତ୍ୟଗୁରୁ ପଦ୍ମଶ୍ରୀ ଅରୁଣା ମହାନ୍ତି ଉପସ୍ଥିତ ଥିଲେ। ଜାତୀୟ ହ୍ୱିଲ ଚେୟାର ରଗ୍‌ବି ଖେଳାଳି ଗୌତମ ସିଂହଙ୍କୁ ଅଞ୍ଜଳି ବୀରତ୍ୱ ପୁରସ୍କାର (ଏକ ଲକ୍ଷ ଟଙ୍କା) ପ୍ରଦାନ କରାଯାଇଛି। ଏଥିସହ ୩୯ ଜଣ ଛାତ୍ରଙ୍କୁ ବାର୍ଷିକ ୨୪,୦୦୦ ଟଙ୍କା ଛାତ୍ରବୃତ୍ତି ପ୍ରଦାନ କରାଯାଇଛି। ଏହି ଅବସରରେ ପୁସ୍ତକ ‘ଅନ୍‌ବ୍ରୋକେନ: ୧୦୧ ଷ୍ଟୋରିଜ ଅଫ୍ ଡିଜେବଲ୍ଡ ଲିଡର୍ସ’ ପ୍ରକାଶ ପାଇଛି। ଆଇଆଇଏମ୍‌ସି ଛାତ୍ରମାନଙ୍କ ଦ୍ୱାରା ପ୍ରସ୍ତୁତ କ୍ୟାମ୍ପ ବୁଲେଟିନ ମଧ୍ୟ ଉନ୍ମୋଚିତ ହୋଇଛି। ବିଜ୍ଞାନ ମଡେଲିଂ ପ୍ରତିଯୋଗିତାର ବିଜେତାମାନେ ପୁରସ୍କୃତ ହୋଇ ନିଜ ପ୍ରତିଭାର ପରିଚୟ ଦେଇଥିଲେ।

# ‘ମାୟା ମିରିଗ’ର ଗ୍ରାଣ୍ଡ୍ ପ୍ରିମିୟର ଶୋ’

ଭୁବନେଶ୍ୱର,୧୩। ୧୧(ସୌମ୍ୟରଞ୍ଜନ ରାଉତ)




୧୯୮୪ରେ ନିର୍ମିତ ହୋଇଥିବା ନିରଦ ମହାପାତ୍ରଙ୍କ ନିର୍ଦ୍ଦେଶିତ ‘ମାୟା ମିରିଗ’ ଚଳଚ୍ଚିତ୍ରର ପୁନରୁଦ୍ଧାର ହୋଇଛି। ଏନେଇ ଗୁରୁବାର ଭୁବନେଶ୍ୱରସ୍ଥିତ କେଶରୀ ସିନେମା ହଲ୍‌ରେ ଏହାର ଗ୍ରାଣ୍ଡ ପ୍ରିମିୟର ଶୋ’ ପ୍ରଦର୍ଶନ କରାଯାଇଛି। ଏହି ଅଶୀଦଶକର ଚଳଚ୍ଚିତ୍ରକୁ ଦେଖିବା ଲାଗି ପ୍ରତ୍ୟେକ ବର୍ଗର ଲୋକ ସାମିଲ ହୋଇଥିଲେ। ଏଥିସହ ପୁରୁଣା ଚଳଚ୍ଚିତ୍ର ପୁନରୁଦ୍ଧାର ଦିଗରେ ମଧ୍ୟ ଭୁବନେଶ୍ୱରସ୍ଥିତ କଳାଭୂମିଠାରେ ସ୍ୱତନ୍ତ୍ର କର୍ମଶାଳା ଚାଲୁରହିଛି, ଯାହାକୁ ଫିଲ୍ମ ହେରିଟେଜ୍ ଫାଉଣ୍ଡେଶନ ପକ୍ଷରୁ ଆୟୋଜନ କରାଯାଉଛି। ସୂଚନାଯୋଗ୍ୟ, ଫାଉଣ୍ଡେଶନ ପକ୍ଷରୁ ପୁନରୁଦ୍ଧାର କରାଯାଇଥିବା ‘ମାୟା ମିରିଗ’ ଚଳଚ୍ଚିତ୍ର ଶୁକ୍ରବାର ଅପରାହ୍ଣ ଓ ୧୭ ତାରିଖ ସନ୍ଧ୍ୟାରେ ପ୍ରଦର୍ଶନ ହେବ ବୋଲି ଫାଉଣ୍ଡେଶନ ପକ୍ଷରୁ ସୂଚନା ଦିଆଯାଇଛି।

# ବିଲ୍ଡର ସଂସ୍ଥା ଉପରେ ଆୟକର ଚଢ଼ାଉ

ଭୁବନେଶ୍ୱର,୧୩।୧୧(ସତ୍ୟଜିତ ରାଉତ)

ଟିକସ ଫାଙ୍କିବା ଅଭିଯୋଗରେ ରାଜଧାନୀର ଏକ ବିଲ୍ଡର ସଂସ୍ଥା ଆୟକର ବିଭାଗ ସ୍କାନରକୁ ଆସିଛି। ଭୁବନେଶ୍ୱର ସାମନ୍ତରାପୁରସ୍ଥିତ ଉକ୍ତ ବିଲ୍ଡର ସଂସ୍ଥା ଅଫିସ ଉପରେ ଆୟକର ବିଭାଗ ପକ୍ଷରୁ ଗୁରୁବାର ଚଢ଼ାଉ କରାଯାଇଛି। ସଂସ୍ଥାର ମାଲିକଙ୍କ ଘର ଏବଂ ଅନ୍ୟାନ୍ୟ ପ୍ରୋଜେକ୍ଟରେ ମଧ୍ୟ ଯାଞ୍ଚ ଚାଲିଛି। ଏହି ଚଢ଼ାଉରେ ସିଟି ଆଣ୍ଡ୍ ଜିଏସ୍‌ଟି ଟିମ୍ ସାମିଲ ଅଛି। ଯାଞ୍ଚବେଳେ ସଂସ୍ଥାର ଆର୍ଥିକ କାରବାର ନେଇ ବହୁ ଦସ୍ତାବିଜ୍ ଜବତ ସହ ଆୟକର ବିଭାଗ ଟିମ୍ ଯାଞ୍ଚ କରୁଛି। ସକାଳ ପ୍ରାୟ ୭ଟାରୁ ଆୟକର ଟିମ୍ ପକ୍ଷରୁ ଏହି ଯାଞ୍ଚ ଚାଲିଥିବା ଜଣାପଡ଼ିଛି। ତେବେ ଏନେଇ ଆୟକର ବିଭାଗ ପକ୍ଷରୁ ବିଧିବଦ୍ଧ ଭାବେ କୌଣସି ସୂଚନା ଦିଆଯାଇନାହିଁ।

# ଆଜିଠୁ ରାଜଧାନୀ ପୁସ୍ତକମେଳା

ଭୁବନେଶ୍ୱର,୧୩।୧୧(ସୌମ୍ୟରଞ୍ଜନ ରାଉତ)

୨୫ତମ ରାଜଧାନୀ ପୁସ୍ତକମେଳା ନଭେମ୍ବର ୧୪ରୁ ୨୩ ତାରିଖ ପର୍ଯ୍ୟନ୍ତ ଶହୀଦନଗର ଦୁର୍ଗାପୂଜା ପଡ଼ିଆରେ ଅନୁଷ୍ଠିତ ହେବ। ଏଥିପାଇଁ ପ୍ରସ୍ତୁତି ସରିଛି। ମେଳାରେ ଓଡ଼ିଶାର ପ୍ରତିଷ୍ଠିତ ପ୍ରକାଶକ ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିଦ୍ୟାପୁରୀ, ଓଡ଼ିଶା ବୁକ୍‌ଷ୍ଟୋର, ପ୍ରାଚୀ ପ୍ରକାଶନ, କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର, ସତ୍ୟନାରାୟଣ ବୁକ୍ ଷ୍ଟୋର, ଜଗନ୍ନାଥ ରଥ, ଧର୍ମଗ୍ରନ୍ଥ ଷ୍ଟୋର୍, ଏ.କେ. ମିଶ୍ର ଏଜେନ୍ସିଙ୍କ ସହିତ ରାଜ୍ୟ ବାହାରୁ ଗୀତା ପ୍ରେସ୍, କଲ୍ୟାଣୀ ପବ୍ଲିଶର୍ସ, ନ୍ୟାଶନାଲ ବୁକ୍ ଟ୍ରଷ୍ଟ, ପବ୍ଲିକେଶନ ଡିଭିଜନ, ଏନ୍‌ସିଇଆର୍‌ଟି ସମେତ ବହୁ ପୁସ୍ତକ ପ୍ରକାଶକ ଓ ବିକ୍ରେତା ଯୋଗଦେବେ। ପୁସ୍ତକମେଳାରେ ବିଭିନ୍ନ ଦିବସରେ ଆଲୋଚନାଚକ୍ର, କବିତା ପାଠ, ନୂତନ ପୁସ୍ତକ ଉନ୍ମୋଚନ, କବି ଓ ଲେଖକ ସମ୍ମିଳନୀ, ବ୍ୟଙ୍ଗକବି ସମ୍ମିଳନୀ, ଶିଶୁ-ସାହିତ୍ୟିକ ସମ୍ମିଳନୀ ଆୟୋଜନ ହେବ। ଓଡ଼ିଆ ସାହିତ୍ୟର ୧୨ଟି ବିଭାଗରେ ଗତ ୩ ବର୍ଷ ମଧ୍ୟରେ ପ୍ରକାଶିତ ଶ୍ରେଷ୍ଠ ପୁସ୍ତକକୁ ରାଜଧାନୀ ପୁସ୍ତକମେଳା ପୁରସ୍କାର ପ୍ରଦାନ କରାଯିବ ବୋଲି ପୁସ୍ତକମେଳା କମିଟିର ସଭାପତି ଡ. ଉପେନ୍ଦ୍ର କୁମାର ଜେନା, ସମ୍ପାଦକ ବିଧୁଭୂଷଣ ପଟ୍ଟନାୟକ, ଆବାହକ ରମେଶ ଚନ୍ଦ୍ର ସ୍ୱାଇଁ, ଏକାମ୍ର ପୁସ୍ତକ ମହୋତ୍ସବ କମିଟିର ସଭାପତି ଡ. ପୀତବାସ ରାଉତରାୟ ଓ ସମ୍ପାଦକ ଭାସ୍କର ଜେନା ପ୍ରମୁଖ ସୂଚନା ଦେଇଛନ୍ତି।

# ଠକ ଅଜିତ୍‌ଙ୍କ ସ୍ତ୍ରୀ, ଭାଇଙ୍କୁ ଉଠାଇନେଲା ସିବିଆଇ

ଭୁବନେଶ୍ୱର,୧୩।୧୧(ତ୍ରିନାଥ ମହାନ୍ତି)



## ଆକାଉଣ୍ଟ ଛାନ୍‌ଭିନ୍ କରିବ ଇଡି

- ଉଭୟଙ୍କ ନାମରେ ଏକାଧିକ ସମ୍ପତ୍ତି କରିଥିଲେ ଅଭିଯୁକ୍ତ
- ବ୍ୟାଙ୍କ୍ ଲକରରୁ ମିଳିଛି ୨କେଜି ସୁନାଗହଣା
- ଖଣି ବ୍ୟବସାୟୀ, ଶିଳ୍ପପତିଙ୍କଠାରୁ ନେଉଥିଲେ ଟଙ୍କା

ଲାଞ୍ଚ ମାମଲାରେ ସିବିଆଇ ଗିରଫ କରିଥିବା କୁଖ୍ୟାତ ଠକ ଅଜିତ କୁମାର ପାତ୍ରଙ୍କ ଗୁମର ଫିଟିବାରେ ଲାଗିଛି। ସେ କେତେଜଣଙ୍କଠାରୁ ଟଙ୍କା ଠକିନେଇଛନ୍ତି, ସେନେଇ ସିବିଆଇ ତାଲିକା ପ୍ରସ୍ତୁତ କରିଛି। ଅଜିତ ଲୋକଙ୍କୁ ମିଛ କହି କୋଟି କୋଟି ଟଙ୍କା ନେଇଥିବାବେଳେ ଧରା ନ ପଡ଼ିବା ପାଇଁ ସ୍ତ୍ରୀ ଏବଂ ସାନ ଭାଇଙ୍କ ନାମରେ ସେସବୁ ଜମା ରଖିଛନ୍ତି। ତେଣୁ ସିବିଆଇ ଅଜିତଙ୍କୁ ଗିରଫ କରିବା ପରେ ଜବତ ୨୬ଟି ଜମିର ମାଲିକାନା ନେଇ ଘଣ୍ଟିଥିଲା। ଏହି ଜମିର ମାଲିକାନା ଅଜିତ୍‌ଙ୍କ ସ୍ତ୍ରୀ ଏବଂ ସାନଭାଇ ନାମରେ ରହିଛି। ବିଶେଷକରି ସେ ଏହି ଦୁଇ ବର୍ଷ ମଧ୍ୟରେ ବିପୁଳ ଟଙ୍କାର ସମ୍ପତ୍ତି ଅର୍ଜନ କରିଛନ୍ତି। ସିବିଆଇ ଗୁରୁବାର ଶହଦନଗର ଅଞ୍ଚଳରେ ଥିବା ଅଜିତଙ୍କ ଘରକୁ ଯାଇ ତାଙ୍କ ସ୍ତ୍ରୀ ଓ ଭାଇଙ୍କୁ ଉଠାଇ ନେଇଥିଲା। ପଚରାଉଚରା ପରେ ବ୍ୟାଙ୍କ୍ ଲକ୍‌ରରେ ସୁନା ରଖାଯାଇଥିବା ଅଜିତଙ୍କ ସ୍ତ୍ରୀ ଓ ଭାଇ ସିବିଆଇ ଆଗରେ କହିଥିଲେ। ଏହି ବୟାନ ଆଧାରରେ ସିବିଆଇ ଅଜିତଙ୍କ ଏକାଧିକ ବ୍ୟାଙ୍କ୍ ଲକର ଖୋଲିଥିଲେ, ଯେଉଁଥିରେ ୨ କେଜିରୁ ଅଧିକ ସୁନାଗହଣା ମିଳିଥିବା ଜଣାପଡ଼ିଛି। ଏହି ସୁନା ସେ କଳାଧନରେ କିଣି ରଖିଥିବା ସିବିଆଇ ତଦନ୍ତରୁ ଜାଣିବାକୁ ପାଇଛି। ଆହୁରି ମଧ୍ୟ ଖଣି ବ୍ୟବସାୟୀ ଏବଂ ଶିଳ୍ପପତିଙ୍କ ଘରେ ଆଇଟି ଚଢା କଲେ, ଖସାଇ ଦେବାକୁ କହି କୋଟି କୋଟି ଟଙ୍କା ନେଉଥିଲେ। ନିକଟରେ ସେ ଜଣେ ଖଣି ବେପାରୀଙ୍କଠାରୁ ଅଢେଇ କୋଟି ଟଙ୍କା ନେଇଥିଲେ। ଏଥିସହ ଘରର ଇଣ୍ଟେରିୟର କାମ ପାଇଁ ଜଣେ ଶିଳ୍ପପତିଙ୍କ ଠାରୁ ମଧ୍ୟ ଟଙ୍କା ନେଇଥିଲେ।

ବଡ଼ କଥା ହେଲା, ସିବିଆଇ ଅଧିକାରୀମାନେ ଅଜିତଙ୍କ ବ୍ୟାଙ୍କ୍ ଆକାଉଣ୍ଟ ଯାଞ୍ଚ କରିବା ବେଳେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ତାଙ୍କ ଆକାଉଣ୍ଟକୁ ବେନାମି ଆକାଉଣ୍ଟରୁ କୋଟି କୋଟି ଟଙ୍କା ଟ୍ରାଞ୍ଜାକ୍‌ଶନ ହୋଇଛି। ଏଥିରେ ମନି ଲଣ୍ଡରିଂ ଲିଙ୍କ୍ ଆସୁଥିବାରୁ ଆର୍ଥିକ ଛାନ୍‌ଭିନ୍ ପାଇଁ ସିବିଆଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)କୁ ସୁପାରିଶ କରିଛି। ଖୁବ୍‌ଶୀଘ୍ର ଇଡି ମନିଲଣ୍ଡରିଂ ଆକ୍ଟରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିବ ବୋଲି ଜଣାପଡ଼ିଛି। ଅଜିତ୍ ଗିରଫ ହେବା ପରେ ତାଙ୍କ ଲିଙ୍କ୍‌ରେ ଥିବା ଆଇଏଏସ୍ ଏବଂ ଆଇପିଏସ୍ ଅଧିକାରୀମାନଙ୍କ ଛାତି ଧଡ଼୍‌ଧଡ଼୍ ହେଲାଣି। କାରଣ ଅଜିତଙ୍କ ହ୍ୱାଟ୍ସଆପ୍ ଚାଟ୍‌ରୁ ଏକାଧିକ ଆଇଏଏସ୍ ଏବଂ ଆଇପିଏସ୍ ଅଧିକାରୀଙ୍କ ନାମ ପଦାକୁ ଆସିଛି। ଆହୁରି ମଧ୍ୟ ନିକଟରେ ତାଙ୍କ ମା’ଙ୍କ ମୃତ୍ୟୁ ପରେ ତାଙ୍କ ଘରକୁ ଏକାଧିକ ଆଇଏଏସ୍ ଏବଂ ଆଇପିଏସ୍ ଅଧିକାରୀ ଯାଇଥିଲେ। ତେଣୁ ତାଙ୍କ ଲିଙ୍କ୍‌ରେ ଥିବା ଏକାଧିକ ବ୍ୟକ୍ତିଙ୍କୁ ଜେରା କରାଯିବ ବୋଲି ଜଣାପଡ଼ିଛି। ବଡ଼ ଅଫିସରମାନଙ୍କୁ ବଦଳି କରିବା ପାଇଁ ସେ ଅର୍ଥ ନେବା ସହ ନିଲମ୍ବନ ଆଦେଶ ଉଠାଇବା ଲାଗି ଟଙ୍କା ନେଉଥିଲେ। ଉପରିସ୍ଥ ଅଧିକାରୀଙ୍କ ସହ ଉତ୍ତମ ସମ୍ପର୍କ ଥିବାରୁ ଅଜିତ ଏହାର ଫାଇଦା ନେଉଥିଲେ। ସେ ଠକେଇ ପାଇଁ ଏକ ଗ୍ୟାଙ୍ଗ୍ କରିଥିଲେ। ଏହି ଗ୍ୟାଙ୍ଗର ସଦସ୍ୟମାନେ ଅଜିତ କହିଥିବା ସରକାରୀ ବାବୁଙ୍କ ନିକଟକୁ ଯାଇ ଟଙ୍କା ସଂଗ୍ରହ କରୁଥିଲେ। ଏଥିରୁ ଅଜିତ ୬୦ ପ୍ରତିଶତ ନେଉଥିବା ବେଳେ ବାକି ଟଙ୍କା ସହଯୋଗୀଙ୍କୁ ବାଣ୍ଟି ଦେଉଥିଲେ। ପଶ୍ଚିମ ଓଡ଼ିଶାରୁ ଭୁବନେଶ୍ୱରକୁ ଚାକିରି ପାଇଁ ଆସିଥିବା ଅଜିତ୍ ଖୁବ୍ କମ୍ ଦିନରେ କୋଟିପତି ବନିଯାଇଥିଲେ। ଭୁବନେଶ୍ୱର ଓ ପୁରୀର ଏକାଧିକ ସ୍ଥାନରେ ପ୍ଲଟ୍ କିଣିଥିବା ଜଣାପଡ଼ିଛି। ତେଣୁ ଅଜିତ୍‌ଙ୍କ ଲିଙ୍କ୍‌ରେ ଥିବା ଅନ୍ୟମାନଙ୍କୁ ପଚରାଉଚରା କରିବା ପାଇଁ ସିବିଆଇ ସମନ କରିବ ବୋଲି ଜଣାପଡ଼ିଛି। ଏକ ନେଟ୍‌ୱର୍କ ସଂସ୍ଥାର ସିଇଓଙ୍କଠାରୁ ୧୮ ଲକ୍ଷ ଟଙ୍କା ଲାଞ୍ଚ ନେଉଥିବାବେଳେ ସିବିଆଇ ମଙ୍ଗଳବାର ଅଜିତ୍‌ଙ୍କୁ ଗିରଫ କରିଥିଲା। ତାଙ୍କ ଘରୁ ନଗଦ ୩.୭ କୋଟି ଟଙ୍କା, ୨୬ଟି ପ୍ଲଟ୍‌ର ଦସ୍ତାବିଜ୍ , ୪ଟି ଦାମୀ ଗାଡ଼ି ଜବତ କରାଯାଇଥିଲା।

# ଭିଜିଲାନ୍ସ ଜାଲରେ ବାଲିଅନ୍ତା ଥାନା ଏଏସ୍‌ଆଇ

## ଆୟ ବହିର୍ଭୂତ ଦିଗକୁ ନେଇ ୩ ସ୍ଥାନରେ ଚଢ଼ାଉ

ଭୁବନେଶ୍ୱର/ବାଲିଅନ୍ତା, ୧୩।୧୧
(ସତ୍ୟଜିତ ରାଉତ/ ନୀଳମାଧବ ସାହୁ)



ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲା (ୟୁପିଡି) ଅଧୀନ ବାଲିଅନ୍ତା ଥାନାରେ କାର୍ଯ୍ୟରତ ଏଏସ୍‌ଆଇ ସୋମନାଥ ପଲେଇ ଗୁରୁବାର ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଜଣେ ବ୍ୟକ୍ତିଙ୍କଠାରୁ ୪ ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ ତାଙ୍କୁ ଗିରଫ କରାଯାଇଛି। ସୋମନାଥଙ୍କ ପାଖରୁ ସମସ୍ତ ଲାଞ୍ଚ ଟଙ୍କା ଜବତ କରାଯାଇଛି। ଏ ସଂକ୍ରାନ୍ତରେ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୨୫/୨୦୨୫) ରୁଜୁ ହୋଇଛି। ଅଭିଯୁକ୍ତ ସୋମନାଥଙ୍କୁ ପଚରାଉଚରା କରାଯାଉଥିବା ବେଳେ ତାଙ୍କୁ ଗୁରୁବାର କୋର୍ଟଚାଲାଣ କରାଯିବ ବୋଲି ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଏହି ମାମଲାର ଅଭିଯୋଗକାରୀ ହେଲେ ବାଲିଅନ୍ତା ଥାନା ଅଧୀନ ବେଣ୍ଟପୁରର ସୂର୍ଯ୍ୟନାରାୟଣ ବେହେରା। ଜମିବାଡ଼ି ବିବାଦକୁ କେନ୍ଦ୍ରକରି କିଛିଦିନ ତଳେ ସୂର୍ଯ୍ୟନାରାୟଣଙ୍କ ପରିବାରରେ ଗଣ୍ଡଗୋଳ ହୋଇଥିଲା। ଏନେଇ ବାଲିଅନ୍ତା ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ଏହି ମାମଲାର ତଦନ୍ତ ଅଧିକାରୀ (ଆଇଓ) ସୋମନାଥ ଥିବାବେଳେ ସେ ସୂର୍ଯ୍ୟନାରାୟଣଙ୍କୁ ଗିରଫ କରିବାକୁ ଧମକାଇଥିଲେ। ୪ ହଜାର ଟଙ୍କା ଲାଞ୍ଚ ଦେଲେ ସୋମନାଥ ତାଙ୍କୁ ମାମଲାରେ ସହଯୋଗ କରିବେ, ନଚେତ୍ ଗିରଫ କରିବେ ବୋଲି ଚେତାବନୀ ଦେଇଥିଲେ। ଏ ନେଇ ସୂର୍ଯ୍ୟନାରାୟଣ ବୁଧବାର ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ପୂର୍ବପ୍ରସ୍ତୁତି ଅନୁଯାୟୀ ଗୁରୁବାର ବାଲିଅନ୍ତା ଥାନାରେ ସୂର୍ଯ୍ୟନାରାୟଣଙ୍କଠାରୁ ସୋମନାଥ ଲାଞ୍ଚ ଟଙ୍କା ନେବାବେଳେ ଭିଜିଲାନ୍ସ ଚଢ଼ାଉ କରି ତାଙ୍କୁ କାବୁ କରିଥିଲା। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଦିଗକୁ ନେଇ ସୋମନାଥଙ୍କ ଘର ସମେତ ୩ଟି ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଯାଞ୍ଚ କରାଯାଉଥିବା ସୂଚନା ଦିଆଯାଇଛି।

# ସ୍ପିନ୍ ଚ୍ୟାଲେଞ୍ଜ

**ଭାରତ ଗସ୍ତରେ ଦକ୍ଷିଣ ଆଫ୍ରିକା ୨ ଟେଷ୍ଟ, ୩ ଏକଦିବସୀୟ ଏବଂ ୫ଟି ଟି୨୦ ମ୍ୟାଚ ଖେଳିବ। ଆଗକୁ ରହିଛି ଗୁରୁତ୍ୱପୂର୍ଣ୍ଣ ଟି୨୦ ବିଶ୍ୱକପ୍, ଯାହାକି ୨୦୨୬ ଫେବୃଆରୀ ୭ରୁ ମାର୍ଚ୍ଚ ୮ ପର୍ଯ୍ୟନ୍ତ ଭାରତ ଓ ଶ୍ରୀଲଙ୍କାରେ ଅନୁଷ୍ଠିତ ହେବ। ତାରକା ସ୍ପିନରଙ୍କ ଉପସ୍ଥିତିରେ ଦୁଇଟି ସ୍ପିନିଂ ଟ୍ରାକ୍‌ରେ ଉଭୟ ଦଳ ଅଗ୍ନି ପରୀକ୍ଷାର ସମ୍ମୁଖୀନ ହେବେ...**



ନିର୍ମଳ କୁମାର ମିଶ୍ର

କ୍ରିକେଟର ୩ଟି ଯାକ ଫର୍ମାଟରେ ସିରିଜ ଖେଳିବା ଲାଗି ଦକ୍ଷିଣ ଆଫ୍ରିକା ଦଳ ଭାରତ ଆସିଛି। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ର ତୃତୀୟ ପର୍ଯ୍ୟାୟରେ ଚାମ୍ପିୟନ ହୋଇଥିବା ଏହି ଦଳ ଭାରତ ବିପକ୍ଷରେ ପ୍ରଥମ ଟେଷ୍ଟ ଶୁକ୍ରବାରଠାରୁ କୋଲକାତାର ଇଡେନ ଗାର୍ଡେନ୍ସରେ ଖେଳିବ। ଟେମ୍ବା ବଭୁମାଙ୍କ ନେତୃତ୍ୱାଧୀନ ଦଳ ଟେଷ୍ଟ ର୍‍ୟାଙ୍କିଙ୍ଗ୍‌ର ତୃତୀୟ ସ୍ଥାନରେ ରହିଛି। ଭାରତ ଗସ୍ତରେ ଦକ୍ଷିଣ ଆଫ୍ରିକା ୨ ଟେଷ୍ଟ, ୩ ଏକଦିବସୀୟ ଏବଂ ୫ଟି ଟି୨୦ ମ୍ୟାଚ ଖେଳିବ। ଆଗକୁ ରହିଛି ଗୁରୁତ୍ୱପୂର୍ଣ୍ଣ ଟି୨୦ ବିଶ୍ୱକପ୍, ଯାହାକି ଫେବୃଆରୀ ୭ରୁ ମାର୍ଚ୍ଚ ୮ ପର୍ଯ୍ୟନ୍ତ ଭାରତ ଓ ଶ୍ରୀଲଙ୍କାରେ ଅନୁଷ୍ଠିତ ହେବ। କ୍ରିକେଟର ୩ଟି ଫର୍ମାଟରେ ଦକ୍ଷିଣ ଆଫ୍ରିକା ନିଜର ଦବ୍‌ଦବା ଦେଖାଇବା ଆରମ୍ଭ କରିଛି। ବ୍ୟାଟିଂ ଓ ବୋଲିଂ ର୍‍ୟାଙ୍କିଙ୍ଗ୍‌ର ଟପ୍-୨୦ରେ ଉଭୟ ଦଳର ଏକାଧିକ ଖେଳାଳି ସାମିଲ ଥିବାରୁ ମ୍ୟାଚଗୁଡ଼ିକ ସଂଘର୍ଷପୂର୍ଣ୍ଣ ହେବା ଆଶା କରାଯାଉଛି। ସିରିଜର ଦ୍ୱିତୀୟ ଟେଷ୍ଟ ଗୁଆହାଟୀର ବର୍ଷାପରା ଷ୍ଟାଡିୟମରେ ନଭେମ୍ବର ୨୨ରୁ ଆରମ୍ଭ ହେବ। ତାରକା ସ୍ପିନରଙ୍କ ଉପସ୍ଥିତିରେ ଉଭୟ ଦଳ ଦୁଇଟି ସ୍ପିନିଂ ଟ୍ରାକରେ ଅଗ୍ନି ପରୀକ୍ଷାର ସମ୍ମୁଖୀନ ହେବେ।

ରେକର୍ଡ ଦେଖିଲେ ଉଭୟ ଦଳ ମଧ୍ୟରେ ମୋଟ ୪୪ଟି ଟେଷ୍ଟ ଅନୁଷ୍ଠିତ ହୋଇଛି। ଏଥିରୁ ଦକ୍ଷିଣ ଆଫ୍ରିକା ୧୮ଟି ବିଜୟ ସହ ଆଗରେ ରହିଥିବା ବେଳେ ଭାରତ ୧୬ଟି ଜିତିଛି। ୧୦ ମ୍ୟାଚରୁ ଫଳାଫଳ ମିଳିନାହିଁ। ଘରୋଇ ମାଟିରେ ହ୍ୱାଇଟ ୱାଶ କରିବା ଲକ୍ଷ୍ୟରେ ରହିବ ଗିଲ୍ ବାହିନୀ। ଉଭୟ ଦଳ ମଧ୍ୟରେ ୧୬ଟି ସିରିଜରେ ଏହି ଟେଷ୍ଟଗୁଡ଼ିକ ଖେଳାଯାଇଛି। ଦକ୍ଷିଣ ଆଫ୍ରିକା ୮ଟି ସିରିଜ ଜିତିଥିବା ବେଳେ ଭାରତ ୪ଟିରେ ବିଜୟ ଲାଭ କରିଛି ଓ ୪ଟି ସିରିଜ ଡ୍ର' ରହିଛି। ଭାରତ ପକ୍ଷରୁ ଲୋକେଶ ରାହୁଲ ୭ ମ୍ୟାଚରୁ ୩୬୯ (୨ଟି ଶତକ) ଓ ରବୀନ୍ଦ୍ର ଜାଡେଜା ୯ ମ୍ୟାଚରୁ ୩୨୯ ରନ୍ (୨ଟି ଅର୍ଦ୍ଧଶତକ) ହାସଲ କରିଛନ୍ତି। ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକା ପକ୍ଷରୁ ବଭୁମା, ଏଡେନ ମାରକ୍ରମ, ମାର୍କୋ ଜାନସେନ ଭାରତ ବିପକ୍ଷରେ ସଫଳତା ହାସଲ କରିଛନ୍ତି। ଭାରତର ମହମ୍ମଦ ସିରାଜ, ଯଶପ୍ରୀତ ବୁମରା, ରବୀନ୍ଦ୍ର ଜାଡେଜାଙ୍କ ଭଳି କାଗିଶୋ ରାବାଡା ଓ କେଶବ ମହାରାଜ ଏହି ଦଳର ସଫଳ ବୋଲର ତାଲିକାରେ ଅଛନ୍ତି।

ଦକ୍ଷିଣ ଆଫ୍ରିକା ସିନିୟର ଖେଳାଳିଙ୍କ ମଧ୍ୟରେ ବଭୁମା, ଏଡେନ ମାରକ୍ରମ, ମାର୍କୋ ଜାନସେନ, କେଶବ ମହାରାଜ, କାଗିଶୋ ରାବାଡା, ଟ୍ରିଷ୍ଟନ ଷ୍ଟବ୍ସ, କର୍ବିନ ବୋଚ, ୱିଆନ ମୋଲଡରଙ୍କ ପରି ଖେଳାଳି ସବୁ ଫର୍ମାଟରେ ଖେଳିବାର ଅଭିଜ୍ଞତା ରଖିଛନ୍ତି। ଅନ୍ୟପକ୍ଷରେ ଭାରତର ଶୁବମନ ଗିଲ୍, ଯଶସ୍ୱୀ ଜୟସ୍ୱାଲ, ସାଇ ସୁଦର୍ଶନ, ଦେବଦତ୍ତ ପଡିକାଲ, ଧ୍ରୁବ ଜୁରେଲଙ୍କ ପରି ଖେଳାଳିଙ୍କର ଖୁବ କମ୍ ଅଭିଜ୍ଞତା ରହିଛି। ଏହାସତ୍ତ୍ୱେ ଦକ୍ଷିଣ ଆଫ୍ରିକା ପାଇଁ ଟେଷ୍ଟ ସିରିଜ ବେଶ୍ ଚ୍ୟାଲେଞ୍ଜ ଭରା ରହିବ। ଭାରତ ୭ଟି ଟେଷ୍ଟ ମ୍ୟାଚ ଖେଳି ୪ ବିଜୟ, ୨ଟି ପରାଜୟ ଏବଂ ଗୋଟିଏ ଡ୍ର ସହ ବିଶ୍ୱଟେଷ୍ଟ ଚାମ୍ପିୟନଶିପ ଟେବୁଲରେ ବର୍ତ୍ତମାନ ତୃତୀୟ ସ୍ଥାନରେ ରହିଥିବା ବେଳେ ଦକ୍ଷିଣ ଆଫ୍ରିକା ମାତ୍ର ୨ଟି ଟେଷ୍ଟ ଖେଳି ଗୋଟିଏ ବିଜୟ ଏବଂ ଗୋଟିଏ ପରାଜୟ ସହ ୫ମ ସ୍ଥାନରେ ରହିଛି। ୨୦୨୫-୨୭ ବିଶ୍ୱ ଚାମ୍ପିୟନଶିପ୍‌ରେ ଭାରତ ମୋଟ ୧୮ଟି ଟେଷ୍ଟ ମ୍ୟାଚ ଖେଳିବ। ଏଥିରୁ ଇଂଲଣ୍ଡ ସହ ୫ଟି, ଶ୍ରୀଲଙ୍କା ସହ ୨ଟି ଏବଂ ନ୍ୟୁଜିଲାଣ୍ଡ ସହ ୨ଟି ଟେଷ୍ଟ ବିଦେଶ ମାଟିରେ ଖେଳିବାକୁ ରହିଛି। ଦକ୍ଷିଣ ଆଫ୍ରିକା ଡବ୍ଲ୍ୟୁଟିସି ଚାମ୍ପିୟନ ହୋଇ ମାତ୍ର ୧୪ଟି ଟେଷ୍ଟ ମ୍ୟାଚ ଖେଳିବ। ୨୦୨୬ରେ ଦକ୍ଷିଣ ଆଫ୍ରିକାର ଲମ୍ବା ଟେଷ୍ଟ କ୍ୟାଲେଣ୍ଡର ରହିଛି। ଅଷ୍ଟ୍ରେଲିଆ ସହିତ ୩ଟି, ବାଂଲାଦେଶ ସହ ୨ଟି, ଇଂଲଣ୍ଡ ସହ ୩ଟି ଏବଂ ୨୦୨୭ରେ ଶ୍ରୀଲଙ୍କା ସହ ୨ଟି ଟେଷ୍ଟ ମ୍ୟାଚ ଖେଳିବ। ତେଣୁ ଭାରତ ବିପକ୍ଷ ସିରିଜ ଦକ୍ଷିଣ ଆଫ୍ରିକା ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ।

ରିଷଭ ପନ୍ତ ଆଘାତଜନିତ ସମସ୍ୟାରୁ ମୁକୁଳି ସିଧାସଳଖ ଟିମ୍ ଇଣ୍ଡିଆର ଉପଅଧିନାୟକ ହୋଇଛନ୍ତି। ଧ୍ରୁବ ଜୁରେଲ ଟିମ୍‌ରେ ରହୁଥିବାରୁ ଭାରତୀୟ ଦଳରେ ଲୋକେଶ ରାହୁଲଙ୍କୁ ମିଶାଇଲେ ୩ଜଣ ଉଇକେଟକିପର ରହିଛନ୍ତି। ଅଧିନାୟକ ଶୁଭମନ ଗିଲ୍ ୪ନଂ. ସ୍ଥାନରେ ବ୍ୟାଟିଂ କରିପାରନ୍ତି। ସାଇ ସୁଦର୍ଶନ ୩ନଂ. ସ୍ଥାନରେ ଖେଳିବାକୁ ଥିବାବେଳେ ଲୋକେଶ ରାହୁଲ ଓ ଯଶସ୍ୱୀ ଜୟସ୍ୱାଲ ଓପନିଂ କରିବେ। ୨ଟି ଟେଷ୍ଟରେ ଭାରତ ୩ଜଣ ଲେଖାଏ ସ୍ପେଶାଲିଷ୍ଟ ସ୍ପିନରଙ୍କୁ ନେଇ ଖେଳିବା ସମ୍ଭାବନା ରହିଛି। ଦ୍ରୁତ ବୋଲରଙ୍କ ମଧ୍ୟରେ ଯଶପ୍ରୀତ ବୁମରା ଓ ମହମ୍ମଦ ସିରାଜ ଦଳରେ ସାମିଲ ହେବେ। ସ୍ପିନ୍‌କୁ ସହାୟତା କରୁଥିବା ୨ଟି ଭେନ୍ୟୁରେ ଭାରତୀୟ ସ୍ପିନର ରବୀନ୍ଦ୍ର ଜାଡେଜା, ଅକ୍ଷର ପଟେଲ, କୁଲଦୀପ ଯାଦବ ଏବଂ ୱାଶିଂଟନ ସୁନ୍ଦର କମାଲ କରିବେ ବୋଲି ଆଶା କରାଯାଉଛି। ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକା ସ୍ପିନର କେଶବ ମହାରାଜ, ସିମନ ହାର୍ମର ଓ ସେନୁରାନ ମୁଥୁସାମି ଭାରତକୁ କଡ଼ା ଚ୍ୟାଲେଞ୍ଜ ଦେବେ।

ସେହିପରି ହ୍ୱାଇଟ ବଲ୍ ଫର୍ମାଟରେ ୩ଟି ଏକଦିବସୀୟ ଏବଂ ୫ଟି ଟି୨୦ ଅନୁଷ୍ଠିତ ହେବ। ଏଥିରେ ଘରୋଇ ମାଟିରେ ଭାରତୀୟ ଦଳର ପ୍ରଦର୍ଶନ ବେଶ୍ ଉଚ୍ଚକୋଟୀର ରହିବ ବୋଲି ଆଶା କରାଯାଉଛି। ଭାରତୀୟ ଟପ୍ ଅର୍ଡର ଭଲ ପ୍ରଦର୍ଶନ କରୁଥିବା ବେଳେ କେବଳ ସୂର୍ଯ୍ୟକୁମାର ଯାଦବଙ୍କ ଫର୍ମ ଚିନ୍ତାଜନକ ରହିଛି। ଏକଦିବସୀୟ ମ୍ୟାଚରୁ ଫଳାଫଳ ଦୃଷ୍ଟିକୋଣରୁ ଭାରତଠାରୁ ସାଉଥ ଆଫ୍ରିକା ଆଗରେ ରହିଛି। ଉଭୟ ଦେଶ ମଧ୍ୟରେ ମୋଟ ୯୪ଟି ଏକଦିବସୀୟ ମ୍ୟାଚ ଖେଳାଯାଇଥିବା ବେଳେ ସାଉଥ ଆଫ୍ରିକା ୫୧ଟି ମ୍ୟାଚରେ ବିଜୟୀ ହୋଇଛି। ଭାରତ ୪୦ଟି ମ୍ୟାଚରେ ବିଜୟୀ ହୋଇଛି ଓ ୩ଟି ମ୍ୟାଚରୁ ଫଳାଫଳ ମିଳିନାହିଁ। ଭାରତ ୧୨ଟି ସିରିଜରେ ବିଜୟୀ ହୋଇଛି। ଏବେ ଭାରତ ନିକଟରେ ଆଇସିସି ର୍‍ୟାଙ୍କିଙ୍ଗ୍‌ର ଶ୍ରେଷ୍ଠ ଖେଳାଳି ଓ ଅଲ୍‌ରାଉଣ୍ଡରମାନେ ରହିଛନ୍ତି। ଅଭିଷେକ ଶର୍ମା, ରବୀନ୍ଦ୍ର ଜାଡେଜା, ବୁମରା, ଜୟସ୍ୱାଲ, ଗିଲ୍, ତିଲକ ବର୍ମା, ରିଷଭ ପନ୍ତ, ବରୁଣ ଚକ୍ରବର୍ତ୍ତୀଙ୍କ ପରି ଖେଳାଳିଙ୍କ ସାମ୍ନା କରିବା ଦକ୍ଷିଣ ଆଫ୍ରିକା ପାଇଁ ଏତେ ସହଜ ହେବନାହିଁ।

ଉଭୟ ଦେଶର ଟି୨୦ ରେକର୍ଡରେ କିନ୍ତୁ ଭାରତ ଆଗୁଆ ରହିଛି। ଉଭୟ ଦଳ ପରସ୍ପର ସହିତ ୩୧ଟି ଟି୨୦ ଖେଳିଥିବା ବେଳେ ଭାରତ ୧୮ଟିରେ ବିଜୟୀ ହୋଇଛି ଏବଂ ଦକ୍ଷିଣ ଆଫ୍ରିକା ୧୨ଟି ମ୍ୟାଚରେ ବିଜୟୀ ହୋଇଛି। ଗୋଟିଏ ମ୍ୟାଚରୁ ଫଳାଫଳ ମିଳିନାହିଁ। ଆଗାମୀ ୨୦୨୬ ଟି୨୦ ବିଶ୍ୱକପ୍ ପୂର୍ବରୁ ଭାରତ ଖେଳିବାକୁ ଥିବା ୧୦ଟି ଟି୨୦ ମଧ୍ୟରୁ ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ ବେଶ୍ ଗୁରୁତ୍ୱ ବହନ କରିବ।










## ଆଚିଭ୍‌ମେଣ୍ଟ

ଓଡ଼ିଶା ଚେସ୍‌ର ବିସ୍ମୟ ବାଳକ
ପୁଣି ସେ ସାତ୍ତ୍ୱିକ ସ୍ୱାଇଁ
ଗୁରୁଗ୍ରାମଠାରେ ଅଣ୍ଡର ନାଇନ
ଓପନ ଚେସ୍‌ରେ ଡେଇଁ
ନୂଆ ସଫଳତା ପାଇ
ଫିଡେ କ୍ୟାଣ୍ଡିଡେଟ୍ସ ମାଷ୍ଟର୍ସ ଟାଇଟଲ
ହାସଲ କରିଛି ସେଇ।



ଦୃଷ୍ଟିହୀନ ଲେଡି ୱାର୍ଲ୍ଡକପ୍ କ୍ରିକେଟରେ
ବିଜୟରୁ ଅଭିଯାନ
ଲଙ୍କାପରେ ଅଷ୍ଟ୍ରେଲିଆ ଟିମ୍‌ଠାରେ
ଇଣ୍ଡିଆ ମାରିଛି ଚୂନ
କିଏ ହେବ ଚାମ୍ପିୟନ
ନେପାଳ ସହିତ ଭାଗ ନେଉଛନ୍ତି
ଆମେରିକା, ପାକିସ୍ତାନ।

ଚଳିତ ରଣଜୀ ଟ୍ରଫିରେ ଓଡ଼ିଶା
କରିଲାଣି ଲୋକହସା
ଉତ୍ତର ପ୍ରଦେଶ, ବରୋଦା, ବିଦର୍ଭ
ଆନ୍ଧ୍ରଠୁ ଖାଇଲା ଠେସା
ଯେସାକୁ ରହିଛି ତେସା
କର୍ମୀ ସଫଳତା ପାଉଥିବାବେଳେ
ଲେଜି ବସି ମାରେ ମଶା।

–ସୁବାସ ଚନ୍ଦ୍ର ପ୍ରଧାନ

# ଟିଲୋ କପ୍ : ଏକ ଆନ୍ଦୋଳନ

**ଟିଲୋ କପ୍ କ୍ରିକେଟ ଟୁର୍ନାମେଣ୍ଟ ଓଡ଼ିଶା କ୍ରୀଡ଼ାର ଏକ ମାଇଲଖୁଣ୍ଟ। ରାଜ୍ୟ ସରକାର ଏଥିପ୍ରତି ବିଶେଷ ଯତ୍ନବାନ୍ ହେବା ସହ ଷ୍ଟାଡିୟମର ଉନ୍ନତି ଏବଂ ଟୁର୍ନାମେଣ୍ଟର ବିଶେଷତ୍ୱ ଯେପରି ବଢ଼ିବ ସେଥିପ୍ରତି ବିଶେଷ ଧ୍ୟାନଦେବା ଆବଶ୍ୟକ। ସମୟ ଅନୁସାରେ ଇତିହାସ ସୃଷ୍ଟି ହୁଏ, ଏ କ୍ଷେତ୍ରରେ ଟିଲୋ କପ୍ ଓଡ଼ିଶା କ୍ରୀଡ଼ା ପାଇଁ ଇତିହାସ ରଚୁଛି କହିଲେ ଅତ୍ୟୁକ୍ତି ହେବନାହିଁ...**

–ତପନ ସ୍ୱାଇଁ




ଓଡ଼ିଶାରେ ଏବେ ଏକାଧିକ କ୍ରୀଡ଼ାର ବିଶ୍ୱସ୍ତରୀୟ ଭିତ୍ତିଭୂମି ଉପଲବ୍ଧ। ହକି ବିଶ୍ୱକପ୍‌ଠାରୁ ଆରମ୍ଭକରି ଏଠାରେ ଅନେକ ବଡ଼ ଟୁର୍ନାମେଣ୍ଟ ଆୟୋଜନ ହୋଇସାରିଛି। ନିକଟରେ ଏକା ବେଳକେ ୩ଟି ବଡ଼ ଇଭେଣ୍ଟ (ଟେନିସ୍, ଟେବୁଲ ଟେନିସ୍, ଆଥ୍‌ଲେଟିକ୍ସ) ଆୟୋଜନକରି ପ୍ରଶଂସା ସାଉଁଟିଛନ୍ତି ଓଡ଼ିଶା ସରକାର। ମାତ୍ର ଏହି ଆଲେଖ୍ୟରେ ଏପରି ଏକ ଷ୍ଟାଡିୟମ ଏବଂ ଟୁର୍ନାମେଣ୍ଟ ସମ୍ପର୍କରେ ଆଲୋଚନା କରାଯାଉଛି ଯେଉଁଠି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ଅନେକ ନାମୀଦାମୀ ଖେଳାଳି ଖେଳି ସାରିଥିଲେ ହେଁ ସରକାରୀ ଯୋଜନା ଅପହଞ୍ଚ ହୋଇରହିଛି। କୌଣସି ବେସରକାରୀ ସଂସ୍ଥାରୁ ମଧ୍ୟ ସହଯୋଗର ହାତ ପହଞ୍ଚିନାହିଁ। ଏହା ସତ୍ତ୍ୱେ ଗ୍ରାମାଞ୍ଚଳ ଲୋକଙ୍କ ଉତ୍ସାହ ଉଦ୍ଦୀପନା ଏବଂ କେତେଜଣ ଉତ୍ସାହୀ କର୍ମକର୍ତ୍ତାଙ୍କ ବ୍ୟକ୍ତିଗତ ଉଦ୍ୟମ ଯୋଗୁ ଏହି ପଡ଼ିଆ ଏବଂ ଟୁର୍ନାମେଣ୍ଟ ଏବେ ଦେଶ ବିଦେଶର ଖେଳାଳିଙ୍କ ପାଇଁ ସ୍ମରଣୀୟ ହୋଇଯାଇଛି। ଏଠାରେ ଆଲୋଚନା ହେଉଛି ଭଦ୍ରକ ଜିଲାର ଟିଲୋ ଗ୍ରାମପଞ୍ଚାୟତରେ ଥିବା ଏକ ଖେଳ ପଡ଼ିଆ ଏବଂ ଆୟୋଜନ ହେଉଥିବା ରାଜ୍ୟର ଅନ୍ୟତମ ସମ୍ମାନଜନକ ଟିଲୋ କପ୍ କ୍ରିକେଟ ଟୁର୍ନାମେଣ୍ଟ ସମ୍ପର୍କରେ। ଓଡ଼ିଶାର ଗ୍ରାମୀଣ ମାଟିର ଶାନ୍ତ ଉପକୂଳରେ, ସହରୀ ଷ୍ଟାଡିୟମର ଆଲୋକ ଓ ସରକାରୀ ସମର୍ଥନଠାରୁ ଢେର ଦୂରରେ ଗତ ୩ଦଶନ୍ଧି ଧରି ନିରବଚ୍ଛିନ୍ନଭାବେ ଆୟୋଜିତ ହେଉଛି ଟିଲୋ କପ୍ କ୍ରିକେଟ ଟୁର୍ନାମେଣ୍ଟ। ଏହା କେବଳ ଏକ ଟୁର୍ନାମେଣ୍ଟ ନୁହେଁ, ଏହା ହେଉଛି ସଂଘର୍ଷ, ସମୁଦାୟ ଓ ସୁଚିନ୍ତିତ ଦୂରଦୃଷ୍ଟିସମ୍ପନ୍ନ ବ୍ୟକ୍ତିଙ୍କ ଅଦମ୍ୟ ଆତ୍ମାର କାହାଣୀ। ଏହା ଏକ ଆନ୍ଦୋଳନ, ଏକ ମୂଲ୍ୟବୋଧ, ଯେଉଁଠି ମନ, ପରିଶ୍ରମ ଓ ସାମୂହିକ ସଂକଳ୍ପ ଏକ ଗାଁକୁ ଜାତୀୟ ସ୍ତରକୁ ନେଇଯାଇଛି। ଗ୍ରାମୀଣ ମାଟିରେ ଯେ ଖେଳ ଜୀବନ୍ତ ରହିପାରେ ଏହା ହେଉଛି ତାହାର ଏକ ଜ୍ୱଳନ୍ତ ଉଦାହରଣ।

**ସଂଘର୍ଷରୁ ମିଳିଥିବା ଗୌରବ:** ଟିଲୋ କପ୍ ଏପରି ଏକ ଟୁର୍ନାମେଣ୍ଟ ଯାହାକି ଦେଶର ଶ୍ରେଷ୍ଠ ଦଳ ଓ ଖେଳାଳିମାନଙ୍କୁ ଆକର୍ଷଣ କରିପାରୁଛି। ଭାରତୀୟ ରେଲୱେ, ଭାରତୀୟ ଡାକସେବା,ବିଏସ୍‌ଏନ୍‌ଏଲ୍, ସିଏଜି, ଏୟାର ଇଣ୍ଡିଆ, ଟାଟା ସ୍ପୋର୍ଟ୍ସ କ୍ଲବ୍, ଇଣ୍ଡିଆନ୍ ଅଏଲ୍, ଇଣ୍ଡିଆନ୍ ନେଭି, ସର୍ଭିସେସ୍ ଓ କାନାରା ବ୍ୟାଙ୍କ ଭଳି ପ୍ରସିଦ୍ଧ ଦଳ ଏଠାରେ ଖେଳିଛନ୍ତି, ଯେଉଁ ଦଳଗୁଡ଼ିକରେ ଖ୍ୟାତିସମ୍ପନ୍ନ ଖେଳାଳିମାନେ ଖେଳିଥାନ୍ତି। ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ, ଯଶ୍ ଧୁଲ୍, ଇଶାନ କିଶନ୍, କେ. ଗୋଥାମ୍, ଭରତ ଚିପ୍‌ଲି, ପଲ୍ ଭାଲଥାଟି, ପ୍ରବୀନ୍ ଟାମ୍ବେ, ଆଦିତ୍ୟ ତାରେ, ହ୍ରିତିକ୍ ଶୋକିନ୍, ସିଦ୍ଧାର୍ଥ ତ୍ରିବେଦୀଙ୍କ ଭଳି ଦେଶର ପ୍ରତିଷ୍ଠିତ ଖେଳାଳିଙ୍କ ସହ ଆଫଗାନିସ୍ତାନର ମହମ୍ମଦ ନବି, ବାଂଲାଦେଶର ଜହରୁଲ ଇସ୍‌ଲାମ୍, ଧିମାନ ଘୋଷ, ମେହେନ୍ଦି ମାରୁଫ, ମେହେନ୍ଦି ହାସନ୍ ମଧ୍ୟ ଏହି ଟିଲୋ କପ୍‌ରେ ଅଂଶଗ୍ରହଣ କରି ସାରିଛନ୍ତି।

ସ୍ୱପ୍ନର ମଇଦାନ, ସଂକଳ୍ପରେ ନିର୍ମିତ ଟିଲୋ ପଡ଼ିଆରେ ଅଛି ବଲାଙ୍ଗୀରର କଳା ମାଟିରୁ ତିଆରି ଦୁଇଟି ଟର୍ଫ ଉଇକେଟ୍ ଓ ସବୁଜ ଘାସର ଆଉଟ୍‌ଫିଲ୍ଡ, ଯାହା ସମ୍ପୂର୍ଣ୍ଣ ଭାବେ ଟିଲୋ କ୍ରୀଡ଼ା ସଂସଦର ସଦସ୍ୟମାନଙ୍କ ଅନୁଦାନରେ କରାଯାଇଛି। ମାତ୍ର ଦୁଃଖ ଲାଗେ ଯେ ଏହି ଟୁର୍ନାମେଣ୍ଟରେ ଖେଳିବା ପାଇଁ ଏତେ ବଡ଼ ନାମୀଦାମୀ ଖେଳାଳି ଆସିବା ସତ୍ତ୍ୱେ ଏଠାରେ ନା ଅଛି ପ୍ଲେୟର୍ସ ଡ୍ରେସିଂ ରୁମ୍, ଦର୍ଶକ ଗ୍ୟାଲେରି, ପାଣି ପାଇଁ ଡ୍ରେନେଜ୍ ସିଷ୍ଟମ, ପ୍ରାକ୍ଟିସ୍ ଉଇକେଟ ନା ବାଉଣ୍ଡରି।

**ଗାଁ ପଡ଼ିଆରୁ ଜାତୀୟ-ଅନ୍ତର୍ଜାତୀୟ ମଞ୍ଚ:** ଟିଲୋ କପ୍‌ର ଯାତ୍ରା ଆରମ୍ଭ ହୋଇଥିଲା ୧୯୯୦ରେ, ଯେତେବେଳେ ପ୍ରତିଷ୍ଠାତା ସଭାପତି ଦିବଂଗତ ରମେଶ ଚନ୍ଦ୍ର ସ୍ୱାଇଁ ଓ ତତ୍କାଳୀନ ସମ୍ପାଦକ ମନ୍ମଥ ରାଉଳ ଆଉ କେତେଜଣ ଉଦ୍ୟୋକ୍ତାଙ୍କ ସହ ସ୍ୱପ୍ନ ଦେଖିଥିଲେ ଏକ ପ୍ରତିଯୋଗିତାପୂର୍ଣ୍ଣ କ୍ରିକେଟ ଟୁର୍ନାମେଣ୍ଟ ଆୟୋଜନ ପାଇଁ। କାରଣ ସେତେବେଳେ ସାରା ଦେଶରେ ୧୯୮୩ ବିଶ୍ୱକପ ବିଜୟର ନିଶା ଘାରିଥିଲା ଇଂଲଣ୍ଡର ଲର୍ଡ୍ସଠାରୁ ଟିଲୋ ପର୍ଯ୍ୟନ୍ତ। ସେହି ସ୍ୱପ୍ନରୁ ମାନସ ସନ୍ତାନରୂପେ ଜନ୍ମନେଲା ଟିଲୋ କପ୍, ଯାହାକି ପ୍ରଥମେ ପ୍ରଦୀପ ସ୍ମାରକୀ ନାମରେ ପରିଚିତ ଥିଲା। ୨୦୨୬ ଜାନୁଆରୀରେ ଟିଲୋ କପ୍‌ର ୩୦ତମ ସଂସ୍କରଣ ପାଳନ ପାଇଁ ପ୍ରସ୍ତୁତ ହେଉଛି ଭଦ୍ରକ ଜିଲା ଟିଲୋ ଗ୍ରାମପଞ୍ଚାୟତର ଏହି ଖେଳ ପଡ଼ିଆ। ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗ ହେଉ କିମ୍ବା ଓଡ଼ିଶା କ୍ରିକେଟ ଆସୋସିଏଶନ, ଭଦ୍ରକ ଜିଲା ପ୍ରଶାସନ କେହି ଗ୍ରାମବାସୀଙ୍କ ଏହି ଅଭିଯାନକୁ ସମର୍ଥନ ନ ଦେବା ଆୟୋଜକଙ୍କୁ ନିରାଶ କରିଛି। ଗାଁ ଲୋକଙ୍କ ଉତ୍ସାହ ଓ ସମର୍ପଣ ଭାବ ଟୁର୍ନାମେଣ୍ଟକୁ ଉଜ୍ଜୀବିତ ରଖିପାରିଛି।

**ଆଧୁନିକ ଟିଲୋ କପ୍‌ର ଉଦ୍ୟୋକ୍ତା:** ଆଧୁନିକ ଟିଲୋ କପ୍‌ର ପ୍ରମୁଖ ଉଦ୍ୟୋକ୍ତା ହେଲେ ଲକି ସ୍ୱାଇଁ। ପେସାରେ ଜଣେ ଇଞ୍ଜିନିୟର ହେଲେ ମଧ୍ୟ ଖେଳ ପ୍ରତି ଭରି ରହିଛି ଅସରନ୍ତି ଭଲପାଇବା। ଏବେ ସେ ଟିଲୋ ଆଥ୍‌ଲେଟିକ ଆସୋସିଏଶନର ସଭାପତି। ତାଙ୍କ ଦୂରଦୃଷ୍ଟି, ଯୋଜନା ଓ କ୍ରୀଡ଼ା ପ୍ରେମ ଟିଲୋକୁ ଏକ ସାଧାରଣ ଟୁର୍ନାମେଣ୍ଟରୁ ଆଣି ଅନ୍ତର୍ଜାତୀୟ ମାନ୍ୟତା ଦେବାରେ ସକ୍ଷମ ହୋଇଛି।

୨୦୨୫ ଟିଲୋ କପ୍‌ରେ ଆସିଥିଲା ଏକ ବିପ୍ଳବ। ବିଶ୍ୱର ସବୁଠାରୁ ଅଧିକ ଦର୍ଶକ କ୍ରିକେଟ ଦେଖୁଥିବା ଓଟିଟି ଚ୍ୟାନେଲ ଫ୍ୟାନ୍‌କୋଡ୍‌ରେ ଲାଇଭ୍ ହୋଇଥିଲା ଏହି ପ୍ରତିଯୋଗିତା। ବିଶ୍ୱର ଏକ ପ୍ରତିଷ୍ଠିତ କ୍ରୀଡ଼ା ବିଶ୍ଳେଷଣ ସଂସ୍ଥା ଲଣ୍ଡନ ସ୍ଥିତ ସ୍ପୋର୍ଟ୍ସରଡାର ଦ୍ୱାରା ମ୍ୟାଚ ବିଶ୍ଳେଷଣ ଓ କ୍ରିକ୍‌ହିରୋଜ ଦ୍ୱାରା ସ୍କୋର ଡାଟା ପରିଚାଳନା ପ୍ରତିଯୋଗିତାକୁ ଅଧିକ ଆକର୍ଷଣୀୟ କରିଥିଲା।

ଟିଲୋ କପ୍‌ର ଗତ ସଂସ୍କରଣରେ ଖେଳିଥିଲେ ୧୯ ବର୍ଷରୁ କମ୍ ଭାରତୀୟ କ୍ରିକେଟ ଦଳର ଅଧିନାୟକ ଯଶ ଧୁଲ୍‌ଙ୍କ ସହିତ ଆଉ ୩ଜଣ ଖେଳାଳି। ୧୫ରୁ ଅଧିକ ଆଇପିଏଲ୍ ଶ୍ରେଣୀର ଖେଳାଳି ମଧ୍ୟ ଅଂଶଗ୍ରହଣ କରିଥିଲେ। ତେଣୁ ଏହା କୌଣସି ଜାତୀୟ ଟୁର୍ନାମେଣ୍ଟଠାରୁ କମ୍ ନ ଥିଲା। ଖୋଲା ପଡ଼ିଆରେ ପ୍ରତିଦିନ ୧୦,୦୦୦ରୁ ଅଧିକ ଦର୍ଶକ ଟେଣ୍ଟ ଓ ଗଛଛାୟା ତଳେ ବସି ଯେପରି ଉତ୍ସାହର ସହ ଖେଳ ଦେଖିଥିଲେ ତାହା ୧୯୮୩ ମସିହାର ବିଶ୍ୱକପ୍ ଉତ୍ସାହକୁ ଓ ନ୍ୟୁଜିଲାଣ୍ଡ ଖୋଲା ମଇଦାନ ଖେଳ ସଂସ୍କୃତିକୁ ମନେ ପକାଇ ଦେଇଥିଲା। ଦିଲ୍ଲୀର ସାପିଏନ୍ସ ଦଳ ଏଥିରେ ଚାମ୍ପିୟନ ହୋଇଥିଲା।

"ସହରରେ ଯେଉଁଠି କ୍ରିକେଟ ଲିଗ୍ ଚାଲିବା ପାଇଁ ବହୁ କୋଟି ଟଙ୍କା ଖର୍ଚ୍ଚ ହୁଏ ସେ କ୍ଷେତ୍ରରେ ଟିଲୋ ଦେଖାଇଛି ଯେ ସଂକଳ୍ପ, ପ୍ରେମ ଓ ପରିଶ୍ରମ ରହିଲେ ଅସମ୍ଭବ କିଛି ନୁହେଁ" ବୋଲି ସରପଞ୍ଚ ସଂଗ୍ରାମ ଜେନା ପ୍ରକାଶ କରିଛନ୍ତି। ଗ୍ରାମରୁ ଅନ୍ତର୍ଜାତୀୟ ସ୍ତରକୁ ନେଇଯାଇଥିବା ଏହି ସଂଘୀୟ ସ୍ୱପ୍ନକୁ ସଂଗ୍ରାମ ପ୍ରଶଂସା କରିବା ସହ ନିଜ ଗ୍ରାମପଞ୍ଚାୟତ ପାଣ୍ଠିରୁ କିଛି ଅନୁଦାନ ଯୋଗାଇଛନ୍ତି ଏହାର ରକ୍ଷଣାବେକ୍ଷଣ ପାଇଁ। ଟିଲୋକୁ ଏକ କ୍ରୀଡ଼ା ଷ୍ଟାଡିୟମ ଭାବେ ଅନୁମୋଦନ ଦେବାକୁ ସେ ଅନୁରୋଧ କରିଛନ୍ତି। ଟିଲୋ ଆଥ୍‌ଲେଟିକ୍ ଆସୋସିଏଶନର ଉପଦେଷ୍ଟା ଡ. ମନ୍ମଥ ରାଉଳ କହିଛନ୍ତି, "ସରକାର ଯୋଜନା କରୁଛନ୍ତି ଖେଳ ସମସ୍ତଙ୍କ ପାଇଁ, ମାତ୍ର ଯୋଜନା ବାସ୍ତବତାଠାରୁ ଅନେକ ଦୂରରେ, ଏହା ପ୍ରତିଫଳନ ହେଉଛି ଟିଲୋ ଠାରେ"। ସେହିପରି ରାଜ୍ୟର ପ୍ରତିଷ୍ଠିତ କ୍ରିକେଟ କୋଚ୍ କିଶୋର ମାଣିଆ କହିଛନ୍ତି, "ଯେଉଁଠି ଦୃଢ଼ ସଂକଳ୍ପ ଓ ଖେଳ ପ୍ରତି ପ୍ରେମ ଗାଁକୁ ଜାତୀୟ ପରିଚୟ ଦେଇପାରେ ତାହାକୁ ଦେଶର ଏକ ମଡେଲ ପ୍ରେରଣାଦାୟକ ସ୍ପୋର୍ଟ୍ସ ହବ୍ ଭାବେ ଉନ୍ନତ କରାଯିବା ଆବଶ୍ୟକ"।

**ଦୃଢ଼ ଇଚ୍ଛାଶକ୍ତିର ଫଳ:** "ଗ୍ରାମାଞ୍ଚଳରେ ଏତେବଡ଼ ଟୁର୍ନାମେଣ୍ଟ ଅନୁଷ୍ଠିତ ହେଉଛି ଦେଖିଲେ ଆଶ୍ଚର୍ଯ୍ୟ ଲାଗୁଛି। ଏହା ସମ୍ପୂର୍ଣ୍ଣ ଭାବେ ଟିଲୋ ଆଥ୍‌ଲେଟିକ ଆସୋସିଏଶନର ଦୃଢ଼ ଇଚ୍ଛାଶକ୍ତିର ଫଳ। ସରକାରୀ ଅନୁଦାନଙ୍କୁ ଅପେକ୍ଷା ନ କରି ଗ୍ରାମର ଗୌରବକୁ ଆଜି ସାରା ଦେଶରେ ପରିଚିତ କରାଇ ପାରିଥିବାରୁ ଟିଲୋବାସୀଙ୍କୁ ଧନ୍ୟବାଦ୍।"

*–ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ପୂର୍ବତନ ବିଧାୟକ ଓ ରଣଜୀ ଖେଳାଳି*

**୧୫ ଏକରରୁ ଅଧିକ ସ୍ଥାନ–** "ବର୍ଷ ବର୍ଷ ଧରି ଏକ ଜାତୀୟ ସ୍ତରର ଖେଳ ହେଉଥିବାରୁ ଟିଲୋ ଲୋକମାନେ ପର୍ଯ୍ୟାପ୍ତ ଅର୍ଥ ଖର୍ଚ୍ଚ କରୁଛନ୍ତି। ଏଠାରେ ପାଖାପାଖି ୧୫ ଏକରରୁ ଅଧିକ ଜମି ରହିଛି। କ୍ରିକେଟ ବ୍ୟତୀତ ଏଠାରେ ରାଜ୍ୟସ୍ତରୀୟ ରଗ୍‌ବୀ, ସ୍କୁଲ ସ୍ତରୀୟ ଖେଳକୁଦ, ଖୋ ଖୋ ଆଦି ପ୍ରତିଯୋଗିତା ବି ହେଉଛି। ତେଣୁ ସରକାର ଯଥାଶୀଘ୍ର ଏଥିପ୍ରତି ଧ୍ୟାନଦେବା ଆବଶ୍ୟକ"।

*–ସଞ୍ଜୟ କେଶରୀ ସ୍ୱାଇଁ, ପୂର୍ବତନ ଜିଲା ନ୍ୟାୟାଧୀଶ*

**ଦୁଃଖ ଲାଗୁଛି : ସତ୍ୟପ୍ରକାଶ–** "ମୁଁ ୨୦୦୩ରେ ଟିଲୋ ଦେଖିଥିଲି, ଧୋନୀଙ୍କ ସହ ଆମେ ରେଲୱେ ଟିମ୍‌ରୁ ଖେଳିବାକୁ ଆସିଥିଲୁ। ଏଭଳି ଏକ କ୍ରୀଡ଼ାନୁଷ୍ଠାନ ପ୍ରତି ସରକାରଙ୍କ ଅବହେଳା ଦେଖି ଦୁଃଖ ଲାଗୁଛି। ଯଦି ୨୨ ବର୍ଷ ମଧ୍ୟରେ ଟିଲୋ ଭଳି ଏକ ଖ୍ୟାତିସମ୍ପନ୍ନ ଅନୁଷ୍ଠାନର କ୍ରୀଡ଼ା ଭିତ୍ତିଭୂମି ଉନ୍ନତି ହୋଇପାରିଲା ନାହିଁ, ତେବେ ୨ ଦଶନ୍ଧିରେ ଗ୍ରାମାଞ୍ଚଳ କ୍ରୀଡ଼ା ଭିତ୍ତିଭୂମି କ୍ଷେତ୍ରରେ ଓଡ଼ିଶା କ'ଣ ହାସଲ କରିଛି ତାହା ସହଜରେ ଅନୁମେୟ। ପ୍ରକୃତରେ ମୁଁ ଅତ୍ୟନ୍ତ ଦୁଃଖିତ।"

*–ଏମ୍.ଏସ୍. ଧୋନୀଙ୍କ କ୍ରିକେଟ ସାଥୀ ସତ୍ୟପ୍ରକାଶ କ୍ରିଷ୍ଣା (୨୦୦୩ରେ ଟିଲୋରେ ଖେଳିଥିଲେ)*




ପୂର୍ବ ସଂସ୍କରଣର ଉଦ୍‌ଯାପନୀ ଉତ୍ସବରେ ଚାମ୍ପିୟନ ଦିଲ୍ଲୀର ସାପିଏନ୍ସ ଦଳର ଅଧିନାୟକ ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ